ନକୁଳ ଚଂଦ୍ର ସାହୁ

ନଦୀର ଛଂଦ



Source: Author, Digitized by PPRACHIN, SOA

ମୁଁ କୃତଜ୍ଞ :
ଔପନ୍ୟାସିକ ନବକିଶୋର ରାଜ,
ଆଇନା ସଂପାଦକ କ୍ଷେତ୍ରବାସୀ ସାହୁ
ଓ ଲେଖାଲେଖି ସଂପାଦକ
ପ୍ରଦୀପ୍ତ କୁମାର ବେହୁରାଙ୍କଠି

-ନକୁଳ ଚଂଦ୍ର ସାହୁ

Source: Author, Digitized by PPRACHIN, SOA



Source: Author, Digitized by PPRACHIN, SOA

ଓଡ଼ିଆ ସାହିତ୍ୟ ଇତିହାସର ପ୍ରଥମ ସର୍‌ରିଆଲିଷ୍ଟ ଉପନ୍ୟାସ

ISBN 978-81-89777-74-6

Source: Author, Digitized by PPRACHIN, SOA

ନକୁଳ ଚଂଦ୍ର ସାହୁଙ୍କ

ନଦୀର ଛଂଦ

ଗର୍ବୀଙ୍କୁ ପଚରା ଗଲା – ନାରୀ କହିଲେ କ’ଣ ବୁଝ ?

ଚୁପ୍‌ଚାପ୍ ବସି ସିଏ ଲେଖିଗଲେ ଫର୍ଦ୍ଦ ପରେ ଫର୍ଦ୍ଦ, ପ୍ରାୟ ତିନିଶହ ଫର୍ଦ୍ଦ, କେବଳ ଗୋଟିଏ ଶବ୍ଦ : ମା’ !

ପୃଷ୍ଠା ... ୩୦

ନବବାବୁ ପଚାରିଲେ, କ’ଣ କରୁଛ ?

ମୁଁ ଉତ୍ତର ଦେଲି, ଲେଖକ ବି ଜଣେ ଯଂତ୍ରୀ, ସିଏ ମଣିଷର ଆତ୍ମାକୁ ଗଢୁଛି !

ପୃଷ୍ଠା ... ୧୧୦

ଇଏ ନୁହେଁ ଗୋଟିଏ ମାମୁଲି ବର୍ଣ୍ଣନା ଶୈଳୀ ଜରିଆରେ ଗତାନୁଗତିକ ଏକ ସାମାଜିକ ସମସ୍ୟାମୂଳକ ଗଳ୍ପର ସ୍ୱର କିମ୍ବା ଉପନ୍ୟାସର ପ୍ଲଟ୍ ! ଇଏ ମଣିଷ ଚେତନାର ଆର୍ଟ ! ଯେଉଁ ମଣିଷକୁ ଅହରହ ଖାଇ ଚାଲିଛି ସମୟର କ୍ୟାନ୍‌ସର !

ପୃଷ୍ଠା ... ୪୬

କାବ୍ୟଲୋକ

Source: Author, Digitized by PPRACHIN, SOA

ନଦୀର ଛଂଦ

(ଅତିବାସ୍ତବବାଦୀ ଶୈଳୀୟ ଉପନ୍ୟାସ)

ଲେଖକ : ନକୁଳ ଚଂଦ୍ର ସାହୁ
'ଶବ୍‌ଦ ଘର', ଗୋଡିସାହି
କଟକ-୭୫୪ ୦୦୬

© ଶ୍ରୀମତୀ ସୁଚିତ୍ରା ସାହୁ

ପ୍ରକାଶକ : କାବ୍ୟଲୋକ
ନିକିଗଡ କୁରୁଖୀ, ହରିରାଜପୁର
ଜଟଣୀ, ପୁରୀ - ୭୫୨ ୦୫୦

ପ୍ରଚ୍ଛଦ: ରମାକାନ୍ତ ସାମନ୍ତରାୟ, ଭୁବନେଶ୍ୱର

ଅକ୍ଷର ସଜ୍ଜା: ଅଙ୍କିତା ଗ୍ରାଫିକ୍ସ, ଭୁବନେଶ୍ୱର

ମୁଦ୍ରଣ : କଲ୍ୟାଣୀ, ବି.ଜେ.ବି. ନଗର, ଭୁବନେଶ୍ୱର

ପ୍ରଥମ ପ୍ରକାଶ: ରାଜଧାନୀ ପୁସ୍ତକ ମେଳା - ୨୦୦୯

ମୂଲ୍ୟ : ୭୦ଟଙ୍କା

Nadeera Chhanda

(A Surrealistic Novel)

By : Nakul Chandra Sahoo
Published by :
KAVYALOKA
First Edition :
Rajdhani Pustaka Mela - 2009
Price :Rs. 70/-

© :Smt. Suchitra Sahoo

Source: Author, Digitized by PPRACHIN, SOA

ମୋ ମା' କୁ

Source: Author, Digitized by PPRACHIN, SOA

...a huge and massive golden door which separated the world from the Divine, xxx 'the time has come' and lifting with both hands a mighty golden hammer I struck one blow, one single blow on the door and the door was shattered to pieces.

Then the supramental Light and Force and Consciousness rushed down upon earth in an uninterrupted flow.

-The Mother on 29Feb.1956

A new Light breaks upon the earth
A new World is born.

-The Mother in the *BULLETIN* April 1956

Source: Author, Digitized by PPRACHIN, SOA

ସରିଆଲିଜିମ୍

୧୯୧୬ ମସିହା, ପ୍ରଥମ ମହାଯୁଦ୍ଧ ସମୟ, ମଣିଷ ମନରେ ଭର୍ତ୍ତି ପ୍ରବଳ ଅସଂତୋଷ ଓ ଆତ୍ମ ନୈରାଶ୍ୟର ତାତିରୁ ମାନବ ଚେତନାରେ ଭ୍ରୂଣମେଲେ ଏକ ବିଦ୍ରୋହାତ୍ମକ ଭାବ। ଆଶା ଓ ସ୍ୱପ୍ନ ସବୁ ଚୂର୍ଣ୍ଣ ବିଚୂର୍ଣ୍ଣ। ଅସହାୟ ତରୀପରି ଭାସୁଚି ମଣିଷ।ସେଇ ମଣିଷ ସମସ୍ତ ଆଦର୍ଶ ବିରୁଦ୍ଧରେ ଟେକିଛି ବିଦ୍ରୋହଳର ଅସ୍ତ୍ର। ଅସନ୍ତୁଷ୍ଟ, ଅଶାନ୍ତ, କ୍ରୋଧ ପୀଡ଼ିତ ସେମାନେ ପ୍ରଚଳିତ ମୂଲ୍ୟବୋଧକୁ ବଦଳାଇବାକୁ ଗ୍ରହଣ କରିଥିଲେ ଏକ ଭଙ୍ଗାରୁଜା ମାର୍ଗ। ଘଡ଼ିର କଣ୍ଟାମାନ ଭାଙ୍ଗିଦେଲେ, ମୋନାଲିସା ହସକୁ ବିକୃତ କରିବାକୁ ନିଶ ଲଗାଇ ଦେଲେ। ସେମାନଙ୍କୁ କୁହାଗଲା Dada ଏବଂ ସେମାନଙ୍କ ବାଦ Dadasim। ସେଇମାନଙ୍କ ବିଦ୍ରୋହୀ ଭାବ ଯାହା ନେତିବାଦୀ, ତାହା ଅସ୍ତିବାଦୀରେ ପରିବର୍ତ୍ତିତ ହୋଇ ହୋଇଛି Surrealism ।

ଡାଡାଜିମ୍‌ର ବିବର୍ତ୍ତିତ ରୂପ ସରିଆଲିଜିମ୍। ସରିଆଲିଜିମ୍ 'Super-realism', an artistic and literary movement in France between the two world wars । କିନ୍ତୁ ଡାଡାଜିମ୍ କଳାସୃଷ୍ଟି ଓ କଳାର ବିକାଶ ଦିଗରେ ରଖି ନାହିଁ କିଛି ଭୂମିକା। ଗୋଟିଏ ଲକ୍ଷ୍ୟହୀନ, ଭରସାର ସ୍ୱପ୍ନ ଶୂନ୍ୟ, ଦୁର୍ବୋଧ୍ୟ ଚେତନାର ବିଦ୍ରୋହୀ ପ୍ରକାଶ ଡାଡା। କିନ୍ତୁ ସରିଆଲିଷ୍ଟ ସତ୍ୟାନ୍ୱେଷୀ, ମୁକ୍ତିତୃଷିତ ବାସ୍ତବ ଜୀବନଭୋଗୀ, ଅନୁଭୂତି ଓ ଅନୁଭବ ତା' କଳା ସୃଷ୍ଟିର ପ୍ରାଣ କେନ୍ଦ୍ର। ପ୍ରତିଷ୍ଠିତ ମୂଲ୍ୟବୋଧର ବିରୁଦ୍ଧାଚରଣ ସହିତ ଏକ ନୂତନ ସତ୍ୟାନ୍ୱେଷୀ ଆଲୋକ ପ୍ରଦାନ ତା' ଧର୍ମ।

ସରିଆଲିଷ୍ଟ ଜଣେ ମନସ୍ତତ୍ତ୍ୱବିଦ୍। ସିଏ ପ୍ରଥମେ ଜଣେ ମଣିଷକୁ ବୁଝିବାକୁ କରେ ଚେଷ୍ଟା। ତା' ଚେତନାକୁ ଫ୍ରୟେଡୀୟ ଦୃଷ୍ଟି ନେଇ ଖୋଜେ। ତା'ପରେ ସ୍ୱପ୍ନ ଓ ରୂପକଳ୍ପର

Source: Author, Digitized by PPRACHIN, SOA

ସ୍ରୋତରେ ତାକୁ ଆଙ୍କେ।ଏକ ଉଚ୍ଚତର ବାସ୍ତବବାଦ ସ୍ୱତଃଲିଖିତ ହୋଇ ଯାଏ, ଯାହା ମାନି ନଥାଏ ଯୁକ୍ତି କି ନିୟନ୍ତ୍ରଣ, ଚିତ୍ରି ହୋଇ ଯାଇଥାଏ ଅବାସ୍ତବ କଳ୍ପନା (fantasies)।

ସରରିଆଲିଜିମର ଉତ୍ପତ୍ତି ଓ ଆଦର୍ଶ 'ୱାର୍ଲଡ଼ ଲିଟିରେଚର' ବର୍ଣ୍ଣନା କରିଛନ୍ତି, 'During the first war dadaism had arisen as a protest, by means of infantile language, against all established logic, institutions and values. Andre Breton, a psychologist, broke away from dadaism and founded the new school with his first surrealistic manifesto in 1924. The besic idea is derived from a combination of dadaism with Freud: the automatic, illogical, uncontrolled, fantasies and associations of the mind represent a higher reality than the realistic, deliberately manipulated world of practical life and ordinary literature'.

ସରରିଆଲିଷ୍ଟ ମାନିଫେଷ୍ଟୋ(୧୯୨୪) ରେ ଉଲ୍ଲେଖ କରିଛନ୍ତି ଆଁନ୍ଦ୍ରେ ବ୍ରିଟୋନ୍, ସରରିଆଲିଜିମ୍ ଭାବନାର ପ୍ରକୃତ ସ୍ୱତଃସ୍ଫୂର୍ତ୍ତ ଅଭିବ୍ୟକ୍ତିର ଏକ ପ୍ରୟାସ। ଏହାର ଉଚ୍ଚତର ଲକ୍ଷ୍ୟ ବାହ୍ୟସତ୍ୟ ସହିତ ଅନ୍ତଃସତ୍ୟର ଏକତ୍ରୀକରଣ ସଂଘଟନ। ଅବଚେତନ ମାଧ୍ୟମରେ ସ୍ୱପ୍ନର ଅଧ୍ୟୟନ, ଅପଭ୍ରାନ୍ତି ବା ହାଲୁସିନେସନ୍‌ର ବ୍ୟାଖ୍ୟା, ସ୍ୱତଃସ୍ଫୂର୍ତ୍ତ ରଚନା ସେମାନଙ୍କ ପ୍ରକୃତ ମାଧ୍ୟମ। All these methods allow the surrealist to liberate his mind from the censorship of habits of social convention... । ସିଏ ପ୍ରକଟିତ କରାଏ ତାର ପ୍ରକୃତ ସଂପର୍କ between man and the universe. ଜୀବନର ମୁଖ୍ୟ ସମସ୍ୟା ଓ ମାନବୀୟ ଅବସ୍ଥାର ସମାଧାନ ବୈପ୍ଲବିକ ଦୃଷ୍ଟିନେଇ ଖୋଜିଥାଏ ସରରିଆଲିଷ୍ଟ୍। ରୂପକ ଓ ଆଳଙ୍କାରିକ ଚିତ୍ର ପ୍ରୟୋଗ ସରରିଆଲିଷ୍ଟ କଳ୍ପନାର ଭିତ୍ତି। ୧୯୩୩, ଶିଳ୍ପୀ ସଲ୍‌ଭାଡୋର୍ ଡାଲି paranoiac criticism ମାଧ୍ୟମରେ ଉନ୍ମୋଚିତ କଲେ ଏହି ଆନ୍ଦୋଳନର ଏକ ନୂତନ ପାଖୁଡା। (Paranoia ଅର୍ଥ 'ନିରର୍ଥକ ଶଙ୍କାକୁଳ ହୋଇଥିବା' ଏବଂ 'ନିଜକୁ ଅତି ମହାନ ବୋଲି ଭାବୁଥିବା ଏକ ମାନସିକ ବିକାର')।

ସରରିଆଲିଷ୍ଟ ଦୃଷ୍ଟିରେ ନାରୀ ବର୍ଣ୍ଣନା କିପରି? ସେଇ ପ୍ରସଙ୍ଗରେ ଉଦ୍ଧୃତ କରୁଛି ଏହି ବାକ୍ୟଟି: The love of woman, of a frankly erotic character, is considered as a form of liberation. (Princeton Encyclopedia of Poetry and Peotics, page 821.) ତେଣୁ ସରରିଆଲିଷ୍ଟ କଳା ସ୍ଥଳେସ୍ଥଳେ ବୋଧ ହୋଇଥାଏ ଅଶ୍ଳୀଳ। ପୁନଶ୍ଚ ସବୁ ଦେଶର ଆଦିମ କଳା ସବୁ ସମୟରେ ସେମାନଙ୍କୁ ଦେଇଛି ପ୍ରେରଣା। ହେଗେଲ୍‌ଙ୍କ ଦର୍ଶନ ଓ ଫ୍ରୟେଡ୍‌ଙ୍କ ମନସ୍ତତ୍ତ୍ୱ ସହିତ Jacques Vache (୧୮୯୬-୧୯୧୯) ଙ୍କ ବ୍ୟକ୍ତିତ୍ୱ ସେମାନଙ୍କ ସୃଷ୍ଟିର ଭିତ୍ତିରେ ପ୍ରେରଣାର ଉତ୍ସ। Vache ଙ୍କୁ Nantes ର ଗୋଟିଏ ହସ୍‌ପିଟାଲ୍‌ରେ ୧୯୧୬ରେ ଭେଟନ୍ତି ବ୍ରିଟୋନ୍। ୧୯୧୯ ରେ

Source: Author, Digitized by PPRACHIN, SOA

Vache କରନ୍ତି ଆତ୍ମହତ୍ୟା । ସେମାନେ ତାଙ୍କୁ କରିଛନ୍ତି ସେମାନଙ୍କ revolt ର symbol ଏବଂ ସେମାନଙ୍କ ପ୍ରେରଣା ପଛରେ ରହିଥିଲା ତାଙ୍କର ଏକ ବଳିଷ୍ଠ ଭୂମିକା । ସମାଜରେ ମନୋସ୍ତାତ୍ୱିକ ଅସୁସ୍ଥର ସାଙ୍କେତିକ ଚିହ୍ନ ସର୍‌ରିଆଲିଷ୍ଟ ଆନ୍ଦୋଳନ । ଜର୍ମାନ, ଫ୍ରାନ୍ସ ଓ ଇଂଲଣ୍ଡରେ ଆହେତୁକ ଯୁଦ୍ଧ ଓ ଭୟର ପରିଣାମ ଏହା । ସମକାଳ ଭାରତ ବା ଓଡ଼ିଶାରେ ଏହି ଦୃଷ୍ଟିର ସୃଷ୍ଟି ଅଭାବ, ବେକାରୀ ଓ ଦୁର୍ନୀତି ହେତୁ ଅସହାୟ ମଣିଷର ସ୍ଥିତି ବିପ୍ଳବର ମାର୍ଗକୁ ଖୋଜୁଛି ଏଠି । ସାଧାରଣ ମଣିଷ ବା ଯୁବଚେତନା ସମାଜର ମୁଖ୍ୟସ୍ରୋତରୁ ବିଚ୍ଛିନ୍ନ ହୋଇ ଲାଲପନ୍ଥୀ ହେଉଛି । କିନ୍ତୁ 'ନଦୀର ଛଂଦ'ରେ ଚରିତ୍ର ଗୈରିକପନ୍ଥୀ । ମଣିଷର ବଡ ଶତୃ ମୃତ୍ୟୁ ବିରୁଦ୍ଧରେ ନଚିକେତା ଓ ସାବିତ୍ରୀପରି ସମକାଳର ପ୍ଲଟ ଉପରେ ଭାବର ବିଂବମାନେ ଲଢୁଛନ୍ତି । ଏଥିରେ ରହିଛି ଲରେନ୍ସଙ୍କ new sexual-emotional doctrine । ଚରିତ୍ରଙ୍କ self-made psychology ଏବଂ personal philosophy ବ୍ରିଟୋନ୍ ଖଣ୍ଡିଏ ଚିଠିରେ ଲେଖିଛନ୍ତି, ଏହା psycho-analysis ଏବଂ ଏକ ପରୀକ୍ଷା ନିରୀକ୍ଷା ଓ ଏହାର ରହିଚି clinical value. ।

Roger Roughton ଲେଖିଥିଲେ ଖଣ୍ଡିଏ ଦୀର୍ଘ ସର୍‌ରିଆଲିଷ୍ଟ ଉପନ୍ୟାସ 'The Largest Imaginary Ball-room in the World', ଯାହା ଆଦୌ ସଂପୂର୍ଣ୍ଣ ହୋଇପାରିନଥିଲା ବୋଲି ଉଲ୍ଲେଖ କରିଛନ୍ତି ଫ୍ରାନ୍‌ସିସ୍ ସ୍କାର୍ଫେ । ବିଶ୍ୱ ସାହିତ୍ୟ ଇତିହାସର ପ୍ରଥମ ସର୍‌ରିଆଲିଷ୍ଟ ଉପନ୍ୟାସ 'Over the Mountain', ଏହାର ଲେଖକ Ruthven Todd । କବି Dylan Thomas ଲେଖିଥିଲେ ପ୍ରଥମ ସର୍‌ରିଆଲିଷ୍ଟ ଗଳ୍ପ 'The Burning Baby' । ଏକ ବିଚିତ୍ର (peculiar) ଶୈଳୀରେ ଅଦ୍‌ଭୁତ ନିଷିଦ୍ଧ ସଂଗମ କାହାଣୀ ।

Hugh Sykes Davie ରଚନା କରିଛନ୍ତି ଖଣ୍ଡିଏ ସର୍‌ରିଆଲିଷ୍ଟ ବହି, 'Petron' । ଡାଇଲାନ୍ ଥୋମାସ୍‌ଙ୍କ ଭାଷାପରି ତାହାର ଭାଷା ମଧ୍ୟ ପ୍ରୋଜ୍-ପୋଏମ୍ । ଫ୍ରାନ୍‌ସିସ୍ ସ୍କାର୍ଫେ ଲେଖିଛନ୍ତି ବହିଟି ପ୍ରାଚୀନ ରୋମାଣ୍ଟିକ୍ ପ୍ରଥାର ଏକ ଉତ୍କୃଷ୍ଟ ଲେଖା ଯେମିତି ! ଗଦ୍ୟ-ପଦ୍ୟର ସମ୍ମିଳିତ ଶବ୍ଦ ସଜ୍ଜା ପାପୁଲିଟିଏ ପରି ମଣିଷର ଛାତିକୁ ଛୁଇଁଛି ! ଏଠାରେ ଉଦ୍ଧୃତ କରାଗଲା 'ଦି ବର୍ଣ୍ଣିଂ ବେବୀ'ର ପଂକ୍ତି କେତୋଟି:

They said that Rhys was burning his baby when a gorse bush broke in to fire on the summit of the hill. The baby, burning meraily, assumed to them the sad white features and the rickety limbs of the Vicar's burning baby. What the wind had not blown away of the baby's ashes, Rhys had sealed in a stone jar. With his own dust lay the baby's dust and near him the dust of his daughter in a coffin of white wood.

They heard his son howl in the wind. They sas him walking over the hill, holding a dead animal up to the Light of the stars. They saw him in

Source: Author, Digitized by PPRACHIN, SOA

the valley shadows as he moved, with the motion of a man cutting wheat, over the brows of the fields. In a sanatorium he coughed his lung in to a basin, stirring his fingers delightedly in the blood. What moved with invisible scythe through the valley was a shadow and a handful of shadows cast by the grave sun.

The bush burned out, and the face of the baby fell away with the smoking leaves.

କବିତାରେ କବି ଓ କାବ୍ୟିକ ସମସ୍ୟା ସିଏ ଉପସ୍ଥାପିତ କରିଥିବା ବେଳେ ଗଦ୍ୟରେ ସଯତ୍ନର ସହିତ ଖୋଜିଛନ୍ତି ଅସାଧାରଣ ବିଷୟବସ୍ତୁ, ଯାହା ସୃଷ୍ଟି କରିଛି ଏକ ସୁପରନାଚୁରାଲ ପରିବେଶ। ରୋମାଂଚକର ଉପନ୍ୟାସରେ ଯେଉଁପ୍ରକାର ସମସ୍ୟା ବା ପରିବେଶ ସାମ୍ନା କରିଥାଏ ପାଠକ, ଡାଇଲାନ୍‌ଙ୍କ ଗଦ୍ୟରେ ତା'ର ହୋଇଛି ମୁହାଁମୁହିଁ। ସରରିଆଲିଷ୍ଟ ଉପାଦାନ ତାଙ୍କ କବିତାରେ ସ୍ୱଛ, ମାତ୍ର ଗଦ୍ୟରେ ପ୍ରବଳ। ଉପରୋକ୍ତ ଉଦ୍ଧୃତିରୁ ବାରିହୁଏ ଲକ୍ଷଣ।

ଏକାଡେମିକ୍ ମଂଚରେ ସର୍‌ରିଆଲିଜିମ୍ ଅଗ୍ରଗତି କରିଥିଲା ବ୍ରିଟେନ୍‌ରେ ପ୍ରବଳ ଭାବରେ। ପ୍ରଫେସର୍ ହାର୍ବର୍ଟ ରିଡ୍, ଡକ୍ଟର ଡାଭୀ, ବ୍ରିଟେନ ଓ ଇଲୁଆର୍ଡ ପ୍ରଭୃତି କବି ସର୍‌ରିଆଲିଜିମ୍ ଉପରେ ଅନେକ ସିଂପୋଜିଅମ୍ କରାଇଛନ୍ତି। ଫ୍ରାନ୍ସରେ ବିଂଶ ଶତକ ଶେଷ ପାଦ ପର୍ଯ୍ୟନ୍ତ ଅନେକ କବି, ନାଟ୍ୟକାର ଓ ଶିଳ୍ପୀ ସର୍‌ରିଆଲିଜିମ୍ ଶୈଳୀକୁ କରିଛନ୍ତି ପୁଂଜି। ଓଡ଼ିଶାର ଅଧିକାଂଶ ଲେଖକ ଓ କବି ସରକାରୀ ବୃତ୍ତିଲିପ୍ତ ଉଚ୍ଚ ବେତନ ଭୋଗୀ। ସେମାନେ ଅଭାବ, ଅସହାୟବୋଧ, ବିଷାଦ, ଭୟ ଓ ଭୋକକୁ ଦେଖି ନାହାନ୍ତି। ଜଣେ ଜଣେ ସୌଖୀନ୍ ଶବ୍ଦ ଶିଳ୍ପୀ। ତେଣୁ ସେମାନେ ସର୍‌ରିଆଲିଜିମ୍‌ର ରାସ୍ତା ମାଡି ନାହାନ୍ତି। ଓଡ଼ିଆ ସାହିତ୍ୟରେ ବିରଳ ଏହି ଶୈଳୀଟି।

କବିତାର ମୁକ୍ତ ପ୍ରାନ୍ତର ତ୍ୟାଗ କରି ସଜ୍ଞାନ ଓ ନିର୍ଜ୍ଞାନ ମନର ସମିଶ୍ରିତ ଆବେଦନ ଯେତେବେଳେ ହେଲା ନିମ୍ନଗାମୀ ତା' ସ୍ରୋତକୁ ବଂଧ ଦେଲା ମାର୍କ୍ସବାଦ। ସେମାନଙ୍କ ବିପ୍ଳବୀ ଚେତନା ମାର୍କ୍ସବାଦୀ ଶିବିରରେ ଗ୍ରହଣ କଲା ଆଶ୍ରୟ। ଶ୍ରମଜୀବୀ ମଣିଷଙ୍କ ଶିବିରରେ ସାମିଲ ହେଲେ ଶିଳ୍ପୀ। କବି ଲୁଇ ଆରାଗଁ, ଏଜ୍ରା ପାଉଣ୍ଡ, ଶିଳ୍ପୀ ପିକାଶୋ, ଔପନ୍ୟାସିକ ରୋମାଁ ରୋଲାଁ ଓ ଆନାତୋଲା ଫ୍ରାନ୍ସ ପ୍ରଭୃତି ହୁଅନ୍ତି କମ୍ୟୁନିଜିମ୍ କଲୋନୀର ଆଶ୍ରିତ। ସର୍‌ରିଆଲିଜିମ୍ ଶିଳ୍ପକଳାର ନବବିକାଶ ଧୀରେଧୀରେ ହୋଇ ଆସିଥିଲା ଅସ୍ତ ଏବଂ ତାହା ପରିବର୍ତ୍ତେ ସର୍‌ରିଆଲିଷ୍ଟ ସ୍ରଷ୍ଟା ସୃଷ୍ଟି କଲେ ସର୍ବହରା ସାହିତ୍ୟ। କିନ୍ତୁ ସେମାନେ ଯେଉଁ ରାସ୍ତାଟିକୁ ଛାଡି ଦେଇ ଆସିଲେ ତହିଁରେ ବିଛା ଯାଇଥିଲା super -realism। ସାହିତ୍ୟ ସବୁକାଳେ ବାସ୍ତବବାଦ ଓ ସମୟର ପକ୍ଷପାତୀ।❑

Source: Author, Digitized by PPRACHIN, SOA

-ଏକ-

ଲୋହିତ ହୃଦୟର ପଞ୍ଜୁରୀ ଭିତରେ ସବୁଜ ରଂଗର ପ୍ରଣୟ ପକ୍ଷୀକୁ ପାଳି ଆସିଥିବା ମିନା ସ୍ୱପ୍ନ ଦେଖୁଚି, ଗୋଟିଏ ସଂଭ୍ରାନ୍ତ ସ୍ୱପ୍ନ !

ତା'ପ୍ରିୟ ପୁରୁଷ, ମନର ମଣିଷ, ମାନସ ଆଖି ଭିତରେ ପ୍ରଶ୍ନ ବସା କରିଛି !

ପ୍ରଶ୍ନର ପକ୍ଷୀଙ୍କ କିଚିରିମିଚିରିରେ ସ୍ନାୟୁର ସାରାବନ ମୁଖରିତ ! ଆକାଶର ବସ୍ତ୍ରଟି ଆରକ୍ତ ! ବିଦାୟୀ ସୂର୍ଯ୍ୟଙ୍କ ସ୍ମିତ ପୃଥିବୀକୁ ହଲାଉଛି ହାତ !

ଉପବୀତ ପରି ସ୍ଫଟିକ ଧବଳ ପ୍ରବାହିତ ଜ୍ୟୋତିର ମହାସ୍ରୋତକୁ ମେଘର ଆଢୁଆଳରୁ ଅନାଇଛି ପର୍ବତ ! ଦୂରନ୍ତ ଗିରିବାଳା ଧାଉଁଛି, କିମ୍ବା ମେଘନୀଳ ମହାସିନ୍ଧୁର ଧାରେ ଫୁତ୍କାର ବିପରୀତ ଗତି ରଚିଛି ? ଯେମିତି ମାହାମାୟା ମଧୁକୈଟଭ ସହସ୍ରାରରେ ରଚିଥିଲେ ମାୟା ! କିମ୍ବା ଯେମିତି ମନୁଷ୍ୟ ! ଅର୍ଥାତ୍ ସେ ଏକ ଓଲଟ ବୃକ୍ଷ; ଓଲଟ ବୃକ୍ଷ ଡାଳରେ ସେହି ମେଘନୀଳ ସିନ୍ଧୁର ସ୍ରୋତ ପକ୍ଷୀଟିଏ ହୋଇ ବସା ବାନ୍ଧିଛି !
କସ୍ତ୍ୱଂ ଶିଶୋ ? ହେ ପ୍ରିୟ ଶିଶୁ, କିଏ ତୁମେ ? କସ୍ୟ ତନୟଃ ? କାହାର ପୁତ୍ର ?

କୁତ୍ରୋଽପି ଗନ୍ତା ? କେଉଁଆଡ଼େ ଯାଉଛ ?

କିଂ ନାମ ତେ ? ତୁମର ନାମ କ'ଣ ? ...ତ୍ୱଂ କୁତ ଆଗତୋଽସି ? କେଉଁଠାରୁ ଆସିଛ, କୁଆଡ଼େ ଆସିଛ, ହେ ପ୍ରିୟ ଶିଶୁ, ମତେ ଟିକିଏ କହି ଦିଅ, କହିଦିଅ.... !

ପକ୍ଷୀଙ୍କପରି ନଦୀ ବି ଖିଲ୍ ଖିଲ୍ ହୋଇ ହସି ଉଠିଛି !

ମଧୁକୈଟଭ ଅବଲୋକନ କରୁଛି ! ତା' ଚକ୍ଷୁର କୁମ୍ଭାର ଚକ୍ର ଭିତରେ ଅଚିନ୍ତାର କଳସଟିଏ ଗଢ଼ି ହେଉଛି ! ମହାକାଳୀ ସ୍ରୋତସ୍ୱତୀର ଛନ୍ଦମୟୀ ସ୍ୱର ତାକୁ ଯେମିତି

Source: Author, Digitized by PPRACHIN, SOA

ଖଡେଇ ହେଉଛି; ଫେଡ଼ି ଚିନ୍ତାର ଲୋଚନ କର କର ନିରୀକ୍ଷଣ, ସମୟର ସ୍ରୋତ ଧାଉଁଚି କିପରି, ଭେଟିବାକୁ ମୃତ୍ୟୁସିନ୍ଧୁ କରାଳ ଲହରୀ !

ନାହଂ ଦେହୋ.... ମୁଁ ଦେହ ନୁହେଁ, ତରଙ୍ଗ ! ଜନ୍ମ ମୃତ୍ୟୁଃ କୁତୋ ମେ ? ମୋର ନାହିଁ ଜନ୍ମ ମୃତ୍ୟୁ ! ବନ୍ଧ ମୋକ୍ଷୌ କୁତୋ ମେ ? ମୋର ବନ୍ଧନ କି ମୋକ୍ଷ କାହିଁ ? କେବଳ ମୁଁ ଧାଉଛି, କଜ୍ଜ୍ୱଳର ନଦୀଟିଏ ଭେଟିବାକୁ ମେଘନୀଳ ମହାସିନ୍ଧୁ ! ଯେଉଁ ସିନ୍ଧୁର ଅଂଶ ନିଜେ ମୁଁ !

ନଦୀ ହସୁଛି ଖିଲ୍ ଖିଲ୍ ! ସମୟର ନଦୀ ଗାଉଛି ଜୀବନ ସଂଗୀତ ! ସୃଷ୍ଟିର ମହାସତ୍ୟ ଉଚ୍ଚାରିତ କରୁଛି ମହକାଳୀର ଓଷ୍ଠ ! ଅବଲୋକନ କରୁଛି ମଧୁକୈଟଭ !

ଯୂୟଂ ଧନ୍ୟା.....
ଯେଷାଂ ଶ୍ରବଣ ବୁଦ୍ଧିଚ୍ଛ ମମାପି କଥନେ କିଳ !

ପ୍ରଶ୍ନକର୍ତ୍ତା ଓ ଉତ୍ତରଦାତା ଦୁହେଁ ଧନ୍ୟ ! ଯେଉଁମାନେ ଶ୍ରବଣ ଇଚ୍ଛୁକ ମୋ କଥା, ସେମାନେ ଧନ୍ୟ, ଧନ୍ୟୋୟୋଽହଂ ପୃଥିବୀ ତଳେ !

କିଏ କାହାକୁ କହୁଛି ଗପ ? ବକ୍ତା ଶ୍ରୀକୃଷ୍ଣ ଓ ପ୍ରଶ୍ନକର୍ତ୍ତା ଅର୍ଜ୍ଜୁନ... କି ଅପୂର୍ବ ସେ ଗ୍ରନ୍ଥ ! ଯେମିତି ଆକାଶ ! ଆକାଶ କେଉଁ ଧର୍ମର, ଆକାଶର ଜାତି କ'ଣ ? ଆକାଶର ବର୍ଣ୍ଣ କ'ଣ ? ମଣ୍ଡେଲା ନା' ଜର୍ଜବୁଶ୍ ? କିଏ ଶାସନକରିବ ସଂସାରର ଉପନିବେଶକୁ ? କିଏ ?

ଯେତେବେଳେ ସଜ୍ଜନ ହେବେ କଷ୍ଟ ପୀଡ଼ିତ, ସଂସାରରେ ଦୁଷ୍ଟ ଅପ୍ରମିତ, ସତ୍ୟର ହେବ ଜାନୁଭଗ୍ନ, ନ୍ୟାୟ ହେବ ଅନ୍ଧୁଣୀ, ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଦୟାକୁ ଧର୍ଷିତ କରିବେ କାମୁକ, ପୁଣ୍ୟକୁ ଧିକାରିବ ପାପ, ସେତିକିବେଳେ ଅଜନ୍ମା ନେବେ ଜନ୍ମ ! ଅନ୍ଧକାରର ଶାସନକୁ ସମାପ୍ତ କରିବାକୁ ଅବତରିବ ଆଲୋକ !

ଇଏ ଥିଲା, 'ଚୈତନ୍ୟରୂପାଂ ତାମାଦ୍ୟାଂ ବିଦ୍ୟାମ୍'ଙ୍କ ପ୍ରତିଶ୍ରୁତି ! ଯେତେବେଳେ ପଡ଼ିବ ଅକାଳ,ମୋତେ କରିବ ଆବାହନ, ମୁଁ ଅବତରିବି, ଦନୁଜ ମାରିବି, ତନୁଜ ତାରିବି, ଧରିତ୍ରୀକୁ ଉଦ୍ଧାର କରିବି !

ବର ବାଂ ବାଂଛିତଂ ବୃତଂ.....ଦଦାମି ପରିତୁଷ୍ଟଃସ୍ମି ! ମହାସିନ୍ଧୁର ଅବିଚ୍ଛିନ୍ନ ଭଗ୍ନାଂଶ, ମହାସ୍ରୋତସ୍ୱତୀ ଦେଲେ ଶୂନ୍ୟବାଣୀ, ମୁଁ ସନ୍ତୁଷ୍ଟ, ମାଗ, ଦେବି ବର ! ବର ମାଗ ! ମୂଳାଧାରାରୁ ସହସ୍ରାର ପର୍ଯ୍ୟନ୍ତ ଏକ ବିଦ୍ୟୁତ୍ କ୍ଷୁର ଚିରୁଥିଲା ସ୍ରୋତର ଲହରୀ, ଯେମିତି ଖଣ୍ଡେ ଉଜ୍ଜ୍ୱଳ ଇସ୍ପାତର ତରୀ ସ୍ରୋତର ଅନୁକୂଳରେ ଭଉଁରୀ ପରେ ଭଉଁରୀ ଟପି କ୍ଷିପ୍ର ବେଗରେ କରୁଛି ଗତି !

Source: Author, Digitized by PPRACHIN, SOA

'ସ୍ୱେଚ୍ଛାୟା ମରଣଂ ଦେବି ବରମ୍ ।'
ମା' ବରଦା, ଦିଅ ବର - ଯେତେବେଳେ ମୁଁ ଇଚ୍ଛା କରିବି ଲଭିବି ମୃତ୍ୟୁ !
'ତଥାସ୍ତୁ' !

ଶିଷ୍ୟ ପ୍ରଶ୍ନ କରିଛି, ଜନନୀ ପରି ଆଉ କିଏ ଆନନ୍ଦଦାତ୍ରୀ ?
ଶ୍ରୀଗୁରୁ ଉତ୍ତର ଦେଇଛନ୍ତି, ସୁବିଦ୍ୟା !
କେଉଁ ଦ୍ରବ୍ୟ ପ୍ରଦାନ କଲେ ତାହା ନ ସରି ହୋଇଥାଏ ବୃଦ୍ଧି ?
ଶ୍ରୀଗୁରୁ ଉତ୍ତର ଦେଲେ, ତାହା ସୁବିଦ୍ୟା !
ପୁଣି ପ୍ରଶ୍ନ କରେ ଶିଷ୍ୟ, ଉତ୍ତମ କର୍ମ କ'ଣ ?

'ଯତ୍ ପ୍ରୀତିକରଂ ମୁରାରେ', ପ୍ରତ୍ୟୁତ୍ତର ଦେଲେ ଶ୍ରୀଗୁରୁ ! ଯାହା ମୁର ଅସୁର ହନ୍ତା ଭଗବାନ ଶ୍ରୀକୃଷ୍ଣଙ୍କୁ ଲାଗିବ ପ୍ରିୟ, ତାହା ଉତ୍ତମ କର୍ମ ! ସେହି କର୍ମରେ ବ୍ରତୀ ହୁଅ !

ବିଦ୍ୟୁତ୍ ପରି ଚଞ୍ଚଳ ଧନ,ଯୌବନ ଓ ଜୀବନ !ଜୀବକୁ କରେ ଲକ୍ଷ୍ୟଚ୍ୟୁତ ଚିରକାଳ !
ସଂସାରରେ କିଏ ଦସ୍ୟୁ ?
କୁବାସନା !

...ସୁବାସନାର ସଂଜ୍ଞା କ'ଣ ? ବୁଝିପାରି ନଥିଲା ମଧୁକୈଟଭ ! ତାକୁ ବୁଝାଇ ଦେବାକୁ ଏତେ ଟିୟୁଟୋରିଆଲ୍ କ୍ଲାସ୍ ଖୋଲି ନଥିଲେ ଅଧ୍ୟାପକ ! ମଧୁକୈଟଭ କଣ୍ଠରୁ ହେଲା ସ୍ଫୁରିତ; ହେ ସୁବ୍ରତ, ଲଢ଼ ମୋ ସହିତ ! ନତୁବା ତ୍ୟାଗ କର ଏଇ କମଳ ଆସନର ସିଂହାସନ ! ଅନ୍ୟ କେଉଁଠାକୁ କର ପ୍ରସ୍ଥାନ ! ଆପଣ ନିର୍ବଳ,ଏହି ଶ୍ରେଷ୍ଠ ଆସନରେ ଆସୀନ ହେବାପାଇଁ ଅଯୋଗ୍ୟ ! ଏହା ବୀରର ସ୍ଥାନ ! ଏଠାରେ ନାହିଁ ସାଧାରଣଙ୍କ ପାଇଁ କୌଣସି ସମ୍ମାନ ! ତୁରନ୍ତ ଯିବ ନା'ମୋ ଅପମାନ ଲଭିବ ? ସ୍ୱ ସମ୍ମାନହାନୀ ଘଟାଇବ ?

ସ୍ରୋତର ଗତି ସବୁବେଳେ ନିମ୍ନକୁ ! ଶିଖାର ଗତି ସବୁବେଳେ ଉର୍ଦ୍ଧ୍ୱକୁ ! ଆୟୁଷର ସ୍ରୋତ ପ୍ରବାହିତ ହୋଇ ବ୍ୟାପି ଚାଲିଛି ତାହାର ସ୍ୱସ୍ଥାନକୁ ! ଗଢ଼ି ଉଠୁଛି ଜୀବନର ଅନୁଷ୍ଠାନ ! ସବୁଜ ପାଦପ ଆକାଶ ଆଡ଼କୁ ଟେକୁଛି ମସ୍ତକ ! ଅନ୍ତଃସ୍ରୋତର ଗତି ନିମ୍ନକୁ ଏବଂ ବାହ୍ୟ ସ୍ରୋତର ଗତି ଉର୍ଦ୍ଧ୍ୱକୁ! ମଝିରେ ମାନବ ପ୍ରାପ୍ତ ହୁଏ ଯେଉଁ ବିଭୂତି, ତାହାହେଲା: କୀର୍ତ୍ତି, ମତି, ଧୃତି, କାନ୍ତି, ଶ୍ରଦ୍ଧା ଓ ରତି !
କି ମଧୁମୟ, ମୋହନୀୟ ଜୀବନ ପୁଷ୍ପ !.. ପ୍ରାପ୍ୟଂମୟା ଦୁଃଖଗତି ! ବଡ଼ ଅସୁବିଧାରେ ପଡ଼ିଛି ! କିଂ କରୋମି, କ୍ୱଗଚ୍ଛାମି, ନାସ୍ତି ମେ ଶରଣଂ କ୍ୱଚିତ୍ ! .. କ'ଣ ମୁଁ କରିବି, ହେ ଭଗବାନ !

କିଏ ମଦ ଗର୍ବିତ ? ବୁଶ୍ ନା ସଦ୍ଦାମ୍ ? ମୁଶାରଫ୍ ନା ବେନଜୀର ? ବ୍ଲେୟାରର ଚେୟାରଟା ଏମିତି କେମିତି ତମେ ଖସେଇ ଦେଲ, ହେ ନଦୀର ସ୍ରୋତ ? କେଉଁ ବଙ୍କରରେ ଲୁଚିଛି

Source: Author, Digitized by PPRACHIN, SOA

ଲାଡ଼େନ୍ ? ପ୍ରଭାକରନ୍‌ର ଠିକଣାଟା ତମ କଳାପଟାରେ ଲେଖି ଦେଇଛି କେଉଁ ପ୍ରାଥମିକ ଶିକ୍ଷୟିତ୍ରୀର ହାତ ।। ମୋ ନାଁ' ତମ ସ୍କୁଲରୁ ତମେ କାଟିପାରିବ ?

ଜୀବନର ରଫ୍ ଖାତାରେ ଭୁଲ୍ କଷୁଚି ଅଙ୍କ । ଆତଙ୍କ ଅକ୍ତିଆର କରିବାର ନୂଆ ବାଟ । ଖୋମିନି ପ୍ରତ୍ୟାହାର କରି ନେଇଛି, ସଲମାନ୍ ରୁସିଦ୍‌ର ମୁଣ୍ଡଟା ଆଉ ନ କାଟ । ହାଇଦ୍ରାବାଦରେ ଖବରକାଗଜ ପୃଷ୍ଠାରେ ଫଟୋ ଛପାଇବାକୁ ତସଲିମା ନାସ୍ରିନ୍‌କୁ ବହିରେ ପିଟ । ଟାଟା ବୁଝିଥିଲା ମୋକଥା, ନନ୍ଦିଗ୍ରାମରେ ନିଆଁ ଲଗାଇଦେଲା ବଜାତ୍ ମାଇକିନିଆଟା । ତଡ଼ ତାକୁ ବଙ୍ଗଳାରୁ ତଡ଼ । ତା'ବହି ବଡ଼ ବିବାଦୀୟ । ପୋଡ଼ ତାକୁ ପୋଡ଼ ।

ବିଷ୍ଣୁ କର୍ଣ୍ଣ ମଳରୁ ସୃଷ୍ଟି ଯନ୍ତଣା ବ୍ରହ୍ମାଙ୍କୁ ଗୋଡ଼ାଉଛି । ଦୁଇକର୍ଣ୍ଣରୁ ନିର୍ଗତ ଦୁଇଖଣ୍ଡ ଦୁର୍ଗନ୍ଧଯୁକ୍ତ ମଳ ପ୍ରଦାନ କରୁଛନ୍ତି ଯନ୍ତଣା ଗୋଟିଏ । ଅସ୍ଥିର ସ୍ଥିର ଚିତ୍ତ କରୁଥିଲା ଆର୍ତ୍ତନାଦ; ଦୀନନାଥଂ ହରେ ବିଷ୍ଣୋ ବାମନୋଭିଷ ମାଧବ । ଭକ୍ତାର୍ତ୍ତିହ ତ୍ ହୃଷୀକେଶ ସର୍ବାବାସ ଜଗତ୍ ପତେ ।

କ'ଣ ହେଇଚି ? ମୁହଁସାରା ପାଚିଲା ଦାଢ଼ି ଭର୍ତ୍ତି । ମୋଟା ମୋଟା ପାନଖିଆ ଓଠ ତଳ ମୁହାଁ ? ମୁହଁ ତେଢ଼େଇକି ଅନେଇଚ କେଉଁ ଆଡ଼ିକି ? ତମ ଝିଅଟା ତିନିଦିନ ହେଲାଣି ଗୋଟାଏ ଲଫଙ୍ଗା ଟୋକା ସାଙ୍ଗରେ କେଉଁଆଡ଼େ ପଳାଇଛି ?
ଯାଉ । ବ୍ୟସ୍ତ କାହିଁକି ?

ତମ ଅତୀତ କଥା ମନେପକାଇ ଦେଉଛି । ତମ ଘରକୁ ତମଠୁ ସାତ ବର୍ଷ ବୟସରେ ବଡ଼ ଏଇ କୁନି ମହାନ୍ତି ଆସିଥିଲା କେମିତି ? ତମେ ଫଶି ଯାଇଥିଲ ନା' ତା ଫାଶର ପଞ୍ଜୁରୀ ଭିତରେ ? ଛେଳିଠୁ ମେଣ୍ଢା କେମିତି ଜନ୍ମିବ ? ତା' ମମି ଦିନେ ଉଡ଼ି ଆସିଥିଲା, ଠିକ୍ ସେମିତି ତା' ଛୁଆ ଉଡ଼ିଗଲା ଏବେ ।।

ସେତେବେଳେ ତମର ଆଦିବିଧି କ'ଣ ଥିଲା ? କ'ଣ ଥିଲା ତମ ଯୋଗ୍ୟତା । ଗାଁ ପାଖ ଯୁକ୍ତ ଦୁଇ କଲେଜରେ ଓଡ଼ିଆ ଅଧ୍ୟାପକ । ବାପାଙ୍କ ସାଙ୍ଗ ଜଣେ କଲେଜ ସେକ୍ରେଟାରୀଙ୍କ ଚିହ୍ନା ଲୋକ, କରାଇ ଦେଇଥିଲେ ଚାକିରି ଖଣ୍ଡକ । ଦଶହରା ବେଳକୁ ପାଞ୍ଚମାସର ଦରମା ମିଳିଥିଲା ତିନିଶ । ଦେହରେ ବୋହୁଥିଲା ଏସ୍.ୟୁ.ସି. ଆଇ.ରକ୍ତ । ଜିଭଟା ଟିକିଏ ଛୋଟ । ଏଣେ ମାର୍କ ଥିଲା ସତାବନ ପ୍ରତିଶତ । ତହିଁ ଆରଦିନ ପ୍ରିନ୍ସପାଲ୍ ଧରାଇଦେଲେ କାଗଜ; ତମକୁ କରାଗଲା ବରଖାସ୍ତ ।

ଶ୍ୟାମ ପାନ ଦୋକାନରେ ବାକି ଶୁଝିବାକୁ ମତେ ଆଉ କିଏ ପଇସା ଦେବ ? ଦରମା ମିଳିଲେ ଦେବି ବୋଲି କହିଚି । ବାକି ସାତଶ'କୁ ମିଳିଛି ମାତ୍ର ତିନିଶ । ଯେମିତି ଭିକ ।....ପ୍ରାପ୍ୟଂମୟା ଦୁଃଖ ଗତି ।। ଅଭାବର ଚୋଟରେ ରକ୍ତାକ୍ତ ଜଟାୟୁ ଭୂମିରେ ପଡ଼ୁଛି । ମହାକାଳୀ ସ୍ରୋତର ଦର୍ପଣ ଉପରେ ପଡ଼ିଛି ଛାଇର ବିମ୍ବ । ରାହୁର ଆଁ ଭିତରେ ଯେମିତି ସୂର୍ଯ୍ୟ ।

Source: Author, Digitized by PPRACHIN, SOA

ଯାଅ, ମା'ଙ୍କୁ ଡାକ। ଦୈତ୍ୟଙ୍କୁ ଦିଅନ୍ତୁ ଯୁଦ୍ଧର ଖାଦ୍ୟ। ମୋହମୟୀ ମୋହନ କରନ୍ତୁ ତାଙ୍କୁ। ମୃତ୍ୟୁ ତ ତାଙ୍କରି ଲୀଳାର ଅମୃତ; ମାଗନ୍ତୁ ଦୈତ୍ୟ ।

ହଠାତ୍ ଦିନେ ପରିବ୍ୟାପ୍ତ ମହାସମୁଦ୍ର ଉପରେ ଖସିପଡ଼ିଲା ଡେଣା ଭଙ୍ଗା ଦୁଇଟି ଯୁଦ୍ଧ ଜାହାଜ। ସମୁଦ୍ରଜଳକୁ ଆଚ୍ଛାଦିତ କରି ରହିଲା ଯେମିତି ଖଣ୍ଡିଏ ବସ୍ତ୍ର, କୋଟି କୋଟି ବର୍ଷ । ଜଳର ଆଲିଙ୍ଗନ, ଲବଣର ରିଆକ୍ସନ ଏବଂ ପବନର ସ୍ପର୍ଶରେ ତାହା ହେଲା ଭୂମି । ମଧୁକୈଟଭ ମେଦରୁ ମେଦିନୀ ।

ସୁଜଳା, ସୁଫଳା, ଶସ୍ୟଶ୍ୟାମଳା । ବନ୍ଦେମାତରମ୍। ମା' ଆମ। ତା'ରି ନାଁ, ଭୂମି। ଯାହାକୁ ହାଣି, ତାଡ଼ିତୁଡ଼ି, ଖୋଳି, ଭାଙ୍ଗିଭୁଙ୍ଗି ଲୁହା କଳ ବସାଇବ ପୋସ୍କୋ ବୋଲି ଆମ ସରକାର ଲେଖିଦେଲାଣି। ଚଷାକୁ ମିଳିବ ବସା, ଏକର ପିଛା ଟଙ୍କା। ଟଙ୍କା ସରିଗଲେ ଭୁବନେଶ୍ୱରରେ ଖାଲି ଅଛି ଭରତପୁର ଓ ସାଲିଆ ସାହି, ହୋଇଯିବ ବ୍ୟବସ୍ଥା।।

ଏଠି କାହାରି ଅସୁବିଧା ହେବନାହିଁ। ହେଲେ, ଛ' ନମ୍ବରର ଡାକ୍ତର ହେବେ ଦାୟୀ। କିମ୍ବା ପାଖ ଥାନାର ଆଇଆଇସିଙ୍କ ହେବ ବଦଳି। ଯେଉଁଠି ତାଙ୍କୁ ମାଲ୍ ମିଳିବନି ? ସଂସାରରେ ଏବେ ଚଳନ୍ତି ବିଷ୍ଣୁଙ୍କ ପ୍ରାବଲ୍ୟ। କେଉଁଠି ଯେ ନାହାନ୍ତି ମା' ?

ମା' ସବୁ ତୁମ ଛଇର ଛନ୍ଦ, ଲୀଳାର ଫାନ୍ଦ। ସବୁ ତୁମ ପ୍ରବାହ ନୂପୁରର ନିନାଦ। ତୁମକୁ ଉପଲବ୍ଧି କରିଥିଲେ ମାର୍କଣ୍ଡ; ଯା ଶ୍ରୀଃ ସ୍ୱୟଂ ସୁକୃତିନାଂ ଭବନେଷ୍ୱ ଲକ୍ଷ୍ମୀଃ। ପାପାତ୍ମନାଂ କୃତଧିୟାଂ ହୃଦୟେଷୁ ବୁଦ୍ଧିଃ । ଶ୍ରଦ୍ଧା ସତାଂକୁଳଜନ ପ୍ରଭବସ୍ୟ ଲଜ୍ଜା। ତାଂ ତ୍ୱାଂ ନତାଃ ସ୍ମ ପରିପାଳୟ ଦେବୀ ବିଶ୍ୱମ୍ ।

ହେ ଦେବୀ, ତୁମକୁ ମୁଁ ପ୍ରଣାମ କରୁଛି। ତୁମେ ପୁଣ୍ୟାତ୍ମାଙ୍କ ଘରେ ଲକ୍ଷ୍ମୀ, ପାପାତ୍ମାଙ୍କଠାରେ ଦାରିଦ୍ର୍ୟ ସ୍ୱରୂପିଣୀ, ଶୁଦ୍ଧ ଅନ୍ତଃକରଣ ମନୁଷ୍ୟଙ୍କ ହୃଦୟରେ ବୁଦ୍ଧିରୂପେ ବିରାଜିତା । ସତ୍ ପୁରୁଷଙ୍କ ଠାରେ ଶ୍ରଦ୍ଧା ଓ କୁଳୀନ ବ୍ୟକ୍ତିଙ୍କଠାରେ ଲଜ୍ଜା। ମା' ତୁମକୁ ନମସ୍କାର, ଶତକୋଟିବାର, ସଂସାରକୁ କର ପରିପାଳନ ।

ମା' ତୁମେ ସବୁଠି ଥାଅ। କେଉଁଠି ଯେ ନାହଁ? ପୁଷ୍ପରେ ସୁବାସ, ମଇଳାରେ କୁତ୍ସିତ, ମନୁଷ୍ୟରେ ଆନନ୍ଦ, ନଦୀରେ ଛନ୍ଦ, ପର୍ବତରେ ତମେ ସ୍ୱର୍ଦ୍ଧିତ ଓ ଉନ୍ନତ, ଆକାଶରେ ଅମିତ ଓ ଅଶେଷ ତମେ ଶୂନ୍ୟ ରୂପେ ପରିବ୍ୟାପ୍ତ। ସୃଷ୍ଟିକୁ କରିଛ ଶ୍ରୀଯୁକ୍ତ।

ସତ୍ୟ ସବୁବେଳେ ଉଲଗ୍ନ। ମିଥ୍ୟା ସବୁବେଳେ ସେକ୍ସପରି ମିଠା। ମମତା.... ବୃକ୍ଷଟିଏ ପରି ହଠାତ୍ ଠିଆହେଲା ସମାଧି ନାମକ ବୈଶ୍ୟ। ମମତାର ଫାଶଗୁଡ଼ା କି ଶକ୍ତ। ମମତା ପୁଷ୍ପରେ ତିଆରି ଗୋଟେ ଡୋର। ଓଃ, କି କୋମଳ। ତାକୁ ସହଜରେ ଛିଣ୍ଡାଇ ପାରୁନାହିଁ ମନର ହାତ। ଯେମିତି ପଦ୍ମର ପାଖୁଡ଼ା। ବାଂଶବୃକ୍ଷ ଛିଦ୍ର କରି ଫେରିଆସେ ଭୃଙ୍ଗ। କିନ୍ତୁ ସନ୍ଧ୍ୟା ଉତରି ଗଲେ ମଧୁଲୁବ୍ଧ ଭ୍ରମର ମଧୁ ଚୋଷୁଚୋଷୁ ପାଖୁଡ଼ା ଭିତରେ ରହିଯାଏ

Source: Author, Digitized by PPRACHIN, SOA

ଆବଦ୍ଧ ! ଶେଷକୁ ହୁଏ ଶ୍ୱାସରୁଦ୍ଧ ! ସକାଳକୁ ଯେତେବେଳେ ପଦ୍ମ ଉନ୍ମୁକ୍ତ କରେ ତା' ପାଖୁଡ଼ାର ଓଷ୍ଠ, ଦେଖାଯାଏ ପଦ୍ମର ମଧୁକୋଷ ବେଢ଼ାରେ ଭ୍ରମରଟି ମୃତ !

ପ୍ରଣୟର ଯୂପରେ ବଳିଚଢ଼େ ମଧୁପ ! ମମତାର ଆଲିଙ୍ଗନ ଶକ୍ତ ! ଆସୁ ମୃତ୍ୟୁ, କେମିତି ମଧୁଫାଶରୁ ପ୍ରେମିକାକୁ ମୁକାଳି ଦେଇ ଖସିଯିବ ପ୍ରେମିକ ? ହେଉ ବରଂ ନିଜଠୁ ସାତ ବର୍ଷ ବଡ଼, ପାଚି ଥାଉ ବାଳ, ତା'ର ଦରକାର ସେହି ବୟସ୍କା ରମଣୀର କୋଳ ! ଯେଣୁ ତା'ରି ନାଁ' କୁଆଡ଼େ ପ୍ରେମ !

ଗୋଟିଏ ପରିବେଶର ଖାଳେଇ ଭିତରେ ଛଟ ପଟ ହେଉଥିଲା ମାଛ ! ସମାଧି କରୁଛି ପ୍ରଶ୍ନ –ଏମିତି କାହିଁକି ମୋ ହୃଦୟର ପୁଷ୍ପ ମକୁଚିମାକୁଚି ହେଉଛି ? ମନର ପକ୍ଷୀଟି ବାରମ୍ବାର ସ୍ମୃତିର ଡାଳରେ ଧକ୍‌କା ଖାଉଛି ?

ସେହି ନାରୀ, ତା' ସମାର୍ଜନୀରେ ମୋତେ କି ଧିକାରି ନାହିଁ ? ଆଉ ପୁତ୍ର ଅର୍ଦ୍ଧଚନ୍ଦ୍ର ମୋ ଗଳାରେ ବସାଇ ଗୃହରୁ କରିଛି ବିତାଡ଼ିତ ! ଆଉ ବନ୍ଧୁବାନ୍ଧବ ଓ ମିତ୍ର, ସମସ୍ତଙ୍କ ମୁଖରେ ମୋ ପାଇଁ ଗୋଟିଏ ଶବ୍‌ଦ 'ଧିକ୍' ଏବଂ 'ଦୂର ହୁଅ ଏଠୁ' ! ନିର୍ଲ୍ଲଜ ଜୀବନ ନେଇ ପଳାଇ ଆସିଛି ବନକୁ ! ଏହି ଘୋର ଅରଣ୍ୟରେ ସେମାନଙ୍କ କଥା ମୋର କାହିଁକି ମନେପଡୁଛି ? ସେମାନଙ୍କ ଡୋରରୁ ଛିଣ୍ଡା ସର୍ବହରା ଗୁଡ଼ି ଖଣ୍ଡେ ! କାହିଁକି ସେମାନଙ୍କ ପାଇଁ ମନର କାଠଗଣ୍ଡିକୁ ସ୍ମୃତିର କରତ ଚିରୁଛି ? କାହିଁକି ସେମାନଙ୍କ ପ୍ରତି ମୋ ହୃଦୟର ଶୂନ୍ୟ ନଭରେ ସ୍ମୃତିର ନୀଳଚନ୍ଦ୍ର ଉଠୁଛି ? ଜନପଦରେ ସେମାନେ କେମିତି ଅଛନ୍ତି ? ହୁଅନ୍ତୁ ବରଂ ଯେତେ ନିଷ୍ଠୁର ମୋ ପ୍ରତି !

ଏହା ବିଷୟ ମାର୍ଗ ! ବିଷୟ ସମସ୍ତଙ୍କ ପାଇଁ ଭିନ୍ନ ଭିନ୍ନ ! କିନ୍ତୁ ତାହା ବିଷୟ ! ଏଇ ରାଜା ସୁରଥକୁ ଦେଖ ! ତା'ର ବି ସେଇ ସମସ୍ୟା !
ପ୍ରତ୍ୟୁତ୍ତର ଦେଇଥିଲେ ଋଷି ମେଧା !

ମଦିରାପରି ମୋହ ଉତ୍ପାଦନ କରେ କିଏ ?
ସ୍ନେହ ବା ଏଇ ମମତା !
ସଂସାରରେ କିଏ ଦସ୍ୟୁପରି ?
ବିଷୟ ବାସନା !

ଅଯଥୋଚିତ କାର୍ଯ୍ୟରେ କରେ ପ୍ରବୃତ୍ତ ! ଯେଉଁ କାର୍ଯ୍ୟରେ ପରଲୋକରେ ଘଟେ ଅମଙ୍ଗଳ ! ମନୁଷ୍ୟ ଜନ୍ମର ଲକ୍ଷ୍ୟହୁଏ ବିଫଳ ! ମନୁଷ୍ୟକୁ ପଥଭ୍ରଷ୍ଟ କରାଇବା ଏଇ ମୋହିନୀର କାମ ! ସିଏ ଅନ୍ୟ କେହି ନୁହନ୍ତି,ନିଜେ ମାୟା ! ସ୍ୱୟଂ ମହାଦେବୀ ! ସୃଷ୍ଟିର ଜନନୀ ! ବିସ୍ମୟରେ ବିସ୍ଫାରିତ ହୋଇଗଲା ସମାଧି ଓ ରାଜ୍ୟ ପରିତ୍ୟକ୍ତ ନିର୍ବାସିତ ଦୁସ୍ଥ ରାଜା ସୁରଥଙ୍କ ନୟନ ବେନି !

Source: Author, Digitized by PPRACHIN, SOA

ସିଏ ସୃଷ୍ଟିର ଜନନୀ ? ?

ସେ ହିଁ ସୃଷ୍ଟିର ଶୈଶବକାଳରେ ମଧୁକୈଟଭ ହୃଦୟ ଓ ମନ ମଣ୍ଡଳକୁ ଶୀତରତୁର କୁହୁଡ଼ିପରି ଆଚ୍ଛାଦିତ କରି କୁହାଇଥିଲେ, ହେ ବିଷ୍ଣୁ, ସୁନ୍ଦର ଯୁଦ୍ଧର ସୁଖ ତୁମ୍ଭେ ପ୍ରଦାନ କରିଛ ! ଆମ୍ଭେ ପ୍ରୀତ ! ଆମ୍ଭକୁ ବର ମାଗ ! ମାଗ, ଯାହା ଇଚ୍ଛା ତୁମ୍ଭ !

ବର ଦେବ ?

ଓଷ୍ଠରେ ସ୍ମିତ ହାସ୍ୟ, ଚକ୍ଷୁରେ ଭର୍ତ୍ତି ବିସ୍ମୟର ପୁଷ୍ପ। ଶ୍ରୀବିଷ୍ଣୁ କରିଥିଲେ ପ୍ରଶ୍ନ।

ମାଗ, ମାଗ। ପୁଲକିତ ଦୈତ୍ୟ କଲେ ଉଚ୍ଚାରିତ !

ମୋ ହସ୍ତରେ ତୁମ୍ଭେ ଦୁହେଁ ହୁଅ ବଧ !

ତଥାସ୍ତୁ।

ମୋହିନୀର କି କୁହୁକିଆ କାମ। ମନୁଷ୍ୟଠାରେ ଯେଉଁ ଜ୍ଞାନ, ସେହି ଜ୍ଞାନ 'ମୃଗ ପକ୍ଷିଣାମ୍' ! ସେହି ବିଷୟର ପୁଷ୍ପ ପଶୁପକ୍ଷୀ ଆଦି ପ୍ରାଣୀଙ୍କ ଶୋଣିତ ସରରେ ଫୁଟୁଚି। ଜଗତ ଉତ୍ପତ୍ତି କାଳରେ ସିଏ ସୃଷ୍ଟିରୂପା, ପାଳନ କାଳରେ ସ୍ଥିତି ରୂପା ଏବଂ କଳ୍ପାନ୍ତ ବେଳେ ସଂହାର ସ୍ୱରୂପା। ସିଏ ସମୟର ନଈ ! ପୁଣି ମେଘନୀଳ ମହାସିନ୍ଧୁ ସେଇ ! ମାନବ ଚେତନାଠୁ ବହୁ ଦୂରରେ ସଂସାରକୁ ଘେରି ରହିଛନ୍ତି ! ବିନ୍ଦୁରେ ତାଙ୍କ ସ୍ୱରୂପକୁ ଦର୍ଶନ କରିଛନ୍ତି ସିଦ୍ଧ !

ପୁ ଲିଙ୍ଗରେ ସିଏ କାଳ, ସ୍ତ୍ରୀ ଲିଙ୍ଗରେ କାଳୀ ! ଯିଏ ସ୍ରଷ୍ଟା, ସେହି ସୃଷ୍ଟିର ମାତା ! ପୁଣି ତାଙ୍କରି ଲୀଳା ସମୁଦ୍ରରେ ଶେଷକୁ ହୋଇଯାଏ ଲୀନ ! ଆଉ ରହେ ନାହିଁ ତା'ର ଅସ୍ତିତ୍ୱ ! ଶୂନ୍ୟରୁ ସୃଷ୍ଟିଟି ଆସିଥାଏ, ପୁଣି ଶୂନ୍ୟକୁ ଲେଉଟି ଯାଏ !

ସାବର୍ଣ୍ଣ ଅଷ୍ଟମ ମନୁ !

ତାଙ୍କ ସର୍ଜ୍ଜନା ବେଳର ସେହି ପକ୍ଷୀ, ସତ୍ୟ ବୋଲି ତାକୁ ନାମଟିଏ ଦେଉଛି। ସେହି ସତ୍ୟ ପକ୍ଷୀକୁ ଭେଟିଥିଲେ ମେଧାଋଷି !

ବିଷୟ ମୁଗ୍ଧ ପକ୍ଷୀ ବାସନାରେ ବନ୍ଦୀ ହୋଇ ରହିଛି। ଥରକୁ ଥର ତା'ର ସେଇ ଦେହର ପଂଜୁରୀ ତାକୁ ଦେଉଛନ୍ତି ପ୍ରକୃତି। ପ୍ରାଚୀନ ଓ ଜରାଜୀର୍ଣ୍ଣ ହୋଇଗଲେ ତାକୁ ତ୍ୟାଗକରି ପୁଣି ସିଏ ନୂତନ ପଂଜୁରୀ ଭିତରେ ପ୍ରବେଶ କରୁଛି !

ଜନ୍ମମରଣ ଚକ୍ର ତା'ର ଚାଲିଛି। ସିଏ ଆହାର କରୁଛି ବିଷୟ ଫଳ। କେବଳ ବିଷୟ ଫଳ ! ଇମିତି କାଳକୁ କାଳ, ଯୁଗକୁ ଯୁଗ। କିନ୍ତୁ ମହାମାୟାଙ୍କ ଉଦ୍ଦେଶ୍ୟ ଭିନ୍ନ। ଯେଉଁଦିନ ସିଏ ଓଷ୍ଠରେ ଧାରଣ କରିବ ଅମୃତ ନାମ, ଲଭିବ ମୋକ୍ଷ !

Source: Author, Digitized by PPRACHIN, SOA

ମାତ୍ର ନାମର ମଧୁର ଫଳ ଭକ୍ଷଣ ପାଇଁ ନଥିଲା ତା'ର ପୁଣ୍ୟ । ତେଣୁ ଥରକୁ ଥର ନେଉଥିଲା ସେ ଜନ୍ମ ।

ଜୀବ ଇମିତି ଜନ୍ମ ନେଇ ଚାଲିଥିବ, ଖେଳୁଥିବ ନୂଆ ନୂଆ ଜୀବନର ଖେଳ । ମା' ଯେତେବେଳେ ଚାହିଁବେ, ଖେଳରତ ପୁତ୍ରକୁ ନାମ ଧରି ଅଗଣାରୁ ଡାକ ଛାଡ଼ିବେ । କହ୍ନେଇ, ଆସିଲୁ ଆସିଲୁ, ମୋ ଧନ, ମୁଁ ତୋ ପାଇଁ ରଖିଚି ଗୋଟାଏ ଚିଜ । ମୋ ଧନ ନେଇଯିବ ଆ' ଆ.... ।

ମା' କାଖେଇ ଖୁଆଇ ଦେବେ ତାକୁ ମୁଠେ ମୋକ୍ଷର ଅନ୍ନ । ଅମୃତ ଅମୃତରେ ହୋଇଯିବ ବିଲୀନ ।□

Source: Author, Digitized by PPRACHIN, SOA

-ଦୁଇ-

'ମା' ତୁମକୁ ଯେପରି ପାଏ ତୁମର କରୁଣାରୁ ଯେପରି ବଂଚିତ ନ ହୁଏ' !

-ଆଲୋକର ଅଭିଷେକ/ଅମୀୟ କୁମାର ମଜୁମ୍‌ଦାର,

ଅନୁସୃଜନ: ନବକିଶୋର ରାଜ

ଭାରତୀୟ-ଇଂଲିଶ କବି ଦିଲ୍ଲୀପ କୁମାର ରାୟ ଶ୍ରୀମା'ଙ୍କୁ ଦେଖି ଲେଖିଛନ୍ତି, 'ମା'ଗୋ ! ତୁମକୁ କିଏ ଜାଣିବ ? ତୁମେ ଯେବେ ନିଜକୁ ନ ଜଣାଇବ !'ଯୋଗୀ ଶ୍ରୀଅରବିନ୍ଦ ଖଣ୍ଡିଏ ବହି ଲେଖିଛନ୍ତି, 'ମା' ! ଆଲୋକ ଅଭୀପ୍ସାର ବାଟ, ଅତିମାନସ ସାଧନାର ପଥ !

ନବବଧୂର ଅବଗୁଣ୍ଠନ ଭିତରେ ରହିଥିବା ସଞ୍ଚିତ ଚେତନାର ଶ୍ରୀମୁଖକୁ ଆଲୋକିତ କରି, ପ୍ରକାଶିତ କରାଇ, ତାହାର ସୌନ୍ଦର୍ଯ୍ୟ-ସୁଖରେ ପୁଲକିତ କରାଇ ଦେବା ଲକ୍ଷ୍ୟ। ଚେତନାର ପୁଷ୍ପଟି ପ୍ରସ୍ଫୁଟିତ ହେଲେ, ତାହାର ଯେଉଁ ସୁବାସ ଦିଗ୍‌ବିଦିଗ ମହକିତ କରିଦେବ,ତାହାରି ନାମ ସୁଖ ! ଥରେ ସେହି ସୁଖ ପ୍ରକାଶିତ ହେଲେ ତାହା ଆଉ ହେବନାହିଁ ଲୁପ୍ତ !

ସେହି ସୁଖ ଗଙ୍ଗୋତ୍ରୀର ଶୁଦ୍ଧ,ପୂତ, ପାବନ ସଲିଳ ! ଥରେ ତାହା ପ୍ରାପ୍ତ ହେଲେ ଜୀବନ ହୋଇଯାଏ ଧନ୍ୟ ! ତତ୍ ପ୍ରସାଦାତ୍ ପରାଂ ଶାନ୍ତିଂ ପ୍ରାପ୍ୟସି !

ସତ୍ୟ ପକ୍ଷୀ ତପାଚରଣ କରୁଛି ? ନା ! କେବଳ ସିଏ ଅମୁହାଁ ଦେବାଳୟଟିର ଚତୁଃପାର୍ଶ୍ୱ ଘୂରି ଘୂରି ତା'ର ପ୍ରବେଶ ପଥ ଖୋଜୁଛି ! କେଉଁଠୁ ଆରମ୍ଭ ବାଇଶି ପାବଛ ! କେଉଁଠି ଦ୍ୱାର ଦେଶ ? ଯେଉଁଆଡ଼େ ଦେଖୁଚି,ଚାରି ଆଡ଼ ଯୋଡ଼େଇ ପଥରର ଥାକ !! ପଥ ଅବରୁଦ୍ଧ କରି ବସିଛି ! ଖାଲି ନିବୁଜ କାନ୍ଥ !

Source: Author, Digitized by PPRACHIN, SOA

ଦେବାଳୟ କାନ୍ଥକୁ ଦୁଇ ପାପୁଲିରେ ପିଟି ଆତ୍ମାର ଶିଶୁ ଡାକୁଚି - ମା', ମା', ଏ ମା' !..ପ୍ରତିଧ୍ୱନି ଶ୍ୱେତ ପକ୍ଷୀଟିଏ ପରି ପୁଣି ଫେରି ଆସୁଚି ! ଯେମିତି କେହି ତାକୁ ଖତେଇ ହେଉଛି !

ମହାସତ୍ୟର ଉପାସକ ଅମୀୟ କୁମାର ପଦ୍ମାସନ ପାତିଛନ୍ତି ! ପଦ୍ମର ସୁବାସକୁ ଦୂରରୁ ସୁଦୂରକୁ ବହନ କରି ନେଉଥିବା ପବମାନ ଗୋଲାପର ମୂର୍ତ୍ତି ହୋଇ ତାଙ୍କ ପାଖରେ ବସିଛନ୍ତି ତପୋନିଧି ନବକିଶୋର ! ଦୁହିଁଙ୍କ ଚକ୍ଷୁରେ ଉଦ୍‌ଭାସିତ ହେଉଛି ଓଁକାରର ଧ୍ୱନିପରି ଆସ୍ପୃହାର ଶିଖା -ମା' ତୁମକୁ ଯେପରି ପାଏ ! ତୁମର କରୁଣାରୁ ଯେପରି ବଂଚିତ ନ ହୁଏ !

ସତ୍ୟପକ୍ଷୀ ଚକ୍ଷୁର ଶାମୁକାମୁଖ ଉନ୍ମୁକ୍ତ ! ଖସିପଡୁଚି ଗଣ୍ଡର ଉପତ୍ୟକା ଦେଇ ବୁନ୍ଦା ବୁନ୍ଦା ମୁକ୍ତା ! ଘୃତ ଓ ସଳିତା ବିହୀନ ମୃତ୍ତିକାର ଦୀପଟି ଚଟାଣ ଉପରେ ଟଳଟଳ ହେଉଛି ! ପବନ ନଚାଉଛି ? କେଜାଣି କାହିଁକି ଏତେ ଅସ୍ଥିର, ଏତେ ଅଧୀର ଏଇ ଦୀପ ! ପବନ ତ ତାକୁ ଭାଙ୍ଗିଦେବ ! ଜଳିବା ପୂର୍ବରୁ ଦୀପଟି ଭାଙ୍ଗିଯିବ ??

ମା' ତୁମେ ତ ସେଇ କୁମ୍ଭାର, ଦୀପଟିକୁ ତୁମରି ମନ୍ଦିର କକ୍ଷ ଉଜ୍ଜ୍ୱଳ କରିବାକୁ ତିଆରି କରିଥିଲ ! ଏବେ ତାକୁ ତୁମରି ପବନର ହାତ ଭାଙ୍ଗି ଦେବ ?

ଖେଳନାକୁ ଖେଳି ଖେଳି ଭାଙ୍ଗିଦିଏ ଶିଶୁ !

ଖେଳିବାରେ ଥାଏ ଯେଉଁ ଆନନ୍ଦ, ଭାଙ୍ଗିବାରେ ବି ଥାଏ ସେଇ ଆନନ୍ଦ ! ଭାଙ୍ଗିଗଲେ ଚକ୍ଷୁରୁ ତା' ଝରିଆସେ ଅଶ୍ରୁ ! ନିଜେ ଭାଙ୍ଗେ କିନ୍ତୁ କାନ୍ଦି କାନ୍ଦି କହେ, ମା' କୁନାଭାଇ ଭାଙ୍ଗିଦେଲା ଏଇ ମୋ କଣ୍ଢେଇକୁ ! ମା'....ଦେଖ, କୁନାଭାଇ ଭାଙ୍ଗିଦେଇଛି ମୋ କଣ୍ଢେଇକୁ !

ସତ୍ୟପକ୍ଷୀ ଅଙ୍କ କଷୁଛି ! ସଂସାରର ଅଙ୍କ ! ବୀଜଗଣିତର ଉତ୍ପାଦକ ! ସରଳ କର ! ଜ୍ୟାମିତର ସିଦ୍ଧାନ୍ତ ! ପାଞ୍ଚ ଲିଟର ଦୁଧରେ ଏକ ଲିଟର ପାଣି ଗଉଡ଼ ମିଶାଇବ ! ଏବେ ଆଉ ପାଣିମିଶା ଦୁଧର କିଣାବିକା ବନ୍ଦ ! ଏ.ଟି.ଏମ୍.କାର୍ଡ ପରି ଚଳନ୍ତି ଓମ୍‌ଫେଡ୍ ! ଆଇ.ଏ.ଏସ୍.ଟପର୍ ଦୁଧ ବିକିବ, ନହେଲେ ମଦ ବିକିବ !!!

ସରକାରଙ୍କ ନିଗମର ସି.ଏମ୍.ଡିଙ୍କ କାର୍ଯ୍ୟ ଆଉ କ'ଣ ହେବ ? ସେମାନଙ୍କ ଜୀବନର ଲକ୍ଷ୍ୟ, ସ୍ୱପ୍ନ ଓ ସଂକଳ୍ପ କ'ଣ ଥିଲା ଏଇଆ ? ସେମାନଙ୍କ ପୂଜ୍ୟ ପିତାମାନେ ଏତେ ପାଠ ପଢ଼ାଇଥିଲେ କ'ଣ ବିକ୍ରୟ କରିବାକୁ ମାଛ ଓ କୁକୁଡ଼ା ମାଂସ ? ମୂର୍ଖ ଅଶିକ୍ଷିତ ଲୋକେ ବୁଣୁଥିବା ବସ୍ତ୍ର ଏମାନେ ବିକ୍ରୟ କରି ସେମାନଙ୍କ ପେଟର ଭାତରୁ ନେବାକୁ ଅଂଶ ?

Source: Author, Digitized by PPRACHIN, SOA

ନଦୀର ସ୍ରୋତ ମାନୁ ନଥିଲା କୂଳର କୋଳ। ଠାଏ ଠାଏ ଖାଉଥିଲା ଅତଡ଼ା। ନଦୀ ଶଯ୍ୟା ଥରକୁ ଥର ବଦଳୁଥିଲା ।

ନଦୀ ତ କୂଳଖାଇ । ସମୟର ନଦୀ ଛାଡ଼େ କାହାକୁ ନ ଖାଇ । ଆତ୍ମାର ପକ୍ଷୀମନ୍ଦିର ଚାରିପଟ ଘୂରି ଘୂରି ଡାକୁଚି, ମା'.....ମା'....ମା'... ।

ଏଗାର ଜଣ ନାରୀ ନାଚୁଛନ୍ତି। ବିପାଶା ବସୁ, ରାକ୍ଷୀସାୱନ୍ତ, ମଲ୍ଲିକା ସେରୱାତ୍, ଐଶ୍ୱର୍ଯ୍ୟା ରାୟ,କିଏ ଯେ ନ ଅଛନ୍ତି ଏହି ନର୍ତ୍ତକୀ ଗ୍ରୁପ୍‌ରେ। କାହାର ଯେ ଅର୍ଦ୍ଧ ଉନ୍ମୁକ୍ତ ନାହିଁ ଆକର୍ଷକ ପୃଥୁଳ ବକ୍ଷୋଜ ମଣ୍ଡଳ। ଏମାନଙ୍କ ମଧ୍ୟରେ କିଏ ଯେ ନୁହେଁ ଅର୍ଦ୍ଧ ଉଲଗ୍ନ ? ସମସ୍ତେ କାମୋତେଜିତା ରସଭର୍ତ୍ତି ଏକ ଏକ ପକ୍ୱ ଆମ୍ର। ଶଯ୍ୟାର ନାୟିକା।

ଏକାଦଶ ଅପ୍‌ସରୀଙ୍କୁ ବାଦ୍ୟର ତାଳେ ତାଳେ ନଚାଇ ଚାଲିଛନ୍ତି ପାଞ୍ଚଜଣ କିନ୍ନର। ସମସ୍ତଙ୍କ ମୁଖ ହାସ୍ୟୋଜ୍ଜ୍ୱଳ।

ଏମାନଙ୍କ ପୃଷ୍ଠପଟେ ସଜ୍ଜିତ ଝିଲ୍‌ମିଲ୍ ପରଦାକୁ ଆଚ୍ଛାଦିତ କରିଛି ବାଇଗେଣୀ ରଙ୍ଗର ଆଲୋକ। କେହି ଜଣେ କନ୍‌ଭେଣ୍ଟର ଶିକ୍ଷୟିତ୍ରୀ ପରଦାରେ ଥରକୁ ଥର ଲେଖିଦେଇ ଡଷ୍ଟରରେ ପୋଛିଦେଉଛି: 'All hope abandon, ye who enter here'.

କାମନାର ବୃକ୍ଷରେ ଆଶାର ଗୋଲାପ ଆଉ ପ୍ରସ୍ଫୁଟିତ ହେବନାହିଁ, ଯଦି କେହି ଅନୁପ୍ରବେଶ କରେ ସେମାନଙ୍କ ମେଳରେ? ନଦୀ ଜଳରେ ପ୍ରବେଶ କଲେ ଜଣେ ଜାଣିପାରିବ ତା'ର ଶୀତଳ ସ୍ୱାଦ। 'ଅଲ୍ ଦି ଓୟେ ଅଫ୍ ଫ୍ଲେସ୍' ଆଦାମ ଆଲିଙ୍ଗନର ଗ୍ଲୋରୀ ସଂଚରି ଯିବ,ଫରଫେକ୍‌ସନ୍ ସୁଖୀ କରିଦେବ।

'ଲଭ୍ ନଟ୍ ଦି ଲୋଏଷ୍ଟ୍ ଏଣ୍ଡ୍ ଅଫ୍ ହ୍ୟୁମ୍ୟାନ୍ ଲାଇଫ୍ ।'

ଭଲ ପାଇବାର ଖାଦ୍ୟକୁ କ'ଣ ମନା କରିପାରେ ପଶୁ? ବାଡ଼ାବେ ଐଶ୍ୱର୍ଯ୍ୟା ଘରର କବାଟ, ଫାଟି ଯାଉ ତୋ ଆଙ୍ଗୁଠି। ନ ଦେଉ ବରଂ ସେ ତା' ଦେହର ଫୁଲଟି। ଏହି ଏକାଦଶ ଲଳନା ମଣ୍ଡଳୀରେ ନୃତରତ୍ୟା ଶିଞ୍ଚା ସେଙ୍ଗୀ,ଗୋଟିଏ 'ଏଡ୍‌ସ' ବିଜ୍ଞାପନ ଷ୍ଟେଜ୍ ସୋ'ରେ ଜଣେ ବିଦେଶୀ ଅଭିନତା ତା' ଗାଲ ଉପରେ ଭାରତର ଜାତୀୟ ପତାକା ଅଙ୍କନ କରିଦେଲା ଷ୍ଟେଜ୍‌କୁ ଉଠି ।।

ତାହା ଥିଲା ଭାରତୀୟ ମିଡ଼ିଆ ପାଇଁ ୨୦୦୭ ର ଶ୍ରେଷ୍ଠ କବିତା । ମାର ତାକୁ ଜୟହିନ୍ଦ୍। ସିଏ ଏବେ ଭାରତର ରାଷ୍ଟ୍ରପତି ।

'ଜଗଦମ୍ବାମୟଂ ପଶ୍ୟ ସ୍ତ୍ରୀ ମାତ୍ରଂ ବିଶେଷତଃ।' ସବୁ ନାରୀ ଜଗତ୍‌ମାତା ଶ୍ରୀଦୁର୍ଗା। ଦିନକୁ ଦୁଇ ଥର ନମାଜ ପଢୁଥିବା ସଲୁମିଆଁର କାଟ୍ରିନା ଏବେ ପ୍ରେମିକା।

Source: Author, Digitized by PPRACHIN, SOA

'ସର୍ବ ସ୍ତ୍ରୀ ନିଳୟା', ଶ୍ରୀଦୁର୍ଗା ସପ୍ତସତୀର ପଦଟିକୁ ସୁଭାବରେ ହୃଦୟଙ୍ଗମ କରିଗଲେ ବିଗ୍-ବି ! ଐଶ୍ୱର୍ଯ୍ୟ ଐଶ୍ୱର୍ଯ୍ୟର ନିଳୟ ! ତାଙ୍କପରି ଜଣେ ଗରିବ ଲୋକ ଏହି ଐଶ୍ୱର୍ଯ୍ୟର ନିଳୟକୁ ପୁତ୍ରବଧୂ ରୂପେ ପ୍ରାପ୍ତ ହେଲେ ତାଙ୍କ ଗରିବୀ ଦୂର ହୋଇଯିବ ! ଏହି ନୀଳନୟନା ନାରୀଟିର 'ମଧୁଶାଳା'ର ପୌତ୍ରବଧୂ ରୂପେ ସମ୍ମାନ ବି ବଢ଼ିଯିବ !

କାରଣ ପ୍ରବାହିତ ହେଉଛି ! ପ୍ରବାହିତ ସ୍ରୋତସ୍ୱତୀ ଓଷ୍ଠରେ ହସ ଚିକ୍‌ମିକ୍ ! 'ଲଭ୍, ଦି ଫୁଡ୍', ମିଲ୍‌ଟନଙ୍କ ଖାଦ୍ୟ ଭଲ ପାଇବା ! ନଈର ଖାଦ୍ୟ ପ୍ରବାହିତ ହେବା ! ଜୀବନର ଖାଦ୍ୟ ସେହି ଇନ୍ଦ୍ରନୀଳ ମହୋଦଧି ଦିଗକୁ ସ୍ମିତହସି ନଳୀନୟନା ଐଶ୍ୱର୍ଯ୍ୟା ପରି ଊର୍ଦ୍ଧ୍ୱକୁ ପାପୁଲିର ପୁଷ୍ପ ଟେକି ଆନ୍ଦୋଳିତ କରି ବ୍ୟୋମଯାନର ଶିଢ଼ି ଚଢ଼ିବା ! ମନର ଖାଦ୍ୟ ଓ ହୃଦୟର ଖାଦ୍ୟ ପରସ୍ପର ସହବାସ ରତ ! ଅର୍ଦ୍ଧନାରୀଶ୍ୱରଙ୍କ ନବୀନ ରୂପ ହେଉଛି ଓଷ୍ଠର ଖାଦ୍ୟ – ଶବ୍ଦ !

ନଦୀରୁ ସରି ସରି ଆସୁଛି ଜଳ ! ତେଲେଙ୍ଗାନା ଓ କର୍ଣ୍ଣାଟକରେ ଜଳ ପାଇଁ ଯୁଦ୍ଧ ! ମେଧା ପାଟକର ଲଢୁଛନ୍ତି ନର୍ମଦା ଜଳ ପାଇଁ ! ସମ୍ବଲପୁରରେ ଜଳ ଶିଳ୍ପ ଓ ଶିଳ୍ପପତିଙ୍କର ! ଶିଳ୍ପପତିଙ୍କଟଙ୍କା ନେଇ ଦଲାଲଙ୍କୁ ଭୋଟ ଦେଇ ଶାସନଗାଦିକୁ ପଠେଇଥିବା ଚଷାଙ୍କ କଥା କିଏ ଶୁଣୁଛି ହୋ' ? ଆଉ କିଛି ଟଙ୍କା ଗୁଣ୍ଡ ବିଞ୍ଚି ଦିଅ, ଥଣ୍ଟରେ ପଶିଗଲେ ରାବି ପାରିବେନି ଆଉ କାଉ ! ପୁଣି ପାଞ୍ଚ ବର୍ଷ ଚଲାଅ ତୁମର ସେ ପୁରୁଣା ଫୋର୍ଡଗାଡ଼ି ଖଣ୍ଡିକ ! କମେଇ ପକାଅ ଆଉ କିଛି ପକେଟ ପାଇଁ ଖାଦ୍ୟ !

ବାଁ ପଟେ ସାନ ପୁଅ, ଡାହାଣ ପଟେ ବଡ଼ ପୁଅ, ମଝିରେ ବସିଛି ସ୍ୱର୍ଣ୍ଣକଙ୍କଣ ହସ୍ତ ବୃଦ୍ଧ ବ୍ୟାଘ୍ର ! ଗେଟ୍ ଖୋଲିବା ଶବ୍ଦ ଶୁଣିଲେ ସମସ୍ତଙ୍କ ଆଖିର ଭୋକିଲା ମାଛି ବଡ଼ଦାଣ୍ଡର ସଜ୍ଜିତ ଫେଣୀ ଉପରେ ଆଉଟୁପାଉଟୁ ହୋଇ ବସୁଛି ! ପାହାଳର ମିଠା ଦୋକାନୀ କେତେକ ଧଳା ଜରିରେ ଛେନାଗଜାକୁ ଘୋରାଇଲେଣି !

'ଓଁ ଗଣେଶାୟ ନମଃ' !

ନମସ୍କାର, ନମସ୍କାର ! ସାର୍ ନାହାନ୍ତି !

ମୁଁ ସମ୍ବଲପୁରରୁ ଆସିଥିଲି ଆଜ୍ଞା ! ମୋ ଫସଲ ଜଳିଗଲା, ବାର ପ୍ରାଣୀ କୁଟୁମ୍ବ ! ଛ' ଲକ୍ଷ ଦେଇ, ଇଠେ ଭୁବନେଶ୍ୱରରେ ମୋ ପୁଅଟା ଇଂଜିନିୟରିଂ ପଢୁଛି, ଆଜ୍ଞା ! ଦୁଇ ମାସହେଲା ତା' ହଷ୍ଟେଲ୍ ଖର୍ଚ୍ଚ ପଠେଇ ହେଲାନି, ଆଜ୍ଞା !

ସବୁ ଠିକ୍ ହୋଇଯିବ ! ଏଇ ବାଁ ପଟେ ଦର୍ଶନ କରନ୍ତୁ, ଅଛନ୍ତି କମଳା ! ସେଠୁ ଫେରି ଡାହାଣ ପଟେ ଦର୍ଶନ କରିବେ, ବସିଛନ୍ତି ବିମଳା !ଦୁଇପଟୁ ଧଣ୍ଡା ଆଣିଲେ ମଝିରେ ବସିଛନ୍ତି ଭୈରବ, କରିବେ ଦର୍ଶନ ! ସବୁ ମନସ୍କାମନା ପୂର୍ଣ୍ଣ ହୋଇଯିବ !

ଋଷି ମେଧା ରାଜା ସୁରଥଙ୍କୁ ବୁଝାଇ ଦେଲେ, 'ଶକ୍ତିଃ ସର୍ବାତ୍ମନା ନୃପ ! ଶବବଚ୍ଛକ୍ତି ହୀନସ୍ତୁ ପ୍ରାଣୀ ଭବତି ସର୍ବଦା' !

Source: Author, Digitized by PPRACHIN, SOA

ଦରକାର ଚାନ୍ଦା ! ଚାନ୍ଦା ବ୍ୟତୀତ ସବୁ ନେତା ପଦ ଚନ୍ଦା ! ସକାଳୁ ଘରୁ ବାହାରିବା ବେଳେ ବିଧବାର ଧଳା ଶାଢ଼ୀ ଦର୍ଶନପରି ଆତଙ୍କିତ ଅବସ୍ଥା ! ସେଇଥିପାଇଁ ବିଗ୍ ବି'ଙ୍କର ମଧ୍ୟ ଦରକାର ଥିଲା ବଧୂ ନୁହେଁ, ଐଶ୍ୱର୍ଯ୍ୟର ନିଳୟ ! ସିଏ ପାଇଗଲେ ! ଏଠି 'ଜଗନ୍ନାଥସ୍ଥ ଭୈରବଃ',ତେଣୁ ସିଏ ଦକ୍ଷିଣ ଭାରତରେ ଦର୍ଶନ କଲେ ଶ୍ରୀଭେଙ୍କେଟ୍ଶ୍ୱରମ୍ ! ସ୍ୱୟଂ ଲକ୍ଷ୍ମୀନାରାୟଣ !

'ସ୍ତ୍ରୀୟଃ ସମସ୍ତାଃ ସକଳା ଜଗତ୍ସୁ', ଜଗତର ସମସ୍ତ ସ୍ତ୍ରୀ କଳାଂଶ ରୂପିଣୀ ! ଶକ୍ତି ର୍ନାମ ମୂଳ କାରଣସ୍ୟ ଶବ୍ଦସ୍ୟୋନ୍ମୁଖୀକରଣାବସେଥିତି ! ଶବ୍ଦ ଉନ୍ମୁଖ ହେବା ଅବସ୍ଥାର ନାମାନ୍ତର, ଶକ୍ତି ମୂଳ କାରଣ ! ଶକ୍ତିର ଆଘାତରେ ବିନ୍ଦୁର ସ୍ଫୁରଣ ହୁଏ ଓ ବିନ୍ଦୁର ସ୍ଫୁରଣରୁ ହୁଏ କଳାର ଉଦୟ ! ପରା ଶବ୍ଦର ଉଦୟସ୍ଥାନ ମୂଳାଧାର ! ତାହା ଊର୍ଦ୍ଧ୍ୱ ଚକ୍ର ବିନ୍ଦୁକା !

ମୂଳାଧାରରେ ଯାହା ପରା, ଅଧିଷ୍ଠାନ ଚକ୍ରରେ ତାହା ପଶ୍ୟନ୍ତି ! ହୃଦୟରେ ତାହାକୁ ମଧ୍ୟମା କହନ୍ତି ! ମୁଖ, କଣ୍ଠ ଓ ତାଲୁ ଆଦି ସ୍ଥାନମାନଙ୍କ ଆଶ୍ରୟରେ ଉଚାରିତ ସେହି ଶବ୍ଦକୁ କହନ୍ତି ବୈଖରୀ !

ମା' ତୁମର ରୂପ ଚାରୋଟି !

ସତ୍ୟ ପକ୍ଷୀ ଦର୍ଶନ କରୁଛି ! କୃତ୍ୟ କୃତ୍ୟ ହୋଇଯାଉଛି ! ତିନିପ୍ରକାର ବର୍ଣ୍ଣରୁ ଅଠତିରିଶ କଳାର ଉତ୍ପତ୍ତି !

ଶ୍ରୀ ଅରବିନ୍ଦଙ୍କ ଶକ୍ତି ଚତୁଷ୍ଟୟ ! ମାହେଶ୍ୱରୀ, ମହାଲକ୍ଷ୍ମୀ, ମହାସରସ୍ୱତୀ ଓ ମହାକାଳୀ !

କାଳୀବାଡ଼ିରେ ମା'ଙ୍କୁ ବ୍ୟଞ୍ଜନ ଖୁଆଉ ଖୁଆଉ ସବୁ ଫଳ, ଅନ୍ନ ଓ ଜଳ ଭକ୍ଷଣ କରିଦେଲେ ପରମହଂସ ରାମକୃଷ୍ଣ ! ଚାରିଆଡ଼ ପ୍ରଚାର ହୋଇଗଲା ଅପକର୍ମ ! ଅନାଡ଼ୀ ବ୍ରାହ୍ମଣ ମା'ଙ୍କୁ ଆରାଧନା ନାମରେ ସବୁ ଆହାର କରି ଦେଉଛି ପ୍ରସାଦ !

ସେଦିନ ବି ଘଟିଲା ସେଇଆ !

ମା' ତୁମେ ତ ଖାଇଲ, ଏବେ ଶୋଇପଡ଼ ! କବାଟ ବନ୍ଦ କରି ଦେଇ ମୁଁ ଯାଉଛି !

ବସାକୁ ଫେରୁଥିଲେ ରାମକୃଷ୍ଣ ! ସାମ୍ନାରେ ସ୍ୱୟଂ ଜମିଦାର ଏବଂ ଦଳେ ତାଙ୍କ ପାଖ ଲୋକ ! ଜଣେ ପାଖ ଲୋକ ଛପି ରହି ଦେଖିଚି ମା'ଙ୍କୁ ପୂଜା ନାମରେ ରାମକୃଷ୍ଣଙ୍କ ଭୋଜନ ! ସିଏ ଆଗେଇ ଆସି କହିଲା - ଜମିଦାର ସାହେବଙ୍କୁ କିଛି ପ୍ରସାଦ ସେବା କରିବାକୁ ଦିଅନ୍ତୁ, ପୂଜକ ମହାଶୟ !

ମା'ଙ୍କ ପାଖକୁ ଆସନ୍ତୁ, ଏଇ ମୁଁ ମା'ଙ୍କୁ ପ୍ରସାଦ ସେବନ କରାଇ ଫେରୁଚିତ !

ଆଉ ପ୍ରସାଦ ଅଛି ? ପ୍ରଶ୍ନ କଲେ ଜମିଦାର ସାହେବ !

ଆଜ୍ଞା, ଅଛି ! ଆସନ୍ତୁ,ଆସନ୍ତୁ !

Source: Author, Digitized by PPRACHIN, SOA

ମନ୍ଦିରର କବାଟ ମା' ମା' ଡାକି ଉନ୍ମୁକ୍ତ କରିଦେବାମାତ୍ରେ ଦିବ୍ୟସୁବାସର ଏକ ଝଲକ ପବିତ୍ର କରିଦେଲା ସମସ୍ତଙ୍କ ନାସା ପୁଟିକା ଦେଇ ହୃଦୟକୁ ।

ରାମକୃଷ୍ଣ ଚାହିଁଲେ ଜନନୀଙ୍କ ଦିବ୍ୟହାସ୍ୟ ଖଚିତ ମୁଖମଣ୍ଡଳକୁ। କହିଲେ - ମା', ଜମିଦାର ସାହେବ ଏବଂ ତାଙ୍କ ପାଖ ଲୋକ ସମସ୍ତେ ଆଜି ତୁମ ପ୍ରସାଦ ସୌଭାଗ୍ୟ ଲାଭ ପାଇଁ ଆସିଛନ୍ତି, ଦିଅ।

ପ୍ରତ୍ୟୁତ୍ତରରେ ମା' ହସୁଥାନ୍ତି ଶିଶୁ ସୁଲଭ ହସ କେବଳ ।

ମା'ଙ୍କ ପଦତଳେ ଚଟାଣରେ ଥୁଆ ଯାଇଥିବା ଥାଳି, ଗିନା, ଥାଳିଆ ସବୁ ଦିବ୍ୟାନ୍ନରେ ପରିପୂର୍ଣ୍ଣ । ଡାଳରେ ଭର୍ତ୍ତି ଗଙ୍ଗାଜଳ। ବିଲ୍ୱ ପତ୍ର ଓ ମନ୍ଦାର ପୁଷ୍ପରେ ଅର୍ଘ୍ୟ ହୋଇଛି ସଦ୍ୟ ନିବେଦିତ ।

ଇଏ କି ଘଟଣା, ନା ଅଘଟଣ ? ସମସ୍ତେ ବିସ୍ମୟ ବିବାକ୍! ପଂକ୍ତି ପ୍ରସାଦ ସେବନରେ ସମସ୍ତଙ୍କୁ କରିଦେଲେ ଚମତ୍କୃତ।

ମା' ତୁମର ମହିମା ଅମାପ ।

ତୁମକୁ କିଏ ବୁଝିବ ?.....ଶ୍ରୁତ୍ୟା ଯଦୁକ୍ତଂ ପରମାର୍ଥମେବ ତତ୍ ସଂଶୟୋ ନାତ୍ର ତତଃ ସମସ୍ତମ୍।

ଶ୍ରୁତିସିଦ୍ଧ ବଚନ ଉପରେ ସଂଶୟର କୃଷ୍ଣରେଖା ଟାଣ ନାହିଁ। ତାହାର ପ୍ରମାଣ ଅପ୍ରମାଣ । କେବଳ ବିଶ୍ୱାସର ସୁବାସକୁ ଆଘ୍ରାଣ କରେ ହୃଦୟର ନୀଳକୀଟ।

କି ଖେଳ ଖେଳୁଚ ଶିଶୁ ? ଆଣ୍ଠୁଆ ଗୋପାଳଙ୍କ ହସ୍ତରେ ଲଡୁ। ସମ୍ମୁଖକୁ ଦୃଷ୍ଟି। କି ଲୀଳା ତୁମର ଚାଲିଛି ? ବରଗଡ଼ ମୁକ୍ତ ମଂଚ କୃଷ୍ଣ ଲୀଳା ।। ଲୀଳାମୟ ଏଇ ଜଗତ। ମଣିଷ ଲୀଳାର ନାୟକ । ନିର୍ଦ୍ଦେଶକ ଜୀବର ପ୍ରାରବ୍ଧ। ସଦ୍ୟତପଃ ତା'ର କର୍ମ ।

ଏବେ ସମସ୍ତେ ଗୋଟିଏ ତପସ୍ୟା ରତ, କିଏ କେତେ ଏବଂ କେମିତି ମାଲ (ଟଙ୍କା)ମାରି ନେଇ ନିଜର ଆର୍ଥିକ ବିକାଶର ଊର୍ଦ୍ଧ୍ୱତାକୁ ବଢ଼ାଇ ଚାଲିବ। ସମସ୍ତଙ୍କର ଦରକାର ଗୋଟିଏ ଦ୍ରବ୍ୟ, ଯେତେ ପ୍ରାପ୍ତ ହେଲେ ବି ତୃଷାର ନଦୀ ବଢ଼ି ଚାଲିଥିବ, ତାହା ହେଲା ଡଲାର ଓ ୟୁରୋ। ସ୍ୱୟଂଜନନୀ ମହାଲକ୍ଷ୍ମୀ, ଚଞ୍ଚଳା ଟଙ୍କା।

ଅହଂ ଦଧାମି ଦ୍ରବିଣଂ ହବିଷ୍ମତେ ସୁପ୍ରାପ୍ୟେ। ଦାରିଦ୍ର୍ୟ ଭଂଜନୀ ମା' ବିଷ୍ଣୁଙ୍କ ଘରଣୀ। ଦେବତାଙ୍କୁ ଦିଅନ୍ତି ଉତ୍ତମ ହବି। ସୁପ୍ରାପ୍ୟରେ ସେମାନଙ୍କୁ କରିଦିଅନ୍ତି କୃତଜ୍ଞ। ସିଏ ସୌଭାଗ୍ୟ ଓ ସୌନ୍ଦର୍ଯ୍ୟର ରାଣୀ। ସଂହାରରେ ପ୍ରବୃତ୍ତ ହେବାବେଳେ କାଳୀ । ଈଶ୍ୱରଙ୍କ ଶକ୍ତିରେ ସେ ଶକ୍ତିମୟୀ। ତାଙ୍କ କଷ୍ଟତମ କର୍ମ ନିର୍ବିଚାରେ ସିଏ କରିଥାନ୍ତି ସଂପୂର୍ଣ୍ଣ।

Source: Author, Digitized by PPRACHIN, SOA

ଅଦୃଶ୍ୟ ଜଗତର ଗୋପନ ନକ୍ସା ଜାଣନ୍ତି ସିଏ। ତେଣୁ ସିଏ 'କାଳରାତ୍ରୀଂ ବ୍ରହ୍ମସ୍ତୁତାମ୍'। ମା'କାଳନାଶିନୀ, ବେଦଙ୍କ ଦ୍ୱାରା ସ୍ତୁତା।

'ଲୋହିତ ପେଚକ ଓ ସର୍ପଙ୍କଠୁ ଦେବି ସୁରକ୍ଷା' ।
ଏକାକୀ ତାଙ୍କର ହସ୍ତ ସମୟ ଡ୍ରାଗନର ମୂଳଦୁଆ କରିପାରେ ପରିବର୍ତ୍ତିତ।
ଏଷାଽତ୍ମ ଶକ୍ତିଃ। ଏଷା ବିଶ୍ୱମୋହିନୀ।
ହୃତ୍ ପୁଣ୍ଡରୀକ ମଧ୍ୟସ୍ଥାଂ ପ୍ରାତଃସୂର୍ଯ୍ୟସମ ପ୍ରଭାମ୍।
ସତ୍ୟପକ୍ଷୀ ଦର୍ଶନ କରୁଛି, ପରମାତ୍ମାଙ୍କ ଆତ୍ମଶକ୍ତିଙ୍କୁ। ଜନନୀ ବିଶ୍ୱମୋହିନୀ।

ପୁଷ୍ପରେ ସୁବାସ, ଫଳରେ ସୁରସ, ଜଳରେ ସୁଶୀତ, ପବନରେ ମଳୟ-ମରୁତର ସ୍ପର୍ଶ ସିଏ ! ବସନ୍ତର କିଶଳୟ ଲୋହିତ,ପତ୍ରର ସବୁଜିମା, ଦୂର୍ବାର କୋମଳ ଓ ନମନୀୟତା, କୁଶର ତୀକ୍ଷ୍ଣ ସିଏ, ଖଡ୍‌ଗର ଧାର। ଚେତନାର ଅମାପ ଗହ୍ୱର ଭିତରେ ସିଏ ନୀରବତାର ସ୍ୱର।

ତାଂ ଦୁର୍ଗାଂ ଦୁର୍ଗମାଂ ଦେବୀମ୍ ।

ବ୍ରହ୍ମାଦି ଦେବ ତାଙ୍କର ସ୍ୱରୂପ ଜ୍ଞାତ ନ ହେବାରୁ ସିଏ ଅଜ୍ଞେୟା ! ତାଙ୍କ ଅନ୍ତ ମିଳୁ ନଥିବାରୁ ସିଏ ଅନନ୍ତା ! ତାଙ୍କ ଲକ୍ଷ୍ୟ ଦେଖା ଯାଉ ନଥିବାରୁ ସିଏ ଅଲକ୍ଷ୍ୟା ! ତାଙ୍କ ଜନ୍ମ ଉପଲବ୍ଧି ହେଉ ନଥିବାରୁ ସିଏ ଅଜା। ଏକେଲା ସର୍ବତ୍ର ବିଶ୍ୱରୂପରେ ବ୍ୟାପ୍ତ ହୋଇଥିବାରୁ ସିଏ ଏକା ବା ନୈକା।

ମୁଁ ମଣିଷର ଆଶାର ନଦୀ। ମୁଁ ଜୀବର ତୃଷାର ସ୍ରୋତସ୍ୱତୀ। ମୁଁ ତା'ର ଶୁଭ କାମନାର ପୁଷ୍ପ ! ମୁଁ ଜାଣେ ଆତ୍ମାର ଲକ୍ଷ୍ୟ ! ତା' ଭାଗ୍ୟ ଓ ସୌଭାଗ୍ୟର ନକ୍ସା, ଅଦୃଶ୍ୟ ଯାତ୍ରା ପଥର ଦୃଶ୍ୟ ଅଛି ମୋ ପାଖରେ ମହଜୁଦ୍ ! ଜୀବନର ସଂକୀର୍ଣ୍ଣତା ଓ ସଫଳତାର ଅଦୃଶ୍ୟ ଗୋପନୀୟତା ଅଛି ମୋ ପାଖରେ।

ଯଂ କାମୟେ ତଂ ତମୁଗ୍ରଂକୃଣୋମି.... ମୁଁ ଯାହାକୁ ଯାହା କରିବାକୁ ଚାହେଁ ତାହାକୁ ତାହା କରି ଦେଇଥାଏ; ତଂ ବ୍ରହ୍ମାଣଂ ତମୃଷିଂ ତଂ ସୁମେଧାମ୍ ! ତାହାକୁ ବ୍ରହ୍ମା, କାହାକୁ ଋଷି ଓ କାହାକୁ ମେଧାବାନ କବି କରିଦିଏ।

ଅହଂର ଅଭିଳାଷ ଦାବୀ କରୁଛି ପୃଥିବୀରେ ସ୍ଥାପନ କରିବ ତାର ସ୍ୱର୍ଗ, କରୁ। ସ୍ୱର୍ଗର ନକ୍ସା ଅଛି ତ ତା' ପାଖରେ?

ଲେଲିନ୍, ଷ୍ଟାଲିନ୍, ମୁସୋଲିନ୍ ଓ ହିଟଲରମାନେ କମ୍ପ୍ୟୁଟର ମନିଟରକୁ ଉତ୍କଣ୍ଠିତ ନେତ୍ରରେ ଚାହିଁ ବସିଛନ୍ତି ! ପ୍ରତି ମୁହୂର୍ତ୍ତରେ ନକ୍ସାର ରୂପ ବଦଳୁଛି। ଦିନକୁ ଅଠରରୁ ଅଠେଇଶ ଘଣ୍ଟା ପର୍ଯ୍ୟନ୍ତ ଭାରତୀୟ ସଫ୍ଟୱ୍ୟାର ଇଂଜନିୟର କମ୍ପ୍ୟୁଟର କି ବୋର୍ଡ଼ ଓ ମାଉସ୍ ଉପରେ ଟିପ ଚଲାଇ ଚାଲିଛନ୍ତି ! ସେମାନଙ୍କର ଦରକାର ଟଙ୍କା। କେବଳ ଟଙ୍କା। ଜୀବନଠୁ

Source: Author, Digitized by PPRACHIN, SOA

ବଡ଼ ସେମାନଙ୍କ ଆବଶ୍ୟକତା ! ଆବଶ୍ୟକତାର ମାଲିକମାନେ ଥୋପ ପକାଇ ଖାଲେଇ ସଜାଡ଼ି ଅନାଇ ବସିଛନ୍ତି ଆମେରିକାରେ । ଫାଇଲ୍‌ଟା ପଠାଇ ଦିଅ ଇ-ମେଲ୍‌ରେ । ଆମର ଦରକାର କାମ ! କାମର ଦାମ କେତେ, ୟୁ ଫୁଲିସ୍ ବୁଝିବ କ'ଣ ?

ସାମ୍ରାଜ୍ୟବାଦୀ ମହିଷାସୁରମାନଙ୍କୁ ନିୟୁଟ୍ରେଡରମାନେ ସ୍ୱର୍ଗ ଦଖଲ କରାଇବେ ! ବୁଶ୍ ପାଇଁ ଆମେରିକାଟା ନିଅଣ୍ଟ ! ତା'ଆଁ ଭିତରେ ପ୍ରବେଶ କରାଇଦିଅ ଏସିଆର ତଟକା ମିଠା ରୁଟି ଖଣ୍ଡକ ! ସମଗ୍ର ଆରବର ତୈଳ ପ୍ରଶମିତ କରିପାରିବନି ତା' ଶୋଷ !

ମଣିଷ ଅହଂର ସହସ୍ର ଅଶ୍ୱ ଗୋଟିଏ ସୂର୍ଯ୍ୟରୁ ଛୁଟି ଆସୁଛନ୍ତି, ଯେମିତି ସହସ୍ରାଂଶୁ ! ଚିକ୍ଷୁର; ମହିଷାସୁରର ପ୍ରଧାନ ସେନାପତି, ବର୍ଷାର ଧାର ପରି ଦେବୀଙ୍କ ଉପରକୁ ଶର ନିକ୍ଷେପୁଛି ! ଇଏ ମନସୁମ ବର୍ଷା ନୁହେଁ,ବଙ୍ଗୋପସାଗରକୁ ଲଘୁଚାପ ଗ୍ରାସିଛି !

ହେଭେନ୍‌ସ ଗେଟ୍‌ର ରୌପ୍ୟ ଚୌକାଠରେ ଲାଗିଥିବା କବିଜାର ସ୍ୱର ଧୀରେ ଧୀରେ କେଁ କରି ଭାସିଆସୁଥିଲା ସୁଦୂରତରରୁ ସଂସାରର ଆତ୍ମାର କର୍ଣ୍ଣକୁ ! ତା' ଆର୍ତ୍ତହାର ଉତ୍ତର ଦେବାକୁ ଦେବ କେହି ଅବତରୁଛନ୍ତି ଧରଣୀର ଧୂଳିର ଶଯ୍ୟାକୁ ?

ଜଟାୟୁପରି ଗୋଟାଏ ବୃହତ୍ ସ୍ୱର୍ଣ୍ଣ ପକ୍ଷୀ ରକ୍ତାକ୍ତ ହୋଇ ଧୂଳିରେ ଗଡୁଛି ! ଗୋମାତାପରି ଚତୁଷ୍ପଦ ପ୍ରାଣୀଟିଏ ସିଏ, ତା'ର ତ୍ରିପାଦକୁ କେହି ଖଡ୍‌ଗ ଚୋଟରେ କାଟି ନେଇ ଅନନ୍ତ ସମୁଦ୍ର ଗର୍ଭରେ ପକାଇଛି ! ଅବଶିଷ୍ଟ ଏକ ପାଦ କି ଛଟପଟ ନ ହେଉଛି ! ଜୀବ ଯିବ ବୋଲି ଯାଉନାହିଁ ! ପ୍ରାରବ୍ଧ ସରି ନାହିଁ ! ସରି ନାହିଁ ମଣିଷର ପାପ ! ପାପ ନ ସରିଲେ ଶରୀର ପଂଜୁରୀରୁ ଦେବ ଆତ୍ମା କେମିତି ଦେବଲୋକକୁ ଗମନ କରିବ ? ପୁଣ୍ୟ ବେଳ ନ ଆସିଲେ ଜୀବ ଯିବ ନାହିଁ ! କେଉଁ ଜନ୍ମର ପାପ ତା'ର ଇଏ, ହେଉ ଅଛି ଭୋଗ ? କେଉଁ କୃତ୍ୟର ଫଳ ?

ପତିତପାବନୀ ଗଙ୍ଗାର ନୀଳସ୍ରୋତ ସହସ୍ର ଢେଉରେ ଖେଳିଖେଳି ସ୍ୱର୍ଗରୁ ଖସୁ ନାହାନ୍ତି ତ ! ସେଇ ସ୍ରୋତରେ ବିଲୀନ ହୋଇଯାନ୍ତା ଅଙ୍ଗୁଷ୍ଠ ପ୍ରମାଣ ନୀଳହୀରକର ଦ୍ୟୁତି ! ଛାଡ଼ିବ ଛାଡ଼ିବ ବୋଲି ମୁଶାରଫ ଛାଡ଼ିପାରୁ ନାହିଁ ଗାଦି ! ଛାଡ଼ିପାରୁ ନାହିଁ ସର୍ବୋଚ୍ଚ ସେନାପତିର ବର୍ଦ୍ଦି ! ଶେଷକୁ ଘୋଷଣା କରାଗଲା 'ଏମରଜେନ୍ସି' ! ପାଟି ଫିଟିଲେ ଗୁଳି ଫୁଟିବ !

ଭୁବନେଶ୍ୱରର ସଚିବାଳୟ ମାର୍ଗ ଓ ଜନପଥକୁ ପିମ୍ପୁଡ଼ି ପଲ୍ଲ ବିଧାନସଭା ଚାଲିଲାବେଳେ ଅକ୍ତିଆର କରିପାରିବେନି ! ସବୁ ଆନ୍ଦୋଳନକାରୀ ଚାଲିଯାନ୍ତୁ ପ୍ରଦର୍ଶନୀ ପଡ଼ିଆକୁ ! ବେଶ୍ ଖୋଲା ଓ ପ୍ରଶସ୍ତ ସ୍ଥାନ ! ପ୍ରାଚୀର କର ସାରା ଏକ ବସ ! ଆଦୌ କିଛି ଅସୁବିଧା ନାହିଁ !

ତୁରନ୍ତ ଉଠାଅ ଏମର୍ଜେନ୍ସୀ, ଖୋଲବର୍ଦ୍ଦି ! ଗଣତନ୍ତ୍ରର ବଲଦଟାକୁ ବାର୍ଡଫ୍ଲୁ ସୁପ୍ ଦିଅ !

Source: Author, Digitized by PPRACHIN, SOA

ବୁଶ୍‌ଙ୍କ ଆଦେଶ, ଘୋଷଣା କରୁଥିଲା ଆମେରିକାର ଏସିଆ ବିଭାଗ ଦାୟିତ୍ୱରେ ଥିବା କୃଷ୍ଣା ସୁନ୍ଦରୀ କଣ୍ଡୋଲିଜା ରାଇସ୍। ଜଏସ୍‌ଙ୍କ ନାୟିକା ସୁନ୍ଦରୀ ଜେଟୀର କନିଷ୍ଠା। ପାଦରେ ଧଳା ଜୋତା। ଦେହରେ କଳା କୋଟ। ଅଣ୍ଟା ତଳକୁ ମିଡ଼ିର ଘେର। ଆଣ୍ଠୁ ତଳକୁ ବଳାଗଣ୍ଠି ପର୍ଯ୍ୟନ୍ତ ପେଣ୍ଟ ନିର୍ବସ୍ତ୍ର। ମୁହଁରେ ମୁଚକି ହସ। ସରୁ ବେକରେ ଗୁରେଇ ହୋଇଛି ପ୍ଲାଟିନମ୍‌ର ଚେନ୍। କାନରେ ହୀରାର ଫୁଲ।

ତା'ର ସେଇ ପେଣ୍ଟ ଦୁଇଟି... ଓଃ, କି ସେକ୍ସି ! ଯମଙ୍କ ବାହାନର ପ୍ରେମିକାପରି ଦିଶୁଛି ! ବ୍ଲୁ ଟୁଥ୍ ପରି ତା'ର ସାମ୍ନା ଦାନ୍ତ ଦୁଇଟି। ମୁଶାରଫ୍ ହୃଦୟକୁ ଶୋଇଲାବେଳେ ରୁଟୁରୁଟୁ କାଟେ ! ଆଖି ଭିତରେ ଯନ୍ତ୍ରଣାର କାଉଟା ଅହରହ ରାବେ।

କାଉ ରାବ ଶୁଣିଚ କେବେ? ନା, ଶୁଣି ନାହଁ ! ଋତୁ ପରି କାଉର ରାବ ବଦଳୁଥାଏ। କେତେବେଳେ କୋମଳ ତ, କେତେବେଳେ ମଧ୍ୟମ, କେତେବେଳେ କର୍କଶ ତ କେତେବେଳେ କାମମୋହିତ। ତା ହୃଦୟର ଆବେଗ ପରିବେଶଜନିତ ପ୍ରଭାବରେ ହୋଇଥାଏ ଥଣ୍ଟ ବାଟେ କ୍ଷରିତ।

ସମୟର କାଉ ରାବୁଛି। କା' କା' ଡାକରେ ତା'ର କୋମଳ ଗାନ୍ଧାର। ବେଳେବେଳେ ଧୈବତ।

ବଦଳାଅ, ବଦଳାଅ। ଜୀବନ ନଦୀର ଗତିକୁ ବଦଳାଅ। ଦୁଃଖର ଅନ୍ଧକାରରେ ବି ସୁଖର ପୁଷ୍ପ ପ୍ରସ୍ଫୁଟାଅ। କ୍ଲେଶ ବି ଜୀବନର ଅଂଶବିଶେଷ। ମୃତ୍ୟୁ ବି ଜୀବନର ଏକ ପାର୍ଶ୍ୱ ! ପାର୍ଶ୍ୱଟି ବଦଳି ଗଲେ ଆସେ ଅନ୍ୟ ଏକ ପାର୍ଶ୍ୱ। ଜୀବନ ଲାଭ କରେ ଅନ୍ୟ ଏକ ଜନ୍ମର ଭୋଗ। ନୂଆ ଜୀବନର ଫୁଲବନରେ ମତ୍ତ ହୁଏ ଭୃଙ୍ଗ।

ଏଇ ଜୀବନଟା ବଡ଼ ବାଧୁଚି ?

ଏଇ ଜୀବନ ଓ ପିଲାଛୁଆଙ୍କ ସଂସାର ପ୍ରତି ଅସୀମିତ ଲୋଭ ଓ ଆସକ୍ତି !

ମୁଶାରଫ୍ ଉତାରି ଦେଲେ ବର୍ଦ୍ଦି। ଅନୁଗତ୍ୟମାନଙ୍କୁ ଧରାଇ ଦେଲେ ଦାୟିତ୍ୱର ଚାବିକାଠି। ଟ୍ରଙ୍କ୍‌ଟା କିନ୍ତୁ ଥାଉ ମୋ ପାଖରେ। ଯେତେବେଳେ ତୁମେ ସବୁ ରିଜଲ୍ୟୁସନ୍ କରିବ ଟ୍ରଙ୍କଟା ଖୋଲି ଟଙ୍କା କାଢ଼ି ଖର୍ଚ୍ଚବାର୍ଚ୍ଚ କରିବ। ଆମେରିକାନ୍ ହାଇକମିଶନଙ୍କ ଉପସ୍ଥିତିରେ ନିଅ ଏଇ ଚାବିକାଠି !

ଏଥର ଏମର୍ଜେନ୍‌ସୀ ଉଠେଇ ଦେଲି। ଆନ୍ଦୋଳନ ଓ ଧର୍ମଘଟ ଫ୍ରୀ।

ମୋ ପାଖକୁ ଫାଇଲ ପଠାଅ। ନିର୍ବାଚନ କମିଶନଙ୍କୁ ଦେଲି ଦାୟିତ୍ୱ, ଧାର୍ଯ୍ୟକର ତାରିଖ ! ମୋର ଦରକାର ଗଣତନ୍ତ୍ର।

ସାବାସ୍, ସାବାସ୍ ମୁଶାରଫ୍। ତୁମେ ରାଷ୍ଟ୍ରପତି ରୁହ ଚିରକାଳ। ଆମେରିକା ଓସମାବିନ୍

Source: Author, Digitized by PPRACHIN, SOA

ଲାଡ଼େନକୁ ନ ପାଉ, ସଦାମଟାକୁ ତ ଫାଶୀ ଦେଇ ଦେଇଛି । ସଦ୍ଦାମକୁ ଫାଶୀ ଦେଇ ଆମେରିକା ଦୁଇହଜାର ସାତକୁ ସ୍ୱାଗତ କରିଛି ।

ୟୁ.ଏସ୍. ଟି.ଭିର ମୁଖ୍ୟ ଚାନେଲ୍‌ରୁ ଭାସି ଆସିଛି । ସେଇ ଚାନେଲ୍‌ରେ ପ୍ରଜାପତିଆ ସବୁ ନିଶରେ ଅତର ମାରି ମୁଶାରଫ୍ ଖୁସ୍ ମିଜାସ୍ ଦିଶୁଛନ୍ତି ।

ବିଶ୍ୱବ୍ୟାଙ୍କର ସହାୟତା ରାଶି ଓ ଋଣ ଚଳିତ ବର୍ଷ ପାଇଁ କମ୍ ହେବନି । ବରଂ ଋଣର ସୁଧ ଜିରୋ ପଏଣ୍ଟ ପାଞ୍ଚ କମାଯିବ ।

କଳା ଟଙ୍କାରେ ଧଳା ଧଳା କୋଠାମାନ ଯେତେ ପାରନ୍ତି ଟେକନ୍ତୁ ବେକ । ଉଚ୍ଚକୁ ଉଠୁ ଗଣତନ୍ତ୍ରର ମସ୍ତକ । ଯେତେ ଆତଙ୍କକୁ ଘରେ ବିଲେଇପରି ପୋଷିବ ପୋଷ !

ଆଦାମ୍, ଆସ ଏଇ ବଗିଚାକୁ ଆମେ ପିନ୍ଧେଇବା ପୋଷାକ । ସବୁଜ ଗଛର ବସ୍ତ୍ର, ଗୋଲାପର ବ୍ରେସିୟର ମୁଁ ପିନ୍ଧାଇ ଦେଉଛି, ଦେଖ । ତମାମ ଇଡେନ୍ ଫଳିଥିବା ଏଇ ଆପେଲ୍‌ଗୁଡ଼ିକ ଗୋଲଗୋଲ ମୋ ବକ୍ଷ ।

ଆଓ୍ୱାର ପ୍ଲିଜାଣ୍ଟ ଟାସ୍କ ଇଂଜଏନ୍‌ଡ୍ ।

ଶ୍ରମ ବଢୁଛି । ଆୟ ବଢୁଛି । ବ୍ୟୟ ଯେତେ କମାଇଲେ ବି ଅଭାବ ବଢୁଛି । ସରକାର ଯେତେ ଟଙ୍କା ଛାପିଲେ ବି ଗରିବୀ କ'ଣ କମୁଛି ? ହଁ, କମୁଛି, କାଗଜପତ୍ରରେ, କାଗଜପତ୍ରର ପୃଥୁଳତା ବଢୁଛି ।

ବଢ଼ିବାକୁ ଉତୁରୁ କ୍ରୟ କରିଛି ଇଭ୍ । ସେଇଥିପାଇଁ ବିଶ୍ୱାସ, ପ୍ରେମ ଓ ପୁଣ୍ୟ ବଡ଼ ଅସହଜ ଲାଗୁଛି ।

କାରଣ ତ ଠିକ୍ ଅଛି । ସେଇଥିପାଇଁ ପ୍ରଥମେ ଦୁହେଁ ହେବେ ଓବିଡିଏଣ୍ଟ ? ଦୁଷ୍ଟାମୀର ଯେତେସବୁ ଭାବନା, ସେମାନଙ୍କ ପ୍ରତି ଦୁହେଁ ବାଢ଼ିଲେ କୃତାଞ୍ଜଳି । ଚକ୍ଷୁ ଉଜ୍ଜ୍ୱଳିଲା ଏକ ମୂକ ଅଭିବ୍ୟକ୍ତିରେ । ପବନର ବୀଣା ବାଜିଲା ପତ୍ରର ଟିପରେ । ଗଠନମୂଳକ ଏକ ସ୍ପନ୍ଦନ ବଗିଚା ସାରା ଆଙ୍କିଲା ମାଣବସା ଚିତା ।

ଦେହଟା ପୁଣି ଏତେ ମିଠା । କି ମଧୁର ଏକାଦଶ ନର୍ତ୍ତକୀଙ୍କ ଗୀତର ମୂଳ ଭାଷା । ପଞ୍ଚକିନ୍ନର ଉପଭୋଗ କରୁଥିଲେ ସଂସାରର ପ୍ରଥମ ପାଚିଲା ଫଳର ସ୍ୱାଦ ।

ଆଦାମ୍, ଦେଖ ଦରକାରଠୁ ଫଳ ଅଧିକ ହୋଇଯାଇନାହିଁ ? ପୃଥିବୀର ପବନ ଘୋଷଣା କରୁଛି ସବୁ ପାପହୀନ ।

ମୁଁ ଯେହେତୁ ମଣିଷ, ଶାଶ୍ୱତ ମଣିଷ, ନିର୍ଦ୍ଦିଷ୍ଟ ଭାବେ ତୁମକୁ ଭେଟିଛି, ତୁମକୁ ଭେଟିଛି ପାଶବିକ, ତେଣୁ ମୁଁ ପ୍ରାପ୍ତ ହେବି ମୃତ୍ୟୁ । ମୁଁ ମାନବ ଦେହରେ ଈଶ୍ୱରଙ୍କ ପୋଷାକ ପିନ୍ଧିଛି । ଈଶ୍ୱରଙ୍କ ଖାଦ୍ୟ ତୁମ ଦେହରୁ ଭୋଜନ କରିଛି । ବୃକ୍ଷକୁ ପଚାର, ସିଏ କହିବ

Source: Author, Digitized by PPRACHIN, SOA

ମୋ ଅନୁଭୂତି । ଈଶ୍ୱରହୀନ ମାନବକୁ ମୁଁ ପୃଥିବୀକୁ ଛାଡ଼ିବି । ସିଏ ଈଶ୍ୱରଙ୍କୁ ପାଇଲେ ମଧ୍ୟ ଅଭିନେତା ବୋଲି ବୋଧ କରିବ । ତା'ର ସକାଳ ନଥିବ । ତା' ସକାଳସବୁ ମଧ୍ୟାହ୍ନରେ ଉପସ୍ଥିତ ହେବ । ସିଏ ଖୋଜିବ ସୁଖ, ତମାମ ଜୀବନ ଶାନ୍ତିର ସୁଗନ୍ଧ ପ୍ରାପ୍ତ ହେବାକୁ ଖୋଳୁଥିବ ନିଜର କବର ଖାତ ।
ମାଟି ଭିତରେ ଶାନ୍ତି ଥାଏ ତ ? ମାଟିର ସର୍ବଭକ୍ଷୀ ମୁଖ ।
ଆଁ କରିଛି ମାଟି, ସେଇ ଆଁ ଭିତରେ ସବୁ ପଶି ଚାଲିଛି ।

ସତ୍ୟପକ୍ଷୀ ଦେଖୁଛି, ମୃତ ମଧୁକୈଟଭର କ୍ଷୁଧା ଏବେ ମଧ୍ୟ ବଞ୍ଚିଛି । ଯେମିତି ମଣିଷ ଭିତରେ ଅତି ସାଧାରଣ ଓ ସ୍ୱାଭାବିକ ଭାବେ ଅତୀତ ବଞ୍ଚି ରହୁଛି । ବର୍ତ୍ତମାନକୁ ସମ୍ଭୋଗ କରିପାରୁନାହିଁ ମାନବ । ଅତୀତର ରତିରେ ରତ ରହୁଛି । ସୁଖ ପାଉଛି ? ବରଂ ଅଲିଭା ଚିତାରେ ଜଳୁଛି ଚୈତନ୍ୟ । ଜୀବନର ଅଙ୍କ ଭୁଲ୍ ହୋଇ ରହିଛି ।

'ନାରୀ' ଶବ୍ଦଟିର ଅର୍ଥ କ'ଣ ?

ହିନ୍ଦୁ ମନ ଭୂମିରେ ମା' ଏବଂ ଯାହାକୁ ମା' ବୋଲି ସ୍ୱୟଂ ଶ୍ରୀକୃଷ୍ଣ ଡାକିଛନ୍ତି । ଏହି ଶବ୍ଦଟି ଅମାପ ପବିତ୍ର ଥରେ ନୁହେଁ, ଚିରକାଳ । ମା',ଏଇ ଶବ୍ଦଟିରେ ଆରକ୍ଷିତ ବିପୁଳ ଆବେଗ ଓ ଅନୁଭବ । ଏହି ଶବ୍ଦଟି ଯେମିତି ଗୋଟେ କିମିଆ ପଥର ।

ମାତୃତ୍ୱ ଏକ ଅନ୍ତଃ ଜୀବନର ଭିତ୍ତିଭୂମି । ଯାହାର ଗତି ଅତି ଭଦ୍ର ଭାବେ ସମ୍ମୁଖରେ ହୁଏ ପ୍ରତିଫଳିତ । ଯେତେବେଳେ ମୃତ୍ୟୁ ଦାନବ ଆଁ ଖୋଲି ପାଣ୍ଡବମାନଙ୍କ ସମ୍ମୁଖରେ ହେଉଥିଲା ଉପସ୍ଥିତ, ସେମାନେ ସ୍ମରଣ କରୁଥିଲେ ଇଷ୍ଟନାମ ମା' ।
ମା', ତୁମେ ଅରକ୍ଷିତକୁ ରକ୍ଷ ।

ଉତ୍ତୋଳିତ ବିପଦର ଖଡ୍‌ଗ ହୀନବୀର୍ଯ୍ୟ ହୋଇ ହେଉଥିଲା କୋଷବଦ୍ଧ ।

ମା' ଏକ ଆଙ୍ଗିକ ନୁହେଁ, ଏକ ଅନାହତ ନାଦ । She is the force, the inevitable word, ଲେଖିଛନ୍ତି ଋଷି ଶ୍ରୀଅରବିନ୍ଦ । ସିଏ ଏକ ଶକ୍ତି, ଏକ ଅପରିହାର୍ଯ୍ୟ ଶବ୍ଦ ରୂପରେ ଦୃଶ୍ୟ ହୁଅନ୍ତି । ମା'ର ହୃଦୟ ଏତେ ବିଶାଳ ଯେ ତା' ଭିତରେ ବିଲୀନ ହୋଇଯାଏ ସମଗ୍ର ସଂସାର ।
ମା' ରସ-ଧ୍ୱନିରେ ବ୍ରହ୍ମାନୁଭବ ।

ଶିଶୁ କରୁଛି କର୍ମ ଯୋଗ : କୁଆଁ, କୁଆଁ, କୁଆଁ; ମା ମୋ ପାଖକୁ ଆସ । ମତେ ତୁମ ମୁଖନିଃସୃତ ଶବ୍ଦଟିଏ କୁହ । ଆଇ ନୀଡ୍ ୟୁ । ଆଇ କ୍ୟାନ୍‌ନଟ୍ ଲିଭ୍ ଉଇଦାଉଟ୍ ୟୁ ।
ମା' ମୋ ପାଖକୁ ଆସ ।

ଆଲୋକ, ଆନନ୍ଦ ଓ ସତ୍ୟ ଆଡ଼କୁ ଜୀବନର ଫୁଲଟି ଢଳୁଛି । ମିଥ୍ୟାର ଆବରଣକୁ ମା'ନାମର ମନ୍ତ୍ରର କ୍ଷୁର ଚିରୁଛି ।

Source: Author, Digitized by PPRACHIN, SOA

॥ ନଦୀର ଛଂଦ ॥

ସତ୍ୟପକ୍ଷୀ ଜାଣୁଛି, ତା'ର ପକ୍ଷୀ ଜନ୍ମ ଘଟିଛି ଏବଂ ଇମିତି ଥରକୁ ଥର ସିଏ ପକ୍ଷୀଟିଏ ହୋଇ ଜନ୍ମ ଲାଭ କରୁଛି !

ମଣିଷ କ'ଣ ଜାଣିଛି ତା'ର ମାନବ ଜନ୍ମର ମହତ୍ତ୍ୱ ? ପୁଣି ଥରେ ସିଏ ମାନବ ଜନ୍ମ ଲାଭ କରିବ ବୋଲି ତା'ପାଖରେ ଅଛି କିଛି ଗ୍ୟାରେଣ୍ଟି ?

ସୌନ୍ଦର୍ଯ୍ୟ ଓ ଆନନ୍ଦ ଜୀବନ ପାଦପର ପୁଷ୍ପ ଦୁଇଟି ! ଫଳ ଗୋଟିଏ – ସତ୍ୟ ! ତାହାକୁ ଉପଲବ୍ଧି କରୁନାହିଁ ଅର୍ଥ ତୃଷିତ ଅମାର୍ଜିତ ମଣିଷ !
ଲୁଗାକୁ ସଫା କରେ ସାବୁନ !
ଅମାର୍ଜିତ ମଣିଷକୁ ସଫା କରିବ କିଏ ?

ବୁଶ୍ ଓ ମୁଶାରଫ୍ ଏକ ସ୍ୱରରେ ଗୋଟିଏ ଟି.ଭି. ଚାନେଲ୍ ସାମ୍ନାରେ ଠିଆ ହୋଇ ଉଚ୍ଚାରଣ କଲେ 'ଗୁଳି' କିମ୍ବା ଯେମିତି ସଦ୍ଦାମକୁ ଫାଶୀ !

ଗଡ୍ ହାଥ୍ ସେଡ୍ : ବଗିଚାର ଫଳକୁ ଖାଇବ ନାହିଁ ! ଛୁଇଁବ ବି ନାହିଁ ! ଯଦି ଖାଅ କି ଛୁଅଁ, ମରିବ !
ମୃତ୍ୟୁ କ'ଣ ଈଶ୍ୱରଙ୍କ ଦାନ ?
ବରଂ ଭାରି ବୋଧ ହେଉଛି, ଓଃ, ଖୁବ୍ ଭାରି ! ଭୟର ଆବୁଆଳଟି ଘୁଞ୍ଚାଇ ଦେଲା ମୃତ୍ୟୁ ! ଛାତିଟା ହାଲୁକା ଲାଗିଲା ! କ୍ଷୁଧାର ଆଁଟି ଖୋଲିଗଲା !
ନିଷିଦ୍ଧ ଫଳର ଦ୍ୱାର ଦେଇ ଘଟିଲା ମୃତ୍ୟୁର ଉଦ୍‌ଘାଟନ !

ଇଭ୍ ଦେହର ଫୁଲଶେଯ ଭିତରେ ଆଦାମ୍‌ର ଅହଂକାର ଖୋଜୁଥିଲା ଜ୍ଞାନକୁ; ପାଇଗଲା ପୁଣ୍ୟ ! ଏତେ ମିଠା ! ମୃତ୍ୟୁର ସ୍ୱାଦ ତେବେ ନୁହେଁ କଦର୍ଯ୍ୟ ? ?

ଈଶ୍ୱରଙ୍କ ଦଣ୍ଡ ବଦଳି ଯାଇ ହୋଇଗଲା ସ୍ୱାଦ ! !

ମେଣ୍ଢା ଓ ପେଚା ମଧ୍ୟରେ ଗଢ଼ି ଉଠିଲା ଗୋଟିଏ ସଂପର୍କ ! ଦୁଇଟି ମହାସତ୍ୟ ଗୋଟିଏ ସୂତ୍ରରେ ସାମ୍ନାସାମ୍ନି ହେଲେ ଆବଦ୍ଧ ! ବିଜ୍ଞାନ ଓ ଇଂଜିନିୟରିଂ କେହି କାହାକୁ ଛାଡ଼ିପାରିବେନି !
ସେଇମାନଙ୍କ ସଂପତ୍ତି ମାନବ !

ମାନବଠୁ ନାହିଁ କେହି ଉତ୍ତମ ! ଡେମୋକ୍ରିଟସ୍ ଖ୍ରୀଷ୍ଟପୂର୍ବ ୩୭୦ରେ କରିଥିଲେ ଘୋଷଣା,ସଂସାରରେ ମାନବ ବସ୍ତୁବ ! ଆଉ ଯାହାସବୁ କୁହାଯାଉଛି, ତାହା ସୁଧୁ ମତ ! ଗର୍କୀ ଜାଣି ନଥିଲେ ତାଙ୍କ ବହିଠୁ ସିଏ ଆହୁରି ଶ୍ରେଷ୍ଠ ! ପ୍ରତ୍ୟେକ ଲେଖକ ନିଜ ରଚନାଠୁ ଆହୁରି ଉଚ୍ଚ ?
ଗର୍କୀଙ୍କୁ ପଚରା ଗଲା – ନାରୀ କହିଲେ କ'ଣ ବୁଝ ?

Source: Author, Digitized by PPRACHIN, SOA

ଚୁପ୍‌ଚାପ୍ ବସି ସିଏ ଲେଖିଗଲେ ଫର୍ଦ୍ଦ ପରେ ଫର୍ଦ୍ଦ, ପ୍ରାୟ ତିନିଶହ ଫର୍ଦ୍ଦ, କେବଳ ଗୋଟିଏ ଶବ୍ଦ : ମା' !

କାଳର ନଥିପତ୍ରରୁ ଆତ୍ମାର ସୁଦୀର୍ଘ ଋଣର ଭାର ପୋଛି ଦିଏ ଯାହାଙ୍କ ପାପୁଲି । ଜନ୍ମଜନ୍ମରୁ ଜୀବର ବେକରେ ବନ୍ଧା ନିୟତିର ଜୁଆଳି ଯିଏ ଖୋଲି ଦିଅନ୍ତି କେବଳ ଗୋଟିଏ ମୁହୂର୍ତ୍ତର ଆବାହନରେ, ସିଏ ଏଇ ମା' !

କ୍ରୁଶ ଉପରୁ ଜନ୍ ଆଡ଼କୁ ଆଙ୍ଗୁଠି ଟେକି ଖ୍ରୀଷ୍ଟ କହିଲେ ମେରୀଙ୍କୁ, ଦେଖ ତୋ ପୁତ୍ରକୁ, ନାରୀ !ଏବଂ ଜନ୍‌କୁ : ଦେଖ ତୋ ମା'କୁ! ମା'କୁ!

ସ୍ତ୍ରୀ ଅର୍ଥ ବୁଝିଥିଲେ ଖ୍ରୀଷ୍ଟ ନିଜ ମା'ଙ୍କୁ, ଯାହାଙ୍କ ସ୍ନେହ ଅମାପ ! ଯାହାଙ୍କ ଦୟା ସହନଶୀଳତା, କରୁଣା ଓ ପ୍ରେମ ଅମିତ ! ସୃଷ୍ଟିର ଗାଢ଼ତମ ଅନ୍ଧକାର ମଧ୍ୟରୁ ସେ ହିଁ ଆତ୍ମାକୁ ଉଦ୍ଧାର କରି ଶିମ୍ବ ମଞ୍ଜିର ବାହ୍ୟ ଆସ୍ତରଣ ବିଦୀର୍ଣ୍ଣ କରି ମୁକୁଳିତ କରାନ୍ତି କଅଁଳ ଛନ ଛନ ସାଗୁଆ ବୀଜପତ୍ର । ଜୀବକୁ ଦିଅନ୍ତି ଜନ୍ମ !

ଆତ୍ମାର ଘଟେ ଅବତରଣ ! ସର୍ଜନାର ଅକାଳବୋଧନ ? ସୃଷ୍ଟି ନଦୀର ଛନ୍ଦର ହୁଏ ଅନୁରଣନ !

ପ୍ରାପ୍ତେଷୁ:
ଶ୍ରୀଯୁକ୍ତ ରୋମାଁ ରୋଲାଁ,

ପ୍ରିୟବନ୍ଧୁ,
ସର୍ଜୀ ୟେସ୍‌ନିନ୍‌ର ଚାରିତ୍ରିକ ନାଟକ ଖୁବ୍ ଉଚ୍ଚ ! ଗାଉଁଲି ଟୋକା, ଭାରି ରୋମାଣ୍ଟିକ୍, ଭାରି ଗୋଟାଏ କବି ! ଗାଁ ଧାନବିଲ, ସବୁଜ ବନ, ଆକାଶ, ଆନିମଲ୍ ଓ ଫୁଲ ସହିତ ତାର ହୋଇଥିଲା ପ୍ରେମ ! ଗୋଟିଏ ଆଦିମ ଜୀବନ, କେତେ ନିରୋଳା ସୁଷମା ତାର !

ମୁଣ୍ଡରେ ଘଞ୍ଚ ବାଳ, ନୀଳ ଆଖି, ବିଶୁଦ୍ଧ ପ୍ରବାଳ ! ଗୋଟିଏ ବଣିଆ ପରି ତାର ପୋଷାକ !
ଯେଉଁଦିନ ସିଏ ସହରରେ ଦେଇଥିଲା ତା'ର ପହିଲି ପାଦ !
ତା' ବୟସ ମାତ୍ର ଅଠର !

ବନ୍ଧୁମାନେ ତାକୁ ଉପହାର ଦେଲେ ମଦ୍ୟ ! କିନ୍ତୁ ମହିଳାମାନେ ଚୋଷିଗଲେ ତା' ରକ୍ତ ! ଉକ୍ତ ବିଷୟରେ ସିଏ ଲେଖିଥିଲା କେତେଗୁଡ଼ିଏ ଚମତ୍କାର ଗୀତ ! ବିଷାଦର ଗୁଣ୍ଡାମାନେ ତାକୁ କରିଦେଲେ ଗୁଣ୍ଡଗୁଣ୍ଡ ! ନିଜ ହାତର କଚଟି କାଟି ସିଏ ରକ୍ତରେ ଲେଖିଥିଲା ଆଠଟି ପଂକ୍ତି ! ଏଠି ଉଦ୍ଧୃତ କଲି ଦୁଇଟି :
'ମରିବାରେ ନାହିଁ କିଛି ନୂତନତ୍ୱ ଅବଶ୍ୟ
ତଥାପି ବଞ୍ଚିବାରେ ମଧ୍ୟ, ବରଂ ହୁଏ ବୋଧ ପୁରୁଣା ହେଲାଣି !'

Source: Author, Digitized by PPRACHIN, SOA

ସେତେବେଳେ ତା' ବୟସ କୋଡ଼ିଏ। ସେହି କବିଟି ସହରରେ ଜଣେ ସହାୟକ ସେଲସ୍‌ମ୍ୟାନ୍‌। ଦୁଃଖ, ଛଳନା ଓ ଯାତନାରେ ସିଏ ହୁଏ ସହର ପ୍ରତି ପ୍ରତିଶୋଧ ପରାୟଣ। ମୁଁ ଭାବୁଚି ତା'ର ସବୁ ଦୁଃଖର କାରଣ ସେହି ବୁଢ଼ୀଟା ସହିତ ତା' ସଂପର୍କ। ଇଶାଡୋରା ଡନ୍‌କାନ; ଯାହାପାଇଁ ପ୍ରାଣ ତା'ର ଯାତନାରେ ଉଠିଚି ଜଳି। ସିଏ ଲେଖିଚି ତା' ଦୁଃଖର କାହାଣୀ।

ଏଇ ସକାଳେ ମୁଁ ପାଇଥିଲି ଡାକରୁ ତା' କବିତା। ଯାହାକୁ ପଢ଼ି ଦୃଢ଼ ହୋଇଗଲା ମୋ ଧାରଣା,ଇଶାଡୋରା ଡନ୍‌କାନ୍‌ ପାଇଁ ନିଜକୁ ମାରିଦେଲା ଆଗାମୀପରି ଉଜ୍ଜ୍ୱଳ ଟୋକାଟା। ସିଏ ଲେଖିଥିଲା -

'ମୁଁ ଭାବିଥିଲି
ସେଇ ନାରୀଟି ମତେ କରିପାରେ ସୁଖୀ
କିନ୍ତୁ ସବୁ ସତ୍ତ୍ୱେ
ସିଏ ମୋ ପାଇଁ ଆଣିଥିଲା ଦୁର୍ଭାଗ୍ୟ
ମୁଁ ଜାଣିନଥିଲି ପ୍ରେମ ଥିଲା ଏକ ରୋଗ
ମୁଁ ଜାଣି ନଥିଲି ଏହା ପ୍ଲେଗଠୁ ମାରାତ୍ମକ

ସେଇ ନାରୀଟି ଆସିଥିଲା
ନିକ୍ଷେପ କଲା ତା' ଦୃଷ୍ଟି
ଯେମିତି ଚାବୁକ ସଦୃଶ ଗତି
ଏବଂ ବ୍ୟବସ୍ଥା କରିଥିଲା ଗୋଟିଏ ଦୁର୍ବୃତ୍ତର
କରିବାକୁ ଅଗ୍ନିସଂଯୋଗ।'

ବଡ଼ ମାରାତ୍ମକ। ଋଷୀୟ ଲେଖକମାନଙ୍କ ଜୀବନ ଖଣ୍ଡିଏ ଖଣ୍ଡିଏ ସମୃଦ୍ଧ ନାଟକ। ୟେସନିନ୍‌ ଜୀବନ ତନ୍ମଧ୍ୟରେ ଏକ। ବଡ଼ କାରୁଣ୍ୟାତ୍ମକ।

ପ୍ରିୟ ବନ୍ଧୁ, ମତେ କ୍ଷମାକରି ଦିଅ ଏପରି ଏକ ବିଷର୍ଣ୍ଣ ପତ୍ର ପାଇଁ ।

ପଠେଇଚ ଫଟୋ। ତମକୁ ଧନ୍ୟବାଦ ମୋ।

ନିଷ୍ଠାର ସହିତ ଅଭିବାଦନ କରୁଚି,

ଏମ୍‌.ଗର୍କୀ

ବଞ୍ଚିବାରେ ନୂତନତ୍ୱ ନାହିଁ? ମୃତ୍ୟୁରେ ବି ନୂତନତ୍ୱ କାହିଁ? ଯେମିତି ଗୋଟିଏ ମାମୁଲି ଘଟଣା। ୟେସନିନ୍‌ ଦଉଡ଼ି ଦେଇଦେଲା। ବରଂ ଖଣ୍ଡିଏ ରସି ଦ୍ୱାରା ନିଜ ତଣ୍ଟିଚିପି ଶ୍ୱାସରୁଦ୍ଧ କରି ନିଜକୁ ମାରିଦେଲା।

Source: Author, Digitized by PPRACHIN, SOA

ଚଇତ ଓଠର ଚିଠି ବୁଢ଼ାଜେନାକୁ ପଚାରିଲା, ତୁମ ଶୂନ୍‌ଶୂନ୍ ଆର୍ଟିଷ୍ଟ ଠୋ ଫଟାସ ଇମିତି ମରିଥିଲା ? ନା'ତୁମେ ଦଳେ ମଦ୍ୟପ ତାକୁ ମଦ ପିଆଇ ପିଆଇ ଶ୍ୱାସରୁଦ୍ଧ କରି ମାରିଦେଲ ?

ମୃତ୍ୟୁ କ'ଣ ?

ମୃତ୍ୟୁ ଏକ ବୃହତ୍ତତମ ଫଙ୍କସନ୍ !

ଅନ୍ୟମାନଙ୍କ ସହିତ ସୁଖରେ ବଞ୍ଚିବା ଏକ ବୃହତ୍ତତମ ଚାଲେଞ୍ଜ !

ଯୌନ ସଂପର୍କ ଅହଂକାରର ଶ୍ରେଷ୍ଠତମ ବାଜି ! ଚଇତ ଓଠର ଚିଠି ଗଲା ଜିଣି ?

ପ୍ରେମ ଦୁଇ ପ୍ରକାର Need-love ଓ Gift-love ।

ଶିଶୁଟିଏ ଜନ୍ମ ହେଲା ! ତା' ଜୀବନ ନିର୍ଭର କରେ ମା' ଉପରେ ! ମା' ପ୍ରତି ତା' ପ୍ରେମ Need-love । ଜଣେ ପରିପକ୍ୱ ମନୁଷ୍ୟର ଅଛି, ସିଏ ଦେଇପାରେ, ଯେଉଁ ପ୍ରେମ ତା' ଉପରେ ନିର୍ଭର କରେ ପ୍ରଦାନ କରିବା, ସିଏ ପ୍ରଦାନ କରିଥାଏ Gift-love । ଏହା ଏକ ସଂପର୍କ ନୁହେଁ ! ନିଜ ଭିତରେ ଭାରି ହୋଇପଡ଼ିଥିବା ଏକ ସତ୍ତା !

ଏହାକୁ ଅନ୍ୟକୁ ଦେଇ ଦେବାପରେ ଜୀବନ ହୋଇଯାଏ ଫୁଲପରି ହାଲୁକା !

ୟେସନିନ୍‌ର ଜୀବନ ଭାରର ଓଜନ ହୋଇଯାଇଥିଲା ଖୁବ୍ ଅଧିକ ! ତାକୁ ବହନ କରି ଚାଲିବା ଯେତେବେଳେ ବୋଧହେଲା ଅସମ୍ଭବ, ସିଏ କରିଦେଲା ତ୍ୟାଗ ! ନଦୀର ସ୍ରୋତ ଲଭିଲା ମୃତ୍ୟୁ ସଙ୍ଗମ !

ଚିରିଗଲା ଉର୍ବଶୀର ଚିଠି ! ଚଇତ ଓଠର ଚିଠିରୁ ଲିଭିଗଲା ଲାଲ ଲିପ୍‌ଷ୍ଟିକ୍ !

ମା', ଏହା ତୁମରି କୃତୀ ନା' ?

ବୃନ୍ତରେ ଫୁଲ ଫୁଟାଇବା ଓ ବୃନ୍ତରୁ ଫୁଲ ଝରାଇବା, କାମ ଆଉ କା' ?

କାଳୋ ଧାତାହଂ ବିଶ୍ୱତୋମୁଖଃ !

ସଂସାର ଆଡ଼କୁ ମୁହଁ କରିଛି ସମୟର ତୋପ !

କାଳଃ କାଳୟତାମହମ୍ !

ମୁଁ କାଳ, କଳନା କରୁଛି ମନୁଷ୍ୟର ଗତି, ପ୍ରଗତି ଓ ଅଗ୍ରଗତି !

ପୁଣି – ମୃତ୍ୟୁଃ ସର୍ବହରଶ୍ଚାହମ୍ !

ସମସ୍ତଙ୍କୁ ଅପହରି ନେବି ! ପୋଛି ଦେବି କପାଳର କଳାପଟାରୁ ଆୟୁଷର ଅକ୍ଷର !

ପ୍ରଜ୍ୱଳିତ ବଡ଼ବାଗ୍ନି ମୁଖ, ପର୍ବତାକାର ଭୟାନକ ଦନ୍ତ, ତା' ଭିତରେ ପ୍ରବେଶ କରୁଛି ଗୋଟିଏ ସ୍ରୋତ ! ପାର୍ଥିବ ସଂସାରର ସ୍ରୋତ ମହାକାଳର ମୁଖରେ ହେଉଛନ୍ତି ବିଲୀନ ! ଯେମିତି ପ୍ରଦୀପ୍ତ ଦିଗକୁ 'ପତଙ୍ଗା ବିଶନ୍ତି'; ବସ୍ତୁ ଓ ଜୀବସ୍ରୋତ ସେମିତି ଦୌଡ଼ୁଛନ୍ତି !

Source: Author, Digitized by PPRACHIN, SOA

॥ ନଦୀର ଛଂଦ ॥

କାଲୋଽସ୍ମି.... ମୁଁ କାଳ ସମୁଦ୍ର ! ଲୋକ କ୍ଷୟ କୃତ୍ ପ୍ରବୃଦ୍ଧୋ ! ଲୋକ କ୍ଷୟ କରିବା କର୍ମରେ ବ୍ୟସ୍ତ ! ସମସ୍ତଙ୍କୁ ପୋଛି ନେବି ! ପୋଛି ନେବି ! ଭୀଷ୍ମ, ଦ୍ରୋଣ, ଅର୍ଜୁନ, କର୍ଣ୍ଣ ଓ ଶ୍ରୀକୃଷ୍ଣ କେହି ମୋ ଆକର୍ଷଣର ସ୍ରୋତରୁ ହୋଇପାରିବେନି ମୁକ୍ତ !

ମୟା ହତାଂସ୍ତ୍ୱାମ୍ !

ଜୀବଜନ୍ମ ହେବାମାତ୍ରେ ତାକୁ ମୁଁ ମାରି ଚାଲିଥାଏ ! ଜୀବନ ? ମୃତ୍ୟୁ ଆଡ଼କୁ ଜୀବନ ଗତିର ନାମ ! ଘୂରି ଘୂରି ଶେଷକୁ ସିଏ ପହଞ୍ଚିବ ଯେଉଁଠି,ସେଇଟା ତାର ଶେଷ ଷ୍ଟେସନ୍ !

ଗର୍କୀଙ୍କ ପ୍ରିୟ କବି ୟେସନିନ୍ ମରିଗଲା ?

ମରିଗଲା ଚଇତ ଓଠର ଚିଠି ! ବୁଢ଼ା ଜେନା, ଉପନ୍ୟାସ ନାମରେ ତୁମେ ବି ଗୁଡ଼ାଏ ଅରୁଚିକର ଶବ୍ଦ ଲେଖି, ତୁମ ପ୍ରିୟବନ୍ଧୁ ଦ୍ୱାରା ବେନାମୀ ଚିଠି ଥାକ ଥାକ ଲେଖାଇ ମରିଯିବ ! ମହାକାଳର ଲଫାପା ଭିତରେ ରହି ଯିବ ତୁମ ଦେହର କାମିଜ !

ନ ଜାୟତେ ମ୍ରିୟତେ ବା କଦାଚିତ୍... ! ଅଜୋ ନିତ୍ୟଃ ଶାଶ୍ୱତୋଽୟମ୍ !

ତୁମେ ଶୁଣୁଚ ଯେଉଁ ନଦୀର ଛନ୍ଦ, ତାର ନାହିଁ ଜନ୍ମ, ନାହିଁ ମୃତ୍ୟୁ, ଶୁଣୁଥିବ ଇମିତି ଯୁଗକୁ ଯୁଗ ! ସାମାଜିକ ଜୀବନର ଭୂମିରେ ପରିଧାନ କରୁଥିବ କେବଳ ଖଣ୍ଡିଏ କୃଷ୍ଣବର୍ଣ୍ଣର ସାର୍ଟ !

ତୁମ ନାମ ତଳେ ମୁଁ ଲେଖି ଦେଉଛି କେବଳ ଗୋଟିଏ ଶବ୍ଦ, ଧିକ୍ !

ହେ କାଳନଦୀ, ଏହାକୁ ତୁମେ ପୋଛି ପାରିବ ?

ଚିକ୍ଷୁର ବର୍ଷୁଚି ଶର ଯେମିତି ଆଷାଢ଼ ମେଘର ଜଳ !

ଲେଖ ଯେତେ ଅରୁଚିକର ଅଶ୍ଳୀଳ ବେନାମୀ ପୋଷ୍ଟକାର୍ଡ, ଲେଖ ! ତୁମ ଗୁରୁ ତୁମ ପ୍ରଶଂସାର ତାଳିରେ ତା' ହୁଇସ୍କିର ଫର୍ଦ୍ଦସବୁ ଭରୁ ! ମାତ୍ର ଗୋଟିଏ ମ୍ୟାଚିସ୍ କାଠି ପାଉଁଶ କରି ଦେବ ତୁମ ଗୁରୁଙ୍କ ବାରବର୍ଷର ଲମ୍ୱିଲା ଦାଢ଼ି ! ଠିକ୍ ସେମିତି ଶୂନ୍ୟକୁ ଉଠିଲା ଗୋଟିଏ ପଦ୍ମଫୁଲିଆ ପାପୁଲି ! ଶୂନ୍ୟରୁ ଚକ୍ ଚକ୍ ତୀରଟିଏ ପୂର୍ଣ୍ଣ କଲା ପାପୁଲିର ଶୂନ !

ଦେବୀ ନିକ୍ଷେପ କଲେ ଶର !

ରଥ, ଅଶ୍ୱ, ସାରଥି ଓ ଚିକ୍ଷୁରର ଦୀର୍ଘକାୟ ଧନୁ ଛିନ୍ନଛତ୍ର ହୋଇ ଭୂତଳେ ପଡ଼ିଲା ! ତୀକ୍ଷ୍ଣ ଧାରଯୁକ୍ତ ଖଡ୍‌ଗ ହସ୍ତ, ପଦରେ ଧାବମାନ ଦୈତ୍ୟ, ସିଂହର ମସ୍ତକରେ ବସାଇଲା ଚୋଟ ! ଦେବୀଙ୍କ ବାହୁରେ ବିଦ୍ୟୁତ୍ ବେଗରେ କଲା ଆଘାତ ! ସିଏ ବିଦ୍ୟୁତ୍‌କନ୍ୟା ! ତାଙ୍କ ଶରୀର ସ୍ପର୍ଶରେ ଖଡ୍‌ଗ ଖଣ୍ଡଖଣ୍ଡ ହୋଇ ହେଲା ଭୂତଳେ ପତିତ ! ଏଥର ଅସୁର ଶୂଳ ହସ୍ତ !

କୋଟି ସୂର୍ଯ୍ୟର ପ୍ରଭାପୁଞ୍ଜ ଦିଗକୁ କଲା ନିକ୍ଷେପ ! ତରଳି ଜଳଧାରାପରି ନିମ୍ନକୁ କଲା ଗତି !

Source: Author, Digitized by PPRACHIN, SOA

ହାସ୍ୟର କୁଟିଳ ରେଖାଟିଏ ମୁଖର କୃଷ୍ଣ ପଦ୍ମରେ ଉଠିଲା ଉକୁଟି ! ମାତ୍ର ଗୋଟିଏ ତୀର ତୂଣୀରରୁ କାଢ଼ି ଦେବୀ କଲେ ନିକ୍ଷେପ; ରୁଣୁଝୁଣୁ ବାଜିଲା ନୂପୁର ! ଶୁଭିଲା ନଦୀର କମ୍ର ନିନାଦ ! କି ଅପୂର୍ବ ସେ ଛନ୍ଦ !

ଟଳିପଡ଼ିଲା ସ୍ୱର୍ଦ୍ଧିତ ଦୁର୍ଗନ୍ଧ ! ବୁଢ଼ାଜେନାର ଫ୍ରେଞ୍ଚକଟ୍ ଦାଢ଼ି !

ମାତ୍ର ଗୋଟିଏ ଡିଆସିଲ୍ କାଠି ! !

ବିୟର, ବ୍ରେସିୟର ଓ ବାଳ-କିଛି ରହିଲାନି ? ଥ୍ୟାଙ୍କ ୟୁ, ବେଣୁ ପାଢ଼ୀ ! ବୁଢ଼ାଜେନା ଏବେ କାପୁରୁଷ ହୋଇଗଲାଣି !

ଏବେ ତ ଆଉ ତା' ପୋଷା କୁକୁରଟା ଭୁକୁନି ? ପୁରୁଣାଷ୍ଟାଣ୍ଡରେ ବାଡ଼ିଆ ଖାଇବା ଦିନରୁ କୁକୁରଟା ମଲାଣି !

ତା ଗୋଟେ ମୁନିଆ ଦାନ୍ତକୁ ସୁନାଚେନ୍‌ରେ ବାନ୍ଧି ବୁଢ଼ାଜେନା ଏବେ ବେକରେ ଝୁଲାଇଛି ! ଯେମିତ ବାର୍‌ହା ଦାନ୍ତ ! ଡରା ଚମକାରୁ ରକ୍ଷା କରିବ ?

ଚିଷ୍ଣୁର ମରିଗଲା, ଏଥର ଆସିଲା ସେନାପତି ଚାମର ! ଐରାବତ ପରି ଗୋଟିଏ ବିରାଟ ହସ୍ତୀ ଆରୋହଣ କରିଛି ! ବହନ୍ତା ନଦୀର ଗତିକୁ ରୋଧିବ ବୋଲି ଗର୍ଜନ କରୁଛି ! କାଳନଦୀ କ'ଣ କାହା ଗର୍ଜନକୁ ଡରିଛି ?❑

Source: Author, Digitized by PPRACHIN, SOA

-ତିନି-

'ଭଲ ସାହିତ୍ୟ ଧାର୍ମିକ ଚେତନାର ଗଭୀରତାରୁ ହିଁ ନିସୃତ' ।

—ଡି.ଏଚ୍.ଲରେନ୍ସ

ସୋଲ୍‌ଝେନିତ୍‌ସେ ଆମକୁ କହନ୍ତି, ଘଟୁଚି କ'ଣ, କ'ଣ ଆମର ଘଟିଚାଲିଚି, କ'ଣ ଆମର ବିରୁଦ୍ଧାଚରଣ କରୁଛି ? ସେହି ଘଟଣାମାନ ଯାହା ଆମକୁ ପୀଡ଼ା ଦେଉଛି । ଇତିହାସର ଆପେକ୍ଷିକ ସ୍ଥାନ ବର୍ତ୍ତମାନ ଓ ଚିରକାଳ ।

ଇତିହାସ ଗୋଟେ ସାମାଜିକ ଭୂଗୋଳ । ମନସ୍ତତ୍ତ୍ୱ ଓ ନୃତତ୍ତ୍ୱ ତାର ଗୋଡ଼ । ଏପରି ଏକ ଐଶ୍ୱରିକ ଉପାଦାନ ଅନ୍ୟ କାହା ସୃଷ୍ଟିରେ ବିରଳ ।

ବର୍ତ୍ତମାନ ହୁଏ ଅତୀତ । କିନ୍ତୁ ଏଠାରେ ବର୍ତ୍ତମାନର ଗତି ବିପରୀତ । ତାହା ପାଲଟୁଛି ଭବିଷ୍ୟତ । ବର୍ତ୍ତମାନର ଛାତିକୁ ନଖର କ୍ଷୁରରେ ଚିରୁଚି ଅତୀତ । ଯାହା କ୍ଷରି ଖସି ପଡୁଚି ଭୂମି ଉପରେ ତାହା ଭବିଷ୍ୟତ । ସେହି ଭବିଷ୍ୟତର ଶସ୍ୟ ଦାନାକୁ ଥଣ୍ଟରେ ଖୁମ୍ପି ଖାଉଛି ସତ୍ୟପକ୍ଷୀ ।

ଅନ୍ତଃକରଣରେ ତାର ଟଗର ଫୁଟୁଚି । ଜ୍ଞାନର ପ୍ରସାଦରୁ ଟଗରର ଧବଳ ଔଜଲ୍ୟ ତା'ର ଆନନ୍ଦ ସୃଜନ କରୁଛି । ସେହି ଆନନ୍ଦ ଭିତରେ ଅନୁରଣିତ ହେଉଛି 'ଅନ୍ନଂ ଦେହି ତତଃ ସ୍ୱାହା ।' ନେପଥ୍ୟରେ ଉଗ୍ରତପା ମହର୍ଷି ଭୃଗୁଙ୍କ ଚକ୍ଷୁ ଦୁଇଟି ଆବାହନ ଓ ସମର୍ପଣ ମୁଦ୍ରାଯୁକ୍ତ ।

ମା' ଅନ୍ନପୂର୍ଣ୍ଣା । ତୁମେ ? ପ୍ରଥମ କାମନାର ମନ୍ତ୍ର ଓଁକାର ମଝିରେ କରୁଣାମୟୀଙ୍କ ବିବିଧ ଝଲକ ।

Source: Author, Digitized by PPRACHIN, SOA

କଳିଯୁଗ ଆସିଚି, କାକ ମୁକ୍ତା ଆହାର କରୁଛି ! କାକ ବଳି ଭୋଜି, ସେ ଯଦି ମୁକ୍ତାହାର କରେ ତାହା ତା'ର ବିପରୀତ କର୍ମ। ଅଘଟଣ ବଡ଼।

ସତ୍ୟପକ୍ଷୀ ଖୁମ୍ପୁଚି କ'ଣ ? କ୍ଷୁଧା। ଅଣ୍ଡରେ ତା'ର ଖାଦ୍ୟ ନୁହେଁ ତା' କ୍ଷୁଧାର ଖୁଦ। ମାଟିରୁ ସିଏ ଖୁମ୍ପି ଖାଉଛି ଅଭାବ। ମାତା ଅନ୍ନପୂର୍ଣ୍ଣା ତ ସୁବର୍ଣ୍ଣେଶ୍ୱରୀ, ତାଙ୍କୁ ଲଙ୍କାର ଦ୍ୱାରଦେଶରେ ବନ୍ଦୀକରି ରଖି ଆରାଧନା କରୁଛି ଲଙ୍କେଶ୍ୱର। ଏବେ ଜନନୀ ନାଚାର। ଶ୍ୱେତ ସୌଧ ଭିତରେ ତାଙ୍କୁ ଘେରି ରହିଛନ୍ତି ସହସ୍ର ପ୍ରହରୀ। ମା' ବରଦା ଓ ଅଭୟ ମୁଦ୍ରା।

ମୋ ନାଁ' ରେ କବଲା କରିଦିଅ ସୃଷ୍ଟିର ସବୁ ତେଲଖଣି। ଆମେରିକା ତୁମକୁ ଅନ୍ୟ କିଛି ମାଗିବନି ! ତୃତୀୟ ବିଶ୍ୱ ପାଇଁ ଏକ ଶତ ବର୍ଷ ପର୍ଯ୍ୟନ୍ତ ଦରକାର କେବଳ ଇନ୍ଧନ। ଇନ୍ଧନର ବିପଣନଠୁ ନାହିଁ ଅନ୍ୟ କିଛି ଶ୍ରେଷ୍ଠ କ୍ରୟ ବିକ୍ରୟ। ଭୋକିଲା ମଣିଷଙ୍କର ଖାଦ୍ୟ ଦରକାର ନାହିଁ, ଦରକାର ଏବେ ପେଟ୍ରୋଲ। ଦରକାର ଏବେ ଡିଜେଲ୍। ତା' ନହେଲେ କଳାଜନ୍ଦାଗୁଡାକ ସହରି ଜୀବନକୁ କେମିତି ଅସ୍ତବ୍ୟସ୍ତ କରିବେ ? ତୃତୀୟ ବିଶ୍ୱର ସମ୍ପତ୍ତି ଭୋକ, ଦାରିଦ୍ର୍ୟ, ବେକାରୀ ଓ ଅଭାବର ପଶା କାଠି କେମିତି ନାଲି, ହଳଦୀ, ନେଳି ଓ କଳା ପଶାପାଲି କୋଠି ଭିତରେ ପଶି ନିଜ ସମସ୍ୟାର ସମାଧାନ ଖୋଜିବ ?

ନିମ୍ନବର୍ଗ ଅର୍ଥ କ'ଣ ? ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି କେଉଁମାନେ ? ସେମାନେ ଅନ୍ୟ କେହି ନୁହନ୍ତି, ଆମରି ପ୍ରିୟ ଯଜମାନ। ଆମରି ହାତ ଯୋଡ଼ାରେ କୃତ୍ୟକୃତ୍ୟ ହୋଇଯାଇଥିବା ଭୋଟର।

ମମାଭିଳଷିତଂ ତତଃ। ତମ ଘରେ ଅଛ କେତେ ଲୋକ ? ପାଞ୍ଚ ଜଣ ? ନିଅ ପାଞ୍ଚ ଶତ। ଟେମ୍ପୋ ଆସିବ, ସମସ୍ତେ ଯାଇ ଭୋଟ ଦେଇ ଆସିବ। ମୋଟେ ଡରିବନି। ମୋ ଟୋକା ସବୁଠି ଅଛନ୍ତି।

'ଦି ରିଭୋଲ୍‌ଟ ଅଫ୍ ମାସେସ୍, ଦି ଥିମ୍ ଅଫ୍ ଆୱାର ଟାଇମ୍, ଦି ଇଏଣ୍ଡ ଅଫ୍ ରିଭଲ୍ୟୁସନ୍', ଖଣ୍ଡିଏ ବହି ଲେଖିଥିଲେ ଯୋଶି ଅରଟେଗା ୱାଇ ଗାସେଟ୍। କେତୋଟି ନୂଆ କଥା ଉଚ୍ଚାରଣ କରିଥିଲେ ଭଦ୍ରଲୋକ।

ଗୋଟିଏ ହେଲା-ଗୋଟିଏ ସମାପ୍ତିରେ ଆମେ ବଂଚୁଛୁ। ସେହି ସମାପ୍ତିଟି କୌଣସି ଗୁଣରେ ବିମୁଗ୍ଧ କରିବାଠୁ ନୁହେଁ କମ୍ ! ଆରମ୍ଭଠୁ ଏହା ଆହୁରି ମୂଲ୍ୟବାନ୍ !
ଭାଷା ଶିଖ, ଭୁଲିଯାଅ ଅବଶିଷ୍ଟ !

ସାହିତ୍ୟ ମୃତ। ଏହାର ଗୋଦାମ ଏବେ ବନ୍ଦ। ଯଦିଓ ସେମାନେ ପ୍ୟାରିସ୍‌ରୁ ଖୋଜି ପାଉନାହାନ୍ତି। ଉଇ ଆର୍ ଆନ୍ ଇଟରନାଲ୍ ରିବିଗ୍‌ନିଂ।

Source: Author, Digitized by PPRACHIN, SOA

କ୍ଷୁରସ୍ୟ ଧାରା ନିଶିତା ଦୁରତ୍ୟୟା ଦୁର୍ଗଂ ପଥ ତତ୍ କବୟୋବଦନ୍ତି ।

ଚାଲି ନ ଜାଣିଲେ ବାଟର ଦୋଷ ।

ସୋଲ୍‌ଝେନିତ୍‌ସେଙ୍କ ବଡ଼ ଭାଇ ଡଷ୍ଟୟିଭସ୍କି ହଠାତ୍ କହି ଉଠିଲେ, 'ଗଡ୍ ହାଜ୍ ଡିସାପିର୍ୟଡ୍, ବଟ୍ ଇଭିଲ୍ ହାଜ୍ ନଟ୍' !

ବିକାଶ ବା ଅଗ୍ରଗତି ସମାଜର ନିୟମ । ନିମ୍ନବର୍ଗର ଆଦର୍ଶ ଓ ଘଟୁଥିବା ଘଟଣା - ଜଣେ ଅନ୍ୟ ଜଣକୁ ଭଲ ପାଅ, ଏଇ ଜଗତ ମୋର ନୁହେଁ, ଈଶ୍ୱରଙ୍କର । ବିଶ୍ୱାସର ବନ୍ଧନ ସେମାନଙ୍କର ଶକ୍ତି । କିନ୍ତୁ ମହାରାଜ ବିଶ୍ୱନାଥ ପ୍ରତାପସିଂହମାନଙ୍କର ସାଡ଼ିଜିମ୍ ନଟ୍ ଉଇଦାଉଟ୍ ଆନ୍ ଇରୋଟିକ୍ ଇଲିମେଣ୍ଟ ।

'ଗୁଲାଗ୍ ଆର୍କିପେଲାଗ' ବହି ନଥିଲା ସୋଲଝେନିତ୍‌ସେଙ୍କ ଖଣ୍ଡିଏ ରାଜନୀତି ଦର୍ଶନ । ଏହା ଥଲା ଗୋଟିଏ ପ୍ରାଚୀନ ସମାଜର ବିଷୟ । ରାଜନୀତି ଏଥିରେ ଥିଲା । ଏଥିରେ ଥିଲା ପ୍ରାଣୀତତ୍ତ୍ୱ, ମନସ୍ତତ୍ତ୍ୱ, ଦର୍ଶନ ଓ ଧାର୍ମିକ ଥିମ୍ ।

ଭୟଙ୍କର ବାସ୍ତବତା ସହିତ ମଣିଷ ଯୁଝୁଛି । ଲୁଇସ୍ ବୁନୟେଲ୍‌ଙ୍କ 'ଲ୍ୟାଣ୍ଡ ଉଇଦାଉଟ୍ ବ୍ରେଡ୍' ଇଏ । ଗୋଟିଏ ସର୍‌ରିଆଲିଷ୍ଟ ସିନେମା, ଛୁରୀର ଧାରପରି ତୀକ୍ଷ୍ଣ, ମାର୍କ୍ୟୁସ୍ ଡି ସେଡ୍‌ଙ୍କ ଦୁଷ୍ପୋଷ୍ୟ କାରଣ ଉପରେ ଆଧାରିତ ।

ଏହା ମଣିଷର ଦୋଷ ନୁହେଁ, ଏହା ଈଶ୍ୱରଙ୍କ ତ୍ରୁଟି; ଯଦି ସମସ୍ତ ଦେଶମାନଙ୍କ ରାଷ୍ଟ୍ରପତି ବୁଶ୍‌ଙ୍କୁ କରି ଦିଆଯାଏ, ତଥାପି ତାଙ୍କ ଭିତରେ ଆଉ କିଛି ତୃଷା ବା ଅବଶୋଷ ରହିଥିବ ବାକି ।

'ଆଧୁନିକ' ଧାରଣାର ଅନ୍ତିମ କାଳରେ ପହଞ୍ଚିଥିଲୁ ଆମେ । ଏବେ ସେଇ ଧାରଣାର ଶତାବ୍ଦୀ ସଦ୍ଦାମ ସହିତ ତିରୋହିତ । ଯେଉଁ ନୂତନ ଧାରଣାର ବେ-ନଜୀର ଗୋଲାପ ଏସିଆ ପରିବେଶକୁ କରିଥିଲା ଉଦ୍ଦୀପିତ; ତାହା ଗୁଳି ମାଡ଼ରେ ମୂଳପୋଛ । ପ୍ରିୟଙ୍କା ଓ ରାହୁଲଙ୍କ ସେନ୍‌ସେକ୍ସ ଦଲାଲ ଷ୍ଟ୍ରୀଟକୁ ଏବେ ପକାଉଛି ଉଠାଉଛି । ମନମୋହନଙ୍କୁ ଚିଦାମ୍ବରମ୍; ଦୁହେଁ ଅର୍ଥନୀତି ଓ ମିଶାଣ ପଣ୍ଡିତ । ରାବଣଙ୍କ ସାମ୍ନାରେ ଶୁକ ଓ ସାରଣ, ଯୁକ୍ତ ହସ୍ତ ଉପସ୍ଥିତ ମନ୍ତ୍ରୀ ଦୁଇ ବିଚକ୍ଷଣ ।

ସୋଲ୍‌ଝେନିତ୍‌ସେ ଲେଖୁଛନ୍ତି, ଲେସନ୍ସ ଇନ୍ ଷ୍ଟାଇଲ୍, ଯାହା ଘଟୁଚି ତାରି କାବ୍ୟିକ ନନ୍ଦନତତ୍ତ୍ୱକୁ ସର୍‌ରିଆଲିଜିମ୍ କରି ଦେଉଛନ୍ତି । ଆଧୁନିକବାଦର ଗୋଦାମ ବନ୍ଦ ପରେ ଯେଉଁ ନୂତନ ରାସ୍ତାଟି ଲମ୍ବିଛି ସମୀକ୍ଷା ଓ ବିଶ୍ୱାସର ଛକ ଦେଇ ନୈତିକ ମୂଲ୍ୟବୋଧ ଆଡ଼କୁ ତାହା ପହଞ୍ଚିଛି ନିଜଠି ।

ନିଜେ ? ନିଜେ ସେଇ ଅଭାଗା । ତାର ଦାବୀ ଈଶ୍ୱରଙ୍କ ପାଖରେ ହେଉ ଅବା ଅସୁରଙ୍କ

Source: Author, Digitized by PPRACHIN, SOA

ପାଖରେ ହେଉ, ଏଭ୍ରିଥିଙ୍ଗ୍ ! ତା'ର ଅଛି କ'ଣ ? ଯେଉଁ ଶାଖାରେ ସିଏ ବସିଛି ତା'ନାଁ ଯନ୍ତ୍ରଣା !

ଯନ୍ତ୍ରଣାର ଡାଳରେ ଫଳେ ଯେଉଁ ଫଳ ତା' ନାଁ କ'ଣ ପ୍ଲେଜର୍ ?

ସତ୍ୟପକ୍ଷୀ ଖାଏ କ'ଣ ? ଯାହା ଖାଏ ତାହା ହଙ୍ଗର୍ ! ତା' ପାଖରେ ରାଏମଣ୍ଡ ଡ୍ରେସ୍ ନାହିଁ ! ରହିବାକୁ ଟାଟା, ଜିନ୍ଦଲ୍ ଓ ବେଦାନ୍ତମାନଙ୍କ ତିଆରି କଳିଙ୍ଗ ନଗର କାହିଁ ?

ଇର୍ଣ୍ଣେଷ୍ଟ ବ୍ଲଚ ଉଚ୍ଚାରଣ କଲେ ଗୋଟିଏ ସତ୍ୟ; ଆଇ ୟାମ୍ ହ୍ୱାଟ୍ ଆଇ ଉଇଲ୍ ବି ! ମୁଁ ଯାହା ମୁଁ ସେଇଆ ରହିବି !

ଡାଳର ପକ୍ଷୀ କି ବିପ୍ଲବ କରିବ ? ପବନ ବିରୁଦ୍ଧରେ ତାର କି ଅଭିଯୋଗ ? କିଏ ଶୁଣିବ ?

'ଆଇ ହାଭ୍ ସେଟ୍ ଟ୍ରାଏଲ୍‌ସ, ଏଭ୍ରିହୋୟାର...' ଡଷ୍ଟୟିଭସ୍କିଙ୍କ 'ଦି ପୋଜେସଡ୍'ର ଷ୍ଟଭ୍ରୋଜିନ ତାକୁ ଭଲ ପାଉଥିବା ଡରିଆ ପାଭଲୋନାକୁ ଲେଖିଚି, ଡିୟୁରିଂ ଦିସ୍ ଟ୍ରାଏଲ୍, ବିଫୋର ମାଇଁ ସେଲ୍‌ଫ ଅର୍ ବିଫୋର୍ ଦି ଅଦରର୍ସ, ମୋ ସାମର୍ଥ୍ୟ ପ୍ରମାଣିତ ହୋଇଛି ଅସୀମିତ !...ସେଇଥିପାଇଁ ନିଜକୁ ମୁଁ ଜୀବନ ଭିତରକୁ ନିକ୍ଷେପ କରୁଛି ! ମୁଁ ମୋ ମନକୁ ହରାଇ ପାରିଲି ନାହିଁ କିମ୍ବା ଧାରଣାକୁ ବଦଳାଇ ପାରିଲିନାହିଁ ! ତେଣୁ ଆଇ କୁଡ୍ ନେଭର୍, ନେଭର୍, ସୁଟ୍ ମାଇଁ ସେଲ୍‌ଫ ଇନ୍ ଦି ଟେଂପଲ୍ !

ସିଏ ଥିଲା ଜଣେ ଅସଂପୂର୍ଣ୍ଣ ନାସ୍ତିକ ! ସିଏ ଥିଲା ଅସଂପୂର୍ଣ୍ଣ ଧାର୍ମିକ ! ଠିକ୍ ସେମିତି ମୁଁ ??... ଅସଂପୂର୍ଣ୍ଣ ଧାର୍ମିକ ! ଅସଂପୂର୍ଣ୍ଣ ଆଧାତ୍ମିକ ! ମୁଁ ଖୋଜୁଛି ଭୀମଭୋଇଙ୍କ ଅମୁହାଁ ଦେଉଳ ଭିତରକୁ ପଥ !

ମା', ମା', ମା' ଏ' ମା... ! କ୍ରନ୍ଦନରତ ଅସହାୟ ଶାବକ ଡାକୁଛି ! ତା'ର ପ୍ରତିଟି ଉଚ୍ଚାରଣରେ ଅଭୀପ୍ସାର ଶିଖା ଊର୍ଦ୍ଧାୟିତ ହେଉଛି ଅସୀମ ଆକାଶ ପଥ ଦେଇ ଏକ ଅଦୃଶ୍ୟ ଲୋକକୁ !

ମଝିରେ ଅଖଣ୍ଡ ପରିବ୍ୟାପ୍ତ ଶୂନ୍ୟତା ବ୍ୟାପିଛି ଦୂରରୁ ସୁଦୂର ! ଅନନ୍ତ ଅନନ୍ତ କିଲୋମିଟର ! କ୍ରନ୍ଦନର ସ୍ୱର ଆଲୋକର ବେଗଠୁ ଆହୁରି ପ୍ରବଳତର ଭେଦ କରୁଛି ଶୂନ୍ୟତାର ସ୍ତର !

ଆଖି ଭିତରେ ପ୍ରଶ୍ନବାଚୀର କ୍ଷୁର ଚିରୁଛି ସନ୍ଦେହର ତରଭୁଜ ! ସାମ୍ନାଟା ନୀଳ, ଭିତରଟା କି ଲାଲ ଚହ ଚହ !

ଅବିଦ୍ୟୟା ମୃତ୍ୟୁଂ ତୀର୍ତ୍ୱାଂ ବିଦ୍ୟୟାମୃତମଶ୍ନୁତେ !

ଅବିଦ୍ୟାର ସାଧନାରେ ତରିଯିବ ମୃତ୍ୟୁ ନଦୀ ! ବିଦ୍ୟାର ସାଧନାରେ ଭୋଗ କରିବ ଅମୃତ ! ଦୁଇଟି ପଥ !

Source: Author, Digitized by PPRACHIN, SOA

ସବ୍‌ଜେକ୍‌ଟିଭ୍ ଓ ଅବ୍‌ଜେକ୍‌ଟିଭ୍ ! ଦୁଇଟି ତାର ନିୟୁଟ୍ରାଲ୍ ଓ ଫେଜ୍ ! ଦୁହିଁଙ୍କ ସଂଯୋଗରେ ଗରମ ହୁଏ ଏବଂ ବରଫ ବି ହୁଏ ଜଳ !

କ୍ରନ୍ଦନରତ ହେ ଶିଶୁ, କିଏ ତୁମେ ?

ପୁଣି ଥରେ ଉତ୍‌ଥିତ ହେଲା ଜୁଆର; କସ୍ତ୍ୱଂ ଶିଶୋ ?

ପ୍ରତିଧ୍ୱନିପରି ପ୍ରତ୍ୟୁତ୍ତରଟିଏ ମଧ୍ୟ ପବନରେ ଉଠି ମିଳାଇ ଯାଉଛି;ନାହଂ ଦେହୋ... !

ତେବେ କିଏ ଇଏ ?

ଶିଶୁଟି ପୁରୁଷ ! ସିଏ ଏକ କାମୁକ ! ତା' ସମ୍ମୁଖରେ ଦଣ୍ଡାୟମାନ ହୋଇଥିବା ବରଦା ସିଦ୍ଧିଦାତ୍ରୀ ସାରଦାଙ୍କୁ ଅର୍ଘ୍ୟ ନିବେଦନ କଲାବେଳେ ଦୃଷ୍ଟି ତା' ପତିତ ହେଉଛି; ସ୍ତନଯୁଗ୍ମ ଶୋଭିତ ମୁକୁତା ହାର/ଦିଅ ମା ସରସ୍ୱତୀ ବିଦ୍ୟାଭଣ୍ଡାର !

ଜନନୀ ଚରଣ ପଙ୍କଜକୁ ବର୍ଣ୍ଣନା କରିବାକୁ ଗଲାନାହିଁ ତା' ଦୃଷ୍ଟି ? ଯେଣୁ ଶିଶୁ ସିଏ, ତା ଦୃଷ୍ଟିକୁ ଖାଦ୍ୟଭର୍ତ୍ତି ଜନନୀଙ୍କ ବକ୍ଷୋଜ ଶୋଭା ଆକର୍ଷିତ କରିଛି ! ! !

ମୁକ୍ତା ଆହାର କରୁଥିବା କାକକୁ ପ୍ରଶ୍ନ କରିଛି ସତ୍ୟପକ୍ଷୀ : କ'ଣ ଖାଉଚ ?
କର୍କଶ ସ୍ୱରରେ କାକ ଉତ୍ତର ଦେଲା : 'ମମାଘମ୍' ! ନିଜ ପାପ !

......ବିୟୁଟି ଇଜ୍ ଭିକ୍ଟୋରିଅସ୍ ଇଭିଲ୍ ! ବିଜୟୀ ଅନୈତିକ ସୌନ୍ଦର୍ଯ୍ୟ: 'ସ୍ତନଯୁଗ୍ମ' ! କଳା ଅଙ୍କନର ସ୍ୱାଧୀନତାକୁ କରିଛି ସାଂଘାତିକ ! ମାଥ୍‌ମେଟିକ୍ସ ଓ କେମେଷ୍ଟ୍ରି !

ସ୍ତନଯୁଗ୍ମ ଆଉ କ'ଣ ହୋଇପାରେ କି ?

ଅପ୍ରାପ୍ୟ ମାଂ ନିବର୍ତନ୍ତେ ମୃତ୍ୟୁ ସଂସାର ବତ୍‌ର୍ମନି !

ତୁମକୁ ପ୍ରାପ୍ତ ନ ହେଲେ ମୃତ୍ୟୁମୟ ସଂସାର ପଥରେ ଘୂରୁଥିବି ? ଘୂରେ, କ୍ଷତି କ'ଣ ?

ତାହା ହିଁ ତ ତୁମ କଷା ଅଙ୍କର ଭୁଲ୍ ସ୍ଥାନ ! କିଏ ତୁମକୁ କହୁଥିଲା, ଇନ୍ଦ୍ରିୟ, ମନ ଓ ବୁଦ୍ଧି ରୋବଟରେ ଖଞ୍ଜା ! ଯୌନ ସୁଖ ଦେଉଥିବା ଆଠ ହଜାର ଡଲାରିଆ କଣ୍ଢେଇର ସ୍ତନାଗ୍ରରେ 'କାମ' ନାମକ ଗୁଡ଼ିଏ ସମ୍ବେଦନପୂର୍ଣ୍ଣ ଉତ୍ତେଜନାମୟ ସରୁ ସରୁ ତାର ଖଞ୍ଜା !

ଧୂମେନା ବ୍ରିୟତେ ବହ୍ନି... ? କାହିଁକି ଧୂଆଁ ଦ୍ୱାରା ଲୁଚାଇଲ ନିଆଁକୁ ? ବକ୍ଷ-ଉତ୍ତରୀୟ ତଳେ ସ୍ତନଯୁଗ୍ମକୁ ? ଇନ୍ଦ୍ରିୟ, ମନ ଓ ବୁଦ୍ଧି ତଳେ ଅପରୂପ ଅନବଦ୍ୟ କମନୀୟଙ୍କୁ ! ! ଯଦି କାମ ନଥାନ୍ତା, ତୁମ ସୃଷ୍ଟି କେମିତି କମନୀୟ ଦିଶନ୍ତା ? ଯଦି କ୍ରୋଧ ନଥାନ୍ତା, ତୁମ ସୃଷ୍ଟିର ସୌନ୍ଦର୍ଯ୍ୟ ମାନବ-ଦାନବ ଦ୍ୱାରା ବେଆଡ଼ା ହୋଇଯାନ୍ତା ! ତୁମ ନଦୀର ଗତି ଭୋଗମତ୍ତ ମାନବ-ଦାନବ ଦ୍ୱାରା ପ୍ରାପ୍ତ ହୁଅନ୍ତାଣି ଭୁଲ ଗତି ! ମୃତ୍ୟୁର ଠିକଣା ପ୍ରତି ଡାକ ତାର ବିଭାଗ ଅଫିସ୍ ଖୋଲିସାରନ୍ତେଣି !

Source: Author, Digitized by PPRACHIN, SOA

ଯେତିକି ଚିଠି ବିକ୍ରୟ ହେଉଛି, ସେତିକିକୁ ଠିକ୍ ଟାଇମ୍‌ରେ ବିତରିତ କରିବାକୁ ଡାକ ବିଭାଗରେ ଏବେ କର୍ମଚାରୀ ନାହାନ୍ତି ! ଯେତିକି ଡାକ ଅଧିକାରୀ ଅଛନ୍ତି, ତା'ଠୁ ଅଧିକ ଅଭିଯୋଗ ରହୁଛି ! ପଚିଶ ତାରିଖରେ ପହଞ୍ଚୁଛି ପାଞ୍ଚ ତାରିଖର ଚିଠି ମାତ୍ର ପଚିଶ ମାଇଲ ଦୂରରୁ ଆସି।

କୋରିଏରର ମାର୍କେଟ ବଢ଼ିଚି। ମାତ୍ର ଗ୍ରାମାଞ୍ଚଳର ଲୋକେ କି ହନ୍ତସନ୍ତ ହେଉଛନ୍ତି ଡାକପାଳମାନେ କ'ଣ ଅନୁଭବ କରୁଛନ୍ତି ? ପାଞ୍ଚ ତାରିଖରେ ଚିଠି ଆସୁଚି ପନ୍ଦର ତାରିଖରେ ହା ହତାଶ ଜୀବନ ବିତାଉଥିବା ବେକାର ଯୁବକକୁ ଜଏନ୍ କରିବାକୁ ନିଯୁକ୍ତି ! କିନ୍ତୁ ଚିଠି ପହଞ୍ଚୁଛି ପଚିଶ ତାରିଖରେ।

ବିଷାଦ,ବେଦନା ଓ ଯାତନାକୁ ଗୋଲାପୀ ଜୀବନ ଜୀଉଥିବା ଡାକ କର୍ମଚାରୀ କେମିତି କରିବେ ଉପଲବ୍ଧି ?

ବୟସ ଗଡ଼ି ଯାଉଥିବା ବେକାର ଯୁବକ କାହିଁକି ନକ୍ସଲ ହେବନି ? କାହିଁକି ଆତଙ୍କର ନୂଆ ରାସ୍ତାଟିକୁ ବାଛି ନେବେନି ?

ଯୁବ-ସମ୍ପଦ ଦେଶର ଗୌରବ। ନୂଆ ବିଶ୍ୱ ତିଆରିରେ ଯୁବକଯୁବତୀମାନେ ଐଶ୍ୱର୍ଯ୍ୟ ! ସେଇ ଐଶ୍ୱର୍ଯ୍ୟକୁ ତୁମେ ମ୍ୟୁନ୍‌ସିପାଲ୍‌ଟି ନଳାରେ ମାଡ଼ିବ ?

ପାପଂ ଚରତି ପୁରୁଷଃ.... ବଳାତ୍ ଇବ ନିୟୋଜିତ। ମଣିଷ ଅସନ୍ତୋଷ ତିଆରି କରୁଛି ! ଯେମିତି ସିଏ ବଳାତ୍କାର କରୁଛି। ବଳାତ୍କାରକାରୀର ଦଣ୍ଡ କ'ଣ ?
ମାନବକୁ ଦଣ୍ଡିତ କରିବ କିଏ ? ସିଏ ଯେ ସ୍ୱୟଂ ଦଣ୍ଡଦାତା ।।

ସତ୍ୟକୁ ଯାତନା ଦିଏ ପାପ।
ଦଣ୍ଡଦାତାକୁ ଦଣ୍ଡ ଦିଏ କାଳନଦୀର ହାତ।
ତମେ ଖସିଯିବ ? କୁଆଡ଼େ ଖସିଯିବ ? ବୁଢ଼ାଜେନା ଖଣ୍ଡେ ବୁଢ଼ା ଆର୍ମ-ଚୌକି ଉପରେ ବାମ ପାଦ ଥୋଇ ମୂର୍ତ୍ତିଟିଏ ହୋଇ ବସିଛି ! ଯେମିତି ପାପର ସ୍ଥାପତ୍ୟ ପୋଖତ ଏକ ଶିଳ୍ପୀର ହାତ ଗଢ଼ିଛି।

ସଂପଦଂ ଦୈବୀମ୍ ଅଭିଜାତୋଽସି।
ଦୈବୀ ସଂପଦକୁ ନେଇ ମୁଁ ଜନ୍ମ ହୋଇଛି। ଭୋଗ କରିବି ଷୋଳମାଣ ମୁଗ ବିଲ ! ଚାରି ଆଙ୍ଗୁଳ ବିଧବାର ବିରିହିଡ଼ ଓ ଦୋଦ ଭୋଗା ସ୍ତନର ଜଙ୍ଗଲ।
ବୁଢ଼ାଜେନା ବୁଝିଚି ଆନନ୍ଦ କ'ଣ।

ଚିରନ୍ତନ ନୁହେଁ, ନିରନ୍ତର ମୃତ୍ୟୁ ଦିଗକୁ ପ୍ରବାହିତ ଜୀବନ ସରିତକୁ, ଦୁଃଖର ଶତ ସହସ୍ର ଅନୁଭୂତି ନେଇ ଆମେ ଭୋଗ କରୁଥିଲେ ବି, ମୃତ୍ୟୁର ଅଲଘଂନୀୟତାକୁ ଉପଲବ୍ଧି କରିପାରୁ ନାହୁଁ ! ଏହାରି ନାମ ଆନନ୍ଦ।

Source: Author, Digitized by PPRACHIN, SOA

ସେହି ଆନନ୍ଦରେ କିଏ ନୁହେଁ ଯେ ଅଧୀର !
ମା', ତୁମେ ମହାମାୟା ! ଏହା ତୁମରି କାମ !

ଡାଳରେ ବସିଛି ସତ୍ୟପକ୍ଷୀ ! ଋଷିମେଧା ବୁଝାଇ ଚାଲିଛନ୍ତି ବୀଜଗଣିତର ଭଗ୍ନାଂଶଟିକି !

ଭାଲେରୀଙ୍କ କବିତା ନଥିଲା ଅର୍ଥହୀନ, ନା ଥିଲା ପ୍ରାର୍ଥନା, ତାଙ୍କର ଅଧିକନ୍ତୁ ଥିଲା ମାତ୍ର ସଂଜ୍ଞା, ସହଜ ଦିଶୁଥିବା ସରଳତା ଓ ପ୍ରହେଳିକା ! ତାହା କବିତା, ଯାହା ଗଦ୍ୟରେ କହି ହୋଇ ନଥାଏ ! ଯାହା ଗଦ୍ୟରେ କହି ହୋଇଥାଏ ତାହା ?
ଗୋଟିଏ ଦୁର୍ଘଟଣା କିମ୍ବା ଘଟଣା ?

ମୁନିଆ ମୁନିଆ ଦାନ୍ତ ଥିବା ହାଡୁଆ ପାପୁଲିର ଯନ୍ତାରେ ବୁଢ଼ାଜେନା ବଡ଼ ବଡ଼ ଦୁଇଟି ମୂଷାଙ୍କୁ ଚିପି ଧରିଲା ! ବୁଢ଼ା ଜେନା ଜାଣେ: ୧. ଗଡ୍ ହାଜ୍ ଡିସାପିର୍ୟଡ, ବଟ୍ ଇଭିଲ୍ ହାଜ୍ ନଟ୍ ! ୨. ଟୁ ବିଲିଭ୍ ଇନ୍ ଦି ଡେଭିଲ୍, ଇଟ୍ ଇଜ୍ ନଟ୍ ନେସେସରୀ ଟୁ ବିଲିଭ୍ ଇନ୍ ଗଡ୍ !

ଶିଳ୍ପୀ ଜଣେ ସ୍ରଷ୍ଟା ! ମୁଁ ତୋ ଦେହରେ ସୃଷ୍ଟି କରୁଛି ମୂର୍ଚ୍ଛନା କିଛିଟା ! ତୁ ହେମିତି କ'ଣ ହଉଛୁ ? ମୁଁ କ'ଣ ତୋର ଛିଣ୍ଡେଇ ଦଉଚି ? ଏ ସଂସାରଟା ଭଲ ଲାଗିବା ପାଇଁ ତିଆରି ହେଇଚି ! ତତେ ଯଦି ଭଲ ନ ଲାଗୁଚି ମୁଁ ଛାଡ଼ି ଦଉଚି !

ପଥରର ସିଂହ ଆଁ ଭିତରେ ପଶିଥିବା ହାତ ସିନା ବାହାରିଯାଏ, ଯଦି ତାହା ନନ୍ଦନକାନନ ସିଂହର ଆଁ ହୋଇଥାଏ ?

'ଛାଡ଼ି ଦଉଚି' ବୋଲି କହୁଥିବା ଗୋଟାଏ ପାଟି ଏଥର ତା' ଗୋଟାଏ ଗାଲକୁ ଅକ୍ତିଆର କରି ଦେଇଛି !

ଯେତେ ଗଣତାନ୍ତ୍ରିକ ହେଲେ ବି ଆମେରିକା ଧମନୀରେ ପୁଞ୍ଜିବାଦୀର ଶୋଣିତ ! ବୁର୍ଜୁଆର ରକ୍ତ କ'ଣ ହୋଇପାରେ ସମାଜବାଦୀ, ନା' ସାମ୍ୟବାଦୀ ? ଧୂଳିଗୁଣ୍ଡି, ଧନିଆ, ଚୁଆ ଓ ସିଗାରେଟ୍ ତମାଖୁର ଦୁର୍ଗନ୍ଧ ଗୋଟାଏ ଚିଲମ ମୁହଁରୁ ଯେମିତି ହେଉଛି ନିସୃତ !

ସଦ୍ୟ ବିଷ୍ଠାଭକ୍ଷି ଆସିଥିବା ଗୋଟାଏ ଘୁଷୁରୀର ଥୋବଣୀ ଯେମିତି ତା' ପଟେ ଗାଲକୁ ତା' ଦାନ୍ତମୂଳକୁ ଶୋଷି ନେଉଛି ! ସାଇକେଲ କ୍ରାଙ୍କ୍‌ପରି ଦାନ୍ତ ତଳ ତା ଚର୍ମ ଓ ମାଂସକୁ ଚିପି ଧରିଛନ୍ତି !

ଏ ବୋଉ, ବାଡ଼ିଖିଆଟା ମୋ ଗାଲ କ'ଣା କରିଦେବ ! ଯୋ...ଗ...ନି.ଖିଆ.... ! ମନ୍ଦ ପ୍ରକୃତିର ଚରମ ଅବତାର (ଡେଭିଲ୍) ଦାବୀ କରେ ସବୁ କିଛି ! ତା'ପାଇଁ ଈଶ୍ୱର ଅନିର୍ଦ୍ଦିଷ୍ଟ !

ଭାସ୍କୋନସିଲସ୍ କନ୍‌ଫେସ୍ କଲେ, ସିଏ ତାଙ୍କ ପଡ଼ିଶାଙ୍କ ପତ୍ନୀକୁ କାମନା କରିଥିଲେ ଏବଂ ସିଏ ତା' ସହିତ ସ୍ୱେଚ୍ଛାରେ କରିଥିଲେ ସୁଖ ସହବାସ ! ସିଏ ସ୍ୱୀକାର କରି ନଥିଲେ ସିଏ କିଛି କରିଛନ୍ତି ଭୁଲ୍ !

Source: Author, Digitized by PPRACHIN, SOA

ତେଣୁ ବୁଢ଼ା ଜେନା କେମିତି ଆଡ଼ମିଟ୍ କରିବେ ତାଙ୍କ ଏଇ ଦୈହିକ ବ୍ୟାପାର ଦୋଷାବହ ? ପୁଣି ବୁଢ଼ା ହୋସେନ୍ ତ ଗୋଟାଏ ଘୋଡ଼ା ହୋଇ ରମଣ କରିଦେଲା ସୁନ୍ଦରୀ ମାଧୁରୀକୁ ! ଇଏ ତ ତା'ଠୁ ବୁଢ଼ା ନୁହଁନ୍ତି !

ନାଁ' କେବଳ 'ବୁଢ଼ା' ଦିଆଯାଇଛି ।

ଭାରତ ବିଶ୍ୱର ଲେଟେଷ୍ଟ କୋଟେସନ୍ ମାର୍କ ! ନେପାଳ ଏକ ପ୍ରଶ୍ନବାଚକ ଚିହ୍ନ ! ଶ୍ରୀଲଙ୍କା ଏକ ଓଭରସାଇଜ୍ ବିସ୍ମୟବାଚକ ! ବନ୍ଧନୀ ଭିତରେ ରହିଚି ବଙ୍ଗଳାଦେଶ ! ପାକିସ୍ଥାନ ଟଳମଳ ହୋଇ ଗୋଟିଏ ପୂର୍ଣ୍ଣଛେଦ ଆଡ଼କୁ ଚାଲିଛି ! ଚୀନ୍ ଗତକାଲିର ଗୋଟିଏ ପାରାଗ୍ରାଫ୍, ଏବେ ବି ତଟକା ଅଛି ଓ ପ୍ରଭାବିତ କରୁଛି !

ସହସ୍ର ବର୍ଷ ଧରି କେମିତି ଗୋଟିଏ ସଂସ୍କୃତିର ସ୍ରୋତ ପ୍ରବାହିତ ହେଉଛି ? ଅଲଗା ଅଲଗା ବିଶ୍ୱାସମାନ କେମିତି ରହିଛନ୍ତି ଏକାଠି ?

ଭାଙ୍ଗିଯାଉନାହିଁ ତ ବାକ୍ୟ ? ଭାରତର ବିକାଶରେ ନିଅଣ୍ଟ କ'ଣ ? ନୈତିକତା ଓ ପୁଣ୍ୟ ଏଠି ଅହିଂସାର ନାମ ?

ତୁମେ ଗାନ୍ଧିଙ୍କୁ ଜାଣ ?

ଗାନ୍ଧି ? ମୋ ନାତି ରନୀ ଆଖିରେ ପ୍ରଶ୍ନବାଚୀ ! କୋଉ ଗାନ୍ଧି ? ଇନ୍ଦିରା ଗାନ୍ଧି, ରାଜୀବ ଗାନ୍ଧି, ସୋନିଆ ଗାନ୍ଧି, ରାହୁଲ ଗାନ୍ଧି ଆଉ ଜଣେ ଅଛି ତୁଷାର ଗାନ୍ଧି ! କେତେ ଯେ ଗାନ୍ଧି, କମ୍ପିଟେଟିଭ୍ ପାଇଁ କାହାକୁ ମନେ ରଖିବି ?

ମନେରଖିବା ଗାନ୍ଧି ଏମାନେ କେହି ନୁହନ୍ତିରେ ଶିଶୁ, ଅସଲ ଗାନ୍ଧି ସେଇ ବୁଢ଼ା, ଯିଏ ଏହି ଦେଶବାସୀଙ୍କୁ ଇଂରେଜ ଶାସନ ଫାଶରୁ ମୁକାଳି ସ୍ୱାଧୀନତାର ଫାଇଲଟା ଧରାଇ ଦେଇଥିଲା ! ତାରି ସାଙ୍ଗିଆ ଗାନ୍ଧି ! ପୁରା ନାଁ' ମୋହନ ଦାସ କରମ ଚାନ୍ଦ ଗାନ୍ଧି ! ମଣିଷ ନଥିଲା ସିଏ, ସିଏ ଥିଲା ଦେବତାଟିଏ ! ତାକୁ ଗୁଳି ମାରି ଘଉଡେଇ ଦେଲେ ଏଠୁ ଦଳେ କ୍ଷମତାଲିପ୍ସୁ ପଶୁ ! ଅଳକାକୁ ଫେରିଗଲା ସିଏ ଅଭିଶପ୍ତ ଗନ୍ଧର୍ବ ! ତାରି ସୁବାସରେ ନୂଆ ନୂଆ ଗାନ୍ଧି କେତେ ସୁବାସିତ !!

ସିଏ ଥିଲା ଅହିଂସାର ନାୟକ ! ପୁଣ୍ୟର ମୁଖପାତ୍ର ! ରାମଧୂନ୍‌ର ଗାୟକ ! ଏମାନେ ସବୁ 'ରାମ'କୁ କଲେ ସାଂପ୍ରଦାୟିକ ! ରାମେଶ୍ୱରକୁ କଲେ ଭୋଟବାକ୍ସ !

କ୍ଷମତାର ମଞ୍ଚ, ସାମର୍ଥ୍ୟର ସିଂହାସନ, ସଂପଦର ଗୋପନୀୟ ଅସରନ୍ତି ଭଣ୍ଡାର କ'ଣ ଦେଇପାରିବ ସତ୍ୟ ? ଅହିଂସା କ'ଣ ଦେଇପାରିବ ବିଦେଶ ବ୍ୟାଙ୍କରେ ଜମା ଟ୍ରକ ଟ୍ରକ୍ ! ବିଚରା ବିଶ୍ୱନାଥ ପ୍ରତାପ ମହାରାଜାଟା ଗଲା କୁଆଡ଼େ ? ତା' ପାଖରେ ଥିଲା ବୋଫର୍ସ ତୋପ କ୍ରୟ କମିଶନି ହିସାବ ଖାତା ! ନୟନା ସାହାନୀର କଟା ପିଟା ପରି ଦିଲ୍ଲୀର ତନ୍ଦୁର ଚୁଲାରେ କିଏ ପୋଡ଼ିଦେଲା ସେଇଟା ? କୁଆଡ଼େ ଗଲାଣି ସେ ଇଟାଲୀୟ ମଧ୍ୟସ୍ଥି କ୍ୱାତ୍ରିଚି !

Source: Author, Digitized by PPRACHIN, SOA

ଏବେ ବି ଅନେକ ପ୍ରଶ୍ନର ଧୂଳି ଆମ ଆଖିକୁ ବୁଜି ରଖିଛି । ସବୁଠି ସ୍ୱାର୍ଥଗନ୍ଧ, ମତଲବର ମୁଦ୍ରା ଓ ଭୋଟବାକ୍ସ ଅକ୍ତିଆରର ନକ୍ସା । ସବୁ ମନ୍ତ୍ର ସାମ୍ନାରେ ଗୋଟିଏ ଛତା ! ପ୍ରଣବ !

ସେଇ ପ୍ରଣବର ଛତା ତଳକୁ ସତ୍ୟପକ୍ଷୀ ଓହ୍ଲାଇବ ? ଇରେ ବାବା, ନା' ନା । ଠେଙ୍ଗାଧରି ବସିଚି ବୁଢ଼ା ଜେନା; କାମ ମୋହିତ କ୍ରୌଞ୍ଚପକ୍ଷୀଟିକୁ ସେଇ ନିଷାଦ ଦିନେ ମାରିଦେଇ ଥିଲା ନା' ?

ଅଗଷ୍ଟ ୧୬/୧୮୨୦ ମସିହା ।

...ଆପଣଙ୍କ ପ୍ରେରିତ ପୁସ୍ତକକୁ ଗ୍ରହଣ କଲି । ଏହା ଏକ ଆଧୁନିକ କୃତୀତ୍ୱ ! ଏହା ରଚନାର ଉଦ୍ଦେଶ୍ୟ ଗୋଟିଏ ରହିଚି; ମଣିଷର ଗତି ହେଉ ଈଶ୍ୱରଙ୍କ ଦିଗକୁ । ଜଣେ ଶିଳ୍ପୀ ତାଙ୍କ ପରିବେଶରେ ପରିବେଷଣ କରିବେ ଦିବ୍ୟବାର୍ତ୍ତା ! ଆପଣଙ୍କ ବିଷୟବସ୍ତୁରେ ଭର୍ତ୍ତି !

X X X ଏମିତି କେତେ କ'ଣ ଶେଲୀଙ୍କଠୁ ପ୍ରାପ୍ତ ଚିଠିଟିରେ ଲେଖିଥିଲେ କୀଟସ୍ ! ଚିଠିର ଶେଷ ପଂକ୍ତିଟି ଥିଲା ଇମିତି: ମାଇଁ ଇମାଜିନେସନ୍ ଇଜ୍ ଏ ମୋନାଷ୍ଟେରୀ ଏଣ୍ଡ୍ ଆଇ ୟାମ୍ ଇଟସ୍ ମୋଙ୍କ୍ !

ଜ୍ୟେଷ୍ଠାୟ ନମୋନମଃ !

ଶ୍ରେଷ୍ଠାୟ ନମୋନମଃ !

ଅତୀତ, ଭବିଷ୍ୟତ ଓ ବର୍ତ୍ତମାନ କାଳନଦୀର ଗୋଟିଏ ଦୃଶ୍ୟର ନାମ ତିନୋଟି । ଗୋଟିଏ ପାଦର ନୂପୁରର ଛନ୍ଦ ତିନୋଟି । ତିନି ସୁରରେ ବାଜୁଛି ଗୋଟିଏ ବୀପଞ୍ଚି । ପ୍ରଥମ ସୁରରେ ଯେଉଁ ତନ୍ମୟତା ସ୍ପର୍ଶ କରିଥିଲା ମନର ଅପ୍ସରୀଙ୍କୁ ତାହା ହେଲା 'ତନ୍ଦ୍ରାର ତରଙ୍ଗ !' 'ତୁମରି ପାଇଁ' 'ଏ ମନର ସାତରଙ୍ଗ', 'ସୁଚରିତା' ! 'ସ୍ମୃତି ଓ ବିସ୍ମୃତି', 'ମାଟି ମଣ୍ଡପ' ! ଇଏ ଥିଲା ଭୁଷୁଡ଼ା ଅତୀତ ! ଯେମିତି କୁଆଁର ପୁନେଇର ଗୋଟିଏ ନୀରବ ନିଶୀଥ; ଉର୍ଦ୍ଧ୍ୱରୁ ବର୍ଷୁଛି ଜ୍ୟୋସ୍ନା, ଦୂରରୁ ବହି ଆସୁଛି ଚିହ୍ନା ଅଚିହ୍ନା ପୁଷ୍ପଙ୍କ ବାସ୍ନା ! ସୁରଭି ନଦୀ ମଝିରେ ଭାସୁଛି ଲକ୍ଷ୍ୟହୀନ ଜୀବନର ନୌକା ! କୋଳରେ ଓମାର ଖୟାମଙ୍କ ସେଇ ଅନିନ୍ଦ୍ୟ ରୂପସୀ ଭୁଜମୃଣାଳ ଉତ୍ତୋଳିତ କରି ପଦ୍ମ ପାପୁଲିରେ ଧରି ଲୋହିତ ଆସବ ଭର୍ତ୍ତି ଚଷକ, କହୁଚି: ପ୍ରିୟ, ଆଁ'ର ପାଖୁଡ଼ା ଖୋଲିଦିଅ, ଦିଅ... ।
ଏଇ ମୁଁ ଢ଼ାଳି ଦେଲି, ନିଅ, ଚୋଷି ନିଅ, ପିଅ.... !
ଲୟିଲା ମଜ୍‌ନୁ ପାଇଁ ଆଜି ତ ଆଉ ପୂର୍ଣ୍ଣମୀ ନାହିଁ !
ଆଜି କେତେ ଘଡ଼ି ଜହ୍ନ ? କାଲି ତ ଗଲା ପୂର୍ଣ୍ଣମୀ ପରର ତ୍ରୟଦଶୀ !
ମାୟାନଦୀ, ସୁବର୍ଣ୍ଣ କଳସ, ବୀତରାଗ, ପୌର୍ଣ୍ଣମାସୀ, ଉଭୟ ଭାରତୀ – ସବୁ ତ ଅବିଭକ୍ତ ଏକ ଏକ କାଳାଗ୍ନି ! ଗୋଟିଏ ଶାଶ୍ୱତ ନଦୀ ! ଭୌଗୋଳିକ ସରସ୍ୱତୀ ଗଙ୍ଗା ଓ ଯମୁନା

Source: Author, Digitized by PPRACHIN, SOA

ସ୍ରୋତର ଜାଜ୍ଜ୍ୱଲ୍ୟମାନ ଜ୍ୱାଳାରେ ଲୁପ୍ତ ! ଇଡ଼ା ଓ ପିଙ୍ଗଳା ମଝିରେ ସୁଷମ୍ନା ଢାଙ୍କି ହୋଇଯାଇଛି ! କିନ୍ତୁ ଆପଣଙ୍କ ସାରସ୍ୱତ ସରସ୍ୱତୀ ଉଷାପୂର୍ବ ଆକାଶର ଲୋହିତ ଉଜ୍ଜ୍ୱଳିଆ ଦିଗ୍‌ବଧୂକୁ କରୁଛନ୍ତି ପ୍ରସୂତା !

ବର୍ତ୍ତମାନ ହେଉଛି ଭବିଷ୍ୟତ ଏବଂ ବର୍ତ୍ତମାନ ଆଉ ହେଉନାହିଁ ଅତୀତ !

ନଦୀର ନୂପୁରରେ ଏବେ ଗୋଟିଏ ଛନ୍ଦ; ସୁଷମ୍ନା ! ସରସ୍ୱତୀ ସହସ୍ର ଭୁଜା ! ଜନନୀ ସହସ୍ର ଶୀର୍ଷା ! ଅଜସ୍ର ବକ୍ତ୍ରା !

ମା', ତୁମର ଇଏ କି ମାୟା ?

ଅଠର ଶହ କୋଡ଼ିଏ ମସିହାରେ ଲେଖିଥିଲେ କୀଟସ୍, ମୋ କଳ୍ପନା ଏକ ପବିତ୍ର ମଠ ଏବଂ ମୁଁ ତାର ସନ୍ଥ ! ନୂତନ ସହସ୍ରାବ୍ଦର ପ୍ରଥମ ଦଶକରେ ନବକିଶୋର ରାଜ ଯେଉଁ ସତ୍ୟ ଓ ଜୀବନଭିତ୍ତିକ ଉପଲବ୍ଧି ଉଲ୍ଲାସ କରିଛନ୍ତି ବିତରିତ, ତାହା ଏକ ସାଧୁ ପୁରୁଷର ଆଶ୍ରମ, ଯେଉଁଠି ଜଣେ ପାଠକ ପ୍ରାପ୍ତ ହୁଏ ଦ୍ୱିଜତ୍ୱ !

ଅନନ୍ତ ଅଭିମୁଖେ, ଆଲୋକର ଅଭିଷେକ ଓ ସନ୍ଥ ଦେଓରାହବାବା ଚରିତ ଏକ ଏକ କଣ୍ୱ ଆଶ୍ରମ ! ପଦଧୌତ କରୁଛି ତମସା ନଦୀ ! ଥରେ ସ୍ନାନ କରି ଆଶ୍ରମରେ ପ୍ରବେଶ କଲେ ଓଃ, କି ଶାନ୍ତି ! ମଣିଷ ହୋଇଯାଏ ସତ୍ ନ୍ୟାସୀ ! ସଂସାର ପ୍ରାପ୍ତ ହୁଏ ଶିବତ୍ୱ ! ନଦୀ ତ ଉପବୀତଟିଏ ! ନବବାବୁଙ୍କ କାନ୍ଧରେ ପଡ଼ିଛି !

ଏକରୁ ଏକ ବିଯୁକ୍ତ ହେଲେ ରହେ ଶୂନ୍ୟ ! ବ୍ରହ୍ମରୁ ବ୍ରହ୍ମ ବିଯୁକ୍ତ ହେଲେ ଅବଶିଷ୍ଟ ରହେ ସେହି ଚିନ୍ମୟ ଶୂନ୍ୟ ! ବହୁସ୍ୟାଂ ଅଜାୟତେ... ନଦୀ ସହସ୍ରାଂଶୁ, ଅକ୍ଷୟ ପୁଣ୍ୟର ବୋଧି ! ସସାଗରା ଧରା ଉଜ୍ଜ୍ୱଳି ଉଠୁଛି ! ପ୍ରବାହରେ ତାର ପ୍ରେମର ମନ୍ମୟ ଛନ୍ଦ ! ନବବାବୁଙ୍କ କଳ୍ପନାର ନର୍ତ୍ତକୀ ସ୍ୱୟଂ କଳାବତୀ, ତାକୁ ସିଏ ଚିହ୍ନାଇ ଦେଲେ : ମଣ୍ଡନ, ଇଏ ସ୍ୱୟଂ ଭାରତୀ ! ପରମ ଦୟାବତୀ ତାଙ୍କ ପାପୁଲି ପଦ୍ମରେ ତୁମ ପାପୁଲିଟିକୁ ମୁଠେଇଛନ୍ତି ! ଶ୍ରଦ୍ଧା ଓ ପ୍ରେମର ଅର୍ଘ୍ୟ କେବଳ କର ନିବେଦନ ! ନବରସର ନବୀନ ନଦୀଟିଏ ତୁମ ଜୀବନର ଶୁଷ୍କ ଭୂମିରେ ସିଏ ପ୍ରବାହିତ କରାଇଦେବେ ! ତାଙ୍କରି ଇଚ୍ଛାରେ ବିଷ୍ଣୁଙ୍କ ପଦକମଳସ୍ଥ କରରୁହ କୋଣରୁ ଜନନୀ ଗଙ୍ଗୋତ୍ରୀ ହର ମସ୍ତକ ଦେଇ ଅବତରିବେ ଧୂଳିର ଧରାକୁ ! ସହସ୍ର ସଗର ସୁତଙ୍କ ସ୍ତୂପୀକୃତ ଭସ୍ମକୁଢ଼ ହେବ ଜୀବନ୍ମୟ ! ତାଙ୍କର ଆଦର କର, ମଣ୍ଡନ !

ରାସେଶ୍ୱରୀ, ଜନନୀ ! ତୁମ ଜନ୍ମ-ମୃତ୍ୟୁର ରାସ ଚକ୍ରରେ ଜୀବ ଛାଇ ଆଲୁଅର ଶୃଙ୍ଗାର ଓ କାରୁଣ୍ୟ ତୋଳୁଚି ! ପୁଣି ତୁମେ ଭୈରବୀ ! ଭୀମରବ ଦେଇ ଗିରି ଦୁଲାଳୀ ଚୂଡ଼ାରୁ ନିମ୍ନକୁ ଲମ୍ଫ ପ୍ରଦାନ କରୁଛି ! ଜଳପ୍ରପାତର ସେ କି କମନୀୟ ରୂପ !

Source: Author, Digitized by PPRACHIN, SOA

କୌମାରେ ରକ୍ଷତି ପିତା, ଯୌବନେସ୍ତୁ ଭର୍ତ୍ତା..... କେବଳ ଗୋଟିଏ ଲକ୍ଷ୍ୟ, ମାତ୍ର ଗୋଟିଏ, ନଦୀ ସମୁଦ୍ର ସଙ୍ଗମ ଲାଭ କରିବ ! ଜୀବ ରସର ବଳୟ ଭିତରେ ଘୂରି ଘୂରି ପହଞ୍ଚିବ ଶୀର୍ଷ ବିନ୍ଦୁରେ! ଆଉ ଆଗକୁ ଷ୍ଟେସନ୍ ନଥିବ ! ଯାହା ଥିବ ତାହା ସମୁଦ୍ର, କେବଳ ଘନନୀଳ ସମୁଦ୍ର! ଚକ୍ଷୁ ଯେଉଁ ପର୍ଯ୍ୟନ୍ତ ଗମନ କରୁଥିବ ଦେଖୁଥିବ ଖାଲି ସମୁଦ୍ର ଓ ସମୁଦ୍ର !

ସୁନୀଳ ପୂର୍ଣ୍ଣତାର ଗୋଟିଏ ବିମ୍ବ !

ଇଏ ନୁହେଁ ଗୋଟିଏ ମାମୁଲି ବର୍ଣ୍ଣନା ଶୈଳୀ ଜରିଆରେ ଗତାନୁଗତିକ ଏକ ସାମାଜିକ ସମସ୍ୟାମୂଳକ ଗଳ୍ପର ସ୍ୱର କିମ୍ବା ଉପନ୍ୟାସର ପ୍ଲଟ୍! ଇଏ ମଣିଷ ଚେତନାର ଆର୍ଟ! ଯେଉଁ ମଣିଷକୁ ଅହରହ ଖାଇ ଚାଲିଛି ସମୟର କ୍ୟାନ୍ସର!

ମୃତ୍ୟୁକୁ ଥରେ ଅନୁଭବ କରିବା ପୂର୍ବରୁ ଅନେଶତ ଥର ଅମୃତକୁ ସିଏ ଭୋଗ କରି ସାରିଛି ! ବୁଢ଼ାକେନା ଯୁବ କାଳେ ବିବାହ କରିଥିଲା ଜାହ୍ନବୀକୁ! ଜାହ୍ନବୀ ଯେ ତା' ତମାମ ଜୀବନ ତାକୁ ନ ଦେଇଛି କ'ଣ ? ଆଉ କ'ଣ ଅପ୍ରାପ୍ତି ଥିଲା ତା'ଠୁ ? ଯାହା ସିଏ ନୂଆ କରି ପ୍ରାପ୍ତ ହେଲା ଗୋଟେ ଅସହାୟା ନିରୀମାଖୀ ବିଧବାଠୁ ?

ବୁଢ଼ାକେନା ପାଖରେ ଆଉ ଜୀବନ ଥିଲା ନଗେନ୍ଦ୍ରବାଳାକୁ ଭୋଗ କରିବାକୁ? ଆଃ, ମିଡ୍-ଲାଇଫ୍ କ୍ରାଇସିସ୍ ଭିତରେ କି ଛଟପଟ ହେଉଛନ୍ତି ମଧ୍ୟ ବୟସ୍କ ସବୁ! ଦୁଃଖର ଫୁଲ ଫୁଟୁଚି !

ଦୁଃଖର ଫୁଲ ଫୁଟେ କାହିଁକି ? କାହିଁକି, କେଉଁଥି ପାଇଁକି ଦୁଃଖର ନୀଳରାତ୍ରି ଡେଣା ବିସ୍ତୃତ କରି ମଣିଷର ପୃଥିବୀକୁ ଓହ୍ଲାଉଛି ?

ରୁଗ୍ଣାବସ୍ଥା, ବୃଦ୍ଧାବସ୍ଥା ଓ ମୃତ୍ୟୁ ତ୍ରିଭୁଜର ବାହୁ ତିନୋଟି ! ଉର୍ଦ୍ଧ୍ୱକୁ ମୁହଁ କରିଛି ! ନିମ୍ନକୁ ଅନାଇଛି ଅନ୍ୟ ଏକ ତ୍ରିଭୁଜ! ତା' ବାହୁ ତ୍ରୟରେ ଚମକୁଛି ତିନୋଟି କାରଣର ଖୋଜ! ଅପ୍ରିୟ ଜନ ସହିତ ମିଳନ, ପ୍ରିୟଜନଠାରୁ ବିଚ୍ଛେଦ ଏବଂ ଇପ୍ସିତ ବସ୍ତୁର ଅପ୍ରାପ୍ତି ହୃଦୟର ମାଠିଆ ଭିତରେ କରିଦିଏ ଦୁଃଖ ଭର୍ତ୍ତି !

ଇନ୍ଦ୍ରିୟଜନିତ ସୁଖର ବସ୍ତୁଟି ଅପସରି ଗଲେ ଆସେ ଦୁଃଖ ! ଯାହା ସ୍ୱେଚ୍ଛାର ପ୍ରତିକୂଳ!

ସତ୍ୟପକ୍ଷୀ ଜନ୍ମ ଦୁଃଖ, ଜୀବନ ଦୁଃଖକୁ ତିଳ ତିଳ କରି ଭୋଗ କରୁଛି ! ଅତୀତ ଓ ବର୍ତ୍ତମାନ-ଦୁହେଁ ଏବେ ଏକ ତାନ! ନୂତନ ତାନକୁ କର୍ଣ୍ଣ ତାର କରିନାହିଁ ଶ୍ରବଣ କିନ୍ତୁ ସିଏ ଜାଣେ, ତାକୁ ବି ଦିନେ ସାମ୍ନା କରିବାକୁ ହେବ!

ସଂସାରର ଯାବତୀୟ ଯାତନାକୁ ଅଳି ଅର୍ଦ୍ଦଳି ଭାବି ଗ୍ରହଣ କରିବାର ନାମ ଜୀବନ! ସେହି ଜୀବନ ବୋହୁଛି.....ବୋହୁ; କାଳ ନିରବଧି,ବିପୁଳା ଚ ପୃଥ୍ୱୀ!

Source: Author, Digitized by PPRACHIN, SOA

ବୋରିଶ୍ ପାଷ୍ଟରନାକ୍‌ଙ୍କ 'ଡକ୍ଟର ଜିଭାଗୋ' ଅଦ୍ୟାବଧି ଋଷିଆରୁ ବାଛନ୍ଦ ! ନୋବେଲ୍ ସମ୍ମାନ ଗ୍ରହଣ କରିପାରିଲେ ନାହିଁ ପାଷ୍ଟରନାକ୍ ! ତାଙ୍କୁ ଦେଶ ବାହାରକୁ ଯିବାକୁ ଅନୁମତି ଦେଇ ନଥିଲା ସ୍ୱରାଷ୍ଟ୍ର ବିଭାଗ !

ଆଉ ସୋଲ୍‌ଝେନିତ୍‌ସେ ? ସମାଜବାଦୀ ବାସ୍ତବତାର ଗାୟକ ଦେଶ ତ୍ୟାଗ କରି ଚାଲିଯାଇ ୧୯୭୦ ମସିହାରେ ଗ୍ରହଣ କଲେ ନୋବେଲ୍ ସମ୍ମାନ ! ଘୋଷଣା କଲେ, ସାହିତ୍ୟ ଜନଗଣଙ୍କ ସ୍ମୃତି ! ଅକାଟ୍ୟ ଅନୁଭୂତି ଗୋଟିଏ ପୁରୁଷରୁ ଅନ୍ୟ ପୁରୁଷକୁ ହୁଏ ସଞ୍ଚାର ! ଏହା ସଂରକ୍ଷିତ ଓ ସତେଜ ରଖିଥାଏ ଇତିହାସର ଶିଖା ! ଦୂରେଇ ଯାଇଥାଏ ସମସ୍ତ ବିକୃତ ମିଥ୍ୟାର ବେଶ !

'ଦି ଗୁଲାଗ ଆର୍କିପିଲାଗ' ତାଙ୍କର ସମାଜବାଦୀ ବାସ୍ତବତା ! ଉନ୍ମୁକ୍ତ କରିଥିଲା ଗୋଟିଏ ବିତର୍କର ଦ୍ୱାର ! କୃଶ୍ଚେଭ ଏବ ବ୍ରେଜନେଭଙ୍କ ଶାସନକାଳର ସମସ୍ତ ଋଷୀୟ ଲେଖକ ଥିଲେ ସମକାଳର ଲେଖକ ! ମାର୍କିସିଜମ୍, ଲେନିନ୍‌ଜିମ୍‌ର ଚିତ୍ରାଙ୍କନକ ! ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ନୈତିକତାକୁ କାଳନଦୀର ଛନ୍ଦରୁ ଛଳନା ବୋଲି ବୁଝିଗଲେ ସୋଲ୍‌ଝେନିତ୍‌ସେ !

ହିଂସା ତାର ଦୁଇ ଶୃଙ୍ଗ ମଝିରେ ବସା ବାନ୍ଧିଛି, ତମାମ ବସନ୍ତ ସମୟ ତାହାର ଗଭୀରତାରୁ ଚକ୍ଷୁ ଉନ୍ମୋଚିତ କରିଛି ! ୧୯୧୭ ବିପ୍ଳବ ପୂର୍ବରୁ ଆଁନ୍ଦ୍ରେ ବ୍ରେଟୋନଙ୍କ ଥିଲା ମନ୍ତବ୍ୟ !

ଋଷରେ ସାମ୍ୟବାଦର ବର୍ଷାଋତୁ ପହଞ୍ଚିଗଲା ! ସମକାଳର ଅସ୍ୱାସ୍ଥ୍ୟ ପରିବେଶ ସୋଲ୍‌ଝେନିତ୍‌ସେଙ୍କୁ କଲା ଯକ୍ଷ୍ମା ପୀଡ଼ିତ ? ?

'ମାନବବାଦ ଓ ଆତଙ୍କ' ଗୋଟିଏ ଶୀର୍ଷକ ଉପରେ ନୋବେଲ ସମ୍ମାନକୁ ପ୍ରତ୍ୟାଖ୍ୟାନ କରିଥିବା ଅନ୍ୟ ଜଣେ ଫରାସୀ ଲେଖକ ଜାଁ ପଲ୍ ସାର୍‌ତ୍ରେ ଦେଲେ ମନ୍ତବ୍ୟ: ହିଂସା ଗୋଟିଏ ସମାଜକୁ ବଦଳାଇବାକୁ ଦରକାର, କିନ୍ତୁ ମୁଁ ଜାଣେ ନାହିଁ କେଉଁ ଧରଣର ଶୃଙ୍ଖଳାରେ ବର୍ତ୍ତମାନର ସମାଜଟିକୁ ବଦଳାଯିବ ! ଅସନ୍ତୁଷ୍ଟଙ୍କ ଏକଛତ୍ରବାଦରେ ଏହା ବଦଳାଯିବ ?

ନିଷ୍ଠୁରତା ଭୀରୁତାର ଜନନୀ !
ସେଥିପାଇଁ ଥିମ୍‌ଟିକୁ ଘଷରା ହେବାକୁ ଦେବନି ?

୧୯୦୩ ମସିହା, କଲ୍ୟାଭ ବୟସ ଛବିଶ, ଦୁଇ ବର୍ଷ ପୂର୍ବରୁ ସିଏ ହୋଇଥିଲା 'କବି' ! ତାକୁ ଦିଆଗଲା ଫାଶୀ ! ରିଭଲ୍ୟୁସନାରୀ ସୋସାଲିଷ୍ଟ ପାର୍ଟି ମିଟିଂରେ ସିଏ ଦେଇଥିଲା ମନ୍ତବ୍ୟ; କେମିତି ଆତଙ୍କବାଦୀ କାର୍ଯ୍ୟକଳାପ ବୋଲି କହିବା ଆମେ, ଯେତେବେଳ ପର୍ଯ୍ୟନ୍ତ ନ ହୋଇଛୁ ସଂପୃକ୍ତ !

ବୋରିଶ୍ ଭୋନାରୋଭସ୍କିକୁ ଦିଆଗଲା ଫାଶୀ !

Source: Author, Digitized by PPRACHIN, SOA

ଯଦି ଗଭର୍ଣ୍ଣର ଡୁବାସୋଭ୍ ତାଙ୍କ ପତ୍ନୀଙ୍କ ସହିତ ଆସିଥାନ୍ତେ ତେବେ ତାଙ୍କ ଉପରକୁ ମୁଁ ବୋମା ନିକ୍ଷେପ କରି ନଥାନ୍ତି। ଫାଶୀ ବେଳେ ଥିଲା ତାର ଜମାନବନ୍ଦୀ।

ଏଇଥିପାଇଁ ଆର୍ଯ୍ୟ ସମାଜରେ ବିବାହବେଳେ ମୁକୁଟ ମଣ୍ଡିତ ପତି ଆଗରେ ଚାଲେ ପତ୍ନୀ ?

ଦେଶରୁ ନିର୍ବାସିତ ପଳାତକ ସୋଲ୍‌ଝେନିତ୍‌ସେ ଶେଷକୁ ପଳାୟନ କଲେ ଖ୍ରୀଷ୍ଟିଆନିଟୀକୁ। ଧର୍ମର ଡାଳରେ ବସା ବାନ୍ଧିଲା ଚେତନାର ପକ୍ଷୀ ? ନିରାପଦ ପଂଜୁରୀ ଭିତରେ ସ୍ରୋତର ମୁହଁ ସୂର୍ଯ୍ୟମୁଖୀ ପୁଷ୍ପପରି ଦିଶୁଚି।

ଓଢ଼ଣୀ ଆବୃତ୍ତ ଯେମିତି ବେନଜୀର ଭୁଟ୍ଟୋର ମୁହଁଟି। ଲିଭିଲା ହେଲେ ବି ଅଲିଭା ହୋଇ ରହୁଚି। ଲହୁଣୀରେ ତିଆରି ଜହ୍ନଟି।
'ଗେଟେ' ଥରେ ଉଚ୍ଚାରଣ କଲେ, 'ମାଇଁ ଫିଲ୍‌ଡ ଇଜ୍ ଟାଇମ୍'।
ମୋର ଭୂମି ସମୟ। ସମୟ ହିଁ ମୋ' ପ୍ଲଟ।
କୋଉ ସମୟ ?

ଯେଉଁ ସମୟରେ ଫୁଟେ ଫୁଲ, ପଡ଼େ ବର୍ଷା, ଆସେ ଶୀତ, ହୁଏ ଜନ୍ମ ଏବଂ ଘଟେ ମୃତ୍ୟୁ। ସେହି ଦୃଷ୍ଟିରୁ ମୁଁ ଆଧୁନିକ।

ଡଷ୍ଟୟଭସ୍କିଙ୍କ ସବୁ ନାୟକଙ୍କ ଆଖିରେ ଥିଲା ପ୍ରଶ୍ନର କ୍ଷୁର, ଜୀବନର ଅର୍ଥ କ'ଣ ? ସେମାନେ ତମାମ ପ୍ଲଟକୁ ଚିରୁଥିଲେ ଏହି ଗୋଟିଏ ଜିଜ୍ଞାସାରେ ଏବଂ ସେହି ଦୃଷ୍ଟିରୁ ସେମାନେ ଆଧୁନିକ।

ଗୋଟିଏ ବୃହତ୍ତର ଜୀବନ ଭିତରେ ମଣିଷ ସୁଖୀ ହେବାକୁ ଅର୍ଥ ଖୋଜୁଚି, ଅନର୍ଥର ପ୍ଲଟ ଭିତରେ ଚିରନ୍ତନ ବଞ୍ଚିବାକୁ ଲେବୁଲ୍‌ଟିଏ ମାରୁଛି; ସବୁ ମିଛ, ସବୁ ମାୟା । ଏଇଥିପାଇଁ ଡଷ୍ଟୟଭସ୍କିଙ୍କ ଇଂଜିନିୟର କିର୍‌ଲୋଭ ଅନୁଭବ କରୁଛି ଯେ ଭଗବାନ ଦରକାର ଏବଂ ସିଏ ନିଶ୍ଚୟ ଜୀବନ୍ତ ରହିଥିବା ଉଚିତ। ମାତ୍ର ଏକଜିଷ୍ଟେନ୍ସ ଇଜ୍ ଇଲୁଜରୀ; ତେଣୁ ଈଶ୍ୱର ଜୀବିତ ରହିବେ ନାହିଁ। କି ରହିପାରିବେ ନାହିଁ।

ଅସୀମ ସୀମିତ ହେବ କେମିତି ?
ଆଲୋକର ଛାଇ ଆସିବ କେଉଁଠୁ ?
ତେଣୁ ଷ୍ଟାଭ୍ରୋଜିନ୍ ବିଶ୍ୱାସ କରୁଚି, ସିଏ ଭାବିପାରୁନାହିଁ ବିଶ୍ୱାସ କରୁଛି ବୋଲି। ଯଦି ସିଏ ବିଶ୍ୱାସ କରେ, ସିଏ ଭାବୁନାହିଁ ଯେ ତାର ବିଶ୍ୱାସ ହେଉ ନାହିଁ ବୋଲି।

ଭାବନା ଉପରେ ଯେତେବେଳେ ନୀଳରାତ୍ରି ଘୋଟେ ଘଟେ ପ୍ରାର୍ଥନା। ଯେତେବେଳେ ଅସହାୟ ହୋଇପଡ଼େ ଜୀବ। ଦୁଇ ହାତ ଖୋଲି ଉର୍ଦ୍ଧ୍ୱକୁ ଟେକି ମାଗେ ସହାୟତା, ଟ୍ରବ୍ଲୁ ଅଫ୍ ଲିଭିଙ୍ଗ୍ ହୋଇଯାଏ ସଜାଡ଼ି ?

Source: Author, Digitized by PPRACHIN, SOA

ଉଦ୍ଦେଶ୍ୟର ଥିମ୍‌ଟିକୁ ପଢୁଚି ଆଖି। ହ୍ୱାଟ୍ ଉଡ୍ ଲାଇଫ୍ ବି?
ସଂସାର ନିଜେ, ତାର ଗୋଟିଏ ଅର୍ଥ କ'ଣ ବୁଝେ? ଏକ ବିପୁଳ ଅଯୌକ୍ତିକତା ।

ଅଯୌକ୍ତିକ ହେତୁ ମଣିଷ ଅପରିଚିତ ରହୁଚି। ନିଜକୁ ପାରୁନାହିଁ ଚିହ୍ନି । ଲଜିକ୍ ଓ ସାଇକୋଲଜୀରେ ସତ୍ୟକୁ ଚିହ୍ନୁଚି, କିନ୍ତୁ ସିଏ ଚିହ୍ନିଥିବା ସତ୍ୟ, ସତ୍ୟଟି?

ସତ୍ୟପକ୍ଷୀ କାଳନଦୀର ପ୍ରବାହକୁ ତୃଷିତ ଦୃଷ୍ଟିରେ ଅନାଇଛି। ଥଣ୍ଟରେ ଥଣ୍ଟେ ଶୋଷି ନେବା ପାଇଁ ତା ଛାତି ଭିତର କି ଆଉଟୁ ପାଉଟୁ ହେଉଛି। ଆର୍ଟ ଇଜ୍ ନଥିଂ, ବଟ୍ ଆର୍ଟ ! କଳା ହିଁ କଳା ଅଟେ; କଳା ଏକ କାମନା। ଏକ ନାନ୍ଦନିକ ବାସନା । ବାସନା ଜର୍ଜରିତ ଚେତନା; ଜଳେ ଯେସନେ ଚନ୍ଦ୍ର ଛାଇ।

ଉତ୍କଣ୍ଠାର ପୁଷ୍ପକୁଢ଼ କିଏ ଗଦା କରିଚି?
ଟ୍ରିଉମ୍ଫ ଅଫ୍ ଦି କାର୍‌ନାଲ୍। ପାର୍ଥିବ ବିଜୟୋଲ୍ଲାସ।
ଖଣ୍ଡିଏ ନାଟକ ବୌଦ୍ଧିକତାରେ ଅଳଙ୍କୃତ?
କି ବହି ସେ ଖଣ୍ଡିକ?
ସେ ବହିର ନାମ ଜୀବନ, କେହି ଜଣେ କଲା ଉଚ୍ଚାରଣ।
ସେ ବହିର ନାମ ସମୟ; ଚିତ୍କାର କଲେ ଗେଟେ।
୧୯୯୫ ଠାରୁ ଦୁଇହଜାର ସାତ, ସୁଦୀର୍ଘ ବାରବର୍ଷ ମଧ୍ୟରେ ବୁଢ଼ୀ ଜେନା ସ୍ମୃତିରେ ସାଇତିଛନ୍ତି କ'ଣ? ଗୁଡ଼ିଏ ତଳେ ପଡ଼ିଥିବା ଜ୍ୟାମିତିକ ସ୍ଲାଙ୍ଗ୍।
କୃତ୍ରିମ ରୁଚିସମ୍ପନ୍ନ ଏକ କୌଳିକଶୈଳୀ।ସହଜଗମ୍ୟ ଯେମିତି ଖଣ୍ଡେ ଲୋଚାକୋଚା ଶାଢ଼ୀ।

ଓଷ୍ଠପତ୍ର ଭିତରେ ମୃତ୍ୟୁଦଣ୍ଡ ଝୁଲୁଚି।
ସାମର୍ଥ୍ୟ ଭିତରେ ଅବିଶ୍ୱସ୍ତ ଶିଶୁ ନିରାପଦ ତୁଣ୍ଡି ଭିତରକୁ ଫେରିଛି।
ମନ ମୁଗ୍ଧକର ଖଣ୍ଡେ ମେଖଳା ଅସହନୀୟ ସୁଖର ବିଞ୍ଚଣାରେ ବିଞ୍ଚି ଦେଉଛି ତୀର ବିଦ୍ଧ ପାରିଧିକୁ।

ବୁଢ଼ୀଜେନା ମୁଣ୍ଡରେ ଲରେଲ୍ ପତ୍ରର ମୁକୁଟ। ବିଭିନ୍ନ ରଙ୍ଗର ଚିରସ୍ଥାୟୀ କୋଳାହଳ।
ତାକୁ କିଣି ଦେଉଛି ଧରା ନ ପଡୁଥିବା ଅହଂକାର। ଆଗକୁ ନ ଆସୁଥିବା କ୍ରୂର ଛଦ୍ମବେଶୀ ଜୋକ। ଭାଡୁଆପରି ଦିଶୁଥିବା ଗୋଟେ ସ୍ୱୈଣ।
ହେ ହେ ନିଆଁଲଗା, କ'ଣ କରୁଛୁ ଇଏ, ଆରେ ହେ.... !
ସବୁ ଚୁପ୍‌ଚାପ୍।
ତକିଆଟା ଲମ୍ୱ ହୋଇପଡ଼ିଛି ଶେଯରେ।
ଶାଳୀ ବୁଢ଼ୀ, ତୋରି ଲାଗି ସବୁ ମୋ ଫୁଲଗଛ ଯାଉଥିଲା ମରି। ଏବେ ଯାଃ ସବୁ ମୋ ରାସ୍ତା ସଫା।

Source: Author, Digitized by PPRACHIN, SOA

।। ନଦୀର ଛଂଦ ।।
ସଫା ? ଛତା କନାପରି ତା' ରାସ୍ତାସବୁ ସଫା ?

କ'ଣ କଲୁ, ପୁଅ ?
ଖେଳଘର ଭାଙ୍ଗିଦେଲି, ଭାଙ୍ଗିଦେଲି ଧୂଳିଘର, ବାପା ? ତମେ ବ୍ୟସ୍ତ ହୁଅନା, ତାଜମହଲପରି ପୁଣି ଗୋଟାଏ ନୂଆଘର ଦାଣ୍ଡରେ ମୁଁ ଗଢ଼ିଦେବି ! ସୁଦର୍ଶନ ପଟ୍ଟନାୟକଠୁ ମୁଁ ଆହୁରି ନିପୁଣ ଶିଳ୍ପୀ ! ବାପା, ଦେଖିବ, ପୁଣି ନୂଆଖଟ, ନୂଆଶେଯ, ନୂଆ ମୁଲାୟମ ବେଡ୍‌ସିଟ୍ ସାଙ୍ଗକୁ ମୁଁ ଆଣିବି ଖଦୀର ଫୁଲତୋଡ଼ାରେ ତିଆରି ପରଦା ମୋ ଘରର ଦ୍ୱାରବନ୍ଧକୁ !
ଦେଖିବ, ବୋହୂ ନୁହଁ, ଗୋଟେ ଗୋଲାପଫୁଲ ! ହଜାର ଟଙ୍କିଆ ନୋଟ୍‌କୁ ମୋଡ଼ି ତାକୁ ତିଆରି କରିଚି ସମୟ ! ହାଃ, ହାଃ ସମୟ ! ଶୁଭ ସମୟ ! ! ଲକ୍ଷ୍ମୀପାଦ ! ପ୍ରଜାପତିଟା ପୁଣି ଥରେ ଉଡ଼ିବ !
ପ୍ରଜାପତି ନୁହେଁ ପ୍ରଜାପତିପରି ଗୁଡ଼ିଟେ ପୁଣି ତମାମ ବଉଦ ଭିତରେ ଭାସିବ ! ପବନ କୋଳରେ ନାଚିବ !
ଠିକ୍ ସେମିତି ମୋ କୋଳ ଭିତରେ ତମେ ! ! ପାଦକେ ଶିରୀ..... ! ସେଇଟା ଥିଲା ହତଶିରୀ !

ଉପନ୍ୟାସର ନିଜର ରହିଚି ଗୋଟିଏ ଲଜିକ୍ ! ରହିଚି ଉଦ୍ଦେଶ୍ୟ ! ରହିଚି ସ୍ୱତସ୍ଫୂର୍ତ୍ତ ଭାବ ! ରହିଚି ସତ୍ୟ ବୋଲି ମାନି ନେଉଥିବା ପ୍ରକ୍ରିୟା !

ଏହା ସ୍ୱଷ୍ଟତ୍ୱର ଉପାଦାନ ମଧ୍ୟ ରହିଚି ! ଏହାର ନିୟମ, ଏହାର ଉପାଦାନ ଓ ତାହା ବ୍ୟକ୍ତିଗତ ଜମାନବନ୍ଦୀରୁ ଉଦ୍‌ଭବ !

ନିଜର ନିଜସ୍ୱ ବିଶ୍ୱ ସଂରଚନା କରୁଛି ଅର୍ଥ-ଯୌତୁକ ! ସାମ୍ନାରେ ନୂଆ ପ୍ଲଟ୍: ମୋ ଘର ଭାଙ୍ଗି ଗଲାରେ... ! ଶଳା ଡାକ୍ତରଟା କହିଲା ଭଲ ହୋଇଗଲାଣି, ତାକୁ ଘରକୁ ନେଇ ଯାଅ ! ତା' କଥାରେ ତାକୁ ମୁଁ ଘରକୁ ନେଇ ଆସିଥିଲି ! ମୋ ଘର ଶଳା ଡାକ୍ତର ଭାଙ୍ଗି ଦେଲାରେ.... !
ଜୋକର କାନ୍ଦୁଛି !
ରହେମାନ୍ ସର୍କସ୍‌ର ଜୋକର୍ !

ପଶୁପକ୍ଷୀ ପରିବେଶବିତ୍ ମେନକା ଗାନ୍ଧୀ ଦାବୀ କରିଛି, କେହି ପଶୁପକ୍ଷୀଙ୍କୁ ବନ୍ଦୀ କରି ରଖି ଆଉ ସର୍କସ କରିପାରିବେନି ! ବାଘ ମାଷ୍ଟର ବ୍ରା' ଓ ପ୍ୟାଣ୍ଟି ପିନ୍ଧା ମହିଳାଙ୍କ ଗହଣରେ ଖେଳୁଚି ଦୋଳି !
ଦୁଃଖର ଦୋଳି ?
ଉହୁଁ, ସୁଖର ! ସୁଖ ଭୋଗ କରିବା ପାଇଁ ଚମଡ଼ା ତଳେ ସ୍ନାୟୁ ଅଛି ବୁଢ଼ା ମଇଁଷିର ?

Source: Author, Digitized by PPRACHIN, SOA

ମାନବିକତାର ଲାଲ ଗୋଲାପ ଫୁଟିବ ?
ସିଏ.... ଯେ କେହି !

ଜୀବ ବିଜ୍ଞାନର ଏକ ସଂଖ୍ୟା !
ମଣିଷ ଏକ ବାୟଲୋଜିକାଲ୍ ଇକୁଏସନ୍ ! କମ୍ରେଡ କିର୍‌ଲୋଭ୍ ଦାବୀ କରିଛି, ସିଏ ଜଣେ କମ୍ୟୁନିଷ୍ଟ, କାରଣ ସିଏ ଇତିହାସକୁ ବୁଝିଛି ! ଡାରୁଇନ୍ ତାଙ୍କ ବିବର୍ତ୍ତନର ଇତିହାସରେ ଭିନ୍ନତାକୁ ନାମ ପରିବର୍ତ୍ତେ ସଂଖ୍ୟାରେ ପ୍ରମାଣିତ କରାଇଛନ୍ତି ! ସେ ହିଁ ତ ଉଚ୍ଚାରିତ କରିଥିଲେ, ମାନବ ଜୀବବିଜ୍ଞାନର ଏକ ସତ୍ତା !

ଭୟ ଏକ ବାୟଲୋଜିକାଲ ପ୍ରବୃତ୍ତି, କିନ୍ତୁ ମୃତ୍ୟୁ ଭୟ ସାର୍ବଜନୀନ !

ସେଇଥିପାଇଁ କିର୍‌ଲୋଭ୍ କହୁଚି, ମୋ ନାଁ, ଅନାନିମସ୍ ! ଜଣେ ବିଶେଷତ୍ୱ ବିହୀନ ମଣିଷ ! ଅନାନିମସ୍ କେମିତି ହେବ 'ହାମ୍‌ଲେଟ୍'ର ନାୟକ ? ଲଜିକ୍ ତା' ଧର୍ମ ! ସାମ୍ୟବାଦ ତା' ମାତୃଭୂମି ! ତା' ପୋଷାକର ରଙ୍ଗ ହରିତ୍ ! ତା ପସନ୍ଦ ସବୁବେଳେ ଅହିଂସା ଓ ବିଶ୍ୱସ୍ତତା !

ତା ରୁଚି କବିତା !

କବିତା କୁଆଡ଼େ 'ଇନ୍‌ଡୀଡ୍ ସମଥିଙ୍ଗ୍ ଡିଭାଇନ୍' ! ମାତ୍ର 'ଡେଥ୍ ଇଜ୍ ଡିଭାଇନ୍' ! ମୁହୂର୍ତ୍ତମାନ ଜୀବନ୍ତ ଏବଂ ଜୀବନ୍ତ ମୁହୂର୍ତ୍ତମାନ ଗୋଟିଏ ଗୋଟିଏ ରୂପା ମାଛ, ପହଁରି ଚାଲି ଯାଉଛନ୍ତି ପାଦ ପାଖରୁ ଓ ହାତ ପାଆନ୍ତାରୁ ଦୂରକୁ, ଦୂର ସମୁଦ୍ରକୁ ! ଦିଗ୍‌ବଳୟ ତଳକୁ ? ଘନନୀଳ ସମୁଦ୍ର ଓ ଇନ୍ଦ୍ରନୀଳ ଆକାଶର ମିଳନ ସ୍ଥଳକୁ !

ମା' ପ୍ରାକୃତିକ, ବାପା ସାମାଜିକ !
ନାରୀ ନିଜେ ପ୍ରକୃତି, ଏକ ନିସର୍ଗ ! ସିଏ ସୃଜନୀ, ସୃଜନର ଏକ ଶକ୍ତି ଓ ଅଭିବ୍ୟକ୍ତି ! ପୁରୁଷ ପ୍ରଧାନତଃ ମସ୍ତିଷ୍କକୁ ନେଇ ଜୀଏ, ନାରୀ ହୃଦୟକୁ ନେଇ ଜୀଏ ! ଭାବ ହିଁ ତାହାର ସ୍ୱଭାବ ! ପୁରୁଷର ବନ୍ଧନ ପାର୍ଥିବ ଓ ବିଜ୍ଞାପିତ ! ନାରୀର ବନ୍ଧନ ଆତ୍ମିକ ଓ ଅପ୍ରକାଶ୍ୟ, ଅପାର୍ଥିବ ହେତୁ ଅଦୃଶ୍ୟ ! ଭଲପାଇବା ତା'ର ଏକମାତ୍ର କର୍ମ ! ପ୍ରେମ ହିଁ ତାର ଜୀବନ ! ପ୍ରେମ ତାହାର ଏକୋନ୍ମୁଖ ଏବଂ ଏକାନ୍ତ !

ତେଣୁ ସିଏ ତିଆରି କରେ ଘର ! ରହେ ଚୁପ୍, ଗପେ ନାହିଁ ବେଶୀ, ଅନୁଭବ କରେ ବହୁତ ! ମୌନବତୀ ପ୍ରେମ ଜାଣିଚି ! ତା ସମ୍ବନ୍ଧ ଆତ୍ମୀୟ, ପୁରୁଷର ସମ୍ବନ୍ଧ ଔପଚାରିକ ! ତେଣୁ ପୁରୁଷ ତାକୁ ପ୍ରେମ ମାଗେ, ଯେମିତି ପ୍ରେମ ସାଇତା ଦ୍ରବ୍ୟ କିଛି !

ବୁଢ଼ା ଜେନା ସ୍ଥାନୀୟ ତହସିଲଦାର ! ତା' ହାତରେ କ୍ଷମତାର ମୁଣି ! ସେ ମୁଣି ଭିତରେ ଭର୍ତ୍ତି ଧାନ, ମୁଗ, ଶାଗ, ମାଛ, ଗଛ, ଖଣି, ବାଲିତୁଠ, କେତେକେତେ ଗୋଡ଼ି ଓ ପିଜୁଳି !

Source: Author, Digitized by PPRACHIN, SOA

ସ୍ୱାମୀ ତା'ର ମରିଗଲା ତୁଷାର ବର୍ଷା ଭିଜା ସିଆଚୀନ୍ ସୀମାନ୍ତରେ । ତୁଷାର ବର୍ଷା ସାଙ୍ଗକୁ କୁହୁଡ଼ିର ଚଦର ଢାଙ୍କିଥିଲା ସାରା ପରିବେଶ । ସୀମାନ୍ତର ତାର ବାଡ଼ କର ଦେଇ ବାଟାଲିୟନ୍ ଯିବାବେଳେ ହଠାତ୍ ଗୁଡ଼ାଏ ଗୁଳି ତାର ବାଡ଼ ଆରପଟୁ ଝରିପଡ଼ିଲା ସେମାନଙ୍କ ମୁଣ୍ଡ ଉପରେ ।

ସଟାସଟ୍ ଦୁଇଟି ଗୁଳି ତା' ପିଠିପଟେ ପଶି ରହିଗଲେ ଦେହର କଞ୍ଚା ଆମ୍ବ ଭିତରେ । ଡାକ୍ତର କ୍ୟାମ୍ପ ଭିତରେ ପିଠି ଚିରି ଗୁଳି ଦୁଇଟି ବାହାର କରିଦେଲେ ତୁରନ୍ତ । କିନ୍ତୁ ତା' ପ୍ରାଣ କପୋତ ଗୁଳିବିଦ୍ଧ ଦେହର ପଂଜୁରୀକୁ କଲା ପ୍ରତ୍ୟାଖ୍ୟାତ । ବିଗୁଲ୍ ବାଜିଲା । ବନ୍ଧୁକ ତଳ ମୁହଁ ହେଲା । ତା' ଦେହ ଉପରେ ଘୋଡ଼ାଗଲା ଜାତୀୟ ପତାକା । ଫୁଲମାଳରେ ଆଚ୍ଛାଦିତ ହେଲା କଫିନ୍ । ଶବ ଆସିଲା ଭୁବନେଶ୍ୱର । ତା'ପରେ ତା' ଗାଁକୁ ।

ଶହୀଦଙ୍କୁ ଦିଆଗଲା ଜାତୀୟ ସମ୍ମାନ । ମିଲିଟାରୀ ବ୍ୟାଣ୍ଡ । ଶବ ସହିତ ଆସିଥିବା ମନ୍ତ୍ରୀ କହିଲେ ସିଏ ଦେଶର ଗୌରବ । ଅମର ମରଣ ତାର, ଚିର ଉଜ୍ଜ୍ୱଳ । ଛୋଟ ଛୋଟ ପୁଅ ଦୁଇଟି ।

ଛାତି ଫଟାଇ ଅହଲ୍ୟା କାନ୍ଦୁଛି ।

ମା' ପାଖରେ ଜୁଳୁଜୁଳୁ ଆଖିରେ ବିଲେଇ ଛୁଆ ଦୁଇଟି ଯେମିତି ଅନେଇଛନ୍ତି । କ'ଣ ଘଟୁଚି ସିଏ କିଛି ବୁଝୁ ନଥାନ୍ତି । ସାନଟି ମା' ଛାତିରେ କେତେବେଳେ କେମିତି ମୁହଁ ଗୁଞ୍ଜୁଛି ।

ଖଣ୍ଡେ ଦୂରରେ ବୁଢ଼ା ଗଛଟି ଆଖିରୁ ଝାରୁଛି ଅସରା ବର୍ଷାର ଧାରା । ବୃଦ୍ଧା ଲତାଟି ହରାଇଛି ସଂଜ୍ଞା । ଚେତନା ଫେରିଲାବେଳେ ହୃଦୟ ବିଦୀର୍ଣ୍ଣ କରି ପଚାରୁଛି, ମୋ ଧନକୁ କାଠ ଡବାରେ କିଆଁ ଆଣିଛ ? ମୋ ପୁଅର କ'ଣ ହେଇଚି କିଲୋ.... ।

ମୋ ଭାଇଲୋ.... ମୋ ଭାଇ... । ସବୁ ସପନକୁ ମୋର ଭାଙ୍ଗି ଦେଲୁରେ ଦଇବ । ମୋ ଭାଇକୁ ମତେ ଆଉ କିଏ ଆଣିଦେବ ? କହିଯାଇଥିଲା ଆସିଲାବେଳେ ଏଥର ମୋ ପାଇଁ ଘଣ୍ଟା ଆଣିବ । ମତେ ଆଉ କିଏ ଆଣି ଦେବ ଲୋ.... । ମୋ ଭାଇ...

ସାମ୍ନାରେ ଶାଳକାଠର ବିରାଟ ବେଦୀ, ତା' ଭିତରେ ମାଟିର ପଞ୍ଜୁରୀ ଜଳୁଛି । ତାକୁ ଘେରି ରହିଥାନ୍ତି ଡିଉଟିରେ ଥିବା ଦଳେ ପୁଲିସ୍ ।

ଟଙ୍କା ମିଳିଲା ।

ବାପା ମା' ଥରକୁ ଥର ପାଇଲେ ଟଙ୍କା ।

ଅଲକ୍ଷଣୀ, ଘଇତା ଖାଇ, ମୋ ପୁଅକୁ ଖାଇଦେଲା ।

Source: Author, Digitized by PPRACHIN, SOA

ଅହଲ୍ୟା ପାଇଲା, ଶାଶୁ, ଶ୍ୱଶୁର ଓ ନଣନ୍ଦଙ୍କଠୁ ଗୋଇଠା । ଯେଣୁ ସିଏ ପର ଝିଅ, ଆସି ତା' ହାତ ଧରି କରିଥିଲା ଘର । ତେଣୁ ତା'ର ପ୍ରାପ୍ୟ ହେବ ଆଉ କ'ଣ ? ତ୍ୟାଗର ଜୀବନ୍ତ ମୂର୍ତ୍ତିପାଇଁ ଲାଂଛନା ଓ ଯାତନାର ସାମାଜିକ ଜୋତାମାଳ ହେଲା ଶ୍ରେଷ୍ଠ ସମ୍ମାନ ।

ନିକଲ୍ ମୋ ଘରୁ । ମୋ ଭେଣ୍ଡା ପୁଅକୁ ଖାଇଗଲୁ ଡାହାଣୀ । ଯାଉଛୁ ନା'ଦେଖିବୁ ଛାଞ୍ଚୁଣି ମୁଠା ଗୁଣ୍ଡ କରିଦେବି ?

ଯାତନାର ଜଞ୍ଜାଳ ରକ୍ତମାଂସ କେତେ ଆଉ ସହିବ ? ଦିନେ ଠିକ୍ କଲା କୂଅକୁ ଡେଇଁବ । ପାଖ ଘରର ବୋହୂ ଜଣେ ତାକୁ ଦେଲା ସାନ୍ତ୍ୱନା ଓ ଉପଦେଶ ।

ଯା, ବାପ ଘରକୁ ପଳା । ତୋର ଅଣ୍ଡିରା ପୁଅ ଦୁଇଟା । ଭିକ ମାଗି ଚଳିବୁ ଯା । ଆଉ ଟିକିଏ ବଡ଼ହୋଇଗଲେ ଚାହା ଦୋକାନରେ ଅଇଁଠା ଗିଲାସ ମାଜି ତତେ ପୋଷିଦେବେ । ମରିବୁ କିଆଁ ? ତୋ ଆସାମୀ ସିନା ନାହିଁ, ସିଏ ଦେଇଯାଇଥିବା ଏଇ ଛୁଆ ଯୋଡ଼ିକ ତ ତୋର ସୌଭାଗ୍ୟଲୋ ଅହଲ୍ୟା । ତାଙ୍କ ମୁହଁକୁ ଟିକିଏ ଚାହାଁ ।

ବାପ ଘରକୁ କାନ୍ଦି ବୋବେଇ ଆସିଛି ଅହଲ୍ୟା । ସୁନ୍ଦରୀ ନାନି ଗାଁ ସରପଞ୍ଚ, ତାକୁ ସାହାଯ୍ୟ କରିବାକୁ ଆଗେଇ ଆସିଛି । ବଢ଼ାଇଛି ହାତ ।

ପିଲା ଦୁଇଟା ଓ ବିଧବା ସ୍ତ୍ରୀଟି ବଞ୍ଚିତ । ନା' ଶହୀଦର ଏମାନେ କେହି ନୁହନ୍ତି ? ସବୁ ଟଙ୍କା ତା' ବାପା ମା' ପାଇବେ କେମିତି ?

ତହସିଲଦାର ବୁଢ଼ା ଜେନା ।

ନ୍ୟାୟ ଦେବ ବୋଲି ନାରୀଟି ପ୍ରାର୍ଥନା କରିଛି । ପ୍ରାର୍ଥନାର ପ୍ରତ୍ୟୁତ୍ତର ବୁଢ଼ାଜେନା ତା' ଦେହ ମାଗିଛି । ମାଗିନାହିଁ, ବରଂ ଅସହାୟ ବିଧବାର ଦାରିଦ୍ର୍ୟ ଓ ଅଭାବର ମୌକା ଦେଖି ଲୁଟି ନେଇଛି ।

ହଃ, ଟିକିଏ ସୁଖର ଖେଳ ତ । ତତେ ବି ଭଲ ଲାଗିବ । ଟିଫିନ୍‌ରେ ଅଛି ମାଉଁସ ଭାତ । ଖା' । ଏହି ତିରିଶ ଟଙ୍କା ବସ୍ ଖର୍ଚ୍ଚ ରଖିଥା । ତୁ ଆଗ ଭଲରେ ବଂଚ୍ । ସରକାରକୁ କହି ମୁଁ ତୋ ପେଇଁ ଜମି ଦେବି ଆଠ ଏକର ।□

Source: Author, Digitized by PPRACHIN, SOA

-ଚାରି-

'ତୁମ ପୁତ୍ରକୁ କମଳ ଦେବ ପରିବର୍ତ୍ତେ ତାକ ଷ୍ଟିଫାନୋଭିକ୍ କିମ୍ବା ଇଲେକ୍ଟ୍ରିସିଟି' !

–ରାଜାରାଓ

ମେଟାଫିଜିକାଲ୍ ଛତା ତଳେ ଲୁଚାଇ ଦେବ ମଇମାସ ଖରାକୁ ?
ଭାରତର ଅଗ୍ରରେ ଦଣ୍ଡାୟମାନ ହିମାଳୟ ପୁତ୍ରୀ ପାର୍ବତୀ; ସିଏ ଆଉ କିଏ କି ?
ସିଏ ନିଜେ ଭାରତ !
ନିଜେ ଅମଳ ଧବଳ ପ୍ରାୟଶ୍ଚିତ ଓ ନିଜେ ଭୋଗ ଏବଂ ଭୋଗ୍ୟ ! ନିଜେ ଭାଗ୍ୟ ! ତା' ହାତରେ ଛତା ! ସତ୍ୟତୁ ଲୁଚାଇ ଦେବ ?

ଧଳା ଧଳା ଛତୁପରି ଆକାଶକୁ ଉଠୁଥିଲେ ସଫେଦ୍ ମେଘର ଖଣ୍ଡ, ଯେତେବେଳେ ପରମାଣୁ ବୋମାଟି ଆକାଶରୁ ଆସି ଭୂମି ଉପରେ ଆରମ୍ଭ କଲା ତାର କ୍ରିୟା ! ଭୟଙ୍କର ସେଇ ସୌନ୍ଦର୍ଯ୍ୟ ଉଠୁଥିବା ମେଘଖଣ୍ଡରୁ ଅବଲୋକନ କରୁଥିଲେ ନିୟୁ ମେକ୍ସିକୋରେ ବସି ତାହାର ଜନକ ରବର୍ଟ ଓପେନ୍‌ହାଇମେର୍ ! ତାଙ୍କ ଓଷ୍ଠରୁ ସ୍ୱତଃ ନିଗିଡ଼ି ପଡ଼ିଥିଲା ଗୋଟିଏ ବିହ୍ୱଳିତ ଧାଡ଼ି:

'ନାଁଓ ଆଇ ୟାମ୍ ବିକେମ୍ ଡେଥ୍, ଦି ଡେଷ୍ଟ୍ରୟର ଅଫ୍ ୱାର୍ଲଡସ୍' !

'କାଳୋଽସ୍ମି ଲୋକକ୍ଷୟ କୃତ୍ ପ୍ରବୃଦ୍ଧୋ'... ଓପେନ୍ ହାଇମେର୍ ଉଚ୍ଚାରଣ କରୁଛନ୍ତି ଭଗବତ ଗୀତା ?

'ଶଳା, କୁତୀ ପିଲା' ! କାଇବିର୍ଡ଼ ଓ ମାର୍ଟିନ୍ ଯେ. ସେର୍‌ଉଇନ୍ 'ଆମେରିକାର ପ୍ରମେଥିଅସ୍' ଓପେନ୍ ହାଇମେର୍‌ଙ୍କ ଜୀବନୀ ଲେଖୁ ଲେଖୁ ଚିତ୍କାର କରି ଉଠିଲେ ! ଯେତେବେଳେ ପିଙ୍କ୍ ଗୋଲାପୀଠୁ ଚାଲିଯାଏ ଦୂରକୁ, ଫିଜିକ୍ସ ହୋଇଯାଏ ଡେକାର୍ଟ !

Source: Author, Digitized by PPRACHIN, SOA

ଓପେନ ହାଇମେର ଦେଶର ବ୍ରିଲିଆଣ୍ଟ ପଦାର୍ଥ ତତ୍ତ୍ୱର ଛାତ୍ର ।
ଆଲବର୍ଟ ଆଇନ୍‌ଷ୍ଟାଇନ୍‌ଙ୍କୁ କେହିଜଣେ ପ୍ରଶ୍ନ କରିଚି:
ଆପଣ ତୃତୀୟ ବିଶ୍ୱଯୁଦ୍ଧ ବିଷୟରେ କହିବେକି କିଛି ?
ଆଇନ୍‌ଷ୍ଟାଇନ୍ ଉତ୍ତର ଦେଇଛନ୍ତି, ଆଇ ୟାମ୍ ସରୀ ।
ତୃତୀୟ ବିଶ୍ୱଯୁଦ୍ଧ ବିଷୟରେ ମୁଁ କହି ପାରିବିନି କିଛି। ଯଦି ଚତୁର୍ଥ ବିଶ୍ୱଯୁଦ୍ଧ ବିଷୟରେ ପଚାରିବେ ତେବେ ମୁଁ କହି ପାରିବି ।
ପ୍ରଶ୍ନକର୍ତ୍ତା କହିଲେ, ଓକେ, ଚତୁର୍ଥଟି ବିଷୟରେ କହନ୍ତୁ ।
ଆଇନ୍‌ଷ୍ଟାଇନ୍ କହିଲେ ଚତୁର୍ଥ ବିଶ୍ୱଯୁଦ୍ଧ ଆଦୌ ହେବ ନାହିଁ। କାରଣ ତୃତୀୟଟିରେ ମୃତ୍ୟୁ ପୋଛି ନେଇଥିବ ସୃଷ୍ଟିକୁ ! ଇତିହାସ ସୃଷ୍ଟି କରିବାକୁ ବ୍ୟକ୍ତି ନଥିବେ, ଲଢିବାକୁ ଯୋଦ୍ଧା ଆସିବେ କେଉଁଠୁ ?
ମଣିଷ କ୍ଳାନ୍ତ ହୋଇ ଯାଇଛି ।
ତା'ପାଇଁ ସବୁ ଆଜି ଘଷରା । ରାଜନୀତି, ଧର୍ମ, ଆଧ୍ୟାତ୍ମିକତା, ନୈତିକତା, ସାମାଜିକତା, ସବୁ ଘଷରା । ସବୁ ବିରକ୍ତକର । ସବୁ ପୁରୁଣା ।
ଏଇ ଜୀବନ ବି ।
ଭାରତରେ, ପାକିସ୍ଥାନରେ, ଶ୍ରୀଲଙ୍କାରେ - କେଉଁଠି ଯେ ନାହାଁନ୍ତି ମାନବବୋମା ?
ଜୀବନ ଖଣ୍ଡିଏ ମଇଳା ଅନ୍ତର୍ବସ୍ତ୍ର । ସ୍ୱେଦ ଓ ଦୁର୍ଗନ୍ଧ ପଚ୍‌ପଚ୍ ।
ତାକୁ ବଦଳାଇବାକୁ ପଡ଼ିବ ।
ନୂଆ ଜୀବନଟିଏ ଦରକାର ମଣିଷର ।
ସକାଳପରି କୋମଳ, ସଫା, ସୁବସିତ ଓ ଶୀତଳ ଗୋଟିଏ ଜୀବନ । ସେ ଜୀବନ ଯଦି ମଣିଷ ନ ପାଇବ, ଗ୍ଲୋବାଲ ସୁଇସାଇଡ୍ ଘଟିବ ।
ଧ୍ୱଂସର ଧୂଆଁ ସୃଷ୍ଟିକୁ ଜଡ କରିଦେବ, କରି ଦେବ ପାଉଁଶ କୁଢ ।
ସତ୍ୟପକ୍ଷୀ ପାପୁଲି ଯୁକ୍ତକଲା ।
ଖାଣ୍ଡବ ଜଳୁଛି, ହେ ନବଗୁଂଜର, ଅବତର ।
ସଫ୍ଟୱେୟାର ଭିତରେ ଗୋଟେ ଭାଇରସ୍ ଓପେନ୍ ହାଇମେର । ସୃଷ୍ଟିର ଫାଇଲ୍‌କୁ ଖାଇ ସଫା କରିଦେବ ?
କଂପ୍ୟୁଟର ମେମୋରିରେ ଆତଙ୍କର ଘା' । ଘା'ଟା କ୍ୟାନ୍‌ସର ।
ବ୍ରିଟେନ୍‌ରେ ନିୟୁର୍କରେ ନେପାଳରେ, ବମ୍ବେରେ, ବାଙ୍ଗାଲୋରରେ ଏପରି କି ଚକାପଦାରେ ବି । ସିଏ ।
କେଉଁଠି ଯେ ନାହିଁ ଛାଇ ? ପ୍ରତ୍ୟେକ ମଣିଷ ଜଣେ ଜଣେ ଅସନ୍ତୁଷ୍ଟ ସକ୍ରେଟିସ୍ ।

ସ୍ତର ଅନେକ । ପ୍ରଥମ ସ୍ତର ସମକାଳୀନ ସଂସାର । ଦ୍ୱିତୀୟ ସ୍ତର ଅବିଶ୍ୱାସ୍ୟ ମୂଲ୍ୟଯୁକ୍ତ ସଂସାର । ସେଠି ସବୁଜ ମଣିଷ, ଦି ଗ୍ରୀନ୍ ମ୍ୟାନ୍ !

Source: Author, Digitized by PPRACHIN, SOA

ଧାରଣା ଓ ଭାବନାକୁ ଧକ୍କା ଦିଏ କଳ୍ପନା। ବାସ୍ତବ ସଫଳ ହୋଇ ଠିଆ ହୁଏ।

ଔଷଧ ବିଫଳ ହେବାପରେ ରୋଗୀର ହୃଦୟରେ ଯେମିତି ସତ୍ୟର ସବୁଜ ପକ୍ଷୀର ନୀଡ଼ଟି ଆଣେ ଭରସା କେବଳ। ଆଶାର ଏକମାତ୍ର ଧଳା ଟଗର ଗୋଟିଏ ପତ୍ର ସନ୍ଧିରୁ ଏକୁଟିଆ ତାରା ପରି କାଢ଼େ ମୁହଁ। ଦିଏ ଆଶ୍ୱାସନା।

ଏଇଠି କ'ଣ ରାସ୍ତା ଶେଷ? ନା', ଶେଷପରି ଦେଖାଯାଉଛି ଏହି ସ୍ଥାନଟା। ଆଗକୁ ଆହୁରି ବହୁତ ବାଟ ଅଛି ଯିବାକୁ। ଆଶାରୁ ରଙ୍ଗ ଛାଡୁଛି? ନା। ସାଉଣ୍ଡସ୍ ଅଫ୍ ସିଡେକ୍ସନ୍ ଶୁଣ। ଦେଖ ଗ୍ରାଣ୍ଡ ଅବ୍‌ସେସନ୍।

ନୂତନ ସହସ୍ରାବ୍ଦର ବିଶ୍ୱାୟନର ବନ୍ୟା ବ୍ୟାପି ଆସିଲାଣି ଦିଲ୍ଲୀରୁ ବମ୍ବେ, ମାଡ୍ରାସ, କଲିକତା ଦେଇ କାଳିମାଟି ଗାଁକୁ। ସାଟେଲାଇଟ୍ ଦ୍ୱାରା ଟି.ଭି. ଯେ କାହାର ବିପଣନ ନ କରୁଛି। ଶିଳ୍ପ ବିପ୍ଳବର ନୂଆ ମେଘ ରଚନା କଲାଣି ଅସଂଖ୍ୟ ମେଘଦୂତ।ତ୍ୱରିତ ପରିବର୍ତ୍ତନର ନୂଆ ଗହଣା ପିନ୍ଧୁଚି ମଣିଷ। ସବୁ ଏବେ ଆକର୍ଷକ, ଉଦ୍ଦୀପକ। ଯୌନ ସୁଖର ମୁକ୍ତ ସହାୟକ। ବଲିଉଡ୍‌କୁ ଚମକାଇଛି 'ଲାଇଫ୍ ଇନ୍ ଏ ମେଟ୍ରୋ' 'ପେଜ୍ ଥ୍ରୀ' ଭଳି ଚଳଚ୍ଚିତ୍ର। ଦୁଇ ହଜାର ଦୁଇର ଶୀତରତୁ। ପୂଜା ଭଟ୍ଟ ରିଲିଜ୍ କଲେ ଇରୋଟିକ୍ ଥ୍ରୀଲର୍ 'ଜିସ୍ମ'। ନୂଆଦିଲ୍ଲୀରେ ହାଉସ୍ ଫୁଲ୍। ପ୍ରତ୍ୟେକ ସୋ'ର ଦର୍ଶକାଙ୍କ ସଂଖ୍ୟା ଥିଲା ପ୍ରାୟ ନବେ ପ୍ରତିଶତ ଓ ସମସ୍ତେ ସମ୍ଭ୍ରାନ୍ତ ଏବଂ ବିତ୍ତଶୀଳା। ଦାମୀ ସିଲ୍‌କ ଚଦର ଆଚ୍ଛାଦିତା। ସଂସ୍କୃତିର ନୂତନ ସ୍ରୋତ କେଉଁ ଦିଗକୁ ରଚୁଥିଲା ତାର ପ୍ରବାହ ?

ଜଟିଳ ଟେକ୍‌ନୋଲଜି ଓ ମଲ୍‌ଟିପ୍ଲେଇଂ ଡାଟା ସୋର୍ସ ସଂସ୍କୃତିର କାନ୍‌ଭାସରେ ଆଙ୍କୁଥିଲା ପରିବର୍ତ୍ତିତ ମଣିଷ। ମଣିଷ ତ ନୁହେଁ, କେବଳ ଷ୍ଟିଲ୍ ପାତ୍ରରୁ ଉଛୁଳା କ୍ଷୀରର କିଛି ଅଂଶ। ଫିଦା ହୋସେନ୍ ଆଙ୍କିଛି କ'ଣ?
କିଛି ସ୍ତନ ଓ କିଛି କିଛି ଆର୍ଦ୍ର ଯୌନ। ନୂତନ ସହସ୍ରାବ୍ଦର ପଦ ଚିହ୍ନ।

ମହାଦୈତ୍ୟ ଚିକ୍ଷୁର ମୃତ୍ୟୁପରେ ପର୍ବତାକାର ଏକ ହସ୍ତୀ ଆରୋହଣ କରି ଦେବୀଙ୍କ ସାମ୍ନାକୁ ହୁଙ୍କାର ଦେଇମାଡ଼ିଆସୁଛି ସେନାପତି ଚାମର। କ୍ରୋଧରେ ଜର୍ଜର।ବସ୍ତା ବସ୍ତା ଶୁଷ୍କ ଲାଲ ଲଙ୍କା ଯେମିତି କେହି ପ୍ରଖର ପ୍ରବାହିତ ପବନର ଅନୁକୂଳରେ ଊର୍ଦ୍ଧ୍ୱରୁ ଢାଳୁଛି। ଜୀବନ ତ ଛୋଟ ଦୀପଟିଏ, ଲିଭିବାକୁ ଗୋଟିଏ ଫୁଙ୍କକୁ ନଅଣ୍ଟ ହୋଇଛି।

ଅଜସ୍ର ଦୈତ୍ୟ ଶବ, ମୃତ ଅଶ୍ୱ, ମୃତ ହସ୍ତୀ ଓ ଭଗ୍ନ ରଥ ମଝିରେ ଉଦୟକାଳୀନ ସହସ୍ର ଲାଲ ସୂର୍ଯ୍ୟ ଗୋଟିଏ ମୂର୍ତ୍ତି ହୋଇ ଜଳୁଥାନ୍ତି। ଦେହରେ ଲାଲ ରଙ୍ଗର ରେଶମ ଶାଢ଼ୀ, ଗଳାରେ ମୁଣ୍ଡମାଳା। ଦୁଇ ସ୍ତନସାରା ରକ୍ତ ଚନ୍ଦନର ଲେପ। କର କମଳରେ ଜପମାଳା, ବିଦ୍ୟା, ଅଭୟ ଓ ବର ମୁଦ୍ରା। ମସ୍ତକରେ ଚନ୍ଦ୍ରପରି ଏକ ସୁବର୍ଣ୍ଣ ମୁକୁଟ। ସିଂହ ଉପରେ ଦଣ୍ଡାୟମାନ ହୋଇଥିଲେ ମା'।

Source: Author, Digitized by PPRACHIN, SOA

କାଚ ବନ୍ଧେଇ ଫଟୋ ତଳେ ବସି ବୁଢ଼ାଜେନା ପ୍ରାର୍ଥନା କରୁଛି; ଟଙ୍କା ଦିଅ, ଟଙ୍କା ଦିଅ, ଖରାପ ହୋଇଥିବା ମୋ ସିସିଆର୍‌ଟାକୁ ସଜାଡ଼ି ଦିଅ ! ମତେ ପ୍ରମୋସନ ଦିଅ, ମା' ! ଏଇ ସନ ଦଶହରାକୁ ଡବଲ ବୋଦା ସାଙ୍କସନ୍ କରିଦେବି ।
ଗୋଟିଏ ଦେଶର ସୀମା ଥାଏ, ଗୋଟିଏ ଶୋଷର ସୀମା ନଥାଏ ।

ସୁଖ ଅନ୍ୱେଷଣୀ ମହିଳା ଶ୍ରେଣୀ ଏବେ ସଂସ୍କୃତିର ପ୍ଲଟ୍ ! ନୂତନ ବାସ୍ତବିକତାକୁ ଗଳାରେ ଝୁଲାଇ ସଂସ୍କୃତି ନିଜକୁ କଲାଣି ପରିଚିତ ! ଦେହ ପାଇଁ ଦରକାର ସେକ୍ସ ! ସୁଖ ପାଇଁ ନୂଆ ନୂଆ ଫେସନ୍ ଓ ସୌକ ପାଇଁ ଦରକାର ଟଙ୍କା !

ସ୍ଥାନୀୟ ମାର୍କେଟ ଧ୍ୱସ୍ତବିଧ୍ୱସ୍ତ, ଆନ୍ତର୍ଜାତିକ ବ୍ରାଣ୍ଡ୍ ଦଖଲ କରିଛି ଗାଁ ଦାଣ୍ଡର ମାର୍କେଟ । ବିପୁଳ ଅର୍ଥର ସ୍ରୋତ ଧନିକ ଶ୍ରେଣୀଙ୍କୁ କରିଛି ଧନୀକତର, ମଧ୍ୟବିତ୍ତ ହୋଇଛନ୍ତି ଧନୀକ, ଶ୍ରମିକ ତ ସବୁକାଳେ ଶ୍ରମିକ ! ଦାରିଦ୍ର୍ୟ ସୀମାରେଖା ତଳର ମଣିଷଙ୍କ ପାଇଁ ମଧ୍ୟ ଆସିଛି ପ୍ରଗତି । ଦଳେ ନିମ୍ନବିତ୍ତ କେବଳ ତଳିତଳାନ୍ତ ଜୀବନ ବିତାଉଛନ୍ତି ।

ଅହଲ୍ୟା ସେଇ କ୍ଲାସ୍‌ରୁ ଆସିଛି ! ତା'ପାଇଁ ତା' ଦେହ ଏବେ ପାଣ୍ଠି । ଦ୍ୱରିତ ପରିବର୍ତ୍ତିତ ସଂସ୍କୃତିର ମହିଳାମାନଙ୍କ ପୁଂଜିର ଅଂଶ ଦେହରେ ନାହିଁ, କିଏ ତାର ଦେବ ଗ୍ୟାରେଣ୍ଟି ? ଅଭାବର ଲଙ୍ଗଳା ଦେହକୁ ଦେଖିଚ କେବେ ?

ଭୋକର ହାତରେ ନଖ ନଥାଏ, ନଥାଏ ତାର ଆଙ୍ଗୁଠି ! ତା' ପାପୁଲି ସାରା ବାରିକ ସେଲୁନ୍‌ର ଧାରୁଆ କ୍ଷୁର ଅନାଇଥାଏ ଅଭାବୀର ଆଖିକି !

ଗୋଟିଏ ବିଶ୍ୱାସର ପୁଷ୍କରିଣୀ ଭିତରକୁ ଲମ୍ଫ ଦେଇ ଅଠର ବର୍ଷର ହାଇସ୍କୁଲ ଫେଲ୍ ଟୋକାଟା ପହଁରି ପଳାୟନ କରିଥିଲା ଗାଁ ଛାଡ଼ି କେଉଁ ଦୂର ସହରକୁ ! ସୌରାଷ୍ଟ୍ର ନାଁ ମହାରାଷ୍ଟ୍ର, କ'ଣ ସେ ଦେଶ କେଜାଣି ! ଶିଖି ଆସିଚି ଟେଲରିଂ !
ଏବେ ତା ବୟସ ଛବିଶ !

ଅହଲ୍ୟା ତାକୁ ଟଙ୍କା ଦଶଟି ପାଇଁ ହାତ ପାତିଛି ! ନେହୁରା ହୋଇଛି ! ଡହଳବିକଳ ହେଉଛି !
ଟୋକାଟା ଦେଲା !

ଚାଉଳ ଏକ କିଲୋ, ଆଳୁ ଅଢ଼େଇଶ ତା' କାନିରେ ! ଚାରିଦିନ ହେଲା ପେଟକୁ ଭାତ ଯାଇନି ! ବଡ଼ ଟୋକାଟାକୁ ତିନିଦିନ ହେଲାଣି ଜର ! ସାନଟା ଗାଣ୍ଡିରୁ ଥୋଲା ଥୋଲା ନାଳ ଗଳି ପଡୁଛି ପ୍ରତି ଦୁଇ ଘଣ୍ଟାରେ ଥରକୁ ଥର !
ଦାରିଦ୍ର୍ୟର ଆଁଟା ସବୁବେଳେ ବଡ଼ !
ସୁଖର ସୁଷମାଠୁ ଶତଗୁଣ ଭୟଙ୍କର ଦୁଃଖର ରୂପ !

Source: Author, Digitized by PPRACHIN, SOA

ଅହଲ୍ୟା ଟୋକାଟାକୁ କରଜ ସୁଝି ଦେଲା, ଥର ଥର କରି ତିନି ଥର, ଗୋଟିଏ ରାତ୍ରିରେ ତା' ଦେହର ସଞ୍ଚୟ ଖାତାରୁ କାଢ଼ି ସୁଖର ଟଙ୍କା। ଟୋକାଟା ମସ୍‌ଗୁଲ। ପୂର୍ବରୁ ସିଏ ଶିଖିଚି ବନିଟି ଖେଳ।

ତା' ଦେହରେ ସବୁବେଳେ ଲାଗି ରହୁଥିଲା ଜର। ମେଲେରିଆ କି କ'ଣ । ବାରମ୍ବାର ତରଳ ଝାଡ଼ା। ଦେହ ଦୁର୍ବଳ ଲାଗିଲା । ଗାଁକୁ ପଳାଇ ଆସିଥିଲା ।

ଏବେ ତ ଗାଁରେ ଭଲରେ ଅଛି।

ପ୍ରତି ସୋମବାର ସନ୍ଧ୍ୟାରେ ଗାଁ ମୁଣ୍ଡ ଫାଣ୍ଡି ମେଳାରେ ସୁନ୍ଦର ଭଜନ ଗାଉଛି । ଖୁବ୍ ଦମ୍ ନେଇ ଗଞ୍ଜେଇ ଟାଣି ନାକ ଓ ପାଟି ବାଟେ ଧୂଆଁ ଛାଡୁଛି। ରାଣ୍ଡୀବୋଉଟି ତା'ର ତା' ପାଇଁ ବୋହୂ ଖୋଜୁଛି।

କ'ଣ ହେଲା କେଜାଣି, ହଠାତ୍ ଦିନେ ଭୋରୁ ଭୋରୁ ସିଏ କୁହାଟ ଛାଡ଼ିଲା; ଆରେ ହୀରାକୁଦ ବନ୍ଧ ଭାଙ୍ଗିଗଲା, ଭାଙ୍ଗିଗଲା। ଏଇ ଦେଖ ପ୍ରଳୟଙ୍କରୀ ସ୍ରୋତ ମାଡ଼ି ଆସୁଛି । ପାଣି....ପାଣି....

ପାଟି ପଡ଼ିଗଲା । ଡୋଳା ଲେଉଟାଇ ଦେଲା।

ଗାଁକୁ ଆସିଥିବା ରବି ବାରିକ ପୁଅ କହିଲା ତାଙ୍କୁ ଛୁଅଁ ନାହିଁ, ଛୁଅଁ ନାହିଁ। ସିଏ ଛ'ମାସ ଭିତରେ ମରିବ, ଡାକ୍ତର କହିଥିଲା । ତାକୁ ଏଡସ୍ ହୋଇଥିଲା । ଏଡସ୍..... ଖରାପ ସ୍ତ୍ରୀ ପାଖକୁ ଯାଇ ତାକୁ ଡେଇଁଥିଲା। ଯିଏ ତା' ସହିତ ସଂପର୍କ ରଖିବ....।

ଇମିତି କେତୋଟି ଘଣ୍ଟାରେ କେତେ କ'ଣ ପ୍ରଚାରର ଅନ୍ଧକାର ସାରା ଗାଁଟିକୁ ନିଜ ଡେଣାର ଚଦରରେ ଆଚ୍ଛାଦିତ କରିଦେଲା।

ଅହଲ୍ୟା କିନ୍ତୁ ଚୁପ୍ ଥିଲା । କେବଳ ଆକାଶକୁ ଡାକୁଥିଲା। ଆ। ଆ।

ବୁଢ଼ା ଜେନା ଅବସର ନେଲାଣି।

ଅହଲ୍ୟାର ସେଇ ପୁରୁଣା ଧାରଣା ଶୀତରତୁର ପିଆଜ ପଟାଳି ହୋଇ ରହିଚି।

ଧୂଆମୂଳାର ସ୍ୱାଦ ବୁଢ଼ା ତଥାପି ତାକୁ ଚଖେଇ ଚାଲିଛି ।

ଦାଣ୍ଡ ଦୁଆରେ ସିଏ ପହଞ୍ଚିବା ମାତ୍ରେ ଖଞ୍ଜା ଭିତର କବାଟ ହୋଇଯାଏ ବନ୍ଦ। ଦୁଆର ମୁହଁ ପର୍ଦ୍ଦାଟା ଭିତରକୁ କରିଦିଏ ଅନ୍ଧକାର ଆଚ୍ଛନ୍ନ। ଦର ଆଉଜା କବାଟ ଟପି ବିଧବା ନାରୀଟି ବାଢ଼େ ତା ଗୁହାରି। ଗୁହାରିର ପ୍ରତ୍ୟୁତ୍ତର ପାଖ ପଲଙ୍କ ଉପରେ ତାକୁ ଭିଡ଼ି ନେଇ ଦେଇଦିଏ ବୁଢ଼ାଜେନା।

ତୋ ଜମି ହେଇଯାଇଛି। ସିଆ-ଟୀନ୍ ଅଫିସରୁ ଖାଲି କାଗଜ ଆସିବାମାତ୍ରେ ତୁ ପାଇଯିବୁ । ଭଲ ଜମି, ତୋ ପସନ୍ଦ ମୁତାବକ ଜମି ଆର୍ ଆଇ ସାଙ୍ଗରେ ଯାଇ ବାଛିକି ନବୁ। ଅଡଲ ଜମି। ଆଲୋ ଆଠ ଏକରଟି। ଗୋଟିଏ ଏକର କାହାକୁ ବିକିଦେଲେ ତୋ ସାରାଜୀବନ ବିତିଯିବ।

Source: Author, Digitized by PPRACHIN, SOA

ଦେହଟା ଏବେ ମଧ୍ୟ ତାର ଗେଣ୍ଡୁଫୁଲ ପରି ତଟକା ଅଛି। ଧଳା ବଉଦ ଭିତରେ ଦୂର ପାହାଡ଼ର ତୀଖ ମନର ମନ୍ଦାର ଫୁଲକୁ ଅଲରା କରୁଛି। କୋଳ ଭିତରେ କାଳ ବସନ୍ତର କୁଳୁକୁଳୁ ନିନାଦ ମହିଷାସୁରକୁ କରୁଛି ପୁଲକିତ।
ବୁଢ଼ା ଜେନା ପଶା ଖେଳୁଚି।
ଶକୁନିର କପଟ ପଶା। ...ପୋଳୁହ କଂଟା ସାତ ଚକଟା।

ସେନାପତି ଉଦଗ୍ର ସହିତ ଷାଠିଏ ହଜାର ରଥୀ ହୋଇଥାନ୍ତି ଠିଆ।
ସେନାପତି ମହା ହନୁ ସହିତ ଏକ କୋଟି ରଥୀ
ସେନାପତି ଆସିଲୋମା ସହିତ ପଞ୍ଚକୋଟି ରଥୀ
ଷାଠିଏ ଲକ୍ଷ ରଥୀଙ୍କ ଘେରରେ ସେନାପତି ବାଷ୍କଳ
ଏକକୋଟି ଅଶ୍ୱାରୋହୀ ଓ ଗଜାରୋହୀଙ୍କ ମଧ୍ୟରେ ସେନାପତି ପରିବାରିତ.....!

ସାମ୍ନାରେ ଏକା ମହାଦେବୀ। ତାଙ୍କ କ୍ରୋଧାଗ୍ନିରୁ ଜନ୍ମ ହେଉଥାନ୍ତି ସହସ୍ର ଭୟଙ୍କରା ଚଣ୍ଡୀ, ଚାମଣ୍ଡା, ଛିନ୍ନମସ୍ତା ଓ ଭୈରବୀ। ଅଗଣନ ରକ୍ତ ତୃଷିତା।

କେମିତି ଜାଣିବ ନାରୀଟି ପରିତୃପ୍ତା?
ସିଏ ଚିରକାଳ ଅତୃପ୍ତା।ଯେତେବେଳ ପର୍ଯ୍ୟନ୍ତ ଭୋଜନ କରି ହଜମ କରି ନଥାଏ ପୁରୁଷର ଆତ୍ମା।

ନଦୀ ଖାଇ ଚାଲିଥିଲା ଥରକୁ ଥର ଅତଡ଼ା, ଗୋଟାକୁ ଗୋଟା।
ପରୀକ୍ଷା ପରେ ପରୀକ୍ଷା, ପାଥଲୋଜିଷ୍ଟ୍ କରି ଚାଲିଥିଲେ ସମୀକ୍ଷା।
ବ୍ଲଡ୍ ଏଚ.ଆଇ.ଭି. ପଜେଟିଭ୍।
ହେଁ,....ଏ !!!...ନର୍ସିଂହୋମ୍ ବେଡ୍‌ରୁ ତଳକୁ ଖସି ପଡ଼ିଲା ଛୋଟ ଗୋଟିଏ ଚିତ୍କାରରେ 'ବଡ଼ୀ'!
ଡାକ୍ତର ଚିତ୍କାର କଲେ; ଅକ୍ସିଜେନ୍, ସାଲାଇନ୍...!
ଦର ଆଉଜା କବାଟ କରରେ ଠିଆ ହୋଇ ଗୋଟିଏ କାଳୀ ସ୍ତ୍ରୀ ହସୁଥିଲା ଖିଲ୍ ଖିଲ୍!
ଉନ୍ମୁକ୍ତ ତା' ସ୍ତନଯୁଗଳରେ ଲେପା ଯାଇଥିଲା ରକ୍ତଚନ୍ଦନ।
ସ୍ତନବୃନ୍ତରୁ ତଳକୁ ନିଗିଡ଼ି ଆସୁଥାଏ ବୁନ୍ଦା ବୁନ୍ଦା ଦୁଗ୍ଧ !!

ପାପର ପ୍ରାୟଶ୍ଚିତ ନା' ଅନାକାଂକ୍ଷିତ ପ୍ରଣୟର ପ୍ରତିଶୋଧ, କିଏ ରଚନା କରୁଥିଲା ନଦୀର ଛନ୍ଦ? ମଣିଷ କ'ଣ ଖଣ୍ଡେ ଲୁଗା, ସାବୁନ ତାକୁ ସଫା କରିଦେବ?❑

Source: Author, Digitized by PPRACHIN, SOA

-ପାଞ୍ଚ-

ହେ ଦୁଷ୍ଟ, ଏକା ମୁଁ, 'ଦ୍ୱିତୀୟା କା ମମାପରା' ?ଏହି ସଂସାରରେ ମୋ ବ୍ୟତୀତ ଦ୍ୱିତୀୟ ଅଛି କେହି ? ପଶ୍ୱୈତା, ଦେଖଦେଖ,ଏ ସମସ୍ତ ମୋ'ରି ବିଭୂତି ! ଅତଃ ମୋ'ଠୁ ସୃଷ୍ଟି, ମୋ'ରି ଭିତରେ ଲୀନ ହୋଇ ଯାଉଛନ୍ତି !-ଶ୍ରୀଦୁର୍ଗା ସପ୍ତଶତୀ, ୧୦/୫

ପ୍ରତି ମୁହୂର୍ତ୍ତରେ ଶତଶତ ଢ଼େଉ, ଶତଶତ ଭାବନାର ଚିତ୍ରହାର, ପ୍ରତିକ୍ଷଣ ବଦଳି ଚାଲିଛି ଦୃଶ୍ୟମାଳ, ଜୀବନ ବହମାନ ! ବହମାନ ନଦୀର ଗୋଟିଏ ମୋଡ଼ ମୃତ୍ୟୁ ! ବଦଳାଏ ବଂଚିବାର ଦିଗ ! ବଦଳାଏ ପରିଧାନ ଦେହ ! ଜୀବନର ସ୍ରୋତ କିନ୍ତୁ ବହୁଥାଏ, ବହୁଥାଏ ନଦୀର ଅଖଣ୍ଡ ସ୍ରୋତ ! ନଦୀ ନୂଆ ଦେହର ଭୂମି ଉପରେ ରଚୁଥାଏ ତା'ର ଗତି ! ପୁରୁଣା ଷ୍ଟେଜ୍‌ପ୍ରତି ସରାଗ ତାର ସରି ଗଲାଣି !ଦରକାର ତାର ଥାଏ ନୂତନ ଦର୍ଶକଙ୍କ କରତାଳି ! ନଦୀ ତାର ଗତି ସୃଷ୍ଟି କରିବା ପୂର୍ବରୁ ଲକ୍ଷ୍ୟ ହୋଇଥାଏ ନିର୍ଣ୍ଣୀତ !ଚାଲିଥାଏ ପ୍ରସ୍ତୁତି ! ଅଥଚ ମରିବାକୁ କେହି କେବେ ଆଗ୍ରହ ପ୍ରକାଶ କରିଥାଏ କି ?

କାଠୁରିଆକୁ ଛଦ୍ମବେଶରେ ରାଜ୍ୟଭ୍ରମଣ କରୁଥିବା ରାଜା ପ୍ରଶ୍ନକଲେ: ଘରେ ଏତେ ଚଂଦନ କାଠ ଜମେଇଛ କାହିଁକି ? ଏହାକୁ ବିକ୍ରୟ କରିଦେଲେ ତୁମର ଅଭାବ ତିରୋହିତ ହୋଇ ଯା'ନ୍ତା !

ହଁ, କିନ୍ତୁ ବୃତ୍ତିମୋର କାଠୁରିଆ ! ଆମ ରାଜ୍ୟର ରାଜା ଦିନକୁ ଦିନ ବୟସ୍କ ହୋଇ ଚାଲିଛନ୍ତି ! ଦିନେ ଦେହତ୍ୟାଗ କରିବେ ! ହଠାତ୍ କେଇ ଶଗଡ଼ କାଠ ପାଇଁ କଟୁଆଳ କଟାଳ କରିବେ, ଆଣିଦେବି କେଉଠୁ ? ତେଣୁ ତାଙ୍କ ଶବଦାହ ପାଇଁ ଏଗୁଡ଼ିକ ମୁଁ ସଞ୍ଚୟ କରି ରଖିଛି !

Source: Author, Digitized by PPRACHIN, SOA

ରାଜାଙ୍କ ମୁଖଚନ୍ଦ୍ରରେ ପତିତ ହେଲା ପୃଥିବୀର ଛାଇ। ମୃତ୍ୟୁର ପ୍ରସ୍ତୁତି।। ଝାଉଁଳିବ ବୋଲି ଜୀବନର ପାରିଜାତ ପୁଷ୍ପଟି ପ୍ରସ୍ଫୁଟିତ ହୋଇଛି? ତାହାର ସୁବାସରେ ଆତୁର ଜୀବ, ମୃତ୍ୟୁ ସତ୍ୟ ଜାଣିଥିଲେ ବି ନମରିବ ବୋଲି ଭାବି ଆସୁଛି।

ଯୋଶେଫ୍ କେ. ଏକ ଗାଧୁଆ କୁଣ୍ଡରେ ବନ୍‌ଶୀ ପକାଉଥିଲା। ଜଣେ କେହି ପ୍ରଶ୍ନକଲା, ମାଛ ପଡୁଛନ୍ତି? ସିଏ ପ୍ରତ୍ୟୁତ୍ତର ଦେଲା: କେଡ଼େ ବୋକା, ଗାଧୁଆ କୁଣ୍ଡରେ କ'ଣ ମାଛ ପଡ଼ନ୍ତି?

ବୁଢ଼ାଜେନା ଗାଁ ପୋଖରୀ ହୁଡ଼ାରେ ବନ୍‌ଶୀଧରି ବସିଥାଏ। ବୃତ୍ତିରୁ ଅବସର ପରେ ବନ୍‌ଶୀ ଖାଡ଼ି ହଲେଇ ହଲେଇ କିଛି ସମୟ ତା'ର ଖର୍ଚ୍ଚ ହୁଏ। ଓଃ, କି ବୋରିଂ। ବସେ, ଘଣ୍ଟାଏ, ଦୁଇଘଣ୍ଟା, ତିନିଘଣ୍ଟା। ମାଛ ପଡ଼ନ୍ତି ନାହିଁ। ମଇଦାରେ ତିଆରି ମାଛଖାଦ୍ୟ ବନ୍‌ଶୀ କଣ୍ଟାଗ୍ରରେ ପୁଷ୍କରିଣୀର ଦୂଷିତ ନୀଳ ଜଳରେ ଭାସୁଥାଏ। ମାଛ ପଡ଼ନ୍ତିନି; ତା ଅର୍ଥ କ'ଣ ପୁଷ୍କରିଣୀ ମତ୍ସ୍ୟଶୂନ୍ୟ?

ବିଷାଦ, ହତାଶା, ଯନ୍ତଣା ପୀଡ଼ିତ ଆର୍ତ୍ତ ମଣିଷ କହୁଛି, ମୋର ମୃତ୍ୟୁ କାହିଁକି ନ ହେଉଛି। ତା' ମାନେ ମୃତ୍ୟୁ କ'ଣ ତା' ଦେହଭିତରେ ନାହିଁ? ମୃତ୍ୟୁର ଠିକଣା ଆଉ କ'ଣ? କେଉଁଠି ତା ସାକିନ୍, ଡାକଘର ଓ ଜିଲ୍ଲା?

ମାନବ ତ ନିଜେ ଜଗନ୍ନାଥ। ନାହିଁ ତାର ହସ୍ତପଦ ଓ କର୍ଣ୍ଣ। ଡୋଳା ଉପରେ ନାହିଁ ଭ୍ରୂ। ଚାରିଆଡ଼ ତାର ଗୋଲ। ଗାଲିଲିଓଙ୍କ ଗୋଲାକାର ତାର ପୃଥିବୀ। ସିଏ ଘୂରୁଚି ବୃତ୍ତାକାର।
ନବବାବୁ ପ୍ରଶ୍ନ କଲେ: ଆକାଶର ସୀମାରେଖା କ'ଣ?
ସତ୍ୟପକ୍ଷୀ ଉତ୍ତର ଦେଲା, 'ଆକାଶ', ତାର ଏଇ ନାମ।
ବୁଢ଼ାଜେନା ଚିନ୍ତା କରେ, ଜୀବନର ସୀମାରେଖା କ'ଣ?
'ଜୀବନ'। ଏଇ ନାମ? ସୁଧୁ ଗୋଟିଏ ଶବ୍ଦ। ହେଲେନ୍ କିଲର୍‌ଙ୍କ ବିଂବ।

ବୁଢ଼ାଜେନାକୁ ଅନେଇ ନବବାବୁ ମଂତବ୍ୟ ଦେଲେ: ମଣିଷ ଟିଙ୍କଟିଏ। ଗାଇପହ୍ନାରେ ଭର୍ତ୍ତି ସୁମଧୁର ଦୁଗ୍ଧ। ଟିଙ୍କ କିନ୍ତୁ ଦୁଗ୍ଧପାନ ନ କରି ଗାଇପହ୍ନାରୁ ପାନକରେ ରକ୍ତ। ଆନନ୍ଦମୟ ସ୍ଥିତି ଜୀବନ ନଦୀର ଛନ୍ଦରେ ରହିଛି। କିନ୍ତୁ ଟିଙ୍କ ଦୁଗ୍ଧ ପରିବର୍ତ୍ତେ ଶୋଣିତ ପାନ କଲାପରି ମଣିଷ ଦୁଃଖ ପିଉଛି।
ଜଳଠୁ ମୂଲ୍ୟବାନ ମଦ୍ୟ। କିନ୍ତୁ ମଦ୍ୟ ଭିତରେ ମତ୍ସ୍ୟ କ'ଣ ଜୀବିତ ରହିପାରିବ?

ବୁଢ଼ାଜେନାଙ୍କ ଜୀବନ ଆଲ୍‌ମିରାର ଚାବିକାଠିଟି ପ୍ରକୃତରେ ହଜି ଯାଇଥିଲା ଦୂରନ୍ତ କେଉଁ ଅନ୍ଧାରୁଆ ବସ୍ତିରହଣିଠି, କିନ୍ତୁ ସିଏ ଆସି ଆଲୋକମୟ ଘରସାରା ଜିନିଷପତ୍ର ଉଠାଫିଙ୍ଗା କରି ଚାବିକାଠିଟି ଖୋଜି ଚାଲିଛନ୍ତି। ତାହା କ'ଣ ମିଳିବ?

Source: Author, Digitized by PPRACHIN, SOA

ହାଇସ୍କୁଲରେ ପଢିଲା ବେଳେ ସିଏ ଲେଖିଥିଲେ ପ୍ରବନ୍ଧ 'ଜୀବନର ଲକ୍ଷ୍ୟ' । ମୁଁ ଇଂଜିନିୟର ହେବି, ମୁଁ ଡାକ୍ତର ହେବି, ମୁଁ ଆଇ.ଏ.ଏସ୍ ହେବି, ମୁଁ ମନ୍ତ୍ରୀ ହେବି ଏମିତି କେତେ କଣ ବଡ଼ବଡ଼ ଅଭିଳାଷ ସମସ୍ତେ ଲେଖିଥାନ୍ତି । କେହି ତ ଲେଖି ନଥାନ୍ତି ଦେଶକୁ ଲୁଟିବି, ଦୁର୍ନୀତିର ଚେର ଦୂରରୁ ସୁଦୂରକୁ ଜଳ ଦେଇ ବୃଦ୍ଧି କରିବି, ରାଜସ୍ୱ ଲୁଟିବି, ସୈନ୍ୟବିଭାଗକୁ ଯୋଗାଯାଉଥିବା ଖାଦ୍ୟରୁ ନେବି କମିଶନୀ, କିଣା ଯାଉଥିବା ତୋପ ଓ ଗୁଳିରୁ ମାଲ ନ ପାଇଲେ ଟେଣ୍ଡର ଖୋଲିବିନି । ଚାକିରୀ କରିଛି, କଲମ ଖୋଲିଲେ ଦରକାର ପାଉଣା । କାହିଁକି ପାଠ ପଢ଼େଇବି ? ପଇସା ଦେଇ ଚାକିରୀ କରିଛି, ହିନ୍ଦୀ ମାଷ୍ଟ୍ର ଭାସ୍କରକହୁଛି ବିନା ମାଲରେ କଥା ନାହିଁ ।

ଏବେ ସାହେବ ବିଜି, ଦେଖାହେବନି । ସତରେ ଆମ ସଂସାରଟା କି ବଦଳି ନ ଯାଇଛି । ।

ବୁଢ଼ାଜେନା ଚଷମା କାଚ ପୋଛି ପୁଣି ନାକ ଉପରେ ଖଂଜି ଦୀର୍ଘ ନିଶ୍ୱାସଟିଏ ତ୍ୟାଗକରି ତାକୁ ଖୋଜୁଛି: କେଉଁଠି ସିଏ ନାହିଁ ?

ସବୁଠି ତ ରହିଛି ସେହି ଛଦ୍ମବେଶୀ ସୁକେଶୀ । ଯାହାକୁ ସିଏ ଅହଲ୍ୟା ବୋଲି ନାମଟିଏରେ ସୀମିତ କରିଛି । ଯେତେବେଳେ ମୌକାଟିଏ ପାଇଛି ତା' ସହିତ ସୁଖର ଖେଳ ଖେଳିଚି । ଟିଙ୍କଟିଏ ସିଏ । ତା ପଝ୍ନାରୁ ରକ୍ତ ଚୋଷିଚି । ତଥାପି ମନ କ'ଣ ପୂରୁଛି ?

ଅହଲ୍ୟା, ମୋ ଆଲମିରା ଚାବି କାଠିଟି ହଜି ଯାଇଛି । ତା ଭିତରେ ମୋ ପର୍ସନାଲ କେୟାରରେ ଅଛି ତୁମର ସବୁ କାଗଜପତ୍ର । ମୁଁ ସବୁ ଲେଖାଲେଖି କରି ରେଡି କରି ରଖିଚି । ଭାରତ ସର୍କାରରୁ ଚିଠି ଆସିବା ମାତ୍ରେ ଆର.ଆଇ ତମଘରୁ ତମକୁ ଡାକି ଜମି ଚିହ୍ନଟ କରାଇ ମଡାଣ ଦେବ । ମୁଁ ସବୁ ଲେଖି ଦେଇଛି ।

ସତ୍ୟ ଅସୀମ କିନ୍ତୁ ମିଛ ସୀମିତ । ଯେଉଁଠି ମିଥ୍ୟାର ସୀମା ସରେ ସେଇଠୁ ଆରମ୍ଭ ହୁଏ ସତ୍ୟର ସାମ୍ରାଜ୍ୟ । କିନ୍ତୁ ମିଥ୍ୟା ସରିବାକୁ ଗୋଟିଏ ଜୀବନର ରାସ୍ତା ନିଅଣ୍ଟ । ଏପରି କି ଦୁଇଟି ଜୀବନର ରାସ୍ତା ବି ନିଅଣ୍ଟ ଓ ଏପରି କି ଏକାଧିକ ଜୀବନର ରାସ୍ତା ମଧ୍ୟ ନିଅଣ୍ଟ ।

ହଁ, ଗୋଟିଏ ଜୀବନର ଯାତ୍ରା ଭିତରେ ସତ୍ୟର ସୂର୍ଯ୍ୟୋଦୟକୁ ଭେଟି ହେବ, ଯଦି ସତ୍ୟପ୍ରତି ବ୍ୟକ୍ତିଟିର ଆଗ୍ରହ ଥିବ । ଥିବ ଆନ୍ତରିକତା ଓ ନିଷ୍ଠା ।
ତାଳି ଗୋଟିଏ ହାତରେ ବାଜେ ନାହିଁ ।

ନଦୀ ଦୁଇ କୂଳରେ ଓ ପଥ ମଧ୍ୟରେ ଭେଟୁଥିବା ଶିଳା ଓ ପ୍ରସ୍ତର ଖଣ୍ଡରେ ଧକ୍କା ହେଲେ ସୃଷ୍ଟି ହୁଏ ଛନ୍ଦ । ସୃଷ୍ଟି ହୁଏ ତରଙ୍ଗ ଓ ଧ୍ୱନି ।

ସତ୍ୟ ପ୍ରକଟିତ ହେବାକୁ ଚାହିଁଲେ, ଦିବ୍ୟ କରୁଣା ଅବତରିତ ହେବାକୁ ଇଚ୍ଛା କଲେ ହିଁ ଘଟିବ ସତ୍ୟର ସୂର୍ଯ୍ୟୋଦୟ । ତା ନହେଲେ ସତ୍ୟ କ'ଣ କୁହୁଡ଼ି, ପ୍ରାକୃତିକ ପରିବେଶର

Source: Author, Digitized by PPRACHIN, SOA

ସ୍ପର୍ଶରେ ବିଚ୍ଛେଇ ହୋଇଯିବ।
ଜୀବନର ଲକ୍ଷ୍ୟ ଚେତନାର କ୍ରମଃ ବିକାଶ।

ଚେତନା ଜଡ଼ ମନ୍ଦାର କଢ଼ଟିଏ। ଏହାକୁ ଦିନକୁ ଦିନ ଆଲୋକର ସ୍ପର୍ଶ ଦେଇ ବିକଶିତ କରିବାକୁ ହୁଏ। ଯେଉଁ ଦିନ ପୁଷ୍ପଟି ପୂର୍ଣ୍ଣ ପ୍ରସ୍ଫୁଟିତ ହୋଇଯିବ, ସେହିଦିନ ଜନ୍ମର ଉଦ୍ଦେଶ୍ୟ ପୂର୍ଣ୍ଣ ହୋଇଯିବ। ଜୀବନର ଲକ୍ଷ୍ୟ ସାଧିତ ହୋଇଯିବ।

ମାନବର ଅଭୀପ୍ସାରୁ କ୍ଷରିତ ହେବ ଆଲୋକ। ସେହି ଆଲୋକର ସ୍ପର୍ଶ ଚେତନାର ମନ୍ଦାର କଢ଼କୁ କରିବ ସୁଷମାମଣ୍ଡିତ। ସୃଷ୍ଟିର ସାର୍ଥକତା ହେବ ପ୍ରତିପାଦିତ।
ଜୀବନର ଲକ୍ଷ୍ୟ ତାହାର ସ୍ୱରୂପ ଉଦ୍‌ଘାଟନ।

ଆଖିଭିତରେ ପ୍ରଶ୍ନର କ୍ଷୁର ଖୋଜୁଚି ଆଉ କ'ଣ? ଖୋଜୁଥାଏ ସିଏ ମନ୍ଦାର ପୁଷ୍ପର ପୂର୍ଣ୍ଣ ବିକଶିତ ଟହଟହ ହସ। ପୂର୍ଣ୍ଣ ଯୌବନା ଅକ୍ଷତ କୁମାରୀର ଟହଟହ ନାଲି ଓଠ।

ସେହି ଓଠରେ ଓଠ ମିଶାଇ ସୁଖଶୋଷିବାକୁ ବୁଢ଼ାଜେନା ହେଉଥିଲା ଛଟପଟ। ଆଉ ତ ଉପାୟ ନଥିଲା, ବନ୍‌ଶୀଟି ସିଏ ଗାଧୁଆ କୁଣ୍ଡରେ ଖେଳାଉଥିଲା। ନପଡୁ ବରଂ ମତ୍ସ୍ୟ। ତେବେ ଯାହା ପଡୁଥିଲା ତାକୁ ସିଏ ମାଛ ବୋଲି ସାଉଣ୍ଟି ଖାଳେଇ ପୂର୍ଣ୍ଣ କରୁଥିଲା। ଯେମିତି ପ୍ରବନ୍ଧ ଲେଖିଲା ବେଳେ ଜଣେ ଜଣେ ଲେଖେ ଜୀବନର ଲକ୍ଷ୍ୟ, ମୁଁ ଡାକ୍ତର ହେବି, ଇଂଜିନିୟର ହେବି....। ପ୍ରକୃତରେ ସିଏ ହୋଇନଥାଏ ଯାହା। ପ୍ରବନ୍ଧ ମାତ୍ର। ତା ସହିତ ଜୀବନର କି ସମ୍ବନ୍ଧ? ଜୀବନ ବାସ୍ତବ ଓ ଅବାଧ। ଗତି ତା ଅପ୍ରତିହତ। ତାହା ମାନେ ନାହିଁ କାହା ନକ୍ସା, ବନ୍ଧ କି ବାଡ।

ଇଂଜିନିୟରିଂ ପଢ଼ି ଚାକିରୀ ନ ମିଳିଲେ ବିଧାନ ସଭା ଆଗରେ ଧାରଣା ଦେବି, ଅଦ୍‌ଭୁତ ପ୍ରତିବାଦ ବାଢ଼ିବି। ଏହା ଦ୍ୱାରା ସରକାରକୁ ଲଜ୍ଜା ମାଡିବ? କାହିଁକିରେ ପୁଅ? ତୁ ତ ଟଙ୍କା ନେଇ ମଦ ପିଇ ଖଦଡିଆ ଶାର୍ଦ୍ଦୂଳକୁ ଭୋଟ ଦେଇ ଆଣିଛୁ ବିଧାନସଭାକୁ। ସିଏ ପୋଖତ ବେପାରୀ, ତୋ ବୋପା ମା' ଓ ଭାଇଙ୍କୁ ବି ସିଏ ମାଲ ଦେଇଛି ତା' ଚିହ୍ନରେ ମୋହର ଦେବାକୁ। ପ୍ରତିଶ୍ରୁତି ଦେଇଛି ତମ ଗାଁ ରାସ୍ତା କାମ କରିବ। ତମ ପଞ୍ଚାୟତକୁ ପାଞ୍ଚଟି ନଳ କୂଅ ଦେବ। ଜଳ ବରଂ ନ ବାହାରୁ ସେ ନଳରୁ, ବିଲ୍ ଓ ତା କମିଶନୀ ପର୍ସେଣ୍ଟେଜ୍ କାମ ସରିଥିବ ଖୁବ ପୂର୍ବରୁ।

ଜଣେ ଜଣେ ସରପଞ୍ଚପ୍ରାର୍ଥୀ ଖର୍ଚ୍ଚ କରୁଛନ୍ତି ଦୁଇରୁ ଚାରିଲକ୍ଷ ଟଙ୍କା ଇନ୍‌ଭେଷ୍ଟରୁ ତ ଇନ୍‌କମ୍ ରହିଛି। କିଏ କାହା ପାଇଁ ପାଇଁ କାମ କରୁଛି? ମହାତ୍ମାଗାନ୍ଧି ମଲେଣି। ନୂଆଗାନ୍ଧି ତମେ ଆସିଲ କେଉଁଠୁ?

ଅହଲ୍ୟାର ପଟେ ସ୍ତନକୁ ମୋଡୁମୋଡୁ ଭାବୁଥାଏ ବୁଢ଼ାଜେନା। ତା' ଜୀବନର ଲକ୍ଷ୍ୟ ଭୋଗ, ନୁହେଁ ଭାବ। ଏମିତି ଜୀବନକୁ ସିଏ ଭୋଗ କରିବ। ଏମିତି... ଆଉକେତେ ବର୍ଷ? ମରିଗଲେ ସବୁ ଶେଷ।

Source: Author, Digitized by PPRACHIN, SOA

ସବୁ ସୁଖ ଏଇଠି । ଏଇଠି ସ୍ୱର୍ଗ ଓ ଏଇଠି ନରକ।

ତା ଦେହ ତଳେ ସୁନାମାଛ।

ସୁନାମାଛର ମାଂସ ଭିତରେ ତା' କାମନାର ଧାରୁଆ ଛୁରୀ ଚିରୁଛି ତୃଷାକୁ। ଅନ୍ତରୀକ୍ଷକୁ ଭେଦ କରୁଛି କ୍ଷେପଣାସ୍ତ୍ର ନାଗ। ମୂଳାଧାର ଟପି ନାଭିଚକ୍ର ଭେଦକରି ଯେମିତି ସିଏ ଅହଲ୍ୟାର ବକ୍ଷରେ ବାଜିବ।

'ମୋ ବୋଉ'..... ।

ଅହଲ୍ୟା ଚିତ୍କାର କରୁଥିବ।

ତା ଦୁଇ ଓଠକୁ କାମୁଡ଼ିଧରି ଚିତ୍କାରର ସିଏ ଗତିରୋଧ କରୁଥିବ। ବନ୍‌ଶୀ କଣ୍ଟାରେ ଲଗା ଲାଲ ଗରଗର ମାଛଟି ପାପୁଲି ଭିତରେ କଣ୍ଟାରୁ ଛଡ଼ାଇଲା ବେଳେ ଯେମିତି ଛଟପଟ ହେଉଥାଏ।

ଅହଲ୍ୟା ତ ତା' ନିଜ ଶୀକାର। ଠିକ୍ ସେମିତି ମହାକାଳର ଶିକାର ମଣିଷ। ମଣିଷ ଛଟପଟ ହେଉଛି। ତାକୁ ରମଣ କରୁଛି ଆୟୁଷ।

ମଣିଷ କିଏ ?

ମଣିଷ ଗୋଟିଏ ଡ୍ରେସ୍, ତାକୁ ପିନ୍ଧିଚି ଚିଦ୍‌ରୂପ।

ମଣିଷ ଗୋଟିଏ ପୋଷାକ, ତାହାକୁ ପରିଧାନ କରିଛନ୍ତି ଚୈତନ୍ୟ। ଚୈତନ୍ୟ ନିଜେ କର୍ତ୍ତା ନୁହଁନ୍ତି। ଏକ୍ଷାଂ ସାକ୍ଷୀଣ ।ସିଏ ସାକ୍ଷୀ ମାତ୍ର।

ନା ଦତ୍ତେ କସ୍ୟଚିତ୍ ପାପଂ ନ ଚ ପୁଣ୍ୟଂ ବିଭୁଃ।

କାହାକୁ ପାପ କି ପୁଣ୍ୟ ପ୍ରଦାନ କରନ୍ତି ନାହିଁ ପ୍ରଭୁ। ମଣିଷ ଭୋଗ କରିଥାଏ ତାହା କୃତ କର୍ମର ଫଳ। ଏଇ ଜନ୍ମର ଏବଂ ପଛ ଜନ୍ମମାନଙ୍କର। ଯାହାକୁ ଭୋଗ ନ କରି ସିଏ ପୁରାତନ ପୋଷାକଟିକୁ ତ୍ୟାଗ କରି ପରିଧାନ କରିଛି ନବ ପୋଷାକ। ତାହା ତା'ର ପ୍ରାରବ୍ଧ। ପ୍ରାରବ୍ଧର ଭୋଗ ଅନିବାର୍ଯ୍ୟ।

ବହମାନ ନଦୀର ଛନ୍ଦ ଅନିବାର୍ଯ୍ୟ।

ଶୂନଶେପ ବଳିଟିଏ, ଯୂପରେ ଆବଦ୍ଧ ତା' ବେକ। ଯୂପରୁ କେମିତି ସିଏ ମୁକୁଳିବ ?

ଗୋ-ବତ୍ସାକୁ ପଘାରୁ ତା ଜନନୀ ନିକଟକୁ ଯିବାକୁ ମୁକ୍ତ କଲାପରି, ପାପର ରଜ୍ଜୁରେ ବଂଧା ମୁଁ, ମୋତେ ମୁକ୍ତ କରନ୍ତୁ ହେ ପ୍ରଭୁ, ଆପଣଙ୍କୁ ସ୍ତବ କରିବାକୁ। ବରୁଣଙ୍କୁ ପ୍ରାର୍ଥନା କରିଚି ଶୂନଶେପ।

ଅଗ୍ନିରୁ ପ୍ରକଟିତ ବରୁଣଙ୍କ ସମସ୍ତ ପାପୁଲି ହୋଇଛି ବରଦ ମୁଦ୍ରା। ଊର୍ଦ୍ଧ୍ୱକୁ ଖସିଚି ମୁଠାମୁଠା ପୁଷ୍ପ। ଯୂପର କୀଳକ ବରଫ ଖଣ୍ଡପରି ତରଳି ହୋଇଛି ତିରୋହିତ।

Source: Author, Digitized by PPRACHIN, SOA

ବରୁଣ କିଏ ?
ସେଇ ସତ୍ୟ ।

ଶୂନ୍ୟଶେପ କିଏ ?
ସେଇ ସତ୍ୟଙ୍କ ଅଲଗା ଗୋଟିଏ ସ୍ୱରୂପ ।
ସାମ୍ନାରେ ନୀଳ ଜରିର ଢ଼ାଙ୍କୁଣଟିଏ । ନେଳିଆ ଦିଶୁଚି ଦେହ । ନୀଳ ଜରିକୁ ହଟାଇ ଦେଲେ ସୁବର୍ଣ୍ଣର ପ୍ରତିମା ।
ସୋଽହମ୍ ।
ମୁଁ । ମୁଁ ସେଇ ନଦୀର ଛନ୍ଦ ।
ମୁଁ, ନିଜେ ରାଜା ପରୀକ୍ଷିତ ଏବଂ ମୁଁ ନିଜେ ହିଁ ତକ୍ଷକ ।
ଏକରୁ ଏକ ବିଯୁକ୍ତ ହେଲେ ଯାହା ରହେ ତାହା ଏକ ।

ପୂର୍ଣ୍ଣରୁ ପୂର୍ଣ୍ଣର ଜନ୍ମ । ପୂର୍ଣ୍ଣରୁ ପୂର୍ଣ୍ଣତିରୋହିତ ହେଲେ ଯାହା ରହେ ତାହା ପୂର୍ଣ୍ଣ । ପୂର୍ଣ୍ଣତାର ସେଇ ଛନ୍ଦଟିର ନାମ ନଦୀ । ସୃଷ୍ଟିର ଆରମ୍ଭରୁ ପ୍ରବାହିତ ହେଉଛି । ସତ୍ୟପକ୍ଷୀ ନିଜକୁ ଦେଖୁଚି । ତାଳପତ୍ରରେ ସମ୍ବତ୍ସର ମାନଙ୍କୁ ଟିପୁଛି । ଲକ୍ଷ୍ୟ କରୁଛି, କେତେବେଳେ ସିଏ ନଥିଲା ? ସୃଷ୍ଟିର ଜନ୍ମଠୁ ସିଏ ଜୀବନର ରସଗୋଲା ଖାଇଛି । ଖାଇ ଚାଲିଛି ।

ଏମିତି ଖାଉଥିବ, ଖାଇ ଚାଲୁଥିବ, ମଧୁମେହ ନ ହେବା ପର୍ଯ୍ୟନ୍ତ ?

ଅପଦେବତା ଭୁଲବାଟ ତିଆରି କରିଛି । ଭୁଲବାଟରେ ମଣିଷ ଯିବ । କାରଣ ସେ ବାଟସାରା ବିଛା ଯାଇଛି ଗୋଲାପ । ଗୋଲାପବୃନ୍ତ ତଳେ ଖଂଜାଯାଇଛି କଣ୍ଟା । କଣ୍ଟାର ଆଘାତରେ କ୍ଷରିତ ହେବ ଶୋଣିଷ ଓ ଶୁଳେଇ ହେବ କଂଟକ ବିଦ୍ଧ କ୍ଷତ । ପୋଡ଼ିବ ବି ।
କାରଣ, ସେଇ ପଥର ନାମ ଜୀବନ ।
ଜୀବନକୁ ଭୋଗ କରିବାର ଶୈଳୀ ହିଁ ଏହା ।

ଜୀବ: ବାପଘରକୁ ବାହା ହେଲା ଝିଅଟିଏ ଯେମିତି ଆସିଛି । ରହିବ ଏଠି କେତେଦିନ ? ଯେଉଦିନ ଆସିବ ବାର୍ତ୍ତା, ସିଏ ଲେଉଟିବ ତା ପତିଗୃହକୁ । ତ୍ୟାଗ କରିବ ଦେହର ପୋଷାକ । ସଂଚିତ ପୁଣ୍ୟ କ୍ଷୟ ଗଲେ ପୁଣି ଫେରିବ ପୃଥିବୀକୁ । ରଚନା କରିବ ଚକ୍ରବ୍ୟୂହ ଲୀଳା । ମାରୁଥିବ ଅଭିମନ୍ୟୁମାନଙ୍କୁ । ଉଚ୍ଚ ସ୍ୱରରେ ଘୋଷଣା କରୁଥିବ 'ନରେ', ବା ଗୁଂଜରେ' ନୀଚ୍ଚ କଣ୍ଠରେ ଏବଂ ଉଚ୍ଚକଣ୍ଠରେ 'ଅଶ୍ୱତ୍ଥାମା ହତଃ' । ଠିକ୍ ସେମିତି ନଦୀର ଛନ୍ଦ । କେଉଁଠି ଉଚ୍ଚ ତ କେଉଁଠି ମନ୍ଦ କୋମଳ ଓ ପୁଣି କେଉଁଠି ଭୀମ ।

ସତ୍ୟପକ୍ଷୀ ସମୟର ଯୁବା ମାଷ୍ଟ୍ରାଣୀଙ୍କୁ କହିଲା, ମ୍ୟାଡାମ୍, କବିତା କ'ଣ ? ମତେ ଟିକିଏ ବୁଝାଇ ଦେବେ ?

ଯୁବା ମାଷ୍ଟ୍ରାଣୀଟି ଜନ୍ମରୁ ମୂକ ।

Source: Author, Digitized by PPRACHIN, SOA

ସିଏ ଭୋଜନ କରୁଚି ରସଗୋଲା ! କେମିତି ସିଏ କହିବ ରସଗୋଲାର ସ୍ୱାଦ ? ମୋ ପୁତୁରା ସିକୁନ୍ କହିଲା: ଯେମିତି ଅମୃତ ! ସେଇ ଅମୃତ ସ୍ୱରର ଛନ୍ଦ ସତ୍ୟପକ୍ଷୀକୁ କରୁଥିଲା ବିହ୍ୱଳିତ ! ଦର୍ପଣ ପରି ଉଜ୍ଜ୍ୱଳ, ରଜତ କିରଣମୟ ନଦୀକୁ ଚାହିଁ ମନେ ମନେ ଉଚ୍ଚାରଣ କଲା: ମା', ମୁଁ ତ ମୂକ, ତୁମେ ବହମାନ ରସଗୋଲାର ସ୍ରୋତ ! ଜନନୀ, କେମିତି ମୁଁ ଜ୍ଞାତ ହେବି ତୁମରି ସ୍ୱାଦ ? ଯନ୍ତ୍ରଣାର ଜତୁଗୃହରୁ କେଉଁ ସୁଡଙ୍ଗ ଦେଇ ଗଙ୍ଗା କୂଳରେ ମୋ ଜୀବ ପହଁଞ୍ଚିବ ?

କପଟପଶାରେ ମୁଁ ଜଣେ ହାରିଥିବା ମଣିଷ ! ଜିତିବା ମୋ କ'ଣ ହେବ ? ଏଠି କେହି ଜିତିଥାଏ କି ? କେବେ କାହାକୁ ତୁମେ ଜିତାଇ ଅଛକି ? ସର୍ବ ବିଜେତା ମୃତ୍ୟୁ ବି ଏଠି ପରାଜିତ !

ନଚିକେତା ଓ ସାବିତ୍ରୀମାନଙ୍କ ଠାରେ ତାର ପରାଜୟ ଘଟିଚି ! କିଏ ଏଠି ଜିତିଛି ?

ଆନନ୍ଦ ଯେମିତି ସଂଭୋଗ !

ସବୁ ଆନନ୍ଦର ସ୍ୱଭାବ ସଂଭୋଗ ଯେମିତି, ଠିକ୍ ସେମିତି ! ପୁରୁଷ ସହିତ ସ୍ତ୍ରୀର ମିଳନ-କଳା 'ଯୋଗ' !

ଜୀବ ତ ନାରୀଟିଏ, ମଣିଷର ମନ ତ ନାରୀଟିଏ, ଯେତେବେଳେ ସିଏ ପୁରୁଷଟିଏ ସହିତ ଏକାକାର ହୁଏ, ହୁଏ ଅର୍ଦ୍ଧନାରୀଶ୍ୱର ! ଉତ୍ପନ୍ନ ହୁଏ ବ୍ରହ୍ମଚର୍ଯ୍ୟ ! ବ୍ରହ୍ମଚର୍ଯ୍ୟ ଯଦି ବୀର୍ଯ୍ୟସ୍ତମ୍ଭନ, ହେଂଜଡ଼ାମାନେ ତେବେ ହୋଇଯିବେ ସଂସାରର ଶ୍ରେଷ୍ଠ ବ୍ରହ୍ମଚାରୀ ! !

ପ୍ରଶ୍ନ ତୁମକୁ ପୀଡ଼ିତ କରୁଛି ? ଜନ୍ମ ଜନ୍ମ ଧରି ପ୍ରଶ୍ନ ହିଁ ମାନବର ପିଛା କରୁଛି ! ଯାହା ଉତ୍ତର ମିଳୁଛି ତହିଁରେ ତୃପ୍ତି ନାହିଁ, ସେଥିରେ ସିଏ ନୁହେଁ ସନ୍ତୁଷ୍ଟ ! ଉତ୍ତର କ'ଣ ନୁହେଁ ସଠିକ୍ ?

ଉତ୍ତର ବି ଗୋଟିଏ ପ୍ରଶ୍ନ ! ଯେମିତି କାମନାର ବିନାଶ ଗୋଟିଏ ନୂତନ କାମନାର ଶୋଷ, ଗୌତମ ସେହି ନବକାମନାର ଅଗ୍ନିରେ ମଣିଷଗୁଡ଼ିକୁ କରିଗଲେ ଉତପ୍ତ !

ସତ୍ୟପକ୍ଷୀ ଆଉ ଉତ୍ତର ଖୋଜୁ ନାହିଁ, ଏବେ ଖୋଜୁଛି ସମାଧାନ ! କେଉଁ ପର୍ଯ୍ୟନ୍ତ ପ୍ରବାହିତ ହୋଇ ଚାଲିଥିବ ଏଇ ପ୍ରଶ୍ନର ନଦୀ ? କେଉଁ କେଉଁ ଛନ୍ଦରେ ନୃତ୍ୟ କରିବ ପ୍ରଶ୍ନ ? ଆଉ କେତେ ଦିନ ? ତା' ପରେ ?

ସମାଧାନର ମନ୍ଦିରଟି କେଉଁଠି ? କେଉଁ ସ୍ଥାନକୁ କୁହାଯିବ ମନ୍ଦିର ? ଏଇ ଦେହକୁ ତ ? ବିଶ୍ୱର ଶ୍ରେଷ୍ଠ ଠାକୁର ଏଇ ଦେହ ମନ୍ଦିରକୁ କରିଛନ୍ତ ଉତ୍ସବ ମୁଖର ! ଯେଉଁ ଦିନ ଋଷିଆରୁ ରଥ ଆସିବ ଶ୍ରୀକ୍ଷେତ୍ରରୁ ସିଏ ଚାଲିବେ ଛତିଆବଟ, ପଛରୁ ପ୍ରଳୟ ରୂପ ଧାରଣ କରି ସମୁଦ୍ର ମାଡ଼ି ଆସିବ ! ସହସ୍ର ଭୁଜରେ ଦ୍ୱାଦଶ ହସ୍ତର ଖଡ୍‌ଗ ! କେଶବ ଧୃତ ଶ୍ରୀକଳ୍କି ରୂପ, ଜୟଜଗଦୀଶ ହରେ ! ଜୟଜଗଦୀଶ ହରେ !

Source: Author, Digitized by PPRACHIN, SOA

ଉତ୍ତର ଆଉ କ'ଣ ହେବ ? ରେ ପକ୍ଷୀ, ଅନୁଭବଟିଏ ମାଗ ! ତତ୍ତ୍ୱର ମନ୍ଦିରରେ ଆଉ କେତେ ଦିନ ଆରାଧନା କରିବ କାଷ୍ଠ ପାଷାଣର ଦିଅଁ ? ଏବେ ନଦୀ ଜଳକୁ ଅବତରଣ କର !

ପହଁର ନାହିଁ, ନଦୀ ସହିତ ଏକାକାର ହୋଇ ଭାସି ଯାଅ ! ଭାସିଯାଅ ନଦୀର ଛନ୍ଦରେ ସୁଦୂର ସମୁଦ୍ରକୁ ! ପହଁରିଲେ କଷ୍ଟ ହେବ, ହସ୍ତ, ପଦ ଓ ବକ୍ଷରେ ହେବ ପୀଡ଼ା ! ନିଜକୁ ସ୍ରୋତର ଅନୁକୂଳରେ ଛାଡ଼ି ଦିଅ ! ଯେମିତି ଗାଁ ଦାଣ୍ଡ ବୋହିଗଲା ବର୍ଷାଜଳରେ ଖଣ୍ଡିଏ କାଗଜର ନୌକା !

ନଦୀ ତ ସାଂଖ୍ୟର ପ୍ରକୃତି !
ଦେହତ ପ୍ରକୃତିଠୁ ଋଣ କରା ଅଂଶରୁ କିଛି !
ପବନର ଅନୁକୂଳରେ ପ୍ରାଣର ପୋତ କାର୍ତ୍ତିକ ପୂର୍ଣ୍ଣମୀ ପ୍ରଭାତରେ ଆରମ୍ଭ କରୁ ତାର ବାଲିଯାତ୍ରା ! ଅ-କା-ମା-ବୈ, ପାନଗୁଆ ଖାଇ, ପାନଗୁଆ ତୋର, ମାସକ ଧରମ ମୋର !

ସମୟର ମହାନଦୀକୁ ତମେ ଟପିଯିବ ?
ତମେ ତ ଅଂଶଟିଏ ଅଂଶୀକୁ ଜିତି ଯିବ ?
ପରାଜିତ ହେବା ହିଁ ମଣିଷର ଭାଗ୍ୟ !
ଅସଫଳ ହେବା ହିଁ ଚିରକାଳ ମଣିଷର ନିୟତି !
ମଣିଷ ଲଢୁଛି କାହା ସହିତ ? ନିଜ ସହିତ ! ନିଜ ସମାଜ ସହିତ ! ଆଉ କାହା ସହିତ ସିଏ ଲଢ଼ିବ ? ନିଜକୁ ସିଏ ବିଜିତ କରାଇ ପାରିବ ନାହିଁ ! ହଁ, ସିଏ ପରାଜୟକୁ ସମାପ୍ତ କରିଦେବ, ଯେଉଁ ଦିନ ସିଏ ନିଜେ ସମାପ୍ତ ହୋଇଯିବ !

ନିଜେ ସମାପ୍ତ ହୋଇଯିବାର ଅନ୍ୟ ନାମ ସମର୍ପଣ ! ନୁହେଁ ଦେହର ବିଲୟ !
ଦେହ ତ ପ୍ରକୃତିର ଏକ ପରମ ଅନୁକଂପା ! ଶରୀର ମନ୍ଦିର, ଏହାର ଉର୍ଦ୍ଧ୍ୱରେ ସହସ୍ରାର ଓ ନିମ୍ନରେ ନିମ୍ନତର ଚକ୍ର ସଂଭୋଗର, ଯେଉଁଠୁ ଖୋଲିଥାଏ ପ୍ରକୃତିର ଦ୍ୱାର ! ସପ୍ତମ ଚକ୍ର ଧ୍ୟାନ, ଯେଉଁ ଦ୍ୱାର ଉନ୍ମୁକ୍ତ ହେଲେ ଦିଶିବ ସମୁଦ୍ର !
କହୁଚ କି ଗପ ? କି ଗପ ଲେଖୁଚ ? ବାକ୍‌ସେ ଦୁଃଖ ? ଟ୍ରଙ୍କ୍‌ଟାଏ ନିଜର ପରାଜୟ ! କେଟିଲ୍‌ର ଢାଙ୍କୁଣି ଖୋଲିଦେଲେ ବାହାରି ଯାଏ ବାଷ୍ପ ! କହି ଦେଲେ ହାଲୁକା ହୋଇଯାଏ ମନର ପାତ୍ର ! ଦୁଃଖର ବାମ୍ପ ବାହାରି ଯାଏ !
ଗଳ୍ପର ଆର୍ଟ ? କଳାଫଳା ସବୁ ମିଛ ! କାହାକୁ ଦେଇଛ ଆକାର ? ସତ୍ୟ ତ ନିରାକାର !

ତୁମେ ଯାହା ଲେଖୁଚ ସବୁ ଶବ୍ଦ, ନୁହେଁ ସତ୍ୟ ! ସତ୍ୟ ଅ-ଲେଖ ! ଯାହା ଲେଖୁଛ ତାହା ତୁମ ପାପ !

କ'ଣ ତୁମେ ଉଚ୍ଚାରଣ କରୁଛ ? ଓଁ ? କେତେ କାଳ ଏମିତି ଘୋଷିବ ବ୍ୟାକରଣର ସୂତ୍ର ? ଏବେ ଗୋବିନ୍ଦ ଭଜ, ମୂଢ଼ମତି, ଗୋବିନ୍ଦମ୍ ଭଜ !

Source: Author, Digitized by PPRACHIN, SOA

ପୁରୁଷ୍ଷାଣିଆ ନଦୀ ।

ହିମାଳୟ ଟପି, ଝଲମଲ ତା'ର ଗତି, ଆର୍ଯ୍ୟଭୂମିକୁ ପବିତ୍ର କରିଛି । ଋଷି ଗୌତମ ତା'ର ଗତି ସହ ତାଳ ମିଳାଇ ତା' ଉନ୍ମେଷ ଦେବଭୂମିରୁ ଭୁଜପତ୍ରରେ ଛନ୍ଦ ଟିପି ଚାଲିଛନ୍ତି । ଗୋଟିଏଗୋଟିଏ ସ୍ଥାନରେ ଏକ ଦିବସ ନୁହେଁ, ସହସ୍ର ଦିବସ, ଏପରି କି ଦ୍ୱାଦଶ ବର୍ଷ ମଧ ତୀରରେ ତାର ରହି ଛନ୍ଦ ନିର୍ଣ୍ଣୟ କରି ଚାଲିଛନ୍ତି ।

ବିଶ୍ୱର ପ୍ରାଚୀନତମ ଛନ୍ଦଶାସ୍ତ୍ର ଭାରତରେ ହିଁ ଲେଖାଯାଇଛି ଏବଂ ତାକୁ ରଚନା କରିଛନ୍ତି ଗୌତମ ।

ଗୌତମ କିଏ ?

ଧର୍ଷିତା ଋଷି ବଧୂ ଅହଲ୍ୟାର ହତଭାଗ୍ୟ ସ୍ୱାମୀ । ତପସ୍ୟା ଓ ଅଭିଶାପର ଅସ୍ତ୍ର ବ୍ୟତୀତ ତାଙ୍କ ପାଖରେ ଥିଲା ଆଉ କିଛି ? ଅନ୍ୟନ୍ୟୋପାୟ ମଣିଷ ! (ଇନ୍ଦ୍ର) ରାଜଶକ୍ତି ଆଗରେ ଅସହାୟ ବ୍ୟକ୍ତି ଶକ୍ତି ଲୁଣ୍ଠିତ ହୋଇଯାଇଛି ।
ତପସ୍ୱୀର ସଂସାର ଉଜୁଡ଼ି ଗଲା ।

ସୋରିଷ ଫୁଲର କ୍ଷେତ ଉଜୁଡ଼ି ଗଲ ! ପବନର ଟିପ ତ କତୁରୀ ! ବୃନ୍ତରୁ କାଟିନେଲା ସୁନାର ପାଖୁଡ଼ା ! ଅହଲ୍ୟା ଦେହରେ ଆଉ କ'ଣ ଥିଲା ?

ନଦୀର ମାୟା ?

ବୁଢ଼ାଜେନା ସେଇ ମାୟା ମୋହିତ ମହିଷାସୁରର ଗୋଟିଏ ନୂତନପ୍ରସ୍ଥ ! କିନ୍ତୁ ଋଷି ଗୌତମ ବୃଦ୍ଧ ! ରମଣୀର ରମଣ ତାଙ୍କୁ ବୋଧ ହେଲା ଯେମିତି ଅଇଁଠା ଥାଳିରେ କେହି ତାଙ୍କ ସାମ୍ନାରେ ବାଢ଼ି ରଖିଛି ଖାଦ୍ୟ ।

ଘର ନାହିଁ ତାଙ୍କର ।
ଭଡ଼ାଘର ଦରକାର କ'ଣ ? ବରଂ ଭଲ ଏଇ ନଦୀକୂଳ ! ନଦୀର ଗତି ସହ ଛନ୍ଦର ନୀତି ସିଏ କରି ଚାଲିଲେ ଲିପିବଦ୍ଧ ! ଏମିତି ବହୁକାଳ !

ମୁଁ ପଚାରିଲି ମିନାକୁ, କିଏ କା'କୁ ଭଲ ପାଉଚି ? କେତେ ଭଲ ପାଉଚି ? ଭଲ ପାଇବାର ମାନେ କ'ଣ ? କେତେ ନିଷ୍ଠା, କେତେ ବିଶ୍ୱସ୍ତତା ଓ କେତେ ଅନ୍ତରଙ୍ଗତା ?

ଜଣେ କବି ଲେଖିଛନ୍ତି, ଆକାଶପରି ନିବିଡ଼ ! ଜଣେ ସାଧୁ କହନ୍ତି ବରଗଛରେ ଗୋଲାପ ଫୁଟିବ ! ଭଲ ପାଇବା ଗଛ କୋରଡ଼ରେ ନଥାଏ, ଭଲ ପାଇବା ଥାଏ, ସମସ୍ତଙ୍କ ଆଖି ଭିତରେ ! ଆଖି ତମେ ଦେଖିଚ ? ମଣିଷର ଆଖି ? ଆଖି ଦେଖିଥିଲା ଜଣେ ଡଚ୍ ପେଣ୍ଟର, ଭାନ୍‌ଗୋଘ !

Source: Author, Digitized by PPRACHIN, SOA

ମୁଁ ଦେଖି ନାହିଁ ଦେବତାର ଆଖି, ଦେବମୂର୍ତ୍ତି ମୁଁ ଆଙ୍କି ପାରିବିନି, ମୁଁ ଆଙ୍କିବି ମଣିଷର ଆଖି। ଉଚ୍ଚାରଣ କରିଥିଲା ଶିଳ୍ପୀ। 'ବିୟୁଟିଫୁଲ' । ମିଠାମିଠା ଓଷ୍ଠ କୋଣରେ ହସି କହିଲା ଜଣେ ଇତରା।

ହ୍ୱାଟ ?

ମୁହଁ ଯାହାର ଗୋଟିଏ ଡବାପରି, ସେହି କୁରୂପ ବ୍ୟକ୍ତିଟି କଲା ପ୍ରଶ୍ନ। ଗ୍ରାହକଟିକୁ ଆକର୍ଷିତ କରିବାକୁ ଇତରାଟି ସିନା କହି ଦେଇଛି 'ବିୟୁଟିଫୁଲ' କିନ୍ତୁ ଲୋକଟି ଯେ ତାକୁ ପୁଣି ଏପରି ଗୋଟିଏ ପ୍ରଶ୍ନ ପଚାରି ହଡ଼ବଡ଼ରେ ପକାଇ ଦେବ, ସିଏ କ'ଣ ଆଶାକରିଥିଲା ? ତୁରନ୍ତ ତା' ଲାଲ୍ ଓଠ ପୁଣି ଈଷତ୍ ହାସ୍ୟରେ କଂପିଉଠିଲା।

'ଇଓର୍ ଇଅର'।

'ଅହଃ' ।

ହସିଲା ଲୋକଟି। କିଣାବିକା ସରିଗଲା ଏବଂ ଇତରାର ପ୍ରକୋଷ୍ଠରୁ ଫେରିଗଲା ସୁଖ-ତୃପ୍ତ ଲୋକଟି ନିଜ ଘରକୁ। ପୁଣି କେତୋଟି ଘଣ୍ଟା ପରେ ଫେରି କଲା ତା କବାଟରେ ମୃଦୁ ମୃଦୁ ଆଘାତ। କବାଟ ଖୋଲିବା ମାତ୍ରେ ପୁଣି ସେଇ ଗ୍ରହକଟିକୁ ଦେଖି ଇତରା ବିସ୍ମିତ। କ'ଣ ପୁଣି ଥରେ.... ? ଏଗେନ୍ ଏ ନିୟୁ ଗେମ୍!

ନା, ମୁଁ ତୁମ ପାଇଁ ଉପହାରଟିଏ ଆଣିଚି, ନିଅ।

ଭେଲ୍‌ଭେଟ୍ କନାରେ ସଯତ୍ନରେ ଉପହାରଟି ହୋଇଛି ପ୍ୟାକେଟ୍। 'ଧନ୍ୟବାଦ, ମହାଶୟ', ଉଜ୍ଜ୍ୱଳ ଆଖି, ମଧୁର ସରୁକଂଠ, ଲୋକଟିକୁ କଲା ତୃପ୍ତ। ତା ହାତ ମୁଠାରେ ରଖି ଦେଇ ପୁଣି ଅନ୍ଧକାରରେ ବିଲୀନ ହୋଇଗଲା ଲୋକଟି। ଆଲୋକରେ ଇତରାଟି ଭେଲ୍‌ଭେଟ୍ ପ୍ୟାକେଟ୍ ଖୋଲି ଦେଖେ ତ ତା' ଭିତରେ ଥିଲା ପଟେ ସଦ୍ୟକଟା ମଣିଷର କାନ। ତା ପାଇଁ ଉପହାର...। ଯାହା ତାକୁ ସୁନ୍ଦର ଲାଗିଥିଲା। ଆହା, ମଣିଷଟି କି କୃତଜ୍ଞ। କି ବେଆଡ଼ା ନଥିଲା।

ଡିଆସିଲ୍‌ପରି ନାକ, ମଣିଷ ନୁହେଁ, ସିଏ ଏକ ନୂଆ ଖ୍ରୀଷ୍ଟ, ସେଇ ଶିଳ୍ପୀ ଭାନ୍‌ଗୋଘ୍! ଧୂସର କାନ୍‌ଭାସ୍ ଉପରେ କଳାରଙ୍ଗର ଅଙ୍କା ଗୁଡ଼ିଏ ରାମ୍ପୁଡା ଦାଗ, ତାଙ୍କ ଜୀବନ୍ତ ପଡ଼ିଆର ଛବି। ଯେଉଁଠି ଯୁଦ୍ଧ ଧୂଆଁରେ ଦୀର୍ଘ ତୃଣରାଜି ଜଳି ଅଙ୍ଗାର ହୋଇ ମଣିଷ ଆଡ଼କୁ ଅତି କରୁଣ ଚକ୍ଷୁରେ ଅନାଇଛି। କ୍ଷମତା ମଦ ମତ୍ତ ଯୁଦ୍ଧ ତୃଷିତ ମଣିଷଙ୍କ ଭବିଷ୍ୟତ ପୃଥିବୀର ସେଇ ଆଖି। ସାବଧାନ, ନିଜକୁ ସଂଜତ କର, ସ୍ତବ୍ଧ ହୁଅ, ତା ନ ହେଲେ ସବୁ ଅଙ୍ଗାର ହୋଇଯିବ। ମଣିଷର ପାଦ ତଳେ ପୃଥିବୀ ନ ଥିବ, କିମ୍ବା ମୁଣ୍ଡ ଉପରେ ନ ଥିବ ଆକାଶ। ଯାହା ଥିବ, ତାହା ଖାଲି ଉତପ୍ତ ଭୟାନକ ତକ୍ଷକର ନିଶ୍ୱାସ। ଗଛଲତା ପଶୁ ପକ୍ଷୀ କି ମାନବ ନ ଥିବେ କିଛି। କେବଳ ମାଇଲମାଇଲ ବ୍ୟାପି ଇରାକ୍ ଧ୍ୱଂସ ସ୍ତୁପର ନିର୍ଜନତା ମରିଚିକାପରି କରୁଥିବ ନୃତ୍ୟ। 'ଆହା' ବୋଲି ଶବ୍ଦଟିଏ ନ ଥିବ କେଉଠି।

Source: Author, Digitized by PPRACHIN, SOA

ସବୁଠି ବଂଧ୍ୟା ନୀରବତାର ଭୟାନକ ଜିଭ ସବୁକୁ ଚାଟି ସଫା କରି ଚାଲିଥିବ ! ପୃଥିବୀ ଏଇ କାନ୍‌ଭାସ୍‌ର ପଡ଼ିଆଟେପରି ଅତି ଅସହାୟ ହୋଇ ଆଗକୁ ଅନାଇଥିବ ! ଆଗରେ ଥିବେ କିଏ ?
ଥିବେ ଏଇ ଦଗ୍ଧ ଦୀର୍ଘ ତୃଣମାନ ! କେବଳ କଳାକଳା ରାଂଚୁଡ଼ା ଦାଗ !

ମିନା ବୁଢ଼ୀ ହୋଇ ଗଲାଣି !
ସେଇ ଗେଡ଼ୀବୁଢ଼ୀ ମୁହଁରେ ଗୋଲଗୋଲ ବଡ଼ବଡ଼ କାଚ ଆଚ୍ଛାଦିତ ଚଷମା ! ଆଖିରୁ ତା'ର କମି ଯାଇଛି ଯୌବନ ! ଦେହର ମଥାନ ଉପରେ ଓହ୍ଲେଇଲାଣି ଅପରାହ୍ନ ! କିନ୍ତୁ ଦେହରେ ପାଟଶାଢ଼ୀ ! ମଧ୍ୟବିତ୍ତର ଅହଂ ?
ମିନା, ଭବିଷ୍ୟତର ରଙ୍ଗ ଓ ଆକୃତି କିପରି କୁହ ?

ତମେ ଭାବିଥିଲ ନା' ମହାବାତ୍ୟା ସବୁ ଭାଙ୍ଗିଦେଇଥିବ ଉଚ୍ଚାଉଚ୍ଚା ତାଳ, ଗଛର କାଣ୍ଡ ଥିବ କି ନାହିଁ, ସନ୍ଦେହ ! ମାତ୍ର ଏବେ ଦେଖିଲ କ'ଣ ? ତୁମକୁ ନିଜ ଦୃଷ୍ଟିରୁ ଆଡେଇ ଦେଲା, କଦମ୍ବ ପୁଷ୍ପକୁ ଅନେଇଲାନି ପବନ ! ଦେଖିଲ ତ ! ଯେଉଁ ପବନ ମାଗୁଥିଲା ତୁମକୁ ସୁବାସ, ଏବେ ସିଏ ତୁମକୁ ମନେ କଲା ତୁଚ୍ଛ ! ଗୋଟେ ଗେଡ଼ୀବୁଢ଼ୀ ! !

ହାଃ, କି କରୁଣ ଓ ଦୟନୀୟ ସେ ଚେହେରାର ଆଖି !
ନଦୀ ବି ଶୁଖିଗଲେ ଦିଶେ ଏମିତି ! ଆଉ ତା' ଛନ୍ଦ ? ସିକତାର ଶଯ୍ୟାରେ କି ଶୁଭିବ ଗୋପାଳଙ୍କ ପଦର ରୁଣୁଝୁଣୁ ନୂପୁରର ନିକ୍ୱଣ ? ପୁଣି ତାଙ୍କରି ନାମ ମାୟାଧର ! ସବୁ ମାୟାର୍ ଆଦି ଓ ଅନ୍ତ ଆଗାର ! ! ସର୍ଜନାର ମୂଳ !
ମିନା, ତୁମେ ଗୋଟିଏ ମୁହୂର୍ତ୍ତ ମୋହିତ ହୋଇଗଲ ନା' ? ତୁମ ମୋହନର ଆଉ ମାନେ ନାହିଁ, ଯେମିତି ସେହି ପଟେ କାନ ଉପହାରର କିଛି ମାନେ କାହିଁ ? ବୋହି ଗଲାଣି କେବେଠୁ ଏବଂ କେଉଁଠାକୁ ତୁମ ଯୌବନର ନଈ ! ତାକୁ ଆଉ ଫେରାଇ ଆଣି ହେବ ନାହିଁ !
ନିଜ ଅହଂର ଦୁର୍ଗ ଭିତରୁ ତମେ ତ ବାହାରି ଆସି ପାରିବ ନାହିଁ ! କିଏ ଖୋଲିବ ପଂଜୁରୀର ଦ୍ୱାର ? ପକ୍ଷୀ ବାହାରି ଯିବ ! ଡେଣା କଟା ପକ୍ଷୀ ଉଡ଼ିଯିବ ?

ମନୋସ୍ତାତ୍ତ୍ୱିକ ଭୟର ରୂପଟା ସବୁବେଳେ ଶକ୍ତ ! ଘରେ କବାଟ ଓ ଝରକା ବଂଦ ରହୁଛି ! ଭିତରେ ଆଲମିରାରେ କୋଲପ ! ଆଲମିରା ଭିତର ଲକର୍‌ରେ ମଜବୁତ୍ ତାଲା ! ତା ଭିତରେ ଆୟ ଓ ଅଳଙ୍କାର ! ଭୟ – କାଳେ କେହି ନେଇଯିବ ! ନେବ କିଏ ? ଘରେ ତାଲା, ଆଲମିରାରେ ତାଲା, ଆଲମିରା ଭିତରେ ଲକର୍‌ରେ ବି ତାଲା ! !
ଭୟର 'ହାମ୍‌ଲେଟ୍' ପୁଣି ଏଡେ ଦର୍ପୀ ?
ଓଃ ମଝିରେ 'ଯଦି' ବା 'କାଳେ,' ସଂଦେହର ଗୁଡ଼ି ଉଡୁଛି ?
ମିନା ଛାତି ଉପରେ ମୁଁ ହାତ ଥୋଇଲି !
ବାପ୍‌ରେ ବାପ୍, କି ପଡ୍‌ଉଠ୍ ! ହୃଦ୍ ସ୍ପନ୍ଦନର ବେଗ ! ରକ୍ତରେ ନଦୀର ଛନ୍ଦ !

Source: Author, Digitized by PPRACHIN, SOA

ସିଏ ଖୁବ୍ ଉଦ୍‌ବିଗ୍ନ ! ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସ୍ରୋତର ଅନୁକୂଳରେ ଛାଡ଼ି ଦେଇଥିଲା ନୌକା ଖଣ୍ଡିକ !

ତା ସାନ ଭାଇ ଅଜୁ ପଚାରିଥିଲା, ବଡ଼ଦେଈ ମତେ କହିବନାହିଁ, 'ଏମ୍' ପାଖ ଲେଟର୍‌ଟା 'ଏନ୍' ନାଁ ଆଉ କ'ଣ ? ଏନ୍ ?

ନଦୀ ଛନ୍ଦରେ ଛପିଥିଲା ଗୋଟିଏ ପ୍ରତୀକ; ତାହା ନକ୍ସାକରା ଗୋଟିଏ ଭବିଷ୍ୟତ ! ମିନା ଡଷ୍ଟର୍‌ରେ ପୋଛି ଦେଲା କଳାପଟା ! ଅଧାକଷା ଅଙ୍କଟାକୁ ଲିଭାଇ ଦେଲା ! ଭୁଲର ବି ଥାଏ କୁଆଡେ ଗୋଟିଏ ଠିକଣା !

କେହି ଜଣେ ଠିଆ ହୋଇଛି ତା ମୁହାଁମୁହିଁ, ପାଦକୁ ପାଦ ଯୋଡ଼ି, ହାତକୁ ହାତ ଛନ୍ଦି, ଦୁହେଁ ଘେର ବୁଲୁଛନ୍ତି ! ମଝିରେ ଦେବତା ଅଗ୍ନି (ହୋମକୁଣ୍ଡ) କି ବ୍ରାହ୍ମଣ ନାହାନ୍ତି, ନାହାନ୍ତି ଦଶଦିଗ ପାଳ ! ତେବେ ଆଉ କିଏ ସାକ୍ଷୀ ?...ସାକ୍ଷୀ ଥିଲେ ବି ବୟାନରେ ନ ଥାଏ ତାଳମେଳ ଦୋଷୀ ମୋକଦ୍ଦମାରୁ ଖସିପାର !

ସତ୍ୟପକ୍ଷୀ ଅନେଇଚି, ସତ୍ୟକୁ ଅସତ୍ୟ ଆଚ୍ଛାଦିତ କରି ନୂଆ ଚେହେରା ଅର୍ପିଛି ! ଇଏ ସିଏ ନୁହେଁ ସେ ଲୋକ ମୁହଁରେ ଦାଢ଼ି ଓ ବଡ଼ବଡ଼ ନିଶ, ଦିଶୁଥିଲା ଭୟଙ୍କର, ଇଏ ତ ଶାନ୍ତ ଶିଷ୍ଟ, ସୁନ୍ଦର ରୂପ ! ଇଏ ନୁହେଁ, ଇଏ ଅଲଗା ମଣିଷ !

ଠିକ୍ ଚିହ୍ନୁଚ ତ ?

ପୁଚ୍ଛ ଦୁର୍ଗର ଦ୍ୱାର ଦେଇ ଯିଏ ଏହି ମଧ୍ୟରାତ୍ରୀରେ କରୁଛି ପ୍ରବେଶ, ସିଏ ବିଭୀଷଣ, ନୁହେଁ ମହିରାବଣ ! ଆମର ପ୍ରିୟ ମିତ୍ର ବିଭୀଷଣ, ଆପଣଙ୍କ ପାଇଁ ସବୁ ଦ୍ୱାର ଛାଡ଼ !

ମିନା ଗାଇବାକୁ ଅରମ୍ଭ କଲା ତା ସହିତ ମୁହାଁମୁହିଁ ଠିଆ ହୋଇଥିବା ଖେଳାଳୀ ସହିତ:

ଲାଉ ଲଗାଇଲି ମନ୍ଦାରେ ବସି
ଫୁଲ ନ ଧରୁଣୁ ଧଇଲା କଷି
ରାଜାପୁଅ ଗଲା ବୋଇତେ ବସି
ମାସେ ରହିଲା କି ବର୍ଷେ ରହିଲା
ମାଲୁଣୀ ପିଣ୍ଡାରେ ରହଣି କଲା
ମାଲୁଣୀବୁଢ଼ୀ ଚହଟ ଚାନ୍ଦି
ଜୂଡ଼ା ପାରିଥିଲା ବଉଳ କାନ୍ଦି
ଏକା ବିଧାକେ ଭାଙ୍ଗିଲା ଜୂଡ଼ା
ଆହୁରି ବାନ୍ଧିଲା ଢ଼ାଲିଆ ଫଡା....

ମିନା ନିଜ ଜୂଡ଼ା ଉପରେ ବାମ ପାପୁଲି ମାରି ଦେଖିନେଲା ଠିକ୍ ତ ଅଛି ! ଏଇଠି ଗୋଟାଏ ଗୋଲାପ କଢ଼ ଖୋସିବ ବୋଲି ମାନସ କେତେ ଅନୁରୋଧ ଓ କେତେ ଯେ ଯିଦ୍ ନ କରିଛି !

Source: Author, Digitized by PPRACHIN, SOA

ସରୁ ସରୁ ଧାନ ଶିରୀ
ପ୍ରଥମେ ବନ୍ଦିବୁ ଧରା ସୁନ୍ଦରୀ
ମୋ ଗୀତ ନଯାଉ ସରି !
ମନ୍ଦାରେ ପୋତିଲି ଲାଉ
ଫୁଲ ନ ଫୁଟୁଣୁ ଧଇଲା କଷି
ରଜ ସଜ ହଉ ହଉ
ଦେଉଳ ଉପରେ ଇଟା
ଥିରି ଥିରି କରି କବାଟ ଫିଟା
ଖାଇବୁ ଆରିଷା ପିଠା !

ଦୋଳିକୁ ଦଉଡ଼ି ସାଜେ
ତେଲେଙ୍ଗା ଗଡ଼ରେ କି ବାଜା ବାଜେ
ବାଲି ଦେଇ ଖଡୁ ମାଜେ...

ସ୍ମୃତିର ଖଡୁ ମାଜୁଥିଲା ମିନା ! ଭାବନାର ଦୋଳିରେ ଝୁଲୁଥିଲା ତା' ଅତୀତ ! ତା ସବୁ ଭଲପାଇବା ତା ଜୀବନପରି ଏକ ଦୋଦ ଉଚ୍ଚାରିତ ଗୀତ !ସେ ଗୀତକୁ ଏବେ ସିଏ ପରଖୁଚି !

ଓଳିଆ ଗଡ଼େଇ ଦେଲି
ଓଳିଆ ସଙ୍ଗରେ ମୁଁ ଗଡ଼ିଗଲି
ଜୀବନ ହରେଇ ଦେଲି...

ଏବେ ସିଏ ବଂଚିଛି ? ନାଁ, ସେ ମିନା ମୃତ ! ଏବେ ଗୋଟେ ଗେଡ଼ୀବୁଢ଼ୀ ! ଆଖିରେ ପ୍ରଚକ୍ଷୁ ! ପ୍ରଚକ୍ଷୁ ଭିତରେ ଅନୁଶାସନ ଓ ଶୃଙ୍ଖଳାର ତାଗିଦ୍ ! ମାର୍ଜିନ୍ ଭିତରେ ରହିବ ସବୁ ଅକ୍ଷର, ରେଖା ଓ ଲେଖା ! ଆଦୌ ମାର୍ଜିନ୍ ଟପି ପାରିବନି ! ତା' ହାତରେ ବେତ !

ଝରକା ଆରପଟ ସାଗୁଆ ଖେଳ ପଡ଼ିଆ ଭିତରେ ଦଳେ ପୁଅ ପିଲା ଗାଉଥିଲେ ଗୀତ:
କେଉଁ ଦୂର ଦେଶେ ତୋ ଘର ନଈଲୋ
କେଉଁ ଦୂର ଦେଶେ ଘର ?
ଆଉ ଦଳେ ଝିଅପିଲା ଦେଉଥିଲେ ଉତ୍ତର:
ତାର ପଛେ ରହିଥିଲା ଯେ ସାଗୁଆ ପାହାଡ଼
ତହିଁ ଜନମ ମୋହର ! ତହିଁ ଜନମ ମୋହର !
ପୁଣି ପ୍ରଶ୍ନ: ପାହାଡ଼ ତ ଖାଲି ପଥରରେ ଗଢ଼ା, ତହିଁ ଜନ୍ମିଲୁ କିପରି ?
ଉତ୍ତର: ତା ଖୋଲ ପୂରନ୍ତେ ବରଷାର ନୀରେ ଅଇଲି ତହୁଁ ବାହାରି !
ଏବେ-ପାକେଲା ବାଉଁଶ ବାଡ଼ି

Source: Author, Digitized by PPRACHIN, SOA

ରାମଚନ୍ଦ୍ର ଗଲେ ରାଇଜ ଛାଡ଼ି
ସୁବର୍ଣ୍ଣ କଠଉ ମାଡ଼ି।

ମାନସ ଭାଇ, ତମେ ନାହଁ, କୁଆଡ଼େ ଗଲ ? ତମ ପାଦଚିହ୍ନ ଲିଭିଗଲାଣି ବେଳା ଭୂମିରୁ! ସମୁଦ୍ରଠୁ ମୁଁ ଏବେ ଚାଲି ଆସିଛି ବହୁତ ଦୂରକୁ। ମୋ ଆଖି କି ହାତ ଆଉ ପାଉନାହିଁ ତମ ସେଇ ପୁରୁଣା ପୃଥିବୀକୁ।

ସେଇ ମିନା ଏବେ ବୁଢ଼ୀ। ଚକ୍ଷୁପଦ୍ମରୁ ତା'ର ଆଲୋକ ଅସ୍ତମିତ ହେଲାଣି। ଚର୍ମରେ ଚେମେଣୀ ଚଢ଼େଇର ଲୋଚାକୋଚା ଭାଙ୍ଗ। ସାବୁନ୍, ସାଂପୋ ଓ କ୍ରୀମ୍‌ରେ କରୁଚି ସିଏ ବୁଢ଼ିଆଣୀ ଜାଲ ଘେରା ଗୋଟିଏ ମନ୍ଦିରର ମରାମତି। ଦିନେ ସିଏ ମନର ମଣିଷକୁ ତା'ର କରିଥିଲା ପ୍ରଶ୍ନ: ତମେ ମୋର ଏଇ ଦେହଟିକୁ ଚାହୁଁଚ ?..ମୋ ଏଇ ଦେହ ତୁମର ଦରକାର ? ଖାଲି ଏଇ ଦେହ...

ଏବେ-କାଳିଆ କୁକୁର କାଳ
ଚାଲ୍ ମାଠିଆ ନଈକି ଯିବା
ଢିଙ୍କି କୁଟୁଥାଉ ଧାନ।

ସମସ୍ତେ ଜାଣନ୍ତି, ସେ ଦିନ ମିନା ଭାବୁଥିଲା, 'ଯିଏ ଅବିବାହିତ, ସିଏ ଭଗବାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ତାଙ୍କ ଜିନିଷମାନଙ୍କ ନିଏ ଯତ୍ନ। ଯିଏ ବିବାହିତ, ସିଏ ତା ସ୍ତ୍ରୀକୁ କରିବାକୁ ସନ୍ତୁଷ୍ଟ ପାର୍ଥିବ ବସ୍ତୁର ନିଏ ଯତ୍ନ'। ତା' କ୍ଷେତ୍ରରେ କଥାଟି ହେଲା-ବିବାହ କଲେ ତା ସ୍ୱାମୀ ଓ ତା ପରିବାର ଲୋକଙ୍କ ସନ୍ତୁଷ୍ଟ ପାଇଁ ତାକୁ କରିବାକୁ ହେବ ଯତ୍ନ। ଭଗବାନଙ୍କ କଥାକୁ ତାକୁ ପାଶୋରିବାକୁ ପଡ଼ିବ। ତା' ପାଇଁ ସଜଡ଼ା ହୋଇ ରହିଥିବ ଗାଇଡ଼ଲାଇନ: ଈଶ୍ୱର ସେ /ବିଶ୍ୱର କେ ? ସ୍ୱାମୀ ଓ ସନ୍ତାନ ତା' ସବୁକିଛି। ପତି ପରମେଶ୍ୱର, ପୁତ୍ର କହ୍ନେଇ, ଜୀବନ ତା' ନନ୍ଦୋତ୍ସବ।

ଏବେ ତ ତା' ଏଇ ସ୍ଥିତି।

ତା ସାମ୍ନାରେ କେବଳ ଗୋଟିଏ ଲକ୍ଷ୍ୟ, ସିଏ ସେଇ ଆଡ଼କୁ ଦୌଡୁଛି। ତାକୁ ଘେରିଥିବା ସ୍ୱାର୍ଥ ସର୍ବସ୍ୱ କିଛି ଅଜ୍ଞ ମଣିଷଙ୍କୁ ପାର୍ଥିବ ସୁଖର ଆପେଲ୍ ଝୁଡ଼ିଝୁଡ଼ି ତୋଳି ଦେଉଛି।

ସୁଖର ଆପେଲ୍ ?.... ଉଦ୍ୟାନର ମଧ୍ୟସ୍ଥଳରେ ଥିବା ଗଛର ଫଳ ବିଷୟରେ, ତୁମେ ତାହା ଖାଇବ ନାହିଁ, ଏପରି କି ସ୍ପର୍ଶ ମଧ୍ୟ କରିବ ନାହିଁ, କଲେ ତୁମର ହେବ ମୃତ୍ୟୁ। ଜେନେସିସ୍ ୩: ୨-୩ (ବାଇବେଲ୍)। ପୁଣି ୧୨-୧୩ ରେ ଉଲ୍ଲେଖ ରହିଛି: ତୁମେ ଯେଉଁ ନାରୀଟିକୁ ମୋତେ ସଂଗିନୀ ରୂପେ ଦେଇଥିଲ, ସେ ମୋତେ ସେହି ଗଛର ଫଳ ଦେଲା ଏବଂ ମୁଁ ତାହା ଖାଇଲି। ନାରୀଟି କହିଲା- ସର୍ପ ମୋତେ ପ୍ରତାରିତ କଲା, ଏବଂ ମୁଁ ତାହା ଖାଇଲି।

Source: Author, Digitized by PPRACHIN, SOA

ଧୂଳି ମାଟିରୁ ମଣିଷର ମୂର୍ତ୍ତି ଗଢ଼ିଥିଲେ ମହାନ ଶିଳ୍ପୀ। ତା ନାକ ପୁଡ଼ାରେ ଭର୍ତ୍ତି କରି ଦେଲେ 'ପ୍ରାଣବାୟୁ'। ସିଏ ଜୀବନ୍ତ ଆତ୍ମାରେ ହେଲା ପରିଣତ। ନିଜର ସ୍ୱରୂପକୁ ଚିହ୍ନିବା ମଣିଷ ଜୀବନର ସବୁଠୁ ବଡ଼ କାମ।

ମିନା ଚିହ୍ନିଚି ନିଜକୁ। ପାହାଡ଼ ପର୍ବତର ଖୋଲ ବର୍ଷା ଜଳରେ ହେଲେ ପୂର୍ଣ୍ଣ ନଦୀର ହୁଏ ଜନ୍ମ। ସିଏ ତ ନଦୀଟିଏ, ବୋହି ଚାଲିଛି, ଗିରି ଶିଖରରୁ ସାଗର। ଜନ୍ମର ମଥୁରାରୁ ମୃତ୍ୟୁର ଦ୍ୱାରକା ନଗର। ମଝିର ଅବଶିଷ୍ଟ ଭବଲୀଳା ତା' ଜୀବନ। ସେହି ଜୀବନରେ ଯାହା ସୁଖ ପ୍ରାପ୍ତି ଘଟିଛି ତାହା ତା' ସୁକର୍ମ ବା ପୁଣ୍ୟର ଫଳ। ଯାହା ଦୁଃଖ ଭୋଗିଛି ତାହା ତା' ମନ୍ଦକର୍ମ।

ସତ୍ୟପକ୍ଷୀ ସ୍ୱପ୍ନ ଦେଖୁଛି।

ଅଢ଼େଇ ଘଣ୍ଟିଆ ସିନେମାପରି ତିନି ଅକ୍ଷରିଆ ସ୍ୱପ୍ନ।

ନଦୀର ଛନ୍ଦରେ ଭାସି ଯାଉଛି ନାରୀଟି। ସତ୍ୟପକ୍ଷୀ ତା' ଆଡକୁ ବୃକ୍ଷଡାଳରେ ବସି ହାତ ବଢ଼ାଇଲା। ତା ହାତର ଡାଳକୁ ଧରି ଭାସମାନ ମିନା ରହିଗଲା।

'ତ୍ୱାମେବ ଶରଣଂ ମମ'।

'କରିଷ୍ୟେ ବଚନଂତବ'।

ସାତ୍ମାରେ ସମର୍ପଣ ଯୋଗ। ମଝିରେ ଆସ୍ପୃହା ଓ ଆବାହନ, ଶେଷକୁ ପ୍ରତ୍ୟାଖ୍ୟାନ !

ସରିଗଲା ଶ୍ରୀମଦ୍ ଗୀତାର ଅଷ୍ଟାଦଶ ଅଧ୍ୟାୟ ଯୋଗ। ଶେଷକୁ ଅର୍ଜୁନ କହୁଛନ୍ତି, କରିଷ୍ୟେ ବଚନଂ ତବ।

ଏଇ ବାକ୍ୟର କିଏ କର୍ତ୍ତା ?

କମ୍ବୁକଣ୍ଠୀ ମିନା ପଣତ କାନିରେ ସରୁ ସୁନାଚେନ୍ ଗୁରା ବେକ ତଳର ଝାଳ ପୋଛିଲା !

ଗୁହ୍ୟାତ୍ ଗୁହ୍ୟତରମ୍....ଅହଂ କ'ଣ ମଲା ? ବରଂ ଜ୍ଞାନର ଆଖ୍ୟାନ ଆଖ୍ୟାନ ହୋଇ ରହିଗଲା !

ମିନା, କେବଳ ମିନା। ତା' ସହିତ ଆଉ କାହାକୁ ତୁଳନା କରି ହୁଏନା।
ପରିବର୍ତ୍ତନର ନୂତନ ଉଷା, ତୁମକୁ ସ୍ୱାଗତ।

ପରିବର୍ତ୍ତନର ନୂତନ ସକାଳ, ତୁମେ ଆସ। ଡାକୁଥିଲା ମିନା। ସେଇ ମିନା, ଭ୍ରମରପରି ତା' କଳାକଳା ଗୋଲଗୋଲ ଦୁଇ ଆଖି ଡୋଳା। କ'ଣ କହିବକହିବ ବୋଲି ହେଉଥିଲା କିନ୍ତୁ କିଛି କହିପାରୁନଥିଲା।

Source: Author, Digitized by PPRACHIN, SOA

ଗୋଟିଏ ନୂତନ ନିରିହତା, ଏକ ନୂତନ ଶୈଶବ, ଏକ ନୂଆ ସତ୍ୟଯୁଗ ତା'ଭିତରେ ସମ୍ଭାବନାର ସବୁଜ ଡାଳ ମେଲୁଥିଲା। ସିଏ ଥିଲା ଜଣେ ପଜେଟିଭ୍ ଯୁବତୀ। ତା' ପଦପାତ ଥିଲା ଶକ୍ତ।

ମିନା ଇତିହାସ ରଚନା କରୁଥିଲା। ସିଏ ଉପଭୋଗ କରୁଥିଲା ତା'ର ସକାର ଅନୁଭୂତିମାନଙ୍କୁ। ସିଏ ସବୁବେଳେ ମନେ ରଖିଥିଲା କ'ଣ ତା' କର୍ତ୍ତବ୍ୟ ଏବଂ ତାହା ସରି ନାହିଁ, ଯେମିତି ଏଇଠୁ ତା' ଆରମ୍ଭ। ତା' ଅଂଶ ସୁଚାରୁ ରୂପେ ସିଏ କରିଥିଲା ବହନ। ସେହି ଅଂଶ, ଯାହାକୁ ସିଏ ଭାବୁଥିଲା ପବିତ୍ର କ୍ରୁଶ। ତାକୁ ବହନ କରିବାରେ ସିଏ ଲଭିଥିଲା ପରମ ତୃପ୍ତି।

ତା'ର ନଥିଲା ସମାପ୍ତି।

ମାନବିକତାର ସେଇ ଦାବୀ, ଆଖିରେ ଆଶାର ଜ୍ୟୋତି। ମାନସଭାଇ ସବୁ ମୁଁ ସମର୍ପି ଦେବି। ସବୁ ମୁଁ ବିତରିତ କରିଦେବି। ଫୁଲ ପାଖରେ ଆଉ କିଛି ନଥିବ ସୌରଭ; ଯାହାକୁ ତୁମେ କହିଚ ତା' ଗୌରବ। ଗୌରବ ମୋର ଆଉ କ'ଣ ହେବ? ମୁଁ ତ ନଦୀଟିଏ ବୋହି ଗଲିଣି ଅନେକ ଦୂର।

ଏବେ ହସ୍ତରେ ମୋ ଗାଣ୍ଡିବ। ସାମ୍ନାରେ ଶତ୍ରୁପକ୍ଷ। ପ୍ରବାହିତ ହେଉଅଛି ରଣନଦୀ। ଭୟାନକ ଦନ୍ତଯୁକ୍ତ ଗୋଟିଏ ମୁଖର ଗହ୍ୱରରେ ଭୀଷ୍ମ, ଦ୍ରୋଣ ଓ ସୂତପୁତ୍ର ତଥା ଧୃତରାଷ୍ଟ୍ରଙ୍କ ତନୟମାନେ ପଶି କେଉଁ ଆଡେ ବିଲୀନ ହୋଇ ଯାଉଛନ୍ତି। ମାନସ ଭାଇ, ବରଫ ଯେତେ ଶକ୍ତ ହେଲେ ବି ଯାଇଥାଏ ମିଳେଇ।

ଯେମିତି ଉଦୟର ଥାଏ ଅସ୍ତ, ଠିକ୍ ସେମିତି ଆବିର୍ଭୂତ ହୋଇଥାଏ ତିରୋହିତ।

କେହି ଆମେ କାହାକୁ ଠକି ନାହେଁ, କି କେହି ଆମେ କାହାକୁ ଭୁଲ ବୁଝି ନାହେଁ। ଜୀବନ ତ ଜୀବନଟିଏ। ଯେମିତି ତାକୁ ଜୀଇବାକୁ ହୁଏ, ଜୀଇଛେ ଆମେ।❑

Source: Author, Digitized by PPRACHIN, SOA

-ଛଅ-

'ଏ ଶବ୍ଦ ଚିହ୍ନିଲେ ଯେ ଭ୍ରମ ଯିବ ନାଶ

ତାହା କହି ଦେବା ଲୟ କର ରାମଦାସ' !

-ଶୂନ୍ୟ ସଂହିତା

ଭିକ୍ଷା ମାଗୁଛ ? ସଳଖ ସୁନ୍ଦର ଚେହେରା ବେଶତ୍ ! କାମଦାମ କାହିଁକି କରୁନାହଁ ? ମୁଁ ଚାଷ କରୁଛି, ସୁବର୍ଣ୍ଣ ଶସ୍ୟ ଅମଳ କରୁଛି, ଖୁସିରେ ଅଛି ! ତୁମପରି ଅଲଜ୍ଜିତ ଭାବେ କାହାକୁ ହାତ ପାତୁ ନାହିଁ ! କ୍ରୋଧରେ ଉଚ୍ଚାରିତ କରୁଥିଲେ ଗୃହସ୍ଥ ! ମୃଦୁମୃଦୁ ହସିଲେ ଭିକ୍ଷୁକ ! ଧୀର ଆଂଦୋଳିତ ତାଙ୍କ ଓଷ୍ଠ ପଲ୍ଲବରୁ ହେଲା ଧ୍ୱନିତ; ମୁଁ ବି ଜଣେ କୃଷକ ! ବପନ କରିଥାଏ ବିଶ୍ୱାସର ବୀଜ ! ସତ୍‌କର୍ମର ଜଳ କରିଥାଏ ସିଞ୍ଚନ ! ବିବେକ ଓ ବୈରାଗ୍ୟ ମୋ ଲଙ୍ଗଳ ! ସଦାଚାର ଲଙ୍ଗଳ ମୁଠି ! ଧ୍ୟାନ ମୋ ଲଙ୍ଗଳ ମୁନ ! ସାମ ଓ ଦାମ ଦୁଇଟି ବଳଦ ! ମନ ଗହିରକୁ ଚଷି ଫଳାଏ ନିର୍ବାଣ ! ଦୁଃଖ, ଭୟ, ଦ୍ୱିଧା, ଜନ୍ମ ଓ ମୃତ୍ୟୁ ବାଲୁଙ୍ଗାକୁ ଜୀବନର କ୍ଷେତରୁ ଉତ୍ପାଟିତ କରି କରିଥାଏ ଅଲଗା !

ସିଏ ଥିଲେ ମହାବତାର ଗୌତମ ବୁଦ୍ଧ !

କେହି ଜଣେ ପୃଷ୍ଠ ପଟ୍ଟରୁ ରହିରହି କଲା ଉଚ୍ଚାରିତ, ହେ ଗୃହସ୍ଥ, ତୁମେ ବି ଜଣେ ଭିକ୍ଷୁକ ! ଅଂଜଳି ପାତ, ଶାନ୍ତି ନିଅ ! ତୁମ ଦ୍ୱାର ଦେଶରେ ଶ୍ରମଣ ସମ୍ରାଟ, ମାଗ ନିର୍ଭୟରେ, ଆଉ ନ କର ମଠ !

ଜୀବନ କ୍ଷେତରେ କେବଳ ସ୍ୱର୍ଣ୍ଣଶସ୍ୟ ଫଳେ ନାହିଁ, ଫଳି ଥାଏ ଦୁର୍ଘଟଣା ଓ ଲାଞ୍ଛନାର କେତେ ଯେ ଲାଜକୁଳୀ ଲତା ! ନାହିଁ ତାର ଇୟତା ! ପବିତ୍ର ସ୍ନାନ ସମାପନ କରି ଉଠି ଆସୁଥାନ୍ତି ସନ୍ଥ ଏକନାଥ ହଠାତ୍ ଜଣେ ବିଧର୍ମୀ ଯୁବକ ତାଙ୍କ ଉପରକୁ ମୁଖଜଳ (କୁଳୁକୁଞ୍ଚା)

Source: Author, Digitized by PPRACHIN, SOA

କଲା ନିକ୍ଷେପ। ପୁଣି ଥରେ ସିଏ କଲେ ସ୍ନାନ। ପୁଣି ଲୋକଟି ପୁନର୍ବାର ଆଚରଣ କଲା ସେହି ଅପକର୍ମ। ଏକନାଥ କଲେ ସ୍ନାନ। ଏହି ପରି ତାର ଯାତନା ଓ ଲାଞ୍ଛନା ଚାଲିଲା ସେ ଦିନ ତମାମ। ଏକନାଥ ଧୀର ପ୍ରଶାନ୍ତ ଚିତ୍ତ। ନାହିଁ ଦୁଃଖ, ନାହିଁ କ୍ରୋଧ।ଶେଷକୁ କ୍ଲାନ୍ତ ବିଧର୍ମୀଟି ତଳେ ପଡ଼ିଧରିଲା ତାଙ୍କ ପାଦ। 'ଆପଣ କି ମହାନ'।

ପ୍ରତ୍ୟୁତ୍ତରରେ ଏକନାଥ କହିଲେ, ପ୍ରକୃତରେ ତୁମେ ମହାନ୍ ମତେ ଆଜି ଏକଶତଆଠ ସ୍ନାନର ପୁଣ୍ୟ କରିଛ ପ୍ରଦାନ।

ସେହି ଏକନାଥ ବସିଥାନ୍ତି ଅନ୍ନସେବାରେ ଏବଂ ପରିବେଷଣ କରୁଥାନ୍ତି ତାଙ୍କ ପତ୍ନୀ। ହଠାତ୍ ଜଣେ ଅସାମାଜିକ ବ୍ୟକ୍ତି ତାଙ୍କ ଘର ଭିତରକୁ ପଶି ତାଙ୍କ ସାମ୍ନାରେ ପତ୍ନୀଙ୍କୁ ଭିଡ଼ି ଧରିଛି। ସେହି ବ୍ୟକ୍ତିର ଏହି କୁକାଣ୍ଡରେ ବିଚଳିତ ନ ହୋଇ ହସି ଉଠିଲେ ସନ୍ଥ! କହିଲେ: ଗିରିଜା, ଶିଶୁଟି କ୍ଷୁଧିତ, ତାକୁ ଆଗେ ଖୁଆଇ ଦେଲ ତମଦୁଗ୍ଧ। ପିଚ୍‌ପିଚ୍ ହୋଇ ଅପ୍ରସୂତା ନାରୀ ବକ୍ଷୋଜରୁ ଦୁଗ୍ଧରାଜି ଛିଟିକି ପଡ଼ିଲା ଲୋକଟିର ମୁହଁସାରା। ଲୋକଟି ଭୟରେ ସନ୍ଥ ଓ ଜନନୀଙ୍କ ଚରଣ ତଳେ ପଡ଼ିଗଲା, ଯେମିତି ଗୋଟେ କଟା କଦଳୀ ଗଛ।

ଶ୍ରୀନିବାସ ନାୟକ ବୃତ୍ତିରେ ବଣିକ। ଋଣ ପ୍ରଦାନ ଓ ସୁଧଗ୍ରହଣ ତାଙ୍କ କୌଳିକ। ବ୍ୟୟ ପାଇଁ ଭାରି କୁଣ୍ଠିତ। ତାଙ୍କ ପତ୍ନୀ ସରସ୍ୱତୀ ସାଧ୍ୱୀ ଓ ବୁଦ୍ଧିମତୀ। ଦିନେ ପଡ଼ିଗଲେ ଅସୁବିଧାରେ।

ମୋ ପୁତ୍ରର ବ୍ରତୋପୟନ ପାଇଁ କିଛି ଭିକ୍ଷା ଦିଅ, ଦେବି।

ଜଣେ ବ୍ରହ୍ମଣ ତାଙ୍କ ସାମ୍ନାରେ ହାତପାତି ବସିଛନ୍ତି।

ହେ ମହାଭାଗ, ମୋ ପାଖରେ କିଛି ନାହିଁ, ସବୁ ମୋ ସ୍ୱାମୀଙ୍କ ସମ୍ପତ୍ତି। କ'ଣ ଦେବି?

ତୁମେ ପିନ୍ଧିଥିବା ହୀରକ ଖଚିତ ନାକଚଣା ତୁମ ପିତୃ ସଂପତ୍ତି। ତାହା ତ ତୁମେ ଦାନ କରିପାରିବ?

ବ୍ରାହ୍ମଣଙ୍କ ଚକ୍ଷୁରେ ବୀଜଗଣିତର ଅବୁଝା ସୂତ୍ର।

ଅନନ୍ୟୋପାୟ ସରସ୍ୱତୀ କଲେ ପ୍ରଦାନ।

ବ୍ରାହ୍ମଣ ସେଇଟି ନେଇ ତାଙ୍କ ସ୍ୱାମୀଙ୍କ ଦୋକାନକୁ ଯାଇ ବିକ୍ରୟ ପାଇଁ କଲେ ଅର୍ପଣ। ଶ୍ରୀନିବାସ ନାକଚଣାଟି ଦେଖି ସନ୍ଦେହରେ ଗଲେ ପଡ଼ି। ଇଏ ତ ସରସ୍ୱତୀଙ୍କ ଅଳଙ୍କାର? ଏଇଟି ପରୀକ୍ଷା କରି ଏହାର ମୂଲ୍ୟ ନିର୍ଦ୍ଧାରଣ କରିରଖ। ମୁଁ ଟିକିଏ ଛାଡ଼ି ଆସୁଛି। ବ୍ରାହ୍ମଣ ହେଲେ ତିରୋହିତ। ଶ୍ରୀନିବାସ ଦୋକାନର ଲୌହ ସିନ୍ଦୁକରେ ଅଳଙ୍କାରଟିକୁ ରଖି ଉଠି ଆସିଲେ ଘରକୁ। ଘରେ ଦେଖନ୍ତି ତ ପତ୍ନୀଙ୍କ ନାସାଶୂନ୍ୟ।

ସରସ୍ୱତୀ, ତୁମ ନାକଚଣାଟି ରଖିଚ କେଉଠି? ଦେଲ। କଲେ ଆଦେଶ।

Source: Author, Digitized by PPRACHIN, SOA

ସରସ୍ୱତୀ ନ ଯଯୌ ନ ତସ୍ଥୌ, କରିବେ ଏବେ କ'ଣ ? ସତ କହିଲେ ସମସ୍ୟା ହେବ ସାଂଘାତିକ, ମିଛ କହିଲେ ମହାପାପ ! ଏବେ ସିଏ କରିବେ କ'ଣ ? ସଜାଡ଼ିଲେ ବିଷ ପାତ୍ର ! ପାନ କଲା ବେଳକୁ କାଂସ୍ୟ ପାତ୍ରରେ ହେଲା କ୍ଷଣିକିନା ଅବାଜ୍ ! ଚମକି ପଡ଼ିଲେ ସରସ୍ୱତୀ ! ଦେଖିଲେ ପାତ୍ର ଭିତରେ ନାକଚଣାଟି ! କାଢ଼ିନେଇ ସ୍ୱାମୀଙ୍କି ଦେଲେ ଧରାଇ ! ଶ୍ରୀନିବାସ ଦୋକନକୁ ଯାଇ ଦେଖନ୍ତି ତ ତାଙ୍କ ଲୌହ ସିନ୍ଦୁକରେ ଅଳଙ୍କାରଟି ନାହିଁ ! ତାହା ପ୍ରଦାନ କରିଥିବା ବ୍ରାହ୍ମଣବି ଆଉ ଆସିଲେ ନାହିଁ ! ସିଏ ହେଲେ ବିସ୍ମିତ ! ପତ୍ନୀଙ୍କୁ ପଚାରିଲେ ରହସ୍ୟ ! ତାଙ୍କ ପତ୍ନୀ ବି ବିସ୍ମିତ ! ସବୁ ସମ୍ପତ୍ତି ସିଏ ବିତରଣ କରି ହୋଇଗଲେ ସନ୍ଥ ! ରଚନା କଲେ ଅଂସଖ୍ୟ ଭକ୍ତି ସଂଗୀତ ! ଗାନ କଲେ ବିଭୁ ମହିମା !

'ମହାପ୍ରଭୁ,
ତୁମକୁ କି ଦେଇ ପୂଜିବି ମୁଁ
ଫୁଲ ଦେବି ? କେଉଁ ଫୁଲ
ପଦ୍ମ ଯେ ତୁମେ ନାଭିରୁ ଜନ୍ମ !
ଦୀପ ଦେବି ?
ତୁମ ଆଖି ଦୁଇଟି ତ ଚନ୍ଦ୍ର ସୂର୍ଯ୍ୟ
ଦେବି ସ୍ୱର୍ଣ୍ଣ ଅଳଙ୍କାର ?
ଜଗତର ସକଳ ଐଶ୍ୱର୍ଯ୍ୟମୟୀ ମା' ମୋର
ଯେ ସଖୀ ତୁମର
ଗଙ୍ଗା ଜଳରେ ଧୌତ କରିବ ପଦ ?
ସେ ତ ପତିତପାବନୀ
ତୁମ ପଦାବ୍ଜରୁ ଜନ୍ମ !
ମହାପ୍ରଭୁ, ତୁମକୁ ମୁଁ ଦେବି କ'ଣ
ସବୁ ତ ତୁମର !

'ମା' କୁଆଡେ ଯାଉଛ' ? ଗୋଟିଏ ହାତରେ ଜଳନ୍ତା ମଶାଲ ଓ ଅନ୍ୟ ହସ୍ତରେ ଏକ ଜଳଭର୍ତ୍ତି ବାଲ୍‌ଟି ଧରି ରାସ୍ତା ଉପରେ ଧାଉଁଥାଏ ନାରୀଟି ! ତାକୁ ଲୋକେ ପଚାରୁଥାନ୍ତି ! 'ସ୍ୱର୍ଗରେ ନିଆଁ ଲଗାଇ ଦେବି ! ନରକର ନିଆଁ ଲିଭାଇ ଦେବି ! ସ୍ୱର୍ଗ ଲୋଭ ଓ ନରକ ଭୟରେ ଆଉ କେହି ଭଗବାନଙ୍କୁ ଡାକିବେ ନାହିଁ ! ଆତ୍ମା ଓ ପରମାତ୍ମା ସାମନାସାମନି ହୋଇ ଯିବେ ଭେଟ' !

ସିଏ ଥିଲେ ସୁଫୀ ସାଧିକା ରବୈୟା ! ଅଷ୍ଟମ ଶତକର ଜଣେ ମହାନ୍ ନାରୀ !

ସଂକୀର୍ତ୍ତନ ଚାଲିଛି ! ସମସ୍ତେ ନାମରେ ବିଭୋର ! ଗୃହକର୍ତ୍ତା ଶ୍ରୀବାସ ଯୁକ୍ତହସ୍ତରେ ଶ୍ରୀଗୌରାଙ୍ଗଙ୍କୁ ନିବେଦନ କଲା, 'ମହାପ୍ରଭୁ, ମୋ ପୁଅଟି ଦେହ ତ୍ୟାଗ କଲା' !

Source: Author, Digitized by PPRACHIN, SOA

ମୃତପୁତ୍ର ପାଖରେ ଠିଆ ହୋଇ ଶ୍ରୀଗୌରାଙ୍ଗ କହିଲେ, 'କହପୁତ୍ର, ତୁ ଜୀବିତ ରହିବାକୁ ଇଚ୍ଛୁକ କି ?

ନା, ମହାପ୍ରଭୁ, ମୁଁ ସଂସାର କର୍ମସାରି ଉତ୍ତମ ପଥରେ ଆଗେଇ ଯିବାକୁ ଇଚ୍ଛୁକ ! ମୋ ବିଯୋଗ ଜନିତ ଘଟଣା ଆପଣଙ୍କ ନାମ କୀର୍ତ୍ତନରେ ବାଧା ସୃଷ୍ଟି କରି ଥିବାରୁ ମୁଁ ଦୁଃଖିତ ! ମୋତେ କ୍ଷମା କରି ଦିଅନ୍ତୁ, ମହାପ୍ରଭୁ !

ସତ୍ୟପକ୍ଷୀ ଅନାଇଛି ! ବେତାଳ ସେନର କଟାମୁଣ୍ଡପରି ସିଏ ବି ଗୋଟିଏ ସାକ୍ଷୀ ! ଓଲଟ ପାଲଟ କରି ଜନ୍ମମୃତ୍ୟୁର ମୁଦ୍ରାଟିକୁ ପରଖ କରୁଛି !

ଚତୁର୍ଦ୍ଦଶ ଶତକ ! କାଶ୍ମୀରରେ ଜନ୍ମ ଗ୍ରହଣ କରଥିଲେ ଜଣେ ସାଧ୍ୱୀ 'ଲଲ୍ଲା' ଯୋଗୀଶ୍ୱରୀ ! ସିଏ ଥିଲେ ଶିବ ଉପାସିକା ଏବଂ ଦିଗମ୍ବରୀ ! ଜଣେ ମନ୍ଦବ୍ୟକ୍ତି ତାଙ୍କୁ ପଚାରିଲା, କାହିଁକି ସିଏ ଉଲଗ୍ନ ରହୁଛନ୍ତି ?

'ରହିବିନି କାହିଁକି ? ମୋ ଚାରିପାଖରେ କେହି ପୁରୁଷ ନାହାନ୍ତି ! ସମସ୍ତେ ଅଜ୍ଞାନ ଶିଶୁ ବା ଯେମିତି ପଶୁ ! ଲାଜ ମୁଁ କରିବି କାହାକୁ ?

ଯାହାଙ୍କର ଆତ୍ମଜ୍ଞାନ ନାହିଁ, ସିଏ ଶିଶୁ ବା ପଶୁ ବ୍ୟତୀତ ଅନ୍ୟକିଛି ନ ହୋଇ ପାରନ୍ତି ! ଭାବୁଥିଲେ ଲଲ୍ଲା ! ମୁକ୍ତି ପ୍ରଦାୟିନୀ ଗୁଣ ବିଷୟରେ ଏହି ମହିୟସୀ ଅନେକ ଚୌପଦୀ କରିଛନ୍ତି ରଚନା ! ପରମହଂସ ଯୋଗନନ୍ଦ ଏହାଙ୍କ ଗୋଟିଏ ଚୌପଦୀର କରିଛନ୍ତି ଅନୁବାଦ:

ଦୁଃଖର କି କାଳକୂଟ ଗରଳ ମୁଁ ନ କରୁଛି ପାନ
ଅସଂଖ୍ୟ ଜନମ ମରଣ ଚକ୍ରେ ମୋର ଅଭିଯାନ
ଆଃ ହୃଦୟର ପାତ୍ର ମଧ୍ୟେ କେବଳ ଅମୃତ
ନିଶ୍ୱାସର କଳା ମତେ କରେ ପରିତୃପ୍ତ !

ସେହି ପରମ ମହିୟସୀଙ୍କ ଜୀବନ ନଦୀ ସମୁଦ୍ରରେ ମିଶିଥିଲା ଏମିତି: ସୀତାଙ୍କପରି ସ୍ୱଦେହରେ ସିଏ ଚନ୍ଦନ ଓ ଦେବଦାରୁ କାଠର ଜଳନ୍ତା ଅଗ୍ନିରେ କଲେ ପ୍ରବେଶ ! ହେଲେ ଅପ୍ରକଟ !

ଘଟଣା ଅଦ୍ଭୁତ ! ନଗରର ସହସ୍ର ନରନାରୀ ଅଶ୍ରୁଳ ନୟନ !କରୁଣ କ୍ରନ୍ଦନରୋଳରେ ଉଚ୍ଛୁଳି ଉଠୁଥିଲା ଦିଗ୍‌ବିଦିଗ ! ମା' ତୁମର ଏ କି ଦିବ୍ୟ ପ୍ରସ୍ଥାନ ? ମା, ମା'...

ଆକୁଳ ଓ ଆତୁରରେ ଡାକ ଛାଡିଥିଲେ ନଗ୍ରଜନ !

ହଠାତ୍ ସମସ୍ତ ଶିଖା ହେଲା ନିର୍ବାପିତ ! ଦେହରେ ହଳଦୀରଙ୍ଗର ସୁବର୍ଣ୍ଣ ପୋଷାକ ! ପ୍ରଥମଥର ପାଇଁ ତାଙ୍କ ବସ୍ତ୍ର ବିଭୂଷିତ ରୂପ ! ଜ୍ୱଳନ୍ତ ଅଙ୍ଗାର ଉପରେ ପାଦ ଚାପିଚାପି ଥୋଇ ସିଏ ଆସିଲେ ବାହାରି ! ଆକୁଳ ନରନାରୀଙ୍କୁ କଲେ ସିଏ ଆଶ୍ୱସ୍ତ !

Source: Author, Digitized by PPRACHIN, SOA

॥ ନଦୀର ଛନ୍ଦ ॥

ମୁଁ ଅଛି, ମୁଁ ତୁମ ପାଖରେ ଅଛି, କୁଆଡେ ଯାଇ ନାହିଁ। ଦେଖ, ତୁମକୁ ମୁଁ ଦର୍ଶନ ଦେଉଛି। ସମ୍ବରଣ କର ଅଶ୍ରୁ। ପ୍ରକଟ ହୋଇଥିଲି, ଅପ୍ରକଟ ମୁଁ ପ୍ରକଟ ହୋଇଛି କେବଳ ଅପ୍ରକଟ ହେବାକୁ।

ଦେଖାଅ, ପୋଛି ଦେବି ତୁମ ଦୁଃଖର କାଳିମା, ଭାଙ୍ଗି ଦେବି ତୁମ କଷ୍ଟର କଣ୍ଟା। ଜାଗ୍ରତ ହୁଅ, ଜୀବନକୁ ଜାଣ, ନିଜକୁ ଜାଣ। ସଂସାର ସୁଖମୟ ହୋଇଯିବ। ମୃତ୍ୟୁର ଉପତ୍ୟକାରେ ଅମୃତର ନଦୀଟିଏ ବୋହି ଯିବ।

ମିନା ବାପା ପଢୁଥିଲେ ପତଂଜଳି ଯୋଗ ଦର୍ଶନ। ଫର୍ଦ୍ଦ ଲେଉଟାଇ କରୁଥିଲେ ପ୍ରାକ୍ଟିକାଲ୍ ତମାମ ଜୀବନ। ଅବସର ପରେ ଦିନେ ତାଙ୍କ ମୋଟ ଚଷମା କାଚ ଅସହଯୋଗ କଲା ଚକ୍ଷୁ ଡୋଳା ସହିତ। ସହାୟତା ପାଇଁ ପୁରୁଣା କାଚକୁ କାଢ଼ି ବ୍ୟବହାର କଲେ ନୂଆ କାଚ। ତଥାପି ଅସହଯୋଗ।

ଖାଲି ଆଖି ତ ନୁହେଁ, ପୁରୁଣା ସବୁ ଅବୟବ। ଛତାକାଠି ମରାମତି ଆଉ ହୋଇ ପାରିଲା ନାହିଁ। ଖାଡ଼ିରୁ କେଉଁଠି ଛିଡ଼ିଲାଣି ତ ସୂତା କେଉଁଠି ବେଣ୍ଟରୁ ଖସିଲାଣି ତାର। ବେସୁରା ହେଲାଣି ଛନ୍ଦ। ଜୀବନ ନଦୀ ସାରା ଭର୍ତ୍ତି ହେଲା ବାଲି ପଠା। ଶୁଖି ଗଲାଣି ବାଲିତଳୁ ଜଳସ୍ରୋତ। ବାଲି ଉପରେ ପଟୁମାଟି, ତା ଉପରେ ଠାଏ ଠାଏ ବେଣାଗଛ ଓ କାଶତଣ୍ଡୀ ସବୁଜ ସବୁଜ ହସୁଛନ୍ତି।

ମୁଁ ତାଙ୍କୁ ନମସ୍କାର କଲି।

କିଏ? ଆଉ ଦେଖାଯାଉନାହିଁ।

ମୁଁ ବସନ୍ତ ଋତୁର ଅରାଏ ମଳୟ।

କାହିଁକି ଆସିଥିଲ?

ପୂଜା କରିବାକୁ।

କାହାକୁ?

ମିନାକୁ।

ମିନା...। 'କବିରା ବୈଦ ବୁଲାଇଲା। ଦୁଖିୟା ଦାସ କବୀରା ହୈ। ଜାଗେ ଅରୁ ରୋୱେ'।

ରୋଗୀ ଅଶ୍ରୁମୋଚନ କରୁଛି। ବୈଦ୍ୟ ଦେଖୁଚି ନାଡୀ ତା ବେଦନା କେଉଁଠି? ନିରୁପଣ କରୁଛି ରୋଗ। ରୋଗ ଚିହ୍ନୁଛନ୍ତି ଏବେ ଡାକ୍ତର? ନା। ଯନ୍ତ୍ରଣା ହେଉଛି? ନିଅ, ଏଇଟା ପ୍ରତି ଛ' ଘଣ୍ଟାରେ ଦୁଇଟା ଲେଖା ଖାଅ, କମିଯିବ। ପେନ୍ କିଲର୍। ଯନ୍ତ୍ରଣା କମିଲା ବେଳକୁ ଫମ୍ପେଇଲାଣି ପେଟ। ଗ୍ୟାଷ୍ଟିକ୍। ଗ୍ୟାଷ୍ଟିକ ପାଇଁ ଖାଇଲା ବେଳକୁ ଚର୍ମରେ ହେଲାଣି ଆଲାର୍ଜିକ୍। ଆଲାର୍ଜିକ୍ କମିଲା ବେଳକୁ ଡୋଳାରୁ କମିଲାଣି ଆଇସାଇଟ୍। ଦେହ ତ ରୋଗର ଘର।

Source: Author, Digitized by PPRACHIN, SOA

ଔଷଧ କଂପାନୀ ତିଆରି କରିଛନ୍ତି ଔଷଧର ଶିକୁଳି। କଡ଼ିକୁ ଲାଗିଛି କଡ଼ି। ଗୋଟିଏ ରୋଗ ଭଲ ହେଲେ ସେଇ ଔଷଧ ପ୍ରଭାବରେ ବାହାରିବ ଆଉ ଗୋଟିଏ ରୋଗ। ତା ନ ହେଲେ ଆମେରିକୀୟ ଔଷଧ ବ୍ୟବସାୟ ଓ ବିଜ୍ଞାନର ବାଣିଜ୍ୟ କେମିତି ଚାଲିବ ?

ସର୍ବେ ଭବନ୍ତୁ ନିରାମୟଃ।। ସର୍ବେ ସୁଖୀନଃ ଭବନ୍ତୁ।।।

ଲାଦେନଠୁ ଆହୁରି ଭୟାନକ ଜନ୍ତୁ ଏହି ଭାରତୀୟ ଋଷି। ଆମେରିକାର ବାଣିଜ୍ୟ ସୌଧକୁ କରିଦେବେ ମୂଳପୋଛ।

ପୁରୁଣା ପାଠ ହଟାଅ। ଜୀବନ ପାଇଁ ଆଦୌ ଦରକାର ନାହିଁ ସମୟ ଓ ସ୍ମୃତି ନଷ୍ଟକରି ଘୋଷିବା ଅଂସଖ୍ୟ ଶବ୍ଦରୂପ ଓ ଧାତୁରୂପ। ପଢ଼ାଅ ନୂଆପାଠ। ବାୟୋଟେକ୍‌ନୋଲୋଜୀ, ଇନ୍‌ଫର୍ମେସନ୍‌ଟେକ୍‌ନୋଲୋଜୀ, ଫିଜିକ୍ସ ଓ କେମିକାଲ୍ ଟେକ୍‌ନୋଲଜୀ, ଇଂଜିନିୟରିଂ-କମ୍ପ୍ୟୁଟରିଂ। ମାସକୁ ଆମେ ଦରମା ଦେବୁ ଚାଳିଶ ହଜାର। ପ୍ରତିବର୍ଷ ସର୍ତ୍ତ ଅନୁଯାୟୀ ଅଭିବୃଦ୍ଧି ପାଞ୍ଚହଜାର। ଆମେ ଇ-ମେଲ୍‌ରେ ପ୍ରତିଦିନ କାମ ପଠାଇବୁ। ତୁମେ କାମସାରି ପ୍ରତିଦିନ ଇ-ମେଲ୍‌ରେ କାମଟିକୁ ଆମକୁ ଫେରାଇବ। ଯଦି ନ ଫେରାଅ ? ହଁ, ଯଦି ନ ଫେରାଅ...., ଅଯୋଗ୍ୟ କେଉଁଠିକାର, ଆମ ଶବ୍ଦମାଡ଼ରେ ତମେ ଆତ୍ମହତ୍ୟା କରିବ। ପାଗଳ ହୋଇଯିବ।ହାଃ, ହାଃ, ହାଃ....

ତମ ପାଇଁ ସେଇ ଗୋଟିଏ ମାତ୍ର ବାଟ। ଫଟ୍ କିନା ତମେ ସେ ରାସ୍ତାକୁ ଅବଶ୍ୟ ଯିବ ନାହିଁ, ତମକୁ ସେ ରାସ୍ତା ଆଡକୁ ନେଇଯିବ ଆମ ନିଶା ସୁନ୍ଦରୀ। ତମ ଭିତରୁ ନୈତିକତାର ସେ ପୁରୁଣା ଓସ୍ତଗଛଟାକୁ ପ୍ରଥମେ ଆମେ କଟାଇ ଦେବୁ। ତୁଳସୀର ବାସ୍ନା ତମ ଭିତରୁ ଆମେ ଆମ ଏୟାର କଣ୍ଡିସନର୍‌ର କୋଲଡ୍‌ରେ ପୂର୍ଣ୍ଣକରି ବାହାରେ ନେଇ ଫୋପାଡ଼ି ଦେବୁ। ଟଙ୍କାର ନିର୍ମାଲ୍ୟରେ ତମକୁ କରିଦେବୁ ପବିତ୍ର।

ମଣିଷ କେବଳ କୋଇଲି ନଥିବା ଗୋଟେ ଟାକୁଆ ହୋଇଥିବ।

ମଣିଷ ଗୋଟିଏ ବ୍ରଏଲର୍ କୁକୁଡ଼ା ହୋଇଥିବ, ମାର୍କିନ୍ ସଭ୍ୟତାର ଖାଇବା ଟେବୁଲ ଉପରେ ବଡ଼ାହୋଇ ରହିଛନ୍ତି ମୋଟାମୋଟା ଇଂଜିନିୟର। ବ୍ରଏଲର୍‌ର କି ଚର୍ବି।କି ଚିକ୍କଣ। କଂଟା, ଛୁରୀ ଓ ଚାମୁଚ ରେଡ଼ି।

ଗୁଲନ କାନ୍ଦୁଚି। କାଇଁ ତା ମମୀ ? ଗୁଲନ୍ କାନ୍ଦୁଚି। ଆଦୌ ବୁଝୁନାହିଁ। ଡାକୁଚି ମ..ମୀ, ମ....ମୀ। କୋଉଠି ଥିଲା କେଜାଣି ମାମୁନୀ, ଧାଇଁ ଆସି ତଳୁ ତାକୁ ଉଠାଇ ନେଲା। ମୋ ଧନକୁ କିଏ ମାଇଲା। ଗୁଲନ କିରେ...।

ବାସ୍, ଅଶ୍ରୁର ଏଇ ଦର୍ଶନକୁ ଆପଣ ବୁଝନ୍ତୁ, ପତଂଜଳି ଫତଂଜଳି ଛାଡ଼ନ୍ତୁ। ମାତ୍ର ଗୋଟିଏ ଶବ୍ଦ ମା'।

Source: Author, Digitized by PPRACHIN, SOA

'ବୈଦ ନ ବେଦନ ଜାନଈ/କରକ କଲେଜେ ମାଂହି!' ରୋଗ ଚିହ୍ନି ପାରିଲା ନାହିଁ ବୈଦ୍ୟ! ନାଡୀର ଯାଞ୍ଚରୁ କ'ଣ ଜାଣି ହେବ ହୃଦୟକୁ? ହୃଦୟ ନୁହେଁ ହୃତ୍‌ପିଣ୍ଡ! କବୀରା ବେଦନାରେ କନ୍ଦନରତ! ଗୁଲନ କାନ୍ଦୁଛି! ବେଦନା ଶରୀରରେ ନାହିଁ! ତାହାର ନିଦାନ ଚିକିତ୍ସା ଶାସ୍ତ୍ରରେ ନାହିଁ! ତାର ନିଦାନ ରହିଛି ନଦୀର ଛନ୍ଦରେ!

ଛନ୍ଦମୟୀ ନଦୀ ଅବତରି ଆସିଛି!

ଅବତରୀ ଆସିଛି ବିଷ୍ଣୁ ନଖକୋଣରୁ ମମତାମୟୀ ବେଦନା ହାରିଣୀ ପରମ କରୁଣାମୟୀ ସଗରଙ୍କ ଭସ୍ମ ପୁତ୍ରମାନଙ୍କୁ କରିବାକୁ ଜୀବିତ! ମୃତ୍ୟୁରୁ କରିବାକୁ ଅମୃତ! ଅସୁଖରୁ ପ୍ରଦାନ କରିବାକୁ ସୁଖ!

ମା', ତୁମେ ଆସ! ମା' ତୁମେ ଆସ!

ସନ୍ତାନର ଚିରକାଳ ଏହା ଅକାଳବୋଧନ! ଅବାହନର ପୀଠ, ପ୍ରେମ ଓ ସୌନ୍ଦର୍ଯ୍ୟର ବେଦୀ ପ୍ରସ୍ତୁତ!

ମାତଃ ଭଗବତି! ଯେତେବେଳେ ଇନ୍ଦ୍ରିୟଗଣ ହୃଦୟରେ ବିଲୀନ ହୋଇଯାଆନ୍ତି, ତୁମେ ପଦ୍ମର କେନ୍ଦ୍ରରେ ପହଞ୍ଚି ଥାଅ! ହୃଦୟ ଅଟେ କମଳ! ଇନ୍ଦ୍ରିୟଗଣ କମଳର ଦ୍ୱାର! ପାଖୁଡ଼ା ସମୂହ ତା'ର ହୋଇଯାଏ ଉନ୍ମୁକ୍ତ! ପଦ୍ମର ହୋଇଥାଏ ପାଖୁଡ଼ା ଉନ୍ମୋଚିତ!

ହୃଦୟ ପଦ୍ମ ଯେତେବେଳେ ହେବ କେନ୍ଦ୍ର, ସେହି କେନ୍ଦ୍ରବିନ୍ଦୁକୁ ମାନବ ଚେତନା ଅନୁଭବ କରିବ! ତାହାର ପରବର୍ତ୍ତୀ ଉତ୍ତରଣ-ନାଭି କେନ୍ଦ୍ରକୁ ଯାତ୍ରା! ସେଠାରେ ପହଞ୍ଚିବା ସହଜ ହେବ, ଯଦି ପ୍ରକୃତରେ ବ୍ୟକ୍ତିସତ୍ତା ସମଗ୍ର ଭାବେ ଲଭିଥିବ ବିଲୟ! ବୁଦ୍ଧିବୃତ୍ତି ତା'ର ଦାବୀ କରିଥିବ ତ୍ୟାଗ! ତେବେ ତୁମେ ନାଭି କେନ୍ଦ୍ରରେ ଉପସ୍ଥିତ ହେବ!

ଏହି ବିଧି ସେହିମାନଙ୍କ ପାଇଁ, ଯେଉଁମାନଙ୍କ ହୃଦୟ ଖୁବ୍ ବିକଶିତ! ଯେଉଁ ମାନଙ୍କ ଚେତନା ଆଲୋକୋନ୍ମୁଖ, ଯେଉଁମାନଙ୍କ ଭାବାତ୍ମକ ଶରୀରର କବାଟ ଉନ୍ମୁକ୍ତ, ଗହନତମ, ଆଧ୍ୟାତ୍ମିକ ଅଭିପ୍ସାର ଶିଖା ତୀବ୍ର, ସେଇମାନଙ୍କୁ 'ସ୍ୱୟଂ'ର କେନ୍ଦ୍ରକୁ ନେଇ ଯାଏ ଅଭୀପ୍ସା!

ବ୍ୟକ୍ତିର ଲକ୍ଷ୍ୟ ଯେଉଁ ସ୍ଥଳ, ସେହି ସ୍ଥାନରେ ତାକୁ ପହଂଚାଏ ଅଭୀପ୍ସା! ଏହା ସ୍ୱୟଂଙ୍କ ଦିଗକୁ ସ୍ୱୟଂର ଯାତ୍ରା!

ସ୍ୱୟଂ ବା ଅହଂ ବା ମୁଁ କିଏ? ସତ୍ୟ କ'ଣ? ଜୀବନ କ'ଣ? ସବୁ ଗୋଟିଏ ପ୍ରଶ୍ନର ଏକାଧିକ ପରିଭାଷା! ସବୁ ଗୋଟିଏ ପ୍ରଶ୍ନ, ପରିଧାନ କରିଛି ଅଲଗା ଅଲଗା ଶବ୍ଦର ବସ୍ତ୍ର! ସେହି ଗୋଟିଏ ଖୋଜିବାର ନାମ ଧ୍ୟାନ ଏବଂ ତାହା ପାଇବାର ନାମ ଜ୍ଞାନ! ତାହା ହିଁ ମୌଳିକ! ତାହା ହିଁ ଆଧ୍ୟାତ୍ମିକ! ପୁଣି ତାହା ହିଁ ପ୍ରେମ! ମାତ୍ର ଥରେ, ଥରୁଟିଏ ମାତ୍ର ଯଦି ଇନ୍ଦ୍ରିୟମାନ ହୃଦୟ ପଦ୍ମରେ ଲଭିବେ ବିଲୟ, ବ୍ୟକ୍ତିସତ୍ତା ନାଭିକେନ୍ଦ୍ରଠି ପହଞ୍ଚି ଯିବ! ସହସ୍ର ପାଖୁଡ଼ାର କମଳଟିଏ ହଠାତ୍ ବିକଶି ଉଠିବ!

Source: Author, Digitized by PPRACHIN, SOA

ସହସ୍ର ପାଖୁଡାର ଶୋଭା ଓ ତହିଁରୁ ଉଠୁଥିବା ସୁବାସ କିଛି ଅକଳ୍ପନୀୟ, ଅବିଶ୍ୱାସନୀୟ, ଅକଥନୀୟ ଓ ଅବ୍ୟକ୍ତ ଅନୁଭବ ଦେବ। ତାହାକୁ ତୁମେ 'ସତ୍ୟ', 'ନିର୍ବାଣ', 'ଈଶ୍ୱର' ବି କହିପାରିବ।

କା ତେ ସ୍ତୁତିଃ ସ୍ତବ୍ୟପରା ପରୋକ୍ତିଃ।

କିଏ କିପରି କରିବ ତୁମରି ସ୍ତୁତି? ସ୍ତବ ଯୋଗ୍ୟ ପଦାର୍ଥ ଉର୍ଦ୍ଧ୍ୱରେ ତୁମେ, ତୁମେ ଅନିର୍ବଚନୀୟ ଏବଂ ତୁମେ ପରା ବାଣୀ ରୂପେ ବିରାଜିତ।

କଳା କାଷ୍ଠାଦିରୂପେଣ ପରିଣାମ ପ୍ରଦାୟିନି। ବିଶ୍ୱସ୍ୟୋପରତୌ ଶକ୍ତେ; କଳା ଓ କାଷ୍ଠା ରୂପରେ କ୍ରମଶଃ ପରିଣାମ ଦିଗକୁ ନେଇ ଯାଇଥାଅ ତୁମେ, ବିଶ୍ୱ ସଂହାରରେ ସମର୍ଥ, ନାରାୟଣି ନମୋଽସ୍ତୁ ତେ।

ଜୀବନ ଓ ମୃତ୍ୟୁ, ମୁଦ୍ରାର ଦୁଇ ପାର୍ଶ୍ୱ, ଶରୀର ବୃଦ୍ଧି ତାର ସରୁଧାର। ତୁମର ପରା ଓ ଅପରା ରୂପ। ତୁମରି ବିଦ୍ୟା ଓ ଅବିଦ୍ୟା। ତୁମରି ମୃତ୍ୟୁ ଓ ଅମୃତ। ସଂସାରର ସମସ୍ତ ବିଦ୍ୟା ତୁମ ଭିନ୍ନଭିନ୍ନ ରୂପ। ଜଗତର ସମସ୍ତ ସ୍ତ୍ରୀ ତୁମରି ମୂର୍ତ୍ତି ଏକଏକ, ମା'।

ସେହି ଚିନ୍ମୟ ଉପଲବ୍ଧିର ନାମ ତଂତ୍ରରେ 'ଲଳିତା', ତ୍ରିପୁରସୁନ୍ଦରୀ, 'ଦେବୀ' ଓ ତାହା 'ଦୁର୍ଗା' ରୂପେ ପ୍ରକୀର୍ତ୍ତିତା। ସିଏ ବ୍ୟକ୍ତି ନୁହଁନ୍ତି, ଏକ ଉପସ୍ଥିତି। ସେହି ଉପସ୍ଥିତି ପ୍ରାପ୍ତିର ମାର୍ଗ ଅଗମ, ନିଗମ ଓ ତନ୍ତ୍ର ବର୍ଣ୍ଣନା କରିଛନ୍ତି। 'ଓହୋ, ଏଇ'। ଶୀର୍ଷକ ବହିରେ ଦାର୍ଶନିକ ଓଶୋ ଉଲ୍ଲେଖ କରିଛନ୍ତି, ଈଶ୍ୱର ବୋଲି କେହି ବ୍ୟକ୍ତି ନାହାଁନ୍ତି, ଈଶ୍ୱର ଏକ ଉପସ୍ଥିତି। ପୁନଶ୍ଚ-ଯଦି ତୁମେ ସ୍ୱୟଂର ସତ୍ୟକୁ ହୁଅ ଅବଜ୍ଞାତ, ତେବେ ସମସ୍ତ ସତ୍ୟ ବା ସକଳ ସତ୍ୟ ହୋଇପାରିବ ଜ୍ଞାତ।

ଶ୍ରୀଅରବିନ୍ଦ ବିଂଶ ଶତକର ଶ୍ରେଷ୍ଠ ଶାକ୍ତ ତାଙ୍କ ଶକ୍ତିସାଧନା ଗ୍ରନ୍ଥ 'ଦି ମଦର'। ତହିଁରେ ସିଏ ବର୍ଣ୍ଣନା କରିଛନ୍ତି ମା'ଙ୍କର ଶକ୍ତି ଚତୁଷ୍ଟୟ। ମହାଶକ୍ତିଙ୍କର ରୂପ ଚାରୋଟି। ସେହି ଚୌଶକ୍ତି ସଂସାର ପାଳନ, ତାରଣ, ହରଣ, ଅମୃତ ପ୍ରଦାନ ଓ ମରଣଦାନ ମଧ କରୁଛନ୍ତି। ସିଏ ଈଶ୍ୱରଙ୍କ ସ୍ୱୟଂ ଶକ୍ତି। ମାହେଶ୍ୱରୀ, ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ ରୂପେ ଶ୍ରୀଅରବିନ୍ଦ ତାଙ୍କୁ ଉପଲବ୍ଧି କରିଛନ୍ତି। ମିଥ୍ୟା, ଅନ୍ଧକାର ଓ ମୃତ୍ୟୁର ଯାତନାରୁ ସିଏ ଜଗତକୁ ତାଙ୍କ ଯୋଗଶକ୍ତି ବଳରେ ଉଦ୍ଧାର କରନ୍ତି। 'ଦୁର୍ଗାସ୍ତୋତ୍ର' ଶୀର୍ଷକ ଚତୁର୍ଦ୍ଦଶପଦୀ ଶକ୍ତି ଆବାହନ ମନ୍ତ୍ରରେ ଶ୍ରୀଅରବିନ୍ଦ ଉଚ୍ଚାରଣ କରିଛନ୍ତି, 'ମାତଃଦୁର୍ଗେ। ଯୋଗଶକ୍ତି ବିସ୍ତାର କର। ତୋର ପ୍ରିୟ ଆର୍ଯ୍ୟ ସନ୍ତାନ, ଲୁପ୍ତଶିକ୍ଷା, ଚରିତ୍ର, ମେଧାଶକ୍ତ, ଭକ୍ତି-ଶ୍ରଦ୍ଧା, ତପସ୍ୟା, ବ୍ରହ୍ମଚର୍ଯ୍ୟ, ସତ୍ୟଜ୍ଞାନ ଆମ୍ଭମାନଙ୍କ ମଧରେ ବିକାଶ କରି ଜଗତରେ ବିତରଣ କର। ମାନବ ସହାୟେ ଦୁର୍ଗତିନାଶିନୀ ଜଗଦମ୍ବେ, ପ୍ରକାଶ ହୁଅ।'

Source: Author, Digitized by PPRACHIN, SOA

ସେହିଭଳି ତ୍ରୟୋଦଶ ପଦରେ ତାଙ୍କର ଆବାହନ, 'ମାତଃ ଦୁର୍ଗେ ! ଆମ୍ଭମାନଙ୍କ ମଧ୍ୟରେ ଯୋଗବଳରେ ପ୍ରବେଶ କର ! ଆମ୍ଭେମାନେ ହୋଇଉଠିବୁ ତୋର ଯନ୍ତ୍ର, ଅଶୁଭବିନାଶୀ ତରବାରି, ଅଜ୍ଞାନବିନାଶୀ ପ୍ରଦୀପ, ଭାରତର ଯୁବକଗଣଙ୍କର ଏହି ବାସନା ପୂର୍ଣ୍ଣ କର ! ଯନ୍ତ୍ରୀ ହୋଇ ଯନ୍ତ୍ର ଚଳାଅ, ଅଶୁଭ ହଂତ୍ରୀ ହୋଇ ତରବାରି ଘୂରାଅ, ଜ୍ଞାନଦୀପ୍ତି ପ୍ରକାଶନୀ ହୋଇ ପ୍ରଦୀପ ଧର, ପ୍ରକାଶ ହୁଅ' !

ଯୋଗ ଏକମାତ୍ର ମାର୍ଗ, ଯେଉଁ ମାର୍ଗରେ ସେହି ପରମ ସତ୍ୟ ଓ ଆଲୋକଙ୍କୁ କରିହୁଏ ଉପଲବ୍ଧି ! ଏଥିପାଇଁ ସତ୍ୟକୁ ବାଛିବାକୁ ପଡ଼େ ! ଅଭିଳାଷ, ଅଂହକାରର ଦାବି ଓ ପ୍ରାଣିକ ପ୍ରବୃତ୍ତି ଦିବ୍ୟ କରୁଣାଙ୍କ ଆବିର୍ଭାବରେ ସୃଷ୍ଟିକରେ ଅନ୍ତରାୟ ! ଦିବ୍ୟ କରୁଣାକୁ ଆଶ୍ରୟ କରି ଭାଗବତୀ ଶକ୍ତି କ୍ରିୟା କରନ୍ତି ! ତାଙ୍କ ଦିବ୍ୟ ଉପସ୍ଥିତି ଉପଲବ୍ଧି ପାଇଁ ସଫା ରଖିବାକୁ ହୁଏ ମନ୍ଦିରଟି !

ଶ୍ରୀଅରବିନ୍ଦ ଲେଖିଛନ୍ତି, ଜୀବନକୁ ସମ୍ମାନ ଦିଅ ! କେବଳ ଭଗବତ କର୍ମ ନିମିତ୍ତ ଓ ଭଗବତୀଙ୍କ ଇଚ୍ଛା ପ୍ରତିଷ୍ଠା ପାଇଁ ତୁମକୁ ତୁମର ଏଇ ଦେହ ଓ ଜୀବନ ହୋଇଛି ଅର୍ପିତ ! ପବିତ୍ରତା, ଶକ୍ତି, ଆଲୋକ, ପ୍ରଶାନ୍ତି ଓ ଆନନ୍ଦର କର କାମନା ! ମନ, ଦେହ ଓ ଜୀବନକୁ ବଦଳାଅ ! କେବଳ ସେହି ଦିବ୍ୟ ଶକ୍ତି କର କାମନା, ଅନ୍ୟକିଛି ଚାହଁନା ! ତୁମର ବିଶ୍ୱାସ, ନିଷ୍ଠା ଓ ସମର୍ପଣକୁ କର ଅଧିକ ପୂର୍ଣ୍ଣାଙ୍ଗ ! ସର୍ବୋଚ୍ଚ ସତ୍ୟଙ୍କ ପ୍ରତି ତୁମ ଜୀବନ ଏକ ନିବେଦନ ଓ ହେଉ ଏକ ତ୍ୟାଗ !

ମା' ଏକ ଦିବ୍ୟ ଚେତନାର ଶକ୍ତି ! ଯେତେବେଳେ ତୁମେ ବା ତୁମର ଚେତନା ସେହି ଶକ୍ତିଙ୍କ ସହିତ ହେବ ମିଳିତ, ତାହା ଯେଉଁ ଆକୃତି ଗ୍ରହଣ କରିବ, ତାହାରି ନାମ ଆନନ୍ଦ ! ତାଙ୍କ ହୃଦୟର ସୌନ୍ଦର୍ଯ୍ୟ ସେହି ଆନନ୍ଦର ଅମୃତ ଧାରାରେ ତୁମକୁ କରିଦେବ ଉଜ୍ଜ୍ୱଳ ! ପ୍ରକୃତ ସୁଖ କ୍ଷମତା, ସମ୍ପଦ ଓ ସହବାସରେ ନ ଥାଏ ! ଯଦିଓ ଏହାର ଆକର୍ଷଣ ସଂସାରରେ ପ୍ରବଳତମ ! ମିଥ୍ ଅନୁଯାୟୀ ତାହା ପାଶବିକ ଶକ୍ତି ! ତାହା ହିଁ ମହିଷା, ଯାହାକୁ ମର୍ଦ୍ଦନ କରିଛନ୍ତି ଶ୍ରୀଦୁର୍ଗା !

ଅସହାୟ, ଏକେଲା ଓ ହାହାକାର ଭର୍ତ୍ତି ଜୀବନ ପୁଲକମୟ ହୁଏ, ଯଦି ତୁମେ ନିଜକୁ ଖୋଲିଧର ତାଙ୍କରି ଆଡକୁ ! ତାଙ୍କୁ ବୁଝିବାକୁ ଓ ବିଚାର କରିବାକୁ ଚେଷ୍ଟା କର ନାହିଁ ! କେବଳ ତାଙ୍କରି ଆଡକୁ ନିଜକୁ ଖୋଲି ଧରିଲେ 'ଦୁର୍ଗଃ ରକ୍ଷତି ଇତିଃ' ଦୁର୍ଗା ! ଦୁର୍ଗ ରକ୍ଷାକାରିଣୀ ମହାଶକ୍ତି ତାଙ୍କ ପ୍ରେମ, ସୌନ୍ଦର୍ଯ୍ୟ ଓ କରୁଣାର ଶକ୍ତିରେ ଜୀବନର ପଠାକୁ ଶାରଦୀୟ କାଶତଣ୍ଡୀ ପୁଷ୍ପରେ କରିଦେବେ ଭର୍ତ୍ତି ! ଜୀବନ ହେବ ତା'ର ଲକ୍ଷ୍ୟପ୍ରାପ୍ତି !

ଶ୍ରୀଅରବିନ୍ଦ ଉଲ୍ଲେଖ କରିଛନ୍ତି, ତାଙ୍କର ଦିବ୍ୟଦୃଷ୍ଟିରେ ସିଏ ଦେଖିଛନ୍ତି ଏବଂ ଉପଲବ୍ଧି କରିଛନ୍ତି ଭଗବତ୍ ଚେତନା ଓ ଶକ୍ତି ପ୍ରତ୍ୟେକ ମୁହୂର୍ତ୍ତରେ ସଂସାରରେ ଉପସ୍ଥିତ ରହି

Source: Author, Digitized by PPRACHIN, SOA

ତାଙ୍କର ଆବଶ୍ୟକ କାର୍ଯ୍ୟ କରିଚାଲିଛନ୍ତି। ସେହି ଶକ୍ତି ଓ ତାଙ୍କର କ୍ଷମତା ଉପରେ ବିଶ୍ୱାସ ରଖ, ଆସ୍ଥା ରଖ, ତାହା ତାଙ୍କ ଜ୍ୟୋତି ବଳରେ ଦିନେ ସଂସାରକୁ ବଦଳାଇଦେବେ। ସାଂସାରିକ ପ୍ରକୃତିକୁ କବଳିତ କରି ରହିଥିବା ଅସୁର ଓ ରାକ୍ଷସଙ୍କ ଅବକ୍ଷୟ ଘଟିବ। ଶରତ ଋତୁର ମାଧୁର୍ଯ୍ୟ ପରି ବିଶ୍ୱ ହେବ ମଧୁମୟ। ମଧୁର ଜୀବନ ଝରଣା ପୁଲକ ମୁଖରିତ ହୋଇ ଗାନ କରୁଥିବ ଦିବ୍ୟ କରୁଣାଙ୍କ ମହିମା।

ଶାକ୍ତ ସଭ୍ୟତାର ବିକାଶ କାଳରେ 'ଶ୍ରୀଦେବୀ ଅଥର୍ବ ଶୀର୍ଷ'ରେ ଋଷି ବର୍ଣ୍ଣନା କରିଛନ୍ତି, 'ଏଷା ଆତ୍ମଶକ୍ତିଃ। ଏଷା ବିଶ୍ୱମୋହିନୀ। ପାଶାଙ୍କୁଶ ଧନୁର୍ବାଣ ଧରା। ଏଷା ଶ୍ରୀମହାବିଦ୍ୟା ଯ ଏବଂ ବେଦ ସ ଶୋକଂ ତରତି। ଜନନୀ ଜୀବର ଆତ୍ମଶକ୍ତି। ସିଏ ବିଶ୍ୱମୋହିନୀ। ପ୍ରେମ ଓ ସୌନ୍ଦର୍ଯ୍ୟର କମନୀୟା ମୂର୍ତ୍ତି। ପୁଣି ମହାଭୟଙ୍କରା, ପାଶ, ଅଙ୍କୁଶ ଓ ଧନୁବାଣ ଧରା। ସିଏ ପୁଣି ଶ୍ରୀମହାବିଦ୍ୟା। ଯିଏ ଜାଣେ ଏହା, ସିଏ ହୋଇଥାଏ ପୁଲକ ଜର୍ଜରିତ, ଯେମିତି ଏକ ଫୁଟନ୍ତା ସୁବାସିତ ପଦ୍ମ। ସେହି ସନ୍ତୁଷ୍ଟ ମଣିଷଟିର ଚରଣ ବନ୍ଦନା କରିଥାଏ ସଂସାରର ସକଳ ଐଶ୍ୱର୍ଯ୍ୟ। ତେଣୁ ସାଧକ ପ୍ରାତଃ ସ୍ମରଣ କରିଥାଏ ଭଗବତୀଙ୍କୁ।

ଉମା, ଉଷା ଚ ବୈଦେହୀ ରମା ଗଙ୍ଗେତି ପଞ୍ଚକମ୍। ତୁମକୁ ସ୍ମରଣ କରୁଛି ମାତଃ, ସୌଭାଗ୍ୟ କର ବୃଦ୍ଧି। ପ୍ରେମ ଓ ସୌନ୍ଦର୍ଯ୍ୟରେ ପ୍ରସ୍ତୁତ କରିଛି ଜୀବନର ଭିତ୍ତିଭୂମି। ହେ କ୍ଷେତ୍ରଜ୍ଞ ଶକ୍ତି, ଆସ। ଆବିର୍ଭୂତ ହୁଅ। ତୁମରି କ୍ଷେତ୍ରଟିକୁ କର ଶ୍ରୀକ୍ଷେତ୍ର, ଶ୍ରୀପୁରୁଷୋତ୍ତମଙ୍କ କ୍ଷେତ୍ର।

ସତ୍ୟପକ୍ଷୀ ଅବଲୋକନ କରୁଛି ମଣିଷର ସ୍ଥିତି।

ମଣିଷର ଅବସ୍ଥିତି? ଯନ୍ତ୍ରଣାର ନରକରେ ସିଏ ସଡୁଛି। ବାଇଗଣପରି ଗୋଟିଏ ପାର୍ଶ୍ୱରୁ ସିଏ ପଚୁଛି। ଠିକ୍ ସେମିତି ସଢ଼ିବା ଆରମ୍ଭ କରିଥିଲେ ମିନାର ବାପା।

କିଏ ଏଠି ଯେ ନ ସଢ଼ିବ? ସେହି ସଢ଼ିବାରୁ ମୁକ୍ତ ରହିବା ଅବସ୍ଥାର ନାମ ସ୍ୱର୍ଗ।

ପ୍ରତ୍ୟେକ ମଣିଷଙ୍କ ପାଖରେ ଥାଏ ନରକ ତିଆରିର ଆର୍ଟ। ସ୍ୱର୍ଗ ତିଆରିର କଳା ଥାଏ କେବଳ ପତଞ୍ଜଳିମାନଙ୍କ ପାଖରେ।

ଅନ୍ଧକାରପରି ପ୍ରାଣୀର ଦୁଃଖ ସହଯାତ। ତା'ର କାମନା ସୁଖ। କିନ୍ତୁ ପତଂଜଳି ଶିକ୍ଷା ଦିଅନ୍ତି ସୁଖ ଓ ଦୁଃଖରୁ ହୁଅ ମୁକ୍ତ, ପ୍ରାପ୍ତ ହୁଅ ଆନନ୍ଦ।

ଆନନ୍ଦ କିଏ ଖୋଜୁଛି?

ସୁଖ ଏକ କଳ୍ପନା। ସୁଖ ଏକ ଆକାଂକ୍ଷା। ଯେଉଁଠୁ ସୁଖର ନଈ ସୃଷ୍ଟି ହୁଏ, ସୁଖର ବୁଢିଆଣୀ ବୁଣେ ଜାଲ, ଘୋଟିଚାଲେ ଦୁଃଖର ଅନ୍ଧକାର। ଆମ୍ବଟି ସହିତ ତାର ଚୋପାଟିବି ବଢେ। ଚୋପାକୁ ବାଦ୍ ଦେଲେ ଆମ୍ବ ନାହିଁ। ଦୁଃଖ ମଣିଷ ସହିତ ଓ ମଣିଷ ଭିତରେ

Source: Author, Digitized by PPRACHIN, SOA

ଶୋଣିତପରି ରହିଛି । କପିଳବାସ୍ତୁ ପରିତ୍ୟାଗ କରି ପଳାୟନ କଲେ ଦୁଃଖ ପଳାଏ ନାହିଁ । ଦୁଃଖରୁ ପଳାୟନର ମାର୍ଗ ଅନ୍ୱେଷଣ କରୁଥିଲେ ମିନାର ବାପା ।

ଆଉ ମିନା ?

ମିନା ତିଆରି କରୁଥିଲା ଗୋଟିଏ ନୂତନ ରାସ୍ତା ।ଯେଉଁଠି ସିଏ ଥିବ, ତା ପୁଅ ଥିବ, ଝିଅ ଥିବ ଏବଂ ସ୍ୱାମୀ ନାମକ ସୁରକ୍ଷାର ପ୍ରାଚୀରଟିଏ ସେମାନଙ୍କୁ ଘେରି ରହିଥିବ । ପାଖରେ ଥିବ ରିର୍ଜଭ୍‌ବ୍ୟାଙ୍କ୍ ଗଭର୍ଣ୍ଣର୍ ସ୍ୱାକ୍ଷରିତ ପୁଳାପୁଳା କାଗଜ ।

'ସୁଖିୟା ସବ୍ ସଂସାର ହୈ/ ଖାୟେ ଅରୁ ସୋୱେ । ଦୁଃଖିୟା ଦାସ୍ କବିର୍ ହୈ/ ଯାଗେ ଅରୁ ରୋୱେ ।'

କ'ଣ କରୁଛ ମିନା ?

ପୂଜା ।

ପୂଜାର ଅର୍ଥ କ'ଣ ? ଦେହ ଭଲ ରହୁ ? ଭଲ ଆୟ ହେଉ ? ପୁଅକୁ ଭଲ ଗୋଟେ ଚାକିରି ମିଳୁ ? ଝିଅପାଇଁ ମୋଟା ଦରମା ପାଉଥିବା ଗୋଟେ ଜ୍ୱାଇଁ ପାଇଁ ତୁମର ପ୍ରାର୍ଥନାର ନାମ ?

ବୁଢାଜେନା ଏଇଭଳି ପୂଜା କରି ଆସିଥିଲା ତମାମ ଜୀବନ ।

ମୋ ଭିତରେ ଜୀବନ ନିଶ୍ୱାସ ନେଉଛି । ଯେମିତି ଗୋଟିଏ ଗଛର ଚେରଠୁ ବହୁ ଉର୍ଦ୍ଧ୍ୱରେ ପତ୍ରଟିଏ ପ୍ରଶ୍ୱାସ ନିଏ । ସୂର୍ଯ୍ୟ କିରଣରୁ ତେଜ ଓ ତାତି ଛାଣି ଆଣି ପଠାଇଥାଏ ବହୁ ଫୁଟ ନିମ୍ନରେ ଥିବା ଚେର ପର୍ଯ୍ୟନ୍ତ ।

ଦେହ ଜୀବନର ଏକ ଅବୟବ । ରକ୍ତରେ ପୂର୍ଣ୍ଣ ଜୀବନର ସ୍ପନ୍ଦନ ଓ ଉତ୍ତାପ । ଦେହ ଜୀବନର ଶରୀର । ଦେହ ନୁହେଁ ମିଥ୍ୟାର ନଅର । ଦେହ ତ ରହସ୍ୟମୟ ଗୋଲାପ ଫୁଲଟିଏ, ସତ୍ୟରେ ତିଆରି । ଚିନ୍ମୟ ତା' ସୁବାସ । ନିଭୃତ ଗର୍ଭକୋଷ ଉଜ୍ଜ୍ୱଳ କରିଛି ତା ପ୍ରତିଟି ପାଖୁଡ଼ାରେ ଦିବ୍ୟ କରୁଣାର ପ୍ରେମ ମୁରୁକି ହସୁଚି । ମୁଁ ଜୀବନକୁ ଜାଣିବାକୁ ଚାହୁଁଚି ?

ନା । ନଦୀକୁ ଜାଣିବା ଦରକାର କ'ଣ ? ଛନ୍ଦତାର ମତେ ମତୁଆଲା କରିଛି । ନୀରବରେ କେବଳ ଲୀଳାଟିକୁ ଲକ୍ଷ୍ୟ ଓ ଲୟ କରୁଚି । ପବନ ପରି ବହି ଆସୁଚି ଘଟଣାର ସ୍ରୋତ । କୂଳକୁ ଧକ୍କା ମାରି ନାଚିନାଚି ଯାଇ ଲୁଚି ଯାଉଛି ସେଇ ଦୁଇକୂଳ ମଝିରେ କେଉଁଠି ଛନ୍ଦ । 'ମୁଁ' ସେଇ ଛନ୍ଦ ମୁଗ୍ଧ । ଆନନ୍ଦ । ଅସୀମ ତ ତା'ର ଦ୍ୱାରଟିଏ ଖୋଲିଚି । ସେଇ ଖୋଲା ଦ୍ୱାର ଦେଇ 'ମୁଁ' ଦିଶୁଚି । 'ମୁଁ' ତ ସେଇ ନଦୀ । ଦୃଶ୍ୟରାଜି ମୋର ଛନ୍ଦ । ତାକୁ 'ମୁଁ' ଉପଭୋଗ କରୁଛି । କିଏ ଖୋଜୁଚି ଜୀବନକୁ ? ମୁଁ ? ନା' ସିଏ ମୁଁ ନୁହେଁ, 'ମୁଁ' ତ ନିଜେ ଜୀବନ । ଯିଏ ଖୋଜୁଚି ସିଏ ମାୟା । ଜୀବନର କା ।

Source: Author, Digitized by PPRACHIN, SOA

ସେଦିନ....ମହାରାଜ ପ୍ରସନ୍ନଜିତଙ୍କ ରାଜସଭାର ସମସ୍ତ ଆସନ ଥାଏ ପୂର୍ଣ୍ଣ। ଦର୍ଶକ ଗ୍ୟାଲେରିରେ ଶୋରିଷଟିଏ ପାଇଁ ନ ଥାଏ ସ୍ଥାନ। ସଂସାରର ଶ୍ରେଷ୍ଠ ଶ୍ରମଣ ମହାତ୍ମା ଗୌତମ ବୁଦ୍ଧ ପ୍ରଦାନ କରିଥାନ୍ତି ଆତିଥ୍ୟ।

ସୁଖ ଦୁଃଖର ଛଦ୍ମ ରୂପ।

ତାଙ୍କର ଏହି ଗୋଟିଏ ବାକ୍ୟ ଅଂସଖ୍ୟ ଉଦାହରଣ ଦ୍ୱାରା ସଭାସଦ୍‌ଙ୍କୁ ହେଉଥିଲା ବିତରିତ। ହଠାତ୍ ଜଣେ ବୟସ୍କ ଶ୍ରମଣ ଭିଡଟପି ବୁଦ୍ଧଙ୍କ ଆସନ ନିକଟରେ ହେଲେ ଉପସ୍ଥିତ। ମହାରାଜାଙ୍କ ଉଦ୍ଦେଶ୍ୟରେ ଆଶୀର୍ବାଦର ମୁଦ୍ରା ଉତ୍ତୋଳନ ପରେ ବୁଦ୍ଧଙ୍କ ଚରଣ ତଳେ କଲେ ପ୍ରଣିପାତ। ସୂର୍ଯ୍ୟାସ୍ତ ପୂର୍ବରୁ ଶ୍ରମଣଙ୍କୁ ସେଠା ତ୍ୟାଗ କରିବାକୁ ପଡ଼ିବ। ସୂର୍ଯ୍ୟାସ୍ତ ହୋଇ ଆସିଥାଏ ନିକଟ। ତେଣୁ ଅନନ୍ୟୋପାୟ ଶ୍ରମଣ ରାଜ ଅତିଥିଙ୍କୁ ପ୍ରଣିପାତ ହେବାକୁ ମଝିରେ ହେଲେ ଉପସ୍ଥିତ। ତାଙ୍କ ଏହି ଅସୌଜନ୍ୟ ଦେଖି ସମ୍ମାନର ସହିତ ସମ୍ବୋଧନ କରି ପ୍ରଶ୍ନ କଲେ ବୁଦ୍ଧ; ଭନ୍ତେ, ତୁମର ବୟସ କେତେ?

ଅଶୀବର୍ଷ ବୟସ୍କ ବୃଦ୍ଧ ଶ୍ରୀଗୁରୁଙ୍କ ସମ୍ମୁଖରେ ଯୋଡ଼ିଦେଲେ ହସ୍ତ ଏବଂ ଧୀର ଓ ବିନମ୍ର ଭାବେ କହିଲେ- 'ବୁଦ୍ଧଂ ଶରଣଂ ଗଛାମି, ମାତ୍ର ଚାରିବର୍ଷ ଏହି ଶିଶୁପୁତ୍ରକୁ! କ୍ଷମାକରନ୍ତୁ ଗୁରୁବର। ସଂଧ୍ୟା ପୂର୍ବରୁ ମତେ ରାଜ୍ୟ ତ୍ୟାଗ କରିବାକୁ ପଡ଼ିବ।

ଭନ୍ତେ, ଏବେ ତୁମେ ଆସିପାର।

ବୁଦ୍ଧଦେବଙ୍କଠାରୁ କ୍ଷରିତ ହେଲା ଅନୁମତିର ଧାରା। ପ୍ରସ୍ଥାନ କଲେ ଶ୍ରମଣ। ମହାରାଜା ପ୍ରସନ୍ନଜିତ ଓ ସଭାସଦ ବିସ୍ମିତ। ଏହି ବୃଦ୍ଧ ଶ୍ରମଣର ବୟସ ମାତ୍ର ଚାରିବର୍ଷ?

ବିସ୍ମୟର ବୀଜଗଣିତଟିକୁ ସମସ୍ତଙ୍କ ଦୃଷ୍ଟିର କଳାପଟାରେ କଷି ବୁଝାଇ ଦେଲେ ବୁଦ୍ଧ। ବାର୍ଦ୍ଧକ୍ୟ ପୀଡ଼ିତ ଏହି ମଣିଷଟିର ଶରୀର, କିନ୍ତୁ ଜ୍ଞାନ ପ୍ରାପ୍ତି ଓ ଆଲୋକ ଦର୍ଶନ ତାଙ୍କର ଘଟିଛି ହେବାମାତ୍ର ଚାରିବର୍ଷ। ମାତ୍ର ଚାରିବର୍ଷ ହେଲା ତାଙ୍କର ପ୍ରକୃତ ପୁନର୍ଜନ୍ମ ଘଟିଛି। ସିଏ ନିଜକୁ ଜାଣିଛନ୍ତି, ତଥା ସତ୍ୟ ଦର୍ଶନ କରିଛନ୍ତି। ତାଙ୍କ ଜ୍ଞାନ ପ୍ରାପ୍ତି ହେବା ବୟସ ମାତ୍ର ଚାରି। ଅବଶିଷ୍ଟ ଛସ୍ତରୀ ବର୍ଷ ବୟସ ତାଙ୍କର ନିଦ୍ରାରେ କଟିଛି। ଆପଣମାନେ ଏବେ ଯେଉଁ ଅବସ୍ଥାରେ ଅଛନ୍ତି। ସିଏ ମାତ୍ର ଚାରିବର୍ଷ ହେଲା ଜୀବନକୁ ଭୋଗ କରୁଛନ୍ତି। ଆପଣମାନେ ଜୀବନକୁ ଭୋଗକରୁଥିଲେ ମଧ୍ୟ ନିଦ୍ରିତ ହେତୁ ତାହାର ସ୍ୱାଦ-ସୁଖ ଜାଣି ପାରୁ ନାହାନ୍ତି।

ତୁମେ ଜୀବନକୁ ପାଇଚ, ମିନା?

ସୁଖମୟ ଦାଂପତ୍ୟଟିଏ ପାଇଲ?

ତମ ସୁଖର ସଂଜ୍ଞା କ'ଣ? ଜୀବନର ସଂଜ୍ଞା କ'ଣ ? ତମ ସଂସାରର ସଂଜ୍ଞା କ'ଣ? କଳାପଟାରେ ଅଙ୍କା ଯାଇଥିବା ଚକ୍‌ଖଡୀରେ ଗୋଟିଏ ଛବି। ଜଳରେ ପହଁରୁଛି ହଂସ। ହଂସ ପରକୁ ଜଳ କରୁନାହିଁ ସ୍ପର୍ଶ। ଯେମିତି ପଦ୍ମ ପତ୍ର।

Source: Author, Digitized by PPRACHIN, SOA

ଡ୍ରଇଁ ପିରିୟଡ଼ ଚାଲିଗଲା ପରେ ବକଯନ୍ତ୍ର ପଢ଼ାଇବାକୁ ଉପସ୍ଥିତ ବିଜ୍ଞାନ ଶିକ୍ଷକଙ୍କ ତତ୍ପର କଳାପଟାକୁ ସଫା କରି ଦେଇ ଅଙ୍କନ କଲା ରିସିଭର୍ ଚିତ୍ର। ଶିକ୍ଷକ ବୁଝାଇ ଦେଲେ ଏଇ ବଡ଼ ପେଣ୍ଡୁରେ ଜଳ ଗରମ ହୋଇ ହୁଏ ବାଷ୍ପ ଏବଂ ଜଳରେ ବୁଡୁଥିବା ଏଇ ଛୋଟ ପେଣ୍ଡୁଭିତରେ ଜଳୀୟବାଷ୍ପ ପୁଣି ଧାରଣ କରେ ଜଳ ରୂପ। ଜଳର ଘଟିଥାଏ ପୁନର୍ଜନ୍ମ। ଏହି ନବଜନ୍ମର ସ୍ୱାଦ ଭିନ୍ନ। ତାହା ଶୁଦ୍ଧ, ଶାନ୍ତ ଓ ବିପଦ ରହିତ। ସେମିତି ଜନ୍ମଟିଏ ଲାଭ କରିଛି ସତ୍ୟ ପକ୍ଷୀ। ଯେମିତି ପୌରାଣିକ ମହାରାଜା ନଳଙ୍କ ସିଏ ସେଇ ସୁବର୍ଣ୍ଣ ହଂସ। ତାହାକୁ ପ୍ରାପ୍ତି ଆଶାରେ ତା’ ପଛେ ପଛେ ଧାବମାନ ରାଜଜେମା ଦମୟନ୍ତୀ। ଅନ୍ୟ ଏକ ସୁବର୍ଣ୍ଣ ହଂସୀ ଗତି କରୁଛି।

ପାର୍ଥିବ ଦେହ ପଛେ ପଛେ ଛାଇ; ପାର୍ଥିବ ଦେହ ଭିତରେ ସୁନା ହଂସ ରଚିଛି ଲୀଳା।

ଦୂରରୁ ଖଂଜଣୀର ତାଳେତାଳେ ଭାସି ଆସୁଛି, ହଂସ ଉଡ଼ିଗଲେ...ହଂସ ଉଡ଼ିଗଲେ...। ବୁଡ଼ିବ ଭେଳା। ଭେଳା ବୁଡ଼ିଗଲେ... ? ସେ ଦୃଶ୍ୟ ଦେଖି ନାହିଁ ମିନା। ❑

Source: Author, Digitized by PPRACHIN, SOA

-ସାତ-

'.........the World itself a story '.

-Swami Rama

ପିଲେଟ୍ ପଚାରିଲେ- 'ସତ୍ୟ କ'ଣ' ?
ମିଲିଟନ୍ ଉତ୍ତର ଦେଲେ- 'ପୁଣ୍ୟକୁ ଭଲ ପାଅ' ।

ଲାଓତ୍‌ସୁ କହିଲେ, ଯିଏ ଜାଣେ ସିଏ କହେ ନାହିଁ, ଯିଏ କହେ ସିଏ ଜାଣେ ନାହିଁ ।

ସତ୍ୟପକ୍ଷୀ ରହିରହି ଅନୁଭବ କରୁଚି । ମୁଁ ପୃଥିବୀକୁ ଆସିଥିଲି, ସତ୍ୟର ପକ୍ଷରେ ସାକ୍ଷ୍ୟ ଦେବି । ସତ୍ୟର ସପକ୍ଷରେ ମୋ ଯମାନବନ୍ଦୀ ।

ବୁଢ଼ା ଜେନା ପଚାରିଲା, କ'ଣ ଏଇ ନଦୀ ? ଜଳଭର୍ତ୍ତି ? ନା କିଛି ଜଳ ଓ ତା' ଦୁଇ ପାର୍ଶ୍ୱ ରାଶି ରାଶି ବାଲି । ଜୀବନର ପ୍ରତୀକ ଗୋଟିଏ । ତା'ରି ସପକ୍ଷରେ କହିବ ?

କବୀର କହିଲେ, 'ନଦୀ ତ ନୌକାଟିଏ' । ଭାସି ଭାସି ଯାଏ । କୂଟସ୍ଥ ଚୈତନ୍ୟର ସମୁଦ୍ର ତା ଲକ୍ଷ୍ୟ ସ୍ଥଳ । ପ୍ରେମ ପ୍ରେମିକାକୁ ଡାକିନିଏ, ଯେମିତି ଅନ୍ଧକାରକୁ ଡାକିନେଇ ତା ଦେହ ସହିତ ଦେହ ମିଶାଇ ତା' ସତ୍ତାକୁ ଲୋପ କରି ଦେଇଥାଏ ଆଲୋକ ।

କିଏ ଡାକୁଚ ? ମୃତ୍ୟୁ... । ମୁଁ ଯିବିନି ଯିବିନି । ମନ ଚିତ୍କାର କରୁଛି ।

କୁଆଡକୁ ? ଯେଉଁଠାକୁ ଗଲେ ବି ସେଠି ରହିଚି ମାଟି । ମାଟି ଶରୀର ବ୍ୟତୀତ ଆଉ କ'ଣ ହୋଇ ପାରେକି ? କାରଣ, ସୂକ୍ଷ୍ମ ଓ ପାର୍ଥିବ, ସବୁଠି 'ମୁଁ' ଅଛି ଏବଂ ସବୁଠି 'ତତ୍' ରହିଛି । ଦଶଲକ୍ଷ ବର୍ଷ ପୂର୍ବରୁ କ'ଣ 'ଅସତ୍' ମରୁଚି ?

ବୁଢ଼ାଜେନା ଚମକି ପଡ଼ିଲା । ଛାତିରେ ଛେପ ପକାଇଲା ।

Source: Author, Digitized by PPRACHIN, SOA

ହ୍ୟାପୋ, ଏ ଗହଳିଆ ଆମ୍ବଗଛଗୁଡ଼ା ଡରାଉଛି ମତେ ? ମୋ ହାତରେ ଠେଙ୍ଗା, ମୁଣ୍ଡେଉଛ ! ଏକା ପାହାରକେ ଛତୁ କରିଦେବି ! ମୁଁ ରାମଧୂନ୍ ଗାଉଚି...ଗାନ୍ଧି ମହାର୍ଜାଙ୍କ ରାମଧୂନ ! ର-ଘୁ-ପ-ତି-ରା-ଘ-ବ-ରା-ଜା-ରା-ମ......ପ-ତି-ତ-ପା-ବ-ନ-ସୀ-ତା-ରା-ମ... ! ଆରେ ହେ, ଶବ ଯାତ୍ରାବେଳେ ବି କୁଆଡେ କୁହାଯାଏ, ଏଇ ରାମ ନାମ ସତ୍ୟ ହୈ, ଅଉର୍ ସବ୍ ମିଥ୍ୟା ହୈ ! ! ଏ ରାମ ନାମଟା ତ ବଡ ଭୟାନକ ଜିନିଷ ! ସେଇଥିପାଇଁ ରତ୍ନାକର ଉଚ୍ଚାରଣ କରୁଥିଲା 'ମରା-ମରା' ? ମୁଁ ଏବେ ଉଚ୍ଚାରଣ କରିବି କ'ଣ ?

ଦୁହିଁବା ବେଳେ ଗାଈ ଗୋଡକୁ ଛନ୍ଦି ଥାଏ ଦୋଗ୍ଧା ! ଠିକ୍ ସେମିତି ବୁଢ଼ାଜେନା ଛନ୍ଦି ହୋଇ ପଡ଼ିଲା ! ଏହା ତା'ର ଅନ୍ୱେଷଣ ଅନ୍ୱେଷା ? ଟ୍ରେନ୍ ତଳେ କଟି ଯାଇଥିବା ବୋଲ୍‌ବମ୍ ଭକ୍ତ ଦେବାଶିଷ ପାଣୀଗ୍ରାହୀଙ୍କ ଚରିତ୍ରର ମନେ ପକାଇବା ପ୍ରଚେଷ୍ଟା- 'ଉର୍ବାରୁକମିବ ବନ୍ଧନାତ୍' !

ଜନ୍ (ବାଇବେଲ) କହିଲେ, 'ପୁତ୍ର ପିତାଙ୍କ ନିକଟକୁ ଉଠିଯାଏ' ! ବୁଢ଼ାଜେନା କହିଲା- ନା, 'ମୁଁ' ଯିବିନି ! ବୁଢ଼ା ମାରିବ ! ମୁଁ ତା' ସ୍ୱଭାବ ଜାଣେ ! ଭୁକିଲା କୁକୁରକୁ କେବଳ ବାଡ଼ିଆ , ଯେମିତି ମଶାକୁ ଧୂଆଁ ! ଦୁଷ୍ଟ ପୁତ୍ରକୁ ଆଉ କ'ଣ ମିଳିବ ?

ହେ ପ୍ରଭୁ !... ତୁମେ ସବୁ ସୃଷ୍ଟି କରିଛ ଏବଂ ସେ ସବୁ ତୁମର ଆନନ୍ଦ ପାଇଁ, ମୁଁ ସତ କହୁଚି ଯାହା ମୁଁ କରୁଚି ସତ୍ୟ କି ଅସତ୍ୟ, ନ୍ୟାୟ କି ଅନ୍ୟାୟ ସବୁ ମୋ ଆନନ୍ଦ ପାଇଁ ! ଯେଣୁ ମୁଁ ତୁମଠୁ ସୃଷ୍ଟି, ତୁମ ପୁତ୍ର ! ପୁତ୍ର କେମିତି ହେବନି ପିତାପରି, ଏକ ଗୁଣସୂତ୍ର ? ଅନ୍ଧକାର ମିଶି ଯିବ ଆଲୋକରେ ? କିଆଁ, ଆଲୋକ ମିଶି ଯାଉ ଅନ୍ଧକାରରେ ! ଅନ୍ଧକାର ତ ସ୍ୱୟଂ ଶ୍ରୀକୃଷ୍ଣ, ସ୍ୱୟଂ ଶ୍ରୀରାମଙ୍କ ବର୍ଣ୍ଣ, ଆଲୋକ ଏକ ଆରୋପ, ପଛରେ ତା' ଜନ୍ମ ! ସିଏ କିଆଁ ଏତେ ମାମଲତକାର ଦେଖାଇବ ?

ଜେମ୍ସ(ବାଇବେଲ) ପରାମର୍ଶ ଦେଲେ, ମନକୁ ନିୟନ୍ତ୍ରଣ କରିବା ଶିଖ !

ପୃଥିବୀରେ ମଣିଷ ରହଣିର ଉଦ୍ଦେଶ୍ୟ କ'ଣ ? ସତ୍ୟପକ୍ଷୀ ବୁଢ଼ାଜେନା ଆଖିକୁ ଅନେଇଚି ! ପେଚକ ପକ୍ଷୀର ଗୋଲଗୋଲ ଡୋଳା ଦୁଇଟିପରି ବୁଢ଼ାଜେନାର ଡୋଳା ଦିଶୁଛି !

ଜନ୍ମ-ମୃତ୍ୟୁ-ଗୋଟିଏ ସମୀକରଣ ! ସେହି ସମୀକରଣର ସମାଧାନ କରିବାକୁ ମଣିଷ ପୃଥିବୀକୁ ଆସିଛି !

ଜଗତ ଉତ୍ପତ୍ତି ମୂଳରେ ରହିଚି ସୃଷ୍ଟ ଓ ସ୍ରଷ୍ଟାଙ୍କ ମଧ୍ୟରେ ଆଦାନ ପ୍ରଦାନର ଭାବ ! ସୃଷ୍ଟ ସ୍ରଷ୍ଟାଙ୍କୁ ଦେବ କ'ଣ ? ଏକ ମାତ୍ର ପ୍ରେମ ଏବଂ ସ୍ରଷ୍ଟା ତାକୁ ପ୍ରଦାନ କରିବେ ଉଚ୍ଛ୍ୱସିତ କରୁଣା ! ମଣିଷ ସ୍ରଷ୍ଟାଙ୍କ ସଂସାରକୁ ଲୁଣ୍ଠନ କରିଛି, ସବୁ ଲୁଟିଛି, ତଥାପି ତାହା ପ୍ରତି ସ୍ୱର୍ଗର ସମସ୍ତ ବାତାୟନ ସିଏ ରଖିଛନ୍ତି ଉନ୍ମୁକ୍ତ ! ଯେଉଁ ବାଟ ଦେଇ ତାଙ୍କ କରୁଣାର ଧାରା କ୍ଷରିବ ଅପର୍ଯ୍ୟାପ୍ତ, ଯାହାକୁ ରଖିବାକୁ ମାନବ ପାଖରେ ସ୍ଥାନ ନ ଥିବ !

Source: Author, Digitized by PPRACHIN, SOA

ପୁଣି ମଧ୍ୟସ୍ଥତା କଲେ ମିଲିଟନ୍: ଲେଖିଲେ ପାରାଡାଇଜ୍ ଲଷ୍ଟ ! ସତରେ କ'ଣ ହଜିଗଲା ସୁଖ ?

କର୍ମରେ ତୁମେ ସ୍ୱାଧୀନ ! ପ୍ରେମରେ ତୁମେ ସ୍ୱାଧୀନ ! ଭଲ ପାଇବ ଅବା ନ ପାଇବ, ଯାହା ତୁମ ଇଚ୍ଛା ! ଏଇଥିରେ ହିଁ ତୁମର ଜୟ ଓ ପରାଜୟ ! ଅବାଧ୍ୟତା ହେତୁ ଘଟେ ପତନ, ସ୍ୱର୍ଗରୁ ନରକକୁ ! ପରମାନନ୍ଦର ସୁଉଚ୍ଚ ଶିଖରରୁ ଘଟେ ପତନ ଦୁଃଖର ସୁଗଭୀର କୃଷ୍ଣ ସମୁଦ୍ରକୁ !

ମୁଣ୍ଡେ ଉଚ୍ଚ ଠେଙ୍ଗା ତୁମର କରିବ ସହାୟତା ? ଦୁଃଖର ନରକକୁ ଗଳି ପଡ଼ିଲା ବେଳେ ଏଇ ବାଡ଼ି ତୁମକୁ ବଂଚାଇ ଦେବ ?

ଭର୍ଜିଲ୍ ଧରିଥିଲେ ଦାନ୍ତେଙ୍କ ହାତ ! ନରକ ପରେ ନରକ ତାଙ୍କୁ ପାର କରାଉଥିଲା ଭର୍ଜିଲ୍‌ଙ୍କ ପୁଣ୍ୟ ! ଶେଷକୁ ସ୍ୱର୍ଗରେ ପହଂଚି ପ୍ରେମିକାକୁ ଭେଟି ଥିଲେ ପ୍ରେମିକ ! ହୋଇଥିଲା ଦିବ୍ୟ ମିଳନ !

ମୁଁ ହେଉଛି ଦ୍ୱାର: ମୋ ମାଧ୍ୟମରେ ଯଦି କୌଣସି ବ୍ୟକ୍ତି ଭିତରକୁ ପ୍ରବେଶ କରେ, ସେ ତରିଯିବ ! କହିଲେ ଖ୍ରୀଷ୍ଟ !

ସତ୍ୟପକ୍ଷୀ ଚକ୍ଷୁରେ ପ୍ରଶ୍ନବାଚୀ, ଅଜ୍ଞାନକୁ ବିନାଶ କରେ କିଏ ?

ଉତ୍ତର ଦେଲେ ଆଚାର୍ଯ୍ୟଶଙ୍କର: ଆତ୍ମୋପଲବ୍ଧି !

ତାହା କ'ଣ ? ତାହା କିପରି ? ଏ ପ୍ରଶ୍ନର ଉତ୍ତର ବୁଦ୍ଧରୁ ମିଳିବନି ! ଚିନ୍ତା, ଇଚ୍ଛା ଓ ଅନୁଭବ ଦେହାତ୍ମବୋଧ ! ଆତ୍ମୋପଲବ୍ଧି ଅତୀନ୍ଦ୍ରିୟ ! ଶବ୍ଦଟି ସୁଗମ ! ଉପଲବ୍ଧିଟି ଆଦୌ ନୁହେଁ ସୁଲଭ ! କେତେ ସହସ୍ର ମାନବ ଜନ୍ମ ବିତାଇବା ପରେ ଯାତନାମୟ ସଂସାର ଜୀବକୁ ଲାଗେ ନୀରସ, ଆସେ ବିତୃଷ୍ଣା, ସିଏ ସେହି ମାୟାରୁ ମୁକ୍ତ ହେବାକୁ ହୁଏ ଆଗ୍ରହୀ ! ଶରୀର ଓ ମନକୁ କରେ ନିୟନ୍ତ୍ରଣ ! ନିର୍ଭୁଲ ଜୀବନ ଯାପନ କରେ ବହୁ ଜନ୍ମ ! ତା ପର ନିଜର ଅନୁଭବକୁ ବାଇବେଲ୍‌ରେ ବର୍ଣ୍ଣନା କରେ ଏଜେକିଏଲ: 'ତା' ପରେ ସେ ମୋତେ ଗୋଟିଏ ଫାଟକ ନିକଟକୁ ଆଣିଲେ, ଫାଟକଟି ଥିଲା ପୂର୍ବମୁଖୀ,... ପ୍ରଭୁଙ୍କ ମହିମା ଆସିଲା ପୂର୍ବଦିଗରୁ, ତାଙ୍କର କଣ୍ଠସ୍ୱର ଥିଲା ସମୁଦ୍ର ଗର୍ଜନ ପରି, ପୃଥିବୀ ତାଙ୍କର ମହିମାରେ ହେଲା ଉଦ୍ଭାସିତ' !

ଅଲୌକିକତାର ବ୍ୟାଖ୍ୟା କରିଛନ୍ତି ପରମହଂସ ଯୋଗାନନ୍ଦ !

ଯେଉଁ ପ୍ରଶ୍ନର ବହୁମୁଖୀ ଛକରେ ମଣିଷ, ଅନ୍ୱେଷା କରୁଛି ତା' ଗନ୍ତବ୍ୟ ପଥ, କେଉଁଟା ଠିକ୍, କେଉଁ ଦିଗକୁ ଯିବ, କେଉଁଟି ପାଖ ହେବ ? ଆଉ କେତେବାଟ ଲକ୍ଷ୍ୟ ? ବହନ

Source: Author, Digitized by PPRACHIN, SOA

କରିବାକୁ ହେବ ଆଉକେତେ କ୍ଲାନ୍ତିର ବୋଝ? କେଉଁଠି ଯନ୍ତ୍ରଣା ସରିବ? ଯେମିତି ସବୁର ଉତ୍ତର ଏକ।।

'ଈଶ୍ୱର ହିଁ ଅଦ୍ୱିତୀୟ ଜୀବନ'।

ସେହି ଜୀବନକୁ ବହନ କରୁଛି ସତ୍ୟପକ୍ଷୀ। ଯୋଗାନନ୍ଦ କହିଲେ ତାକୁ ଅରାଧନା କର। ବୁଢ଼ାଜେନା ଚିତ୍କାର କଲା- ଏଇ ଜୀବନ, ସୁଧୁ ନିନ୍ଧ।
ଅହଲ୍ୟା କହିଲା- ମୁଁ ଅଙ୍କ କଷୁଚି, ଜୀବନ ଗଣିତ। ମୋ ଦେହ ତ ମିଶାଣ କଷିବାକୁ ଗୋଟାଏ ଫର୍ଦ୍ଦ।କଷ, ବଞ୍ଚିବାକୁ ବିନିମୟରେ ଦିଅ ଯାହା ମୋ ହକ୍ ।

ବୁଢ଼ାଜେନା ସ୍ୱଗତୋକ୍ତି କଲା-ଏଇ ନଦୀର ଛନ୍ଦରେ ମୁଁ ମୋହ ମୁଗ୍ଧ। ପ୍ରତି ପ୍ରଭାତରୁ ମୁଁ ଉଠି ଆସେ ଏଇ ନଦୀକୂଳକୁ। ଆରପଟ କୂଳରୁ ଭାସି ଆସୁଥିବା ଚୁଡ଼ିର ରୁଣୁଝୁଣୁ ଏବଂ ପିତଳ ଗରା ମଜାର ମଧୁର ଝଣଝଣ ଶବ୍ଦ ଶ୍ରବଣରେ ବିଭୋର ହୋଇଯାଏ ମୋ ମନ।

ପୂର୍ବ ଆକାଶରେ ଉଦିତ ଧର୍ମ ଦେବତାଙ୍କୁ ମୁଁ ପ୍ରଣାମ କରେ ସେଇଠି। ତା' ପରେ ଫେରେ ।ଏ' ଆପଣ ଜାଣିଛନ୍ତି କି ନାଇଁ, ଭାରତୀୟ ସଂସ୍କୃତି ନଦୀମାତୃକାର ସଂସ୍କୃତି।

ସତ୍ୟପକ୍ଷୀ ଧୀରେଧୀରେ ଉଚ୍ଚାରଣ କଲା, ତାହା ମୁଁ ଜାଣେ। ଭାରତୀୟ ସଭ୍ୟତା ନଦୀ ମାତୃକାର ସଭ୍ୟତା। ସଂକଳ୍ପ କାଳେ ନଦୀମାନଙ୍କ ନାମୋଚାରଣ କରି ସେମାନଙ୍କୁ ଆବାହନ କରିଥାନ୍ତି ଯଜମାନ ଏବଂ ପୁଣ୍ୟ ଭୂ ତଳେ ସେହି ନଦୀମାନେ ଥାନ୍ତି ତାଙ୍କ ପୁଣ୍ୟକର୍ମର ସାକ୍ଷୀ। ବୁଢ଼ାଜେନା ସ୍ମରଣକଲେ ଜୀବନକାଳ ଭିତରେ ସିଏ କେତେ କରିଛନ୍ତି ପୁଣ୍ୟ।

ଜାତିଗତ ପ୍ରମାଣପତ୍ର, ଆୟଗତ ପ୍ରମାଣପତ୍ର, ସଂପତ୍ତି କଳନ ପ୍ରମାଣ ପତ୍ର, ସଲ୍‌ଭେନ୍ସି ସାଠିପିକେଟ୍, ମିୟୁଟେସନ୍‌କେଶ୍, ହାଟ, ଘାଟ ଓ ପଥର ଖଣି ନିଲାମ କେଉଁଠି ଯେ ସିଏ ନେଇ ନାହାଁନ୍ତି ଉତ୍କୋଚ? କେଉଁଠି ଯେ ସିଏ ତାଙ୍କ ଏ.ଡି.ଏମ୍ ଓ କଲେକ୍ଟରଙ୍କୁ ଦେଇ ନାହାନ୍ତି ଭାଗ? ସବୁଠି ଉପରିସ୍ଥ ଅଧିକାରୀଙ୍କ ମନ ନେଇ କରିଛନ୍ତି କାମ। ଶେଷକୁ ସେଇ ସହୀଦ୍‌ର ବିଧବା ସ୍ତ୍ରୀ ପାଇଁ ରହିଗଲା ତାଙ୍କ ଅବଶୋଷ।

ଓଃ, ତା ଦେହର କି ମିଠା ମାଂସ। ଯେମିତି ଗୋଟିଏ ବିଲେଇର ଉଷୁମ୍ ନରମ ଓ କି ମୁଲାୟମ ତ୍ୱକ୍।। ସବୁ କ୍ଳାନ୍ତି, ସବୁ ଦୁଃଖ, ଶୋଷି ନିଏ ସେଇ ଦେହର ସ୍ପଂଜ। ତା' ସ୍ତନ ଦୁଇଟା...।

ଦେହ ଉଲ୍ଲସି ଉଠିଥିଲା। ଭାବନାର ନୀଳକଇଁ ଅର୍ଦ୍ଧବିକଶିତ ହୋଇ ରହିଗଲା।

Source: Author, Digitized by PPRACHIN, SOA

ସତ୍ୟପକ୍ଷୀ ଉପଲବ୍ଧି କରୁଥିଲା : ମାୟା ହିଁ ସୃଷ୍ଟିର ଆକାର। ମାୟାହିଁ ସୃଷ୍ଟିର ମୂଳଦୁଆ, ଲଭିଛି ବିସ୍ତାର। ପ୍ରକୃତି ନିଜେ ମାୟା। ଯେଉଁ ଅଦ୍ୱିତୀୟ ଜୀବନ ଈଶ୍ୱର, ସିଏ ଭିନ୍ନଭିନ୍ନ ରୂପରେ ପ୍ରକଟିତ ହେବାପାଇଁ ପରିଧାନ କରିଛନ୍ତି ଅସତ୍ୟ ବା ମିଥ୍ୟାର ଆବରଣ। ସେହି ଭ୍ରାନ୍ତିଜନକ ଆବରଣ ହେଉଛି ମାୟା। ସତତ ପରିବର୍ତ୍ତନଶୀଳ ସେଇ ମାୟା ହିଁ ସୃଷ୍ଟିର ମୂଳତତ୍ତ୍ୱ।

ନିଜ ଅନ୍ତର ଭିତରେ ସତ୍ୟପକ୍ଷୀ ଆବିଷ୍କାର କରୁଛି ଯେମିତି ଗୋଟେ ନୂଆ ଦେଶ। ଜୀବନର ସମାଧାନ ଆଧ୍ୟାତ୍ମିକତା ବ୍ୟତୀତ ଅନ୍ୟ କେହି କରି ନପାରେ। ନୈତିକ ଫ୍ରେମ୍‌ରେ ଆଧ୍ୟାତ୍ମିକ କାଚ ଲଗା ଚଷମା ପରିଧାନ କଲେ ଦେଖାଯିବ ଜୀବନ ନଦୀର ପ୍ରବାହ ଓ ଶୁଣାଯିବ ତା'ସୁମଧୁର ଛନ୍ଦ। ଜୀବନ ଗଣିତ ନୁହେଁ, କେହି ତାକୁ କଷି ଦେବ। ଜୀବନ ବସ୍ତୁ ନୁହେଁ ନିୟୁଟନ୍ କିମ୍ବା ଆଇନଷ୍ଟାଇନ୍‌ଙ୍କ ଫର୍ମୁଲା ବ୍ୟବହାର କରି ଖୋଜିଯିବ।

ସତ୍ୟପକ୍ଷୀ ପଚାରିଲା: କ'ଣ ତୁମେ ଖୋଜୁଛ? ଏଇ ଜୀବନକୁ ତ? ତାହା ନୁହେଁ କଳାଟଙ୍କା କି କିଳାପୋତେଇ ଯେ ତୁମେ ପାଇଯିବ। ଜୀବନ ଏକ ବିରାଟ କଳ୍ପନା, ଏହାର ସବୁକିଛି ମାୟା ଓ ଭ୍ରାନ୍ତିର ରଚନା। ଜୀବନ ଗୋଟିଏ ସ୍ୱପ୍ନ, ମୃତ୍ୟୁର ନିଦ୍ରା ଭଙ୍ଗରେ ଉଭେଇ ଯିବ ।

ଏଇ ଜୀବନ ବ୍ୟତୀତ ମଣିଷର କେହି ଅନ୍ୟ ଈଶ୍ୱର ନାହାନ୍ତି।
ଜୀବନ ମୀମାଂସାର ଫର୍ଦ୍ଦକୁ ପଢୁଛି ସତ୍ୟପକ୍ଷୀ ହୃଦୟର ଆଖି।

ଆଲୋକର କି ସଂପର୍କ ଜୀବନ ସହିତ? ମଝିରେ ପ୍ରଶ୍ନଟିଏ ପତ୍ରପରି କେଉଁଠୁ ଉଡ଼ି ଆସିଛି। ଆଲୋକର ପ୍ଲାବନରେ ଉତ୍ତରଟିଏ ଅନ୍ଧକାର ଆକାଶରେ ଜହ୍ନପରି ଫୁଟି ଉଠୁଛି। ମୁଁ ତୁମକୁ ଆଲୋକରେ ଗଢ଼ିଛି। ତୁମେ ଆଲୋକରେ ତିଆରି ମୋ ପ୍ରତିମୂର୍ତ୍ତି। ଓଁ କାରର ମୁକୁରକୁ ଅନାଅ। ଦିବ୍ୟ ଉତ୍ସରୁ ନିସୃତ ଶ୍ୱେତ ଆଲୋକରୁ ତୁମେ କେମିତି ଗଢ଼ା ଯାଇଛ ଦିଶିବ।
ସୃଷ୍ଟି ଆଲୋକ ଓ ଛାଇରେ ରଚିତ ହୋଇଛି।

ଛାଇ ମାୟା, ଅରୂପସତ୍ୟକୁ ଆଚ୍ଛାଦିତ କରିବାକୁ ସିଏ କରେ ଅନେକ ରୂପର ସୃଷ୍ଟି। ସତ୍‌ରୁ ଅସତ୍ ଆଡକୁ ନେଇଥାଏ ଆକର୍ଷି। ତା ନହେଲେ ମନୁଷ୍ୟ କେମିତି ଆସିବ ଅସତ୍‌ରୁ ସତ୍‌କୁ ଓ ଅନ୍ଧକାରରୁ ଆଲୋକକୁ?

ଦୁଃଖ, ରୋଗ, କଷ୍ଟ ଓ ଅଭାବ ମାନବ ଭୋଗକରିବ। ତା' ନ ହେଲେ ସିଏ କେମିତି ଜାଣିବ ସିଏ ଛାଇ ନୁହେଁ ଆଲୋକ।ଅସ୍ଥି, ମାଂସ, ଚର୍ମ ଓ ସ୍ନାୟୁ ନୁହେଁ, ଆୟୁଷ। ସିଏ

Source: Author, Digitized by PPRACHIN, SOA

ସଂସାର ନୁହେଁ, ସାର ! ନୁହେଁ କ୍ଷୀର, ସିଏ ନବନୀତ ! କ୍ଷୀର ଓ ଜଳରେ ଭାସମାନରତ ଏକ ହୋଇପାରେ କେବଳ ଘୃତ ସହିତ !

ଜୀବନ ଏକ ଅନିର୍ବଚନୀୟ ନାଟ୍ୟଲୀଳା ! ସଂସାରର ସରସୀରେ ଲୀଳା ରଚନା କରୁଛି ସ୍ୱୟଂ ହଂସ ! ତେଣୁ ଗ୍ରୀକ୍ ଦାର୍ଶନିକ ଥେଲେସ୍ ଉଚ୍ଚାରଣ କଲେ: ଜୀବନ ଓ ମୃତ୍ୟୁଭିତରେ ନାହିଁ ଫରକ୍ ! ସତ୍ୟର ସମୁଦ୍ରରେ ଦୃଶ୍ୟମାନ ଆତ୍ମାର ତରଙ୍ଗ ହେଲା ଜୀବନ ଏବଂ ଅଦୃଶ୍ୟ ହେଲା ମୃତ୍ୟୁ !

ଥେଲେସ୍‌ଙ୍କୁ ଜଣେ ସମାଲୋଚକ କହିଲେ, ଜୀବନ ଓ ମୃତ୍ୟୁଭିତରେ ତ ପ୍ରଭେଦ ନାହିଁ କିଛି, ତେବେ ଆପଣ ମରି ଯାଉନାହାଁନ୍ତି କାହିଁକି ? ଥେଲେସ୍ ଉତ୍ତର ଦେଲେ, ଯେଣୁ ଜୀବନ ଓ ମୃତ୍ୟୁ ଭିତରେ ପାର୍ଥକ୍ୟ ନାହିଁ କିଛି, ଜୀବନ ଓ ମୃତ୍ୟୁ-ଦୁଇଟି ଯାକ ମୋ ପାଇଁ ଗୋଟିଏ ସ୍ଥିତି, ଆଲୋକ; ନଦୀର ଛନ୍ଦ ଦୁଇଟି ! ଗୋଟିଏ ଗତିର ପୁନରାବୃତ୍ତି !❑

Source: Author, Digitized by PPRACHIN, SOA

-ଆଠ-

'Have a desire to meet and know God`

-Swami Rama

ଭୁଲିଯିବାର ଉପକୂଳରେ ଭଲପାଇବାର ସିକତା ଶେଯ ଆଶାପରି ଲମ୍ୱିଚି ! ଭୁଲ ତ ଅସତ୍ୟର ସମାଧିଟିଏ ! ସତ୍ୟ ତ ମିଞ୍ଜିମିଞ୍ଜି ଜଳୁଥିବା ଗୋଟିଏ ବିଶ୍ୱାସର ଦୀପ ! ସ୍ୱପ୍ନ ଓ ଭୟର ପାପୁଲି ଦୁଇଟି ସମୟର ବହନ୍ତା ପବନଠୁ ତାକୁ କରୁଛି ସୁରକ୍ଷିତ ! ନିଃସଙ୍ଗ ପକ୍ଷୀ ଫେରୁଚି ଏକେଲା !

ପଢ଼, ଅକାଶର ଓଠଟା ମହାକାଳ ଫଳପରି ଲାଲ ! ପବନରେ ଧାଡ଼ିଧାଡ଼ି ଲୁଣିଆ ଜୀବନ ସଂଗୀତ !

ଆମ୍ଭାର ନୀଡ଼ରେ ଯିଏ ବସା ବାନ୍ଧିଚି, ସିଏ ସ୍ୱପ୍ନଟିଏ ତ ? ବଉଦପରି କି ସୁନ୍ଦର, କି ଅପରିଚିତ ତା' ଚେହେରା ! ନୂତନ ଛନ୍ଦ ଭିତରେ ଯେମିତି ସୁନ୍ଦରୀ ଆଶାର ପହଁରା ! ପହଁରୁଚି ଆଶା ମାଛଟିଏ ପରି, ଚିତ୍ରଟିଏପରି !

ସ୍ୱପ୍ନ ତ ଚିତ୍ରଟିଏ ! କେଉଁ ସମୁଦ୍ରରୁ ଆସେ ଏବଂ ପୁଣି କେଉଁ ପାହାଡ଼ ସଂଧିରେ ଛପିଯାଏ ! ସେମାନଙ୍କ ଫିସ୍‌ଫିସ୍ କଥା କିଂବା ଖିଲଖିଲ୍ ହସ ନୀଡ଼ ଭିତରକୁ ଶୁଣାଯାଏ ? ନା ! ସୌଭାଗ୍ୟପରି ସବୁ ଲୁଚି ଯାଏ ! ସୁଖ ଦିଏ ? ନା ! ସୁଖର ଠିକଣାଟା ଭୁଲ ଲେଖାଯାଇଥାଏ !

ହୁଗୁଳା କରିଦିଅ ସୁଖର ଫାଶ, ତୃଷାର ପୁଷ୍ପ ହୀରକପରି ଅମୂଲ୍ୟ ! ସଂସାରର ବଗିଚା ସାରା ଭର୍ତ୍ତି ଗୋଲାପ !

ଦେଖ, ସେଇ ଗୋଲାପବନ ଭିତରେ କେମିତି ଧାବମାନରତ ଗୋଟିଏ ଅତ୍ୟନ୍ତ ଶକ୍ତିଶାଳୀ, ବୃଦ୍ଧ ହେଲେ ବି ଯୁବକପରି ଦେଖା ଯାଉଥିବା ପିଙ୍ଗଳବର୍ଣ୍ଣର ଅଶ୍ୱ ! ଅସୁସ୍ଥ ରାଜକୁମାର

Source: Author, Digitized by PPRACHIN, SOA

ଚନ୍ଦ୍ରଭାନୁ, ଅଶ୍ରୁମୋଚନରତ ରାଜା ଭୋଜ। ଲକ୍ଷ୍ମଣଙ୍କ ହୋଇଛି ଶକ୍ତି ଭେଦ? ବିଶ୍ୱାୟନ ସଂସ୍କୃତିରେ କ'ଣ କିଣା ଯାଇ ନ ହେବ?

ଜୀବନର ହୃଦୟଟା ଅସୁସ୍ଥ।

ନଦୀର ଛନ୍ଦଟା ବେସୁରା। ବୁଢ଼ାଜେନା ଜାଣେ ଈର୍ଷାର ଠିକଣା।
ବଜାତ୍ ମାଇକିନା।
ସୁଖର ଫଳାଫଳ ଜାଣିବ କ'ଣ ନଖ? ଅହଲ୍ୟା ପାଇଁ ବୁଢ଼ା ଜେନା ଯେମିତି ଗୋଟିଏ ଭିଲେଜ୍ ଚର୍ଚ୍ଚ। ଆସୁ, ହୋଇଯାଉ ପବିତ୍ର। ଦେହଟାତ' ତା ଗେଟ୍। କରୁ ଅନୁପ୍ରବେଶ। ଭିତରେ ମୁଁ ଜୀବନ୍ତ ଈଶ୍ୱର, ଦେବି ମୋକ୍ଷ।
ତା' ଆତ୍ମାକୁ କରି ଦେବି ମୁକୁଳା। ବସନ ରହିତ ବକ୍ଷ ଓ ଦେହର କକ୍ଷସାରା ଭର୍ତ୍ତି ହୋଇଯିବ ମୃଦୁମୃଦୁ ମଳୟ ଓ ଆଲୋକ।

ଅହଲ୍ୟା, ଜମି ତୋର କ'ଣ ହେବ? ତୁ ମତେ ଜୀବନଟିଏ ମାଗ, ମୁଁ ତତେ ଜୀବନ୍ତ କରି ଦେଉଛିଲୋ ଅହଲ୍ୟା। ସୁଖ ଜୀବନର ସ୍ୱାଦ, ସୁଖ ଜୀବନର ଆତ୍ମା, ତୁ ମୋ'ଠୁ ନେ'। ନେ'...। ଭେଲଭେଟ୍ ବେଡସିଟ୍ ଉପରେ ଛିଞ୍ଚା ଯାଇଛି ଇଣ୍ଟିମେଟ ଏସେନ୍ସ। ଛାତରେ ଟଙ୍ଗା ପଙ୍ଖା ଧୀରେଧୀରେ ଘୂରି ବଖରାସାରା ବର୍ଷୁଛି ଗୋଲାପ ପାଖୁଡ଼ା। ଆ, ଫୁଲର ପାଖୁଡା ଭିତରେ ବୁଡି ଯା'।

ପାଇନ୍‌ଗଛପରି ଆଃ, କି ସବୁଜ ଓ ଉଚ୍ଚ ହୋଇ ଯାଉଥିଲା ଇଚ୍ଛା।

ତତେ ମୁଁ ନିଶ୍ଚୟ କହିବି ଜହ୍ନରାତି କଥା। ପକ୍ଷୀରାଜ ଘୋଡ଼ା ଓ ସେଇ ସୁନ୍ଦରୀ ପରୀ ଏବଂଜଳପରୀ କଥା। ତୁ ଖାଲି ଖୋଲି ଦେ' ତୋ ହୃଦୟର ମୁଠା। ଦେଖିବୁ, କେମିତି କାମନାର ସୁନେଲୀ ଜରିରେ ଚିକ୍‌ଚିକ୍ ହେବ ଫଳାଫଳଟା। ଆ, ସ୍ୱପ୍ନଟିଏ ଦେଖ।

'ଆଇ ଉଇସ୍ ଆଇ କୁଡ୍ ହିୟର୍ ଏଗେନ୍'।
.......ଲାଇକ୍ ଏ ସଡେନ୍ ସ୍ପାର୍କ।

ତୁ ତୋ ଗହଣା ପାଇଲୁ ତ? କଢ଼ମାନ ଫୁଟି ଚାଲିଥିଲେ...।
ପଦ୍ମଯୋନି ଭିତରେ ଅଗ୍ନି ଓ ସୁଯୋଗ ଭଣ୍ଡୁର କରୁଥିଲେ ଆତ୍ମାର ଶୈଶବ। ବୟସ୍କ ହୋଇଯାଉଥିଲା ବେଳକୁ ବେଳ ବ୍ୟଭିଚାର ଓ ଚିତ୍କାର। ଚମ୍ପା ଓ ଚମକ।
ମାନସର କୋଳ ଭିତରେ ମିନା। ଭଲ ପାଇବାର ସ୍ୱାଧୀନତା ସୁଖରେ ମୁକୁଳା। ଗର୍ବ ଓ ବିଜୟୋଲ୍ଲାସ ଦୁଇଟି ଲାଲ୍ ଲିପ୍‌ଷ୍ଟିକ୍ ବୋଳା ଓଷ୍ଠ। ଖୁବ୍ ଭଲଭାବେ ଗାଉଥିଲେ ଗୀତ।

Source: Author, Digitized by PPRACHIN, SOA

ଅହଲ୍ୟା, କେମିତି ତୁ ତୋ ଦେହ ଭିତରେ ଏତେ ଗୀତ ଲୁଚେଇ ରଖିଚୁକିଲୋ ? ଉପେନ୍ଦ୍ର, ଅଭିମନ୍ୟୁ, ଦୀନକୃଷ୍ଣ, ଭକ୍ତଚରଣ, ଗୋପାଳକୃଷ୍ଣ ଓ ବନମାଳୀ; ନାହିଁ କିଏ ଯେ, ସିନେମା ସଂଗୀତ ବି।

କାନ୍ଧ ଉପରକୁ ପାଦ ଦୁଇଟାକୁ ଟେକି ନେଲାବେଳେ ଦେଲାଚୁମ୍ବି।

ନିଜ ଜୀବନକୁ ଟାଇପ୍ କରୁଥିଲା ବୁଢ଼ାଜେନା।

ଟାଇପ୍ ମେସିନ୍ ଭିତରେ ତାର ଧଳା କାଗଜ ନ ଥିଲା। ଥିଲା କେବଳ କପି ଉଠିବା ପାଇଁ କାର୍ବନ୍ କାଗଜଟି। ସେଥିରେ ବି ଆଉ କଳା ନଥିଲା।

ସତ୍ୟପକ୍ଷୀ ପ୍ରଶ୍ନ କଲା, ବୁଢ଼ାଜେନା ଚକ୍ଷୁର କଳାଡୋଳା ଦୁଇଟିକୁ; ମାନବ ଜାତିର ଇତିହାସରୁ ତମେ ଜାଣିଲ କ'ଣ ଓ କ'ଣ କଲ ଶିକ୍ଷା ଲାଭ ?

ତାସ୍‌ଘର ତିଆରିରେ ତୁମ ଆଗ୍ରହ ? ମାନସକୁ ପଚାରିଲା ମିନା।

ତାସ୍‌ଘର ତିଆରିର ଆବଶ୍ୟକ କାହିଁ, ପୂର୍ବରୁ ତିଆରି ହୋଇସାରିଛି। ବଡ ଉଦାସ କଂଠରେ ସିଏ ଦେଲା ପ୍ରତ୍ୟୁତ୍ତର।

ଅନ୍ଧକାର କିଏ ? କ'ଣ ତା'ର ପରିଚୟ ? ତମେ ଅନ୍ଧାର ଦେଖିଛ ? ମୟୂର ପୁଚ୍ଛର ରଙ୍ଗ କେତୋଟି ? ଦେଖିଚ ସେ ରଙ୍ଗ ଭିତରେ କୃଷ୍ଣକୁ ? ମାଟିରୁ ଆକାଶକୁ ପକ୍ଷୀ ଉଠିଗଲା ବେଳେ ଦେଖିଚ ତା' ଉଡାଣକୁ ? ତୁମେ କାହିଁକି ପକ୍ଷୀପରି ଆକାଶରେ ଉଡିପାରୁ ନାହଁ, ମିନା ?

କଂପି ଉଠୁଥିଲା ମିନାର ଦେହ।

ଜାଣିବା ଗୋଟିଏ ଆର୍ଟ। ଜାଣିବା କଳାଟିକୁ ଶିଖ।

ତୁମେ ଗୋଲାପ ଦେଖିଚ ? ତୁମେ ତୁଳସୀପତ୍ରଟିଏ ଦେଖିଚ ? ଦେଖିଚ ଗୋଟିଏ ବେଲ ପତ୍ରକୁ ? ନା। ଅତୁଳନୀୟ। ପ୍ରତ୍ୟେକଟି ଅଦ୍ୱିତୀୟ। ସୌନ୍ଦର୍ଯ୍ୟରେ ଅମାପ। ସୌନ୍ଦର୍ଯ୍ୟରେ ଥାଏ ସତ୍ୟର ଅଂଶ।

କବିତା କଳ୍ପନା। ସୁନ୍ଦର ହେଲେ ମଧ କଳ୍ପନା। କଳ୍ପନା ମିଥ୍ୟା, ମନରୁ ତା ସୃଷ୍ଟି। ସତ୍ୟ ହେବ କେମିତି ? ସାହିତ୍ୟ ଶବ୍ଦ ବାଜୀ।

କି ବହି ଲେଖିଛନ୍ତି କବି ? ନିଜର ଅପୂର୍ଣ୍ଣ ତୃଷାର ରୂପ ହୋଇଛି ଭାରତୀୟ ଶ୍ରେଷ୍ଠ ନାୟିକା ? ଆର୍ଟ ନିଜ ତୃଷାର ରୂପ, ନୁହେଁ ଆତ୍ମାର ରୂପ। ଆତ୍ମା ଅରୂପ।

ସଂସାରରେ ଆତ୍ମା ଏକ। ଆତ୍ମ-ଦର୍ଶନ ପ୍ରାପ୍ତ ହୋଇଥାନ୍ତି ଯୋଗୀ, ନୁହେଁ କବି। କବି କେବଳ କଳ୍ପନା ଓ ଶବ୍ଦ ଦର୍ଶନ କରିଥାନ୍ତି।

Source: Author, Digitized by PPRACHIN, SOA

ଭାବ ଅଭିବ୍ୟକ୍ତିର ମାଧ୍ୟମ ଶବ୍ଦ। ଶବ୍ଦ ସଜାରେ ଥାଏ ଆନନ୍ଦ।, ନଥାଏ ସୁଖ। ଶବ୍ଦ ସଜା ଗୋଟାଏ ପରିବା /ଫଳ ଦୋକାନୀର କାମ ନୁହେଁ, ଆଇ.ଏ.ଏସ୍ ଅଫିସରଙ୍କ କାମ।

ପରିବା ସଜାଇବା ଓ ଶବ୍ଦ ସଜାଇବା ମଧ୍ୟରେ ତଫାତ୍ କ'ଣ ?

ବୁଢ଼ାଜେନା ସୁଖ ଖୋଜୁଚି ? ନା, ସିଏ ଖୋଜୁଥିଲା ଆନନ୍ଦ ଏବଂ ପାଇଗଲା ମଧ୍ୟ। ଆନନ୍ଦ ଗୋଟିଏ ଚିତ୍ତଦଶାର ନାମ। ଏହା ଏକ ସ୍ୱଭାବ। ଆନନ୍ଦର ସମୟ ତିରୋହିତ ହୋଇଯାଇଥାଏ।

କିନ୍ତୁ ସୁଖ ଶାଶ୍ୱତ। ଆତ୍ମା ତାହାକୁ ଭୋଗ କରିଥାଏ। ଇନ୍ଦ୍ରିୟଗଣ ଭୋଗ କରିଥାନ୍ତି ଆନନ୍ଦ।

ମିନା ଓ ମାନସ ଭୋଗ କରୁଥିଲେ ଆନନ୍ଦ। ଦେହଠୁ ଦେହର ସୁଲଳିତ ଗାନ ଯେଉଁ ଛନ୍ଦକୁ ସତ୍ୟପକ୍ଷୀ ଖୋଜୁଥିଲା, ସେହି ଛନ୍ଦ ତା' ଭିତରେ ହେଉଥିଲା ରଚିତ। ଆତ୍ମା ବୋଲି ଜ୍ଞାନୀ ତାହାକୁ କରିଛନ୍ତି ନାମିତ। ତାହାକୁ 'ପରମାତ୍ମା' ବୋଲି କହନ୍ତି ଭକ୍ତ।

ଝରଣା କୁଳୁକୁଳୁ ନାଦ କରି ଗାଉଛି ଗୀତ। ପ୍ରବାହିତ ହୋଇ ଯାଉଛି ନିର୍ଝର। ସମସ୍ତେ ଦେଖୁଛନ୍ତି ଏବଂ ଶୁଣୁଛନ୍ତି ତାର କଳଧ୍ୱନି। କେହି ବୁଝୁଛନ୍ତି କ'ଣ କୁଳୁକୁଳୁ ଧ୍ୱନିର ଅର୍ଥ ? ଜୀବନ ବୋହି ଚାଲିଚି, କେବଳ ବୋହି ଚାଲିଚି, ନାହିଁ ତାର କିଛି ଅର୍ଥ ? କେବଳ ମଧୁର ଧ୍ୱନି କିଞ୍ଚିତ। ସେହି ମଧୁର ଧ୍ୱନି ହିଁ ପ୍ରେମ।

ମିନା, ତମ ସହିତ ମୋ।

ମାନସ ଭାବୁଚି, ମୁଁ ମିନାର ପ୍ରେମରେ ପଡ଼ିଚି। ଆଉ ମିନା...? ସିଏ ନଦୀର ଗତି, ବୋହି ଚାଲିଛି। ଦୁଇଟି ଶିକାରେ ତା'ର ଝୁଲା ହୋଇ ରହିଛି ଦୁଇ ଅଙ୍ଗା ପରିବା। ଭାର ସଜିତ। ଦରକାର ତା'ର ଜଣେ ଭାରୁଆ। ପହିଲି ଭାର, ଚତୁର୍ଥୀ ଭାର, ଶୁଭ ଭାର କିଏ ନେବ ?

ଅନୁଭବ ଦ୍ୱାରା ଅନୁଭବକୁ ଜାଣି ହୁଏ।

ନବବାବୁ ପ୍ରଶ୍ନ କଲେ- 'ତମର ପ୍ରଶ୍ନ ଅଛି କିଛି ?

କିଛି ପଚାରିବାକୁ ଚାହୁଁଛ କି ?

ମୁଁ କହିଲି, ନା'। ଆପଣ ମୋ ଦ୍ୱାର, ଖୋଲି ଦିଅନ୍ତୁ କବାଟ। ମୁଁ କେବଳ ପଶିଯିବି, ହଜିଯିବି। ବାସ୍।

ମୁହଁ ତାଙ୍କର ପ୍ରଶସ୍ତ ନୀଳ ଆକାଶ, ସଂଚରି ଗଲା ଗୁଡ଼ରେ ତିଆରି ହସ। ହସ ତ ନୁହେଁ, ସଂଜୀବନୀ ସ୍ତୋତ୍ର।

ନିଃଶବ୍ଦମୟଙ୍କ ପାଖରେ ବସିଚି ଶବ୍ଦମୟ, ପତା ବନ୍ଦ। ନିଃଶବ୍ଦମୟଙ୍କ ଦୃଷ୍ଟିରୁ ଉଚ୍ଚାରିତ ହେଉଥାଏ ଶବ୍ଦ, ଜୀବନ୍ତ ଶବ୍ଦ। ଯେଉଁ ଶବ୍ଦକୁ ଉଚ୍ଚାରିତ କରୁ ନ ଥାଏ ଓଷ୍ଠ, ବହିରେ

Source: Author, Digitized by PPRACHIN, SOA

ନଥାଏ ସେ ଶବ୍ଦ। ସେହି ଶବ୍ଦ ମୋ ସତ୍ତାର ତଂତ୍ରୀରେ ହେଉଥିଲା ସ୍ପନ୍ଦିତ। ଅନୁଭବ ଦ୍ୱାରା ଅନୁଭବ ହେଉଥିଲା ଭୋଗ।

ମାୟାର ଡାଳରେ ବସି ସତ୍ୟପକ୍ଷୀ ଉପଲବ୍ଧି କରୁଥିଲା ଅନାହତ ଶବ୍ଦର ଧ୍ୱନି।

ଅନୁଚ୍ଚାରିତ ଶବ୍ଦ ବୀପଂଚିର ତଂତ୍ରୀକୁ ଶବ୍ଦମୟ କରୁଛି। ନିଃଶବ୍ଦ ନିଃଶବ୍ଦରେ ଗୁଂଜନ ରଚୁଛି।

କିଏ ଡାକୁଛି? କାମାତୁର କୋକିଳ?

କିଏ ଡାକୁଚି?

ପହିଲି ଆଷାଢ଼?

ଇଏ କ'ଣ ଶ୍ୟାମ ମେଘର ଗୁରୁଗୁରୁ ସ୍ୱର?

ନାଚିବ ଶ୍ରାବଣ, ନାଚିବ ଫଗୁଣ?? ମାନସର କୋଳଭିତରେ ମିନା।

ଗୋଟିଏ ନୂଆ ଋତୁର ବାସ୍ନା। କେଉଁଠି ଥିଲା ଏଇ ଋତୁଟା? ପୃଥିବୀକୁ ସ୍ୱର୍ଗଲୋକରେ ବଦଳାଇ ଦେଇଛି ଅନୁଭବର କୁହୁକ। ଅଣ୍ଟାଠୁ ତଳ ଆଡକୁ ପୁଚ୍ଛ; ମାଛ, କୋଳଠୁ ପେଟ, ବକ୍ଷ ଓ ବେକ ଦେଇ ମୁଣ୍ଡ ପର୍ଯ୍ୟନ୍ତ ମନୁଷ୍ୟ। ଯୁବତୀଟିଏ।

ପ୍ରଣୟ ବିଶାରଦା ବାଳିକା ନଦୀ। ସମୁଦ୍ର କନ୍ୟା ପୃଥିବୀକୁ ଚାଲି ଆସିଛି ପ୍ରଣୟ ଖୋଜି?

ନୂଆ ସୁଖର ସନ୍ଧାନରେ ପହଁରି ଆସିଛି ସମୁଦ୍ରଲୋକରୁ, ପାତାଳରୁ ପୃଥିବୀକି। ତାକୁ ଦୁଇବାହୁରେ ମାନସ ଭିଡ଼ି ଧରିଛି। ଦୁହେଁ ଦେଖୁଥାନ୍ତି ସୁଖର ମୁଲକକୁ ବିଳମ୍ବିତ ରାସ୍ତାର ନକ୍ସା ଏବଂ ଚାଲୁଥିଲେ ଆଗକୁ। ସଂସାରର ନକ୍ସା ଦିଶୁ ଥିଲା ଦୁହିଁଙ୍କୁ ଏକା। ମାତ୍ର ସଂସାର ଥିଲା ପ୍ରଣୟଠୁ ଅଲଗା। ସତ୍ୟଠୁ ଅଲଗା। ସତ୍ୟଠୁ ଅଲଗା ହେତୁ ଶାବ୍ଦିକ ତାକୁ କହୁଥିଲେ ସଂସାର। ସଂସାରର ସ୍ୱରଟା ବିକଟ। ଏତେ ବିକଟାଳ ଭାବେ ରଡ଼ି ପାରି ନଥିଲା ରାବଣ। ସେଇଥି ପାଇଁ ସିଏ ସୀତାଙ୍କୁ କହିଥିଲା, ସିଏ ହେବ ତାଙ୍କ ଦ୍ୱିତୀୟ ଦାର।

ଦ୍ୱାର ଖୋଲ, ଖୋଲ ଦ୍ୱାର। ଅମୁହାଁ ଦେଉଳର ତୁମେ ତ କବାଟ। ହୋଇଯାଅ ଉନ୍ମୁକ୍ତ। ହେ ନଦୀର ଛନ୍ଦ, ତୁମ ଏଇ କୁଳୁକୁଳୁଟା କି ଗୀତ? କ'ଣ ତା'ର ଅର୍ଥ? ମାନସ ବୁଝିପାରେ ନାହିଁ ଗଣିତ।

ମିନା ବୁଝାଇ ଦେଲା କ'ଣ ମିଶାଣ ଏବଂ ତା' ପରେ ବୁଝାଇ ଦେଲା ବିୟୋଗ। ପୂର୍ବରୁ ସରିଥିଲା ଗୁଣନ ଓ ହରଣ। ଚନ୍ଦ୍ରବନ୍ଧନୀ ଓ କୁଟିଳ ବନ୍ଧନୀ ଚଟାପଟ ବୁଝିଗଲା।

ମନ୍ଦ ବ୍ୟତୀତ ଉତ୍ତମ ହେବା କଠିନ। ଅନ୍ଧାରକୁ ନ ବୁଝିଲେ ଆଲୋକକୁ ବୁଝିବା ଅସମ୍ଭବ। ମିଛ ମଣିଷ। ତାକୁ ଚିହ୍ନାଇ ଦେଲା ମିନା।

Source: Author, Digitized by PPRACHIN, SOA

ଦେଖ, ଏଇ ଅନ୍ଧକାର। ତା ସହିତ ରୋଶଣୀର ମିଳନ।

ମଝି ନଈରେ ଭାସୁଥିବା ମଣିଷ ଯଦି କୂଳ ଆଡ଼କୁ ଯାଏ ଯାଏ ଡୁବି! ପ୍ରଣୟ ନଦୀରେ ଭାସୁଥିବା ପ୍ରାଣ ଖୋଜୁଥିଲା ଗୋଟିଏ କୂଳ। କୂଳ ଆଡ଼କୁ ମୁହାଁଇଲା ବେଳେ ଡୁବିଗଲା ମାନସ। କୂଳରେ ଠିଆ ହୋଇ ମତ୍ସ୍ୟକନ୍ୟା ହଲାଉଥିଲା ହାତ।

ବ୍ୟୋମଯାନରୁ ଅବତରଣ କଲାବେଳେ ଏବଂ ଆରୋହଣ କଲାବେଳେ ହସ୍ତ ଆନ୍ଦୋଳିତ କରି କ'ଣ କହେ ପ୍ରିୟଙ୍କା ଭଦ୍ର?

ମାୟାବତୀ ଓ ଉମାଭାରତୀ, ପାପୁଲିର ପାଚିଲା ପତ୍ର ଆନ୍ଦୋଳିତ କରି କ'ଣ ଜଣାଇଥାନ୍ତି? କିଛି ବୁଝି ପାରୁ ନଥିଲା ସତ୍ୟପକ୍ଷୀ। ତା' ଡୋଳା ଦୁଇଟି ପେଚକର ଡୋଳାପରି ଗୋଲ ଗୋଲ ଥରକୁ ଥର କେବଳ ବିସ୍ମୟରେ ଘୂରୁଛି।

ସଂସାରରେ କିଏ ଜ୍ଞାନୀ?
ଯିଏ ଜ୍ଞାନକୁ ବିସର୍ଜନ କରି ଦେଇଥାଏ।
ସଂସାରରେ ସେଇ ସନ୍ଥ; ଯିଏ ଅହଂକୁ ବିଧବାଟିଏ ହୋଇ କପାଳରୁ ସିନ୍ଦୂରପରି ଦେଇଥାଏ ପୋଛି।
ଅହଂକୁ ନିଜ ସତ୍ତାର କପାଳରୁ ପୋଛି ଦେଲା ପରେ ମଣିଷ ପାଖରେ ବଂଚିବା ପାଇଁ ଆଉ ଥାଏ କିଛି?

ମିନା, କ'ଣ ନେଇ ମୁଁ ବଂଚିଛି?

କ'ଣ ପାଇଁ ତମେ ମୋ'ଠୁ ପର ହୋଇଗଲ? ସବୁ ଏହି ଅଂହର କାମ। ଯେଉଁଦିନ ଅହଂ ନଥିବ, ସେ ଦିନ ଛାଇ ନଥିବ। ସିଏ ହୋଇଯାଇଥିବ 'ଏ ମ୍ୟାନ୍ ଉଇଦାଉଟ ସ୍ୟାଡୋ'।

ନିଜ ଇଚ୍ଛାନୁଯାୟୀ ନିଜ ଶୈଳୀରେ ଜୀବନ ଜୀଇବାକୁ ଚାହିଁଚି ମାନସ। କିଣିଚି ଦୁଃଖ।

ନଦୀ ପ୍ରବାହିତ ହୁଏ ସୃଷ୍ଟି କରି ସ୍ୱଛନ୍ଦ। ତୁମେ ତା' ଛନ୍ଦକୁ ତୁମ ଇଚ୍ଛା ଅନୁଯାୟୀ ଯଦି ବଦଳାଇବ ନା ନଦୀ ରହିବ, ନା ଛନ୍ଦ, କେବଳ ଦୁଃଖ ପାଇବ। ପାଇବ ମରୁର ସିକତା ମାଇଲ୍‌ମାଇଲ୍; କେବଳ ଶୋଷ। ଶୋଷରେ ଛଟଛଟ ହେଉଥିଲା ମାନସ।

ବୁଢ଼ାଜେନା ଯଂତ୍ରଣାରେ ଅସ୍ଥିର। ଯେଉଁଠି ଜଳୁଥିଲା ସୁବର୍ଣ୍ଣର ପ୍ରଦୀପ ବିତରିତ କରି ହୀରକର ଦ୍ୟୁତି, ସେଇଠି ଜମାଟ ବଂଧା ଅନ୍ଧକାର ମଧ୍ୟ କରୁଥିଲା ରାଜୁତି।

ତୁମେ ଜୀବନକୁ କରିବ ନିଜର ଅଧୀନ?
ନଦୀକୁ ତୁମେ କରିବ ନିଜର ଆଜ୍ଞାଧୀନ? ମୃତ୍ୟୁ ହେବ ତୁମର କରଗତ?
ମହିଷାସୁର କରୁଥିଲା ତପସ୍ୟା। ତା'ର ଆବଶ୍ୟକ ନିଜ ଛାଞ୍ଚରେ ତିଆରି କରିବ ଜୀବନ।

Source: Author, Digitized by PPRACHIN, SOA

ନିଜ ଆଗ୍ରହ ଅନୁଯାୟୀ ପ୍ରବାହିତ ହେବ ଜୀବନ ନଦୀ। ମୃତ୍ୟୁ ନଦୀର ଗତି ହୀରାକୁଦ ବନ୍ଧଟିଏ ବାନ୍ଧି ସିଏ କରିବ ନିୟନ୍ତିତ।
ସବୁ ଅନିୟନ୍ତିତ ହେବ ନିୟନ୍ତିତ। ବିଚିତ୍ର ତା' ଇଚ୍ଛାର ସର୍ତ୍ତ।
ନୀଳ କାଗଜରେ ଗୋଲାପୀ କାଳିରେ ଲେଖା ଚିଠି ପଢ଼ି ଚାଲିଥିଲା ଆଖି।

ମିନା, ତମେ ମୋ ନଦୀ, ଆସିଥିଲ, ବୋହିଗଲ। ମୁଁ ତୁମକୁ ଅଟକାଇ ନାହିଁ। ବହମାନ ନଦୀକୁ ଅଟକାଇଲେ ନଦୀ ହ୍ରଦଟିଏ ହୋଇଯିବ। ତା'ର ନୃତ୍ୟାୟିତ ଗତି ଓ ଛନ୍ଦ ଲୋପ ପାଇଯିବ। ତେଣୁ ତୁମକୁ ମୁଁ ଛାଡ଼ିଦେଲି ତୁମ ଆକାଶରେ। ଗୁଡ଼ିମୋର, ଯାଅ ପବନର ତାଳେତାଳେ ମହାକାଶକୁ ଉଡ଼ିଯାଅ।
ଛିଡେଇ ଦେଲି ମୋ ନଟେଇରୁ ସୂତ୍ର।

ପ୍ରିୟ ଗୁଡ଼ିମୋର, ଯାଅ, ଯାଅ, ଅସୀମ ଭିତରେ ହଜି ଯାଉ ତୁମ କାଗଜରେ ଓ ବାଉଁଶ କଣିରେ ତିଆରି ସୀମା। ଅନନ୍ତରେ ବିଲୀନ ହୋଇଯାଉ ତୁମ ସତ୍ତା।
ହେ ପକ୍ଷୀ, ପୃଥିବୀକୁ ତୁମେ ଆସିଥିଲ କାହିଁକି ?

ସତ୍ୟପକ୍ଷୀ ମୋ ସ୍କନ୍ଧରେ ତା' ପାପୁଲି ଥାପିଚି। ଆଶ୍ୱସ୍ତ କରୁଚି ? ସତରେ, ମୁଁ କ'ଣ ଭାଙ୍ଗି ପଡିଚି ? ମୋ ସତ୍ତାରେ ସମୟର ଚୋଟ ମତେ ଆହାତ କରିଛି ? ନା, ମୁଁ ଅବଜା ବୀଣାଟିଏ। ତିଆରି ଦିନରୁ କାହାରି ଟିପର ପ୍ରତୀକ୍ଷାରେ ଅଛି। ନବବାବୁ ବୀଣାଟିକୁ ଟେକି ଧୂଳି ଝାଡ଼ି ଦେଲେ। ତାର କଷିଲେ। ତଂତ୍ରୀସବୁ ଗୁଂଜନ ରଚିବାକୁ ହେଲେ ପ୍ରସ୍ତୁତ।
ଈଶ୍ୱର କିଏ ?
ଈଶ୍ୱର ତୁମର ଶୁଦ୍ଧତମ ରୂପ।
ତୁମ ଜୀବନ ବୀଣା ତୁମରି ହାତ ମୁଠାରେ ତ। ତଂତ୍ରୀରେ ଦେବି ଆଙ୍ଗୁଠିର ସ୍ପର୍ଶ ? ଯେଉଁ ସଂଗୀତ ସୃଷ୍ଟି ହେବ ତାକୁ ମୁଁ ଜାଣେ ତ ?
ଅହଲ୍ୟା, ସ୍ୱର୍ଗ କେଉଁଠି ?
ଏଇ ତୋ କୋଳ ଭିତରେ ? ସାମ୍ନାକୁ ବାବ୍ରୀମସ୍‌ଜିଦ୍‌ପରି ମୁହଁ କରିଥିବା ତୋ ଯୁଗ୍ମ ବକ୍ଷୋଜରେ। ନରକ ବି ସେଇଠି।
ସ୍ୱୟଂକୁ ଆଚ୍ଛାଦିତ କରିଥିବା ଓଢ଼ଣାର ନାମ ଜ୍ଞାନ। ଜ୍ଞାନ ଆଉ କିଏ ? ଯିଏ ଅଜ୍ଞାନକୁ କରି ଆସିଚି ଆଜ୍ଞୁଆଳ।
ଦେହ ତ ମନ୍ଦିରଟିଏ, ସ୍ୱୟଂ ଏଠି ଈଶ୍ୱର।
ଅହଂର ଅନ୍ଧାର ଲୁଚି ଗଲେ ଖୋଲିଯାଏ ତା' ଦ୍ୱାର।
ଘର ଭିତରେ କିଏ ?

Source: Author, Digitized by PPRACHIN, SOA

ମୁଁ ଜାଣେ ତୁମେ କଦଳୀ ଖାଇ ନାହଁ, ଖାଇବି ପାରିବ ନାହିଁ। କାରଣ ଘର ଭିତରେ କଦଳୀ ନାହିଁ କି ତୁମ ପାଖରେ ଖାଇବା ପାଇଁ ଗୋଟିଏ ପାଟି ନାହିଁ। କଦଳୀ ପରି ସୁମଧୁର ଓ ସ୍ୱାଦିଷ୍ଟ ଯାହା ଦେଖାଯାଉଛି, ତାହା ଦୁଃଖ। ତାହା ତୁମର ସ୍ୱପ୍ନ।

ବୁଢ଼ାଜେନା ସକାଳେ ରାମଧୂନ୍ କରେ। ରାମକୁ ଡାକେ ? ରାମ ତ ତା' ଭିତରେ ରହିଛି। ଦେହର ଦେଉଳରେ ରାମ ବିନା ଆଉ ଥାଏ କିଏ କି ? ସିଏ କାହାକୁ ଡାକୁଚି ? ରାମ ତ ପ୍ରଭାବ ଗୋଟିଏ। ତା ସହିତ ଦେହ ଭାସିଯାଇଥାଏ। ରାମ ଜୀବନ୍ତ ଗୋଟିଏ ସ୍ରୋତ। ନିଃଶବ୍ଦମୟ ତା' ଛନ୍ଦ। ତାକୁ ଶ୍ରବଣ ପାଇଁ ଦରକାର ନାହିଁ ଇଂଦ୍ରିୟ। ଶ୍ରବଣେନ୍ଦ୍ରିୟ ଯାହା ଶୁଣେ ତାହା ଶବ୍ଦ। ତାହା ନୀରସ। ତାହା ଆହାତ।ରାମ ଅନାହତ।

ରାମ ଅନୁଚାରିତ। ରାମ ଗୋଟିଏ ନାମ ନୁହେଁ, ଗୋଟିଏ ଭାବ।

ମନ ପାଇଁ ଦରକାର ଶବ୍ଦ। ଯେଉଁଠି ଉପସ୍ଥିତ ଥାଏ ଶବ୍ଦ ସେ ସ୍ଥାନ ତ୍ୟାଗ କରିଥାଏ ନିଃଶବ୍ଦ। ସେଠି ଥାଏ ମନ, ନ ଥାଏ ରାମ। ଯେଣୁ ରାମ ଏକ ଭାବ। ରାମ ଏକ ଭୋଗ।

ଜନ୍ମଜନ୍ମ ଧରି ମାନବ ଆଧ୍ୟାତ୍ମିକ ବେମାର। ବୁଢ଼ାଜେନା ଜନ୍ମଜନ୍ମ ଧରି ଆଧ୍ୟାତ୍ମିକ ପୀଡ଼ିତ। ତେଣୁ ସିଏ ଶୁଆପରି ରାମନାମ କରୁଛି ଉଚ୍ଚାରିତ। ସବୁ ଆଧ୍ୟାତ୍ମିକ ରୋଗୀ ଏମିତି 'ରାମ ନାମ ସତ୍ୟ ହୈ' ବୋଲି କହିଥାନ୍ତି। ରାମ ବା ସତ୍ୟକୁ ସାମ୍ନା କଲାଭଳି ସାହାସ ରଖି ନଥାନ୍ତି। ସତ୍ୟମେବ ଜୟତେ ?

ସତ୍ୟର ଜୟ ଯଦି ହେଉଛି, ଅନାସ୍ଥା ପ୍ରସ୍ତାବ ସଂସଦରେ ଆଗତ ବେଳେ ଟଙ୍କା ବିତାର ଦୃଶ୍ୟ ଦୂରଦର୍ଶନ କେମିତି ବିତରିତ କରୁଛି ? ଗୋଟିଏ ଦଳର ଅନ୍ନଖାଇ ଅନ୍ୟଏକ ଦଳର ଗୁଣଗାନ କରି ତିଆରି କରୁଛନ୍ତି ଗଣତନ୍ତ୍ର। ଦଳର ନେତାଙ୍କଠୁ ଏମିତି କୁଆଡେ ନିଆଯାଏ ପ୍ରତିଶୋଧ।

ବେଳେ ବେଳେ ମିଥ୍ୟା ସତ୍ୟଠୁ ହୋଇଥାଏ ଶକ୍ତିଶାଳୀ। ଅସଂଖ୍ୟ ତର୍କ, ଉଦାହରଣ ଓ ପ୍ରମାଣ ହୋଇଥାଏ ଏକାଠି। ପୃଥିବୀଠୁ ବହୁଗୁଣ ବୃହତ ସୂର୍ଯ୍ୟକୁ ଲୁଚାଇ ଦେଇଥାଏ ସାମାନ୍ୟ ଓ ସୀମିତ ଖଣ୍ଡେ ମେଘ।

ଅଂଧାର ନପୁଂସକ। ଆଦୌ ବଳ ନାହିଁ ତା'ର। ଆଦୌ ଅସ୍ତିତ୍ୱ ନାହିଁ ତା'ର। ବିନ୍ଦୁଏ ରଶ୍ମି ତମାମ ଅନ୍ଧକାରକୁ ନେଇଥାଏ ଶୋଷି।

ଅବୈଧ କାମ କାମନା ନରକର ଘାଟ। ନରକକୁ ଗମନ କରିବାକୁ ହେଲେ ତାହାହିଁ ଅଟେ ତୀର୍ଥ।

କାମ ଶରୀରରେ ବନ୍ଧା ଯାଇଛି, ପ୍ରେମ ବଂଧା ଯାଇଛି ମନର ଖୁଣ୍ଟରେ। କାମ ଯେତେବେଳ ଯାଏ ନ ହୋଇଛି ପ୍ରେମ, ମିଳିବ ନାହିଁ ସୁଖ। ଜଳୁଥିବେ, ନିଜକୁ ସନ୍ତୁଳୁ ଥିବେ ମିନା ଓ ମାନସ।

Source: Author, Digitized by PPRACHIN, SOA

ପ୍ରେମ ଯେତେବେଳେ ପର୍ଯ୍ୟନ୍ତ ଭକ୍ତିରେ ନ ବଦଳି ଥିବ ଆନନ୍ଦ ମିଳୁ ନଥିବ, ଦୀପଟିଏ ପରି ସମଗ୍ର ସତ୍ତା ଜଳୁଥିବ । କିନ୍ତୁ କିଛି ଆଲୋକିତ ହେଉ ନଥିବ । ଚତୁର୍ଦିଗ ବ୍ୟାପିଥିବ ଅତୃପ୍ତି, ଅପ୍ରାପ୍ତି ଓ ଅଶାନ୍ତିର ଗାଢ଼ ଅନ୍ଧକାର । ସେଇ ଅନ୍ଧକାର ଭିତରେ ବୁଢ଼ାଜେନା ପାଇଁ ରାମଧୂନ ଏକ ପ୍ରକାର ଅଶ୍ୱାସନା ।

ଏକ ପ୍ରକାର ସହାୟକ ବାଡି । ବୁଡ଼ିଗଲା ମଣିଷକୁ ପାର କରାଇ ଦେବ ନଦୀ ?

ରାମ ତ ସବୁଠି । ରାମ ସହିତ ସଂପର୍କ ସ୍ଥାପନ ପାଇଁ ଦରକାର ଜଣେ ମଧ୍ୟସ୍ଥି । ଯେମିତି ନ୍ୟାୟାଳୟରେ ଦରକାର ଜଣେ ଓକିଲ । ଆରଟି ଓ ଅଫିସ୍‌ରେ ଦରକାର ଜଣେ ଦଲାଲ । ଓଶୋ କହିଲେ-ଗୁରୁ ଦ୍ୱାର, ପରମାତ୍ମା ମନ୍ଦିର ।

ଗୀତାରେ କ'ଣ ଅଛି ? ଛନ୍ଦ ବଦ୍ଧ ଗୁଡ଼ିଏ ପଂକ୍ତି । ସୁଧୁ ଶବ୍‌ଦଙ୍କ ସଭା । ଶବ୍‌ଦ ଦେବ କି ସୁଖ ସ୍ୱାଦ ?

ଗୀତା ତ ନଦୀଟିଏ, ଅମୃତର ନଦୀ । ତା' ଛନ୍ଦରେ ଅମୃତ ପୂରିଛି । ତାକୁ ପଢ଼ିଲେ ପାଇ ହୁଏନି ।

ନଦୀରେ ଅବଗାହନ କରିବାକୁ ପଡ଼ିବ । ନଦୀଜଳରେ ପ୍ରବେଶ କଲେ ତାର ସ୍ୱାଦ ଓ ଶୀତଳ ସ୍ୱଭାବର ହେବ ଅନୁଭବ । ସେଇ ବହନ୍ତା ନଦୀକୁ ଆଖି ଦେଖି ପାରେ ନାହିଁ । ଇନ୍ଦ୍ରିୟ ଅଗୋଚର ଓ ନିଃଶବ୍ଦମୟ ତା' ପ୍ରବାହର ସ୍ୱର । କେବଳ ଗୁରୁ ହିଁ ଦ୍ୱାର । ଗୁରୁ ହିଁ ମଧ୍ୟସ୍ଥି । ତାଙ୍କ ଆଶୀର୍ବାଦର ପାପୁଲି ଯଦି ମସ୍ତକ ଉପରେ ହୁଏ ସ୍ଥାପିତ, ବହନ୍ତା ନଦୀ ହେବ ଦୃଶ୍ୟ । ତହିଁରେ ଅବଗାହନ କରିଥାନ୍ତି ଯୁଗଯୁଗ ଧରିଶିଷ୍ୟ ।

ସତ୍ୟପକ୍ଷୀ ବୁଢ଼ାଜେନାକୁ ପଚାରିଛି, କ'ଣ ଗାଉଛ ? କାହାର ନାମ ? କିଏ ସିଏ ? କ'ଣ ସିଏ ଦେଇ ପାରିବ ତୁମକୁ ? ତୁମ ପାଇଁ ଖୁବ୍ ବଡ଼ ଅହଲ୍ୟାର ପ୍ରେମ ।

ତୁମେ ଅହଲ୍ୟାକୁ ରମ । ରମଣୀୟ ଜୀବନକୁ କରିଦେବ । ମଲେ ଆଉ କ'ଣ ଏ ପିଣ୍ଡ ପାଇବ ?

ପକ୍ଷୀରେ, କେଉଁଠି ତୁ ବସିଚୁ ? କି ଅମୃତ କ୍ଷାରୁଚୁ । ତୋ କୂଜନ ଶ୍ରବଣ କରି ଜୀବନ ମୋ ଧନ୍ୟ ହୋଇ ଯାଉଛି ।

ମୋ ଠୁ ଧନ୍ୟବାଦ ନେ' ।

ମୋ ପେଟ ପୂରି ଯାଉଛି । ନିଃଶବ୍‌ଦରେ ବୁଢ଼ାଜେନା କହୁଚି । ❑

Source: Author, Digitized by PPRACHIN, SOA

– ନଅ –

'.......the state of lobha and the state of dosha, are always accompanied by moha, since moha is the root of evil.'

Le livre des fuites (Eng. The Book of Flights)
-By J.M.G. Le Clezio (ନୋବେଲ୍ ଲରେଟ୍-୨୦୦୮)

ବୁଢ଼ାଜେନା ଉପୁଡ଼ି ପଡ଼ିଲା ! ସିଏ ତ ଛିନ୍ନମୂଳ ନଥିଲା !

ଫକୀରମୋହନ ସୁଢ଼ଳ ଦେବଙ୍କୁ ଚିଠି ଲେଖି ପଚାରିଛନ୍ତି, ଫତେପୁର ଜମିଦାର ରାମ ମଙ୍ଗରାଜ ତ ମଲେ, ତାଙ୍କ ଉତ୍ତରାଧିକାର କିଏ ପାଇବ ?
ତାଙ୍କ ଶଳା, ବିଷ୍ଣୁ ଜେନା !

ସେଇ ବିଷ୍ଣୁ ଜେନାଙ୍କ ସୁପୁତ୍ର ବୁଢ଼ାଜେନା, ଅସ୍ତ ହୋଇଗଲା ! ନଦୀର ଛନ୍ଦରେ ଲିଭିଗଲା ତା' ଦର୍ପ ଓ କର୍ମର ଅକର୍ମ !

ଦେହର ପଞ୍ଜୁରୀ ଭିତରେ ଆତ୍ମାର ଫୁଲ ଫୁଟିଚି, ତାକୁ ଚୁମି ଦେ' ମଧୁମକ୍ଷୀ ! ତାକୁ ଚୁମି ଦେ ! ଧନ୍ୟ ହୋଇଯାଉ ତୋର ଜୀବନ ବୃକ୍ଷଟି !
କୃଷ୍ଣବର୍ଣ୍ଣର ପକ୍ଷୀଟିଏ ଅନ୍ତରୀକ୍ଷରେ ମେଲିଚି ସ୍ୱପ୍ନର ଡେଣା !

ତଳେ ତାର ସଫେଦ୍ ନୀଳ ମାଳ ମାଳ ବଉଦର ଝୀନ ଉତ୍ତରୀୟ ! ଥାକ ଥାକ ଗିରିଶୀର୍ଷ, ପୃଥିବୀର ସ୍ତନ ! ମହାଶୂନ୍ୟରେ ଭାସୁଚି ଈଗଲ !

ବୟସ୍କା ହେଲେ ବି ଏଇ ପୃଥିବୀଟା ପୁଣି ଏତେ ସୁନ୍ଦରୀ ? କାମୁକୀ କାମୁକୀ ବୋଧ ହେଉଛି ! ପୁରୁଷର ଆଖି ଶ୍ୟାମଳୀ ପୃଥିବୀକି ଅନେଇଚି !

Source: Author, Digitized by PPRACHIN, SOA

ପ୍ରକୃତରେ ପକ୍ଷୀ ନୁହେଁ ସିଏ, ପଶୁ ! ମୃତ୍ୟୁଦେବଙ୍କ ବାହାନ କରୁଥାଏ ଗମନ !
ମହିମାର ପୁଲକରେ ଉଦ୍‌ବେଳିତ ସତ୍ୟପକ୍ଷୀ ଅଶ୍ରୁ ଢାଳୁଛି !
'ଅଦ୍‌ଭୁଥାନମ୍ ଧର୍ମସ୍ୟ ସୃଜାମ୍ୟହମ୍' !.........
କଳାପଟାରୁ ପୋଛି ଦେବ ପାପର ଅକ୍ଷର ? ପ୍ରଭୁ, କି ପ୍ରତିଶ୍ରୁତି ତୁମର !

ଶାନ୍ତି ପ୍ରଦୂଷିତା !
ଧର୍ମକୁ ରାସ୍ତାଘାଟ, ବଜାର, ସିନେମାହଲ୍, ରୋଷେଇଘର କେଉଁଠି ଯେ କରାଯାଉନାହିଁ ଧର୍ଷଣ ? ଇଲିୟଟଙ୍କ ଟାଇପିଷ୍ଟ ଧର୍ଷିତା ହେବାକୁ ବଞ୍ଚୁଛି ! ଦେବତା ନିସ୍ତେଜ ! ସୁବର୍ଣ୍ଣଗିରି ଗୁମ୍ଫାରେ କରିଛନ୍ତି ଆତ୍ମଗୋପନ !

ବାବ୍ରୀ ମସଜିଦ୍ ଭାଙ୍ଗ, ରାମ ମନ୍ଦିର ତୋଳ; ମିଳିବ ଭୋଟ ! କୁଟନୀତିର ସୂର୍ପନଖା ରାମେଶ୍ୱର ସେତୁ ତଳେ କରୁଛି ଜଳଲୀଳା ! ନାରୀଟି ପୂରା ନଙ୍ଗଳା ! ଦେବ ଆଦୌ ନଥିଲେ ! ଦେବଙ୍କ ପାଇଁ ବାବା ଓ ମାତାମାନେ ସଭାମାନ କରି ଚାଲିଥିଲେ !

ସେହିଦିନ : ଯୌବନ ମଦ୍‌ମତ୍ତା ରାକ୍ଷସ କୁମାରୀ ଏକ ହୋଇଥିଲା ଚତୁର୍ଦ୍ଦଶ ବର୍ଷ ବୟସ୍କା !
ବିବସନା ହୋଇଯାଉଥିଲା ତାର ଇଚ୍ଛା !
ଅସୁତୁରା ଅସୁରୀ ବାଳିକା ମଡ୍ ମାଡ୍ ଭାଙ୍ଗିଗଲା ଅସଂଖ୍ୟ ବୃକ୍ଷଙ୍କ ଶାଖା !
ନଷ୍ଟ କଲା ଯଜ୍ଞକୁଣ୍ଡ, ତପଭୂମି,ସମୀଧ ଓ ଶିଶୁମୁନି ମାରିଲା ଅନେକ !
ଯୁବାମୁନି ଶୋଣିତ ପୋଷ ପୋଷ ପ୍ରଶମିତ କଲା ନାହିଁ ତା ଦୁଷ୍କାମୀର ଶୋଷ !
ତା ପଦାଘାତରେ ବୟସ୍କ ତପସ୍ୱୀ କେତେ ହରାଇଲେ ଜୀବନ ପୁଷ୍ପ !
ଅକାଳରେ ଅମାବାସ୍ୟା ମେଲିଲା ତା' କୃଷ୍ଣ ଡେଣା !
ତ୍ରାହି ନାରାୟଣ ! ତ୍ରାହି ନାରାୟଣ....ପବନରେ କରୁଣ କ୍ରନ୍ଦନ ! ଉର୍ଦ୍ଧ୍ୱକୁ ଟେକିଲା ଆସ୍ପୃହାର ଶିଖା !
ନାରାୟଣ, ଏବେ କ'ଣ ସମୟ ଆସିନି ? ନା' ଏହା ଥିଲା ଆମରି ପ୍ରାରବ୍ଧ ? ପ୍ରାରବ୍ଧର କୃଷ୍ଣ ରେଖାକୁ କ'ଣ ଆଜି ପର୍ଯ୍ୟନ୍ତ ଲିଭାଇ ପାରି ନାହିଁ ତପ ? ନାରାୟଣ ତୁମେ ତ ଆର୍ତ୍ତତ୍ରାଣ ! ଆର୍ତ୍ତଜନଙ୍କ ଡାକ ସ୍ପର୍ଶ କରୁନାହିଁ ତୁମ କର୍ଣ୍ଣ ? ହେ ମାଧବ, ସମ୍ବରଣ କର ଏଇ ଖେଳ ! କି ଲୀଳା ତୁମର ! !
କାଳର ଏ କି ଲୀଳା, ପ୍ରଭୁ ? ତୁମେ ଯେ ମହାକାଳ ! ଏଇ କାଳୀ ମହିଷୀ ଦର୍ପରୁ ଆକୁଳ ଋଷିକୁଳ ତୁମକୁ କରୁଛୁ ଆବାହନ ! ହେ ଶତ୍ରୁସୂଦନ, ଆମ୍ଭେ ସ୍ତୋତ୍ରକାରୀ ତୁମର ! ଭକ୍ତ ପାଇଁ ଇଏ କେଉଁ ପ୍ରକାର ପରୀକ୍ଷା ତୁମର ?
ତୁମେ ତ ଦେଇଥିଲ ପ୍ରତିଶ୍ରୁତି, ଦୁଷ୍କୃତକୁ ମାରିବ, ସାଧୁଙ୍କୁ ତାରିବ, ଚିରକାଳ ଧର୍ମର ସଂସ୍ଥାପନ କରିବ ? ଏବେ ସାଧୁଙ୍କୁ ମାରୁଚ ? କେଉଁ ଅପରାଧ ପାଇଁ ପ୍ରଭୁ ଏ ଦଣ୍ଡରେ ଦଣ୍ଡିତ କରୁଛ ?

Source: Author, Digitized by PPRACHIN, SOA

ଯଜ୍ଞ, ଜୀବ ଓ ତପ ନଷ୍ଟ ହେଉଛି। ତୁମ ଶକ୍ତିକୁ ଚତୁଷ୍ପଦୀଟିଏ ସ୍ପର୍ଦ୍ଧାର ସହିତ କରୁଛି ଅପମାନିତ। ଆଉ କେତେ ଧ୍ୱଂସ କଲେ, ପ୍ରଭୁ, ଧର୍ମର ଘଟିବ ଗ୍ଲାନି, ଅବତରିତ ହେବ ତୁମେ, ଭାର ଶୂନ୍ୟ ହୋଇବ ମେଦିନୀ?

ଚତୁଷ୍ପଦୀ ଯୁବତୀ ମହିଷୀ, ପୁଚ୍ଛ ଟେକି ତପୋଭୂମିକୁ ପ୍ରସାରିତ ଶୃଙ୍ଗରେ ତାଡ଼ି ଦୂରକୁ ଫିଙ୍ଗୁଛି । ମଦ୍‌ମତ୍ତା ଦୁଷ୍ଟା ମହିଷୀ ଦର୍ଶନ ଗଗନଗାମୀ ମହିଷ କରିଛି।

ଦାମୀ ଜିନ୍ ପ୍ୟାଣ୍ଟ ଭିତରେ ଫର୍ଚ୍ଚା ପିଚା। ମେରୁଦଣ୍ଡ ତଳ ମେଲା । କେଉଁ ବିଦେଶୀ ବ୍ରାଣ୍ଡର ଗଞ୍ଜି ବକ୍ଷୋଜକୁ ତା' ଆକୃତିଠୁ ଆହୁରି ପୃଥୁଳ କରିଛି। ଓଠ ଦୁଇଟା ଅସମ୍ଭବ ନାଲି।

ନାରୀ ନୁହେଁ, ନରକର ଫୁଲ ଫୁଟିଚି।

ସନ୍ଧିକାଳରେ ସଂସ୍କୃତି ବିଶ୍ୱାୟନକୁ ସେକ୍ସ ମାଗୁଚି ଏବଂ ବିଶ୍ୱାୟନ ସେନସେକ୍ସ ଯାଚୁଚି। କଳା ଟଙ୍କାର କି କମାଲ୍ । ଯୁବା ମହିଷୀ ପୁଚ୍ଛ ଟେକି ଧ୍ୱଂସର ନୃତ୍ୟ ରଚୁଛି। ମୁକ୍ତ ମଳଦ୍ୱାର ତଳେ ଦୀର୍ଘ ବେଙ୍ଗଟିଏ ଦ୍ୱିତୀୟ ସ୍ୱର୍ଗର ଦ୍ୱାର ଆବୋରି ବସିଛି । ମହିଷର ନଜର ସ୍ଥିର।

ମହୁରେ ତିଆରି ଆହା କି ମାଦକତା। କେବଳ ନିବିଡ଼ ରମଣରେ ହିଁ ତାର ନିରାକନା ।
ଏମିଲି ଜୋଲାଙ୍କ ପ୍ରସିଦ୍ଧ ଉପନ୍ୟାସ: ଦି ଆର୍ଥ।
ଗାଈ ସଙ୍ଗେଇବାକୁ ଯାଇଛି ଚରିତ୍ର ଯେଶସ୍, ତା' ବାନ୍ଧବୀ ଜଣେ ତା' ସହିତ। ଫେରନ୍ତି ରାସ୍ତାରେ ଗାଈ ସଙ୍ଗମ ସ୍ମୃତିରେ ହଜିଗଲେ ଦୁହେଁ।

ବୃଷଭର ଗୋଟିଏ ଧକ୍‌କାରେ ଗାଈ ହାମୁଡେଇ ପଡ଼ିଗଲା ତଳେ। ଆଣ୍ଠୁମାଡ଼ି ଉଠିଲା ବେଳକୁ ସେକେଣ୍ଡ ଯର୍କ। ଚିର୍‌ଚିରେଇ ଉଠିଚି ଗାଈ । ମିଲିଟନଙ୍କ ନଷ୍ଟ ପାରାଡାଇଜକୁ ଫେରି ପାଉଛି। ଠିକ୍ ସେମିତି ଗୋଟିଏ ଯର୍କରେ ବାନ୍ଧବୀଙ୍କୁ ଯେଶସ୍ କରିଛି ଧରାଶାୟୀ ।

ମହିଷୀ ବିକଳରେ ଚିତ୍କାର କରୁଛି। ମହିଷର ବଳିଷ୍ଠ ଆଗ ପଦ ଦୁଇଟି ତା' ପିଚାକୁ ଶକ୍ତ ଭାବେ ଚାପି ଧରିଛି। ଉନ୍ମୁକ୍ତ ଆଁ ଭିତରେ ଦୃଷିତ ତ୍ରିକାଳ ହୋଇଯାଉଥାନ୍ତି ଏକ କାଳ । ଭବିଷ୍ୟତ।

ଅସୁର ଓ ଅସୁରୀଙ୍କ ବଳପୂର୍ବକ ଧର୍ଷଣ ହିଁ ସାମାଜିକ। ପାଶବିକତା ସେମାନଙ୍କ ସ୍ୱଭାବ।

ଇନ୍ଦ୍ରର ବଜ୍ର ଯେମିତି ଜରାୟୁର ଆକାଶକୁ ଚିରୁଚି। ରାକ୍ଷସୀ କୁହାଟ ପରେ କୁହାଟ ଛାଡ଼ିଛି। ପୁଲକିତ ବିହ୍ୱଳ ମହିଷ ସଂପର୍କର ବେଗକୁ ତୀବ୍ରରୁ ତୀବ୍ରତର କରୁଛି । ସ୍ୱର୍ଗଦ୍ୱାର ଭିତରୁ ସୁଖର ତରଳ ସ୍ରୋତ ଭିତରେ ଦାରୁଖଣ୍ଡପରି ପିଚିକି ଖସିଆସିଲା ଭାସମାନ ବିଶାଳ ଏକ ତରଳ କୃଷ୍ଣକାୟ। ଆକୃତିବିହୀନ ଜର୍ଜରିତ ବିଶାଳ ଲାଳ ପିଣ୍ଡକୁ ପବନ ଓ ଆଲୋକର ପାପୁଲି ତିଆରି କରିଦେଲେ ଗୋଟିଏ ଆକୃତି।
ବୁଜି ବୁଜି ହୋଇ ଆସିଲା ଅସୁରୀର ଆଖି।

Source: Author, Digitized by PPRACHIN, SOA

ତେବେ ଏଇ ତାର ସୂର୍ଯ୍ୟାସ୍ତ ? ସୌର ରଶ୍ମିର ରଙ୍ଗ ଏତେ ଘନନୀଳ ? ନୀଳରଶ୍ମିର ନଦୀଟିଏ ନୂଆ ଛନ୍ଦରେ ପ୍ରବାହ ରଚିଲା ତା' ଚେତନାର ଭୂମିରେ ।
ଧ୍ୟାନସ୍ଥ ମୁନି ।
ସିଏ ପ୍ରତିଶ୍ରୁତିବଦ୍ଧ, ଭାଙ୍ଗିବ ବାବ୍ରୀ ମସ୍‌ଜିଦ୍ ! ତା' ନ ହେଲେ ସ୍ୱର୍ଗକୁ ବିପଦ !
ଯୁବତୀ ଅପସରୀ ! କାଞ୍ଚୁଲୀ ବେଷ୍ଟିତ ବକ୍ଷୋଜ ପଦ୍ମ ଭାରରେ ବିଭିନ୍ନ ମୁନି ଅଙ୍ଗକୁ କଲା ପୀଡ଼ିତ ! କଦମ୍ବ ପୁଷ୍ପର ସୁବାସିତ ପାପୁଲି ! ସ୍ପର୍ଶରେ ତା' ଶୁଷ୍କ କାଷ୍ଠ ହୋଇଉଠେ ଶ୍ୟାମଳ ! ମୁନି ତ ମାଂସର ଶରୀର !
ମଦ୍‌ମତ୍ତା ଅପ୍‌ସରୀ କାଦମ୍ବରୀ ସିକ୍ତ ଆରକ୍ତ ଓଷ୍ଠ ଦୁଇଟିରେ ମୁନି ମୁଖ ପଲ୍ଲବକୁ କଲା ଆଚ୍ଛନ୍ନ !

କିଏ ..... କିଏ ତୁ ? କି ଆସ୍ପର୍ଦ୍ଧା ତୋର !

ମୁଁ ତୃଷିତା, ଉତ୍ତପ୍ତ ମାଟି ! ପ୍ରୀତି ମାଗୁଚି ! ମତେ ପ୍ରୀତି ଦିଅ ମୁନି ! ଏଇଠି ଏମିତି ମୁଁ ସମର୍ପିତ କରି ଦେଉଛି ମୋ ଦେହର ପୁଷ୍ପଟି ! ନିଅ, ପ୍ରିୟ.... !

କାମୁକୀ, ଅଶୋଭନୀୟା, ଅଲକ୍ଷୁକା,ସ୍ଖଳିତା ! ସ୍ୱର୍ଗ ସୁଖ ଓ ଭୋଗରୁ ହୁଅ ବଞ୍ଚିତା ! ଭୋଗ କର ମହୀ ! ଚତୁର୍ଦ୍ଦଶ ବର୍ଷ ରାକ୍ଷସୀ ହୋଇ ଦେହ ଭୋଗ ! ଯେଉଁଦିନ ହେବ ମୈଥୁନିତା, ହେବ ଶାପ ମୋକ୍ଷ !

ମୁନି ... କି ଆସ୍ପର୍ଦ୍ଧା କଲେ ହେ ତପୋନିଧି ! ଏହି ତପ ଅହଂ ପାଇଁ ତୁମକୁ ବି ହେବ ଭୋଗ କରିବାକୁ ଯାତନାର ମେଦିନୀ !

କାମବିମୁଖ ହେ ପୁରୁଷ, ଯେଉଁଦିନ ହେବ ତୁମେ କାମ ପଣ୍ଡିତ, ସଂସାରୀଙ୍କ ପାଇଁ ରଚନା କରିବ 'କାମସୂତ୍ର', ଲଭିବ ମୋକ୍ଷ ! ତୁମ ନାମ ହେବ ବାତ୍ସାୟନ ! କଳିଯୁଗ ପର୍ଯ୍ୟନ୍ତ ବାରମ୍ବାର ତୁମେ ନେବ ଜନ୍ମ ! ଜନ୍ମ, ଜୀବନ ଓ ମୃତ୍ୟୁକର ଭୋଗ !
ସେହି କାମୁକୀ ଅପ୍‌ସରୀ ମୁଁ, ଫେରୁଚି ସ୍ୱର୍ଗପୁରୀ ?
ନିର୍ଗତ ଲାଳ ସ୍ରୋତ ନେଲା ଝଡ଼ର ଆକୃତି ! ଶୂନ୍ୟରୁ ମହାଶୂନ୍ୟକୁ ବ୍ୟାପୁଛି !

ସ୍ତବ୍ଧ ହୁଅ, ମୁଁ ତୋର କୁଳଗୁରୁ କରୁଛି ଆଦେଶ ! ଆଦେଶିଲେ ଶୁକ୍ର ! ମୋ ଆଶ୍ରମକୁ ଆସ !

ମସ୍ତକ ମହିଷ, ଶରୀର ମନୁଷ୍ୟ, ଗ୍ରହଣ କଲା ଶିଷ୍ୟତ୍ୱ ! ତପସ୍ୟା ଓ ଆଚରଣରେ ବ୍ରହ୍ମାଙ୍କୁ କଲା ସନ୍ତୁଷ୍ଟ !
ମୋତେ ଯୁଦ୍ଧରେ କୌଣସି ପୁରୁଷ ପରାସ୍ତ କରିପାରିବେ ନାହିଁ !
ତଥାସ୍ତୁ !
କୁଚକ୍ରୀ ବିଷ୍ଣୁ ହସ୍ତରେ ଘଟିବ ନାହିଁ ମୋ ମୃତ୍ୟୁ !

Source: Author, Digitized by PPRACHIN, SOA

ତଥାସ୍ତୁ !
ଶିବ ମୋତେ ବଧ କରିପାରିବେ ନାହିଁ !
ତଥାସ୍ତୁ !
ମୁଁ ସ୍ୱର୍ଗଭୋଗ କରିବି !
ତଥାସ୍ତୁ !

ହେ ବ୍ରହ୍ମଦେବ, ଆପଣଙ୍କ ଅସ୍ତ୍ରରେ ମଧ ମୁଁ ଲଭିବି ନାହିଁ ମୃତ୍ୟୁ; ମୋତେ ଏହି ବର ଦିଅନ୍ତୁ !

ତଥାସ୍ତୁ ! କିନ୍ତୁ ବତ୍ସ.... ସଂସାରରେ ଯିଏ ନିଏ ଜନ୍ମ, ତାକୁ ଦିନେ ସଂସାର କରିବାକୁ ହୁଏ ତ୍ୟାଗ ! ସିଏ ଯେଉଁଠାରୁ ଆସିଥାଏ ସେହିଠାକୁ କରିଥାଏ ପ୍ରତ୍ୟାଗମନ, ତୋତେ ବି ଦିନେ ନା' ଦିନେ ସେହିସ୍ଥାନକୁ ଫେରିବାକୁ ପଡ଼ିବ, ପୁତ୍ର !

ହଁ, ମୁଁ ଫେରିବି ! ମୋ ଆସିଥିବା ସ୍ଥାନ ନ ଦେଖିବା ପର୍ଯ୍ୟନ୍ତ ମୁଁ ଫେରିପାରିବି ନାହିଁ, ବ୍ରହ୍ମଦେବ !

ତଥାସ୍ତୁ ! ତେବେ କହ ପୁତ୍ର, ତୁ କେଉଁଭଳି ଭାବରେ ମୃତ୍ୟୁକୁ ଆଡୁଆଳ କରି ଚାହୁଁଚୁ ବଞ୍ଚିବାକୁ ଜୀବନ ?

ମୁଁ ବଞ୍ଚିବି ନୁହେଁ, ପାପୁଲିରେ ପୋଛି ଦେବି ଦେବ ଶବ୍ଦ ! ସଂସାର ଅସୁରଙ୍କ ହେବ ଅଧିକୃତ ! ବିଶେଷତଃ କଳିଯୁଗରେ ଅସୁରମାନେ ମାନବ ରୂପରେ ହେବେ ଆବିର୍ଭୂତ ! ମାନବ କଳେବରରେ ଆତ୍ମଗୋପନ କରିଥିବା ଦେବବୃନ୍ଦ ହେବେ ପୀଡ଼ିତ ! ଅସତ୍ୟ ଓ ଅସୁରର ହେବ ଜୟ ଜୟ କାର !
ଅନ୍ୟାୟ, ଅନାଚାର ଓ ପାପର ମୈତ୍ରୀରେ ଶାସିତ ହେବ ପୃଥ୍ୱୀ !
ମୁଁ ମହିଷାସୁର, ଆଦେଶ କରୁଛି !
କୁଜ୍‌ଝଟିକା ବ୍ୟାପିଗଲା ସାରା ଅନ୍ତରୀକ୍ଷ ! ସୂର୍ଯ୍ୟ,ଚନ୍ଦ୍ର, ନକ୍ଷତ୍ର ଓ ଅଗ୍ନି ହୋଇଗଲେ ନିରୁଦ୍ଦିଷ୍ଟ ! ସମୁଦ୍ର ଲଂଘନ କଲା କୂଳ ! ତ୍ରିଲୋକ ତ୍ରାସ ଓ ଅନ୍ଧକାରାଚ୍ଛନ୍ନ !

ଶରତ କାଳ !
ଚାଲିଛି ମୃଣ୍ମୟୀ ଶାରଦୀୟାଙ୍କ ଆରାଧନା !
ଖଡ୍‌ଗ ଚୋଟରେ ଛିଡ଼ିପଡ଼ିଛି ମହିଷ ମୁଣ୍ଡ ! ଛଟପଟ ହେଉଥିବା ମହିଷକୁ ପାଦରେ ଦଳି ସିଂହ ବସାଇଛି ଅସୁର ଜାନୁସ୍ତମ୍ଭରେ ତା ଶକ୍ତ ଖୋଜ ! ତ୍ରିଶୂଳ ଭେଦ କରିଛି ପ୍ରଶସ୍ତ ବିଶାଳ ବକ୍ଷ ! ବିସ୍ମୟ ବୋଳା ଚକ୍ଷୁ ଯୁଗ୍ମ ! ଅସୁର ଅବଲୋକନ କରୁଛି ଦେବୀଙ୍କ କୁମାରୀ ମୁଖ ! ସ୍ମୃତିର ଫର୍ଦ୍ଦ ଫିଟୁଚି ! ଆହାତ ପ୍ରକାଣ୍ଡ ଶରୀର ତାର ଅବଶ ହୋଇ ଆସୁଛି ! ଯେମିତି ଶ୍ରାବଣ ଶେଷର ଆଶ୍ୱିନ ଡେଣା ମେଲାଉଛି !

Source: Author, Digitized by PPRACHIN, SOA

କାଶତଣ୍ଡୀର ରୂପା ହସ ଚମକୁଛି, ଏମିତି ଆଷାଢ଼ରେ ତ' କେବେ ଚମକି ନଥିଲା ବିଜୁଳୀ। ତା'ହେଲେ, ତୁମେ ଧରାବତରଣ କରିଛ ? ପ୍ରଣାମ ନିଅ ମୋ, ମା ।
ରଥାରୂଢ଼ ସିଏ ପ୍ରବାଳ ପରାକ୍ରମରେ ଉଠି ଯାଇଥିଲା ଆକାଶ ମଣ୍ଡଳକୁ । ଶୂନ୍ୟ ରଥାରୂଢ଼ା ସହସ୍ର ହସ୍ତରେ ଧାରଣ କରି ସହସ୍ର ଧନୁ କରୁଥିଲେ ଶର ବର୍ଷା । ବିବଶ ଓ ଅବଶ ସିଏ କରିଦେଲା ତାଙ୍କୁ ଆକ୍ରମଣ କରି ଚତୁର୍ଦ୍ଦିଗ । ଦେବୀ ଅନୁଭବ କଲେ ତୃଷା।
ମା' ତୁମେ ତ ସ୍ୱୟଂ ତୃଷା, କେମିତି ହେଲ ତୃଷିତା ?
ଉନ୍ମୁକ୍ତ ବିତ୍ରସ୍ତ କୁନ୍ତଳା, ମହାଭୟଙ୍କରା । ଦେବଗଣ ତୋଳିଦେଲେ କରକୁ ତାଙ୍କର ଆସବ କଳସ । କି ଟହ ଟହ ହାସ୍ୟ । ମହିଷାସୁର ମସ୍ତକଠୁ ଆଉ କେତେ ଯୋଜନ ଉର୍ଦ୍ଧ୍ୱକୁ କ୍ରୋଧିତା ଦେବୀ ଗଲେ ଉଠି, ମହାଶୂନ୍ୟକୁ ।
ପ୍ରଳୟଙ୍କରୀ ବିଦ୍ୟୁତ୍‌ସ୍ରୋତ ଯେମିତି କ୍ଷୁଧିତ ଧ୍ୱଂସର ମୂର୍ତ୍ତି ଧାରଣ କରିଛି ।
ବ୍ରହ୍ମା, ବିଷ୍ଣୁ ଓ ଶିବ, ଯେମିତି ମୂର୍ତ୍ତିତ୍ରୟ ଏକତ୍ର ଫେଣ୍ଟି ହୋଇ ସଂହାର ମୂର୍ତ୍ତି ଧାରଣ କରି ଉର୍ଦ୍ଧ୍ୱକୁ ଉଠୁଛନ୍ତି। ଉର୍ଦ୍ଧ୍ୱକୁ ଉଠୁଛି ଏକ ନବୀନ ସୂର୍ଯ୍ୟ । ଅନ୍ଧକାର ଭିତରେ ଝଲସୁଛି ଏକ ଅପୂର୍ବ କମନୀୟ ଅଙ୍ଗ।
ଆସବ ପ୍ରମତ୍ତା ରଣରଙ୍ଗିନୀଙ୍କ ବସ୍ତ୍ର ହଠାତ୍ ପବନ ପାଦଠୁ ଟେକି ଦେଲା ଉର୍ଦ୍ଧ୍ୱକୁ ।
ଦେବତାଙ୍କ ଆଦେଶ।
ବକ୍ଷରେ ନଥିଲା ବାସ, ଉନ୍ମୁକ୍ତ ବକ୍ଷୋଜ, ଉଲଗ୍ନ ଜଘନ, ଶ୍ରୋଣୀ ଓ ବିମୁକ୍ତ ସୃଷ୍ଟିର ଦ୍ୱାର।

ହଠାତ୍ ବଜ୍ରପରି ବକ୍ଷରେ ତା'ବସିଲା ତ୍ରିଶୂଳ।ତୁଟିଗଲା ମୋହବନ୍ଧ,ଛିଣ୍ଡିଗଲା ସଂଶୟର ଫାଶ।
ପରମ ଦୟାବତୀ, ଅନ୍ଧକାର ବିଧ୍ୱଂସିନୀ,ମା' ତୁମେ ଆସିଛ। ତୁଟିଗଲା ମୋ ଅହଂର ସ୍ୱପ୍ନ, ଭାଙ୍ଗିଗଲା ଦର୍ପର କାଚ ଗ୍ଲାସ୍।

ଯେଉଁଠୁ ମୋ ଜନ୍ମ, ମୃତ୍ୟୁବେଳେ ଜନ୍ମସ୍ଥାନ କରିବି ଦର୍ଶନ । ଅଯୋନି ସଂଭୂତା ନାରୀ ଏକ ବଧିବ ମୋତେ ।।
ବୈଷ୍ଣବ, ପାଶୁପତ ଓ ବ୍ରହ୍ମଅସ୍ତ୍ର ଏକ ହୋଇ କରିବେ ବିଦ୍ଧ । ଏଇ ତୁମ ତ୍ରିଶୂଳ ଆୟୁଧ । ଅସତ୍ୟ ଆଉ ଆଢୁଆଳ କରି ରଖିପାରିବ ନାହିଁ ସତ୍ୟକୁ । ଯେତେ ଶକ୍ତିଶାଳୀ ହେଲେ ମଧ୍ୟ ହେବ ଭୂପତିତ ।
ମାନବ ଦେହ ଏକ ପବନର ଛାଇ ।
ସଂସାର ଅଭିନୟର ଭୂଇଁ । ସବୁ ସ୍ପର୍ଦ୍ଧାକୁ ଧୋଇନିଏ ମହାକାଳର ନଈ ।
ସେହି ମହାକାଳର ନଈଙ୍କ ଉଦ୍ଦେଶ୍ୟରେ ସତ୍ୟପକ୍ଷୀ ହେଲା ଯୁକ୍ତ ହସ୍ତ ।
ମା' ଏ ସଂସାର ତୁମରି ତ । ତାକୁ ସୁସ୍ଥ ରଖ । ❑

Source: Author, Digitized by PPRACHIN, SOA

-ଦଶ-

'ହେ ରଶ୍ମି, କ୍ରୀଡ଼ାକର, ପ୍ରକାଶ ହୁଅ' !

ରଗ୍‌ବେଦ, ୫-୧୯

ନବବାବୁ ପଚାରିଲେ, କ'ଣ କରୁଛ ?

ମୁଁ ଉତ୍ତର ଦେଲି, ଲେଖକ ବି ଜଣେ ଯଂତ୍ରୀ, ସିଏ ମଣିଷର ଆତ୍ମାକୁ ଗଢୁଛି ! ଜଡଯନ୍ତ୍ର, ସୌଧ, ସେତୁ, ସ୍ତୂପ ଓ କଂପ୍ୟୁଟର ତିଆରି କରେ ବୈଜ୍ଞାନିକ ! ଲେଖକ ଯେଉଁ ବିଜ୍ଞାନ ରଚନା କରେ ତାହା ତା' ଆତ୍ମାର ଅନୁଭବ ! ଶୂନକୁ ପୂର୍ଣ୍ଣ କରିଦେବା ଭାବ ! ଲେଖକ ପାଖରେ ଥାଏ ଭଲ ପାଇବାର ଗଣିତ ! ଗଣିତ ଚିରକାଳ ସକାରାତ୍ମକ ! ସେଇ ଗଣିତରେ ବଂଧା ଯାଇଥିଲା ନଦୀର ଛଂଦ ! ବିଜ୍ଞାନ ଜଡ ଜଗତର ଅଧ୍ୟୟନ ! ନକାରାତ୍ମକ ! ଜୀବନ ଶୂନ୍ୟଟିଏ !

ଗୋଟିଏ ବିଂଦୁରୁ ବୃତ୍ତର ଆରମ୍ଭ ହୁଏ, ଅନ୍ୟ ଏକ ବିଂଦୁଠି ସମାପ୍ତି ! ବୃତ୍ତତ ସେଇ ଶୂନ ! ଶୂନ ପାଖରେ ଏକ ବସିଲେ ଶୂନର କିଛି ମୂଲ୍ୟ ନଥାଏ ! ଯଥା:୦୧ ! ପୁନଶ୍ଚ-ଏକ ପାଖରେ ଶୂନ ବସିଲେ ଶୂନ ଏକ ର ମୂଲ୍ୟକୁ ଦଶଗୁଣ କରିଦେଇଥାଏ ! ଯଥା: ୧୦ ! ଶୂନକୁ ଚିହ୍ନୁଥିଲା ମିନା ! ଏକ(୧)ର ବାସ୍ତବତାକୁ ଯେତେବେଳେ ବୁଝିଯିବ ଜୀବ, ଜୀବନ ଅର୍ଥପୂର୍ଣ୍ଣ ହୋଇଯିବ ! ତା' ନ ହେଲେ ଏକ ଶଙ୍କ ବୋଝ ହୋଇଥିବ ! ଜନ୍ମ ଓ ମୃତ୍ୟୁ ବିଂଦୁ ଦୁଇଟିର ସଂଯୋଗ ରେଖା ଜୀବନ ! ସେଇ ଜୀବନର ମୋହରେ ସିଏ ନ ହୋଇଛି କି ମୋହିତ ! ମାନସ ଥରେ ତାକୁ ବୁଝାଇ ଦେଇଥିଲା, ଜୀବନର ଅଚିହ୍ନା ଅଂଶତକ ଅସୀମ ! ମୃତ୍ୟୁପରେ ଏବଂ ପୁନଃ ଜନ୍ମ ପୂର୍ବରୁ ସେଇ ଅସୀମକୁ କରିଥାଏ

Source: Author, Digitized by PPRACHIN, SOA

ଭୋଗ। ଆତ୍ମା ସେଇଠି ଚିହ୍ନିଥାଏ ଅନନ୍ତକୁ। ସହଜରେ କେହି ମାପି ପାରି ନଥାଏ ସେଇ ବିଶାଳ ଗତି ପଥର ଆୟୁଷକୁ। କିନ୍ତୁ ଭୋଗ କରିଥାଏ। ସେଇ ଭୋଗ ତାହାର ଧାର୍ଯ୍ୟ। ତାହା ତା’ କୃତ କର୍ମର ଫଳ। ଯେମିତି ଏକରେ ଏକ ମିଶିଲେ ଦୁଇ ହୁଏ ଏବଂ ଏକରୁ ଏକ ବିଯୁକ୍ତ କଲେ ରହେ ଶୂନ।

ଏହା ଗଣିତ ନୁହେଁ, ସାଂଖ୍ୟ।

ଆତ୍ମା, ମନ, ପ୍ରାଣ ଓ ଇନ୍ଦ୍ରିୟ ସହିତ ସୂକ୍ଷ୍ମ ଦେହ ଭୋଗ କରିବ ସୁକର୍ମର ଫଳ ଦ୍ରାକ୍ଷାପରି ମିଠା। କୁକର୍ମର ଫଳ କଞ୍ଚାଲଙ୍କା ଆହାର ପରି ଭୀଷଣ ଦେବ ପୀଡ଼ା। ଧ୍ୱନିର ପ୍ରତିଧ୍ୱନିପରି ପ୍ରତ୍ୟେକ କର୍ମର ଥାଏ ଫଳ ଭୋଗ। କର୍ମଣ୍ୟେ ବାଧିକାରସ୍ତେ .....। ମନୁଷ୍ୟ କର୍ମ ଯୋଗୀ ଓ କର୍ମ ଫଳ ତା’ ହସ୍ତରେ ନଥାଏ।

ଜୀବନ ତ ଡଙ୍ଗାଟିଏ କର୍ମଫଳର ସ୍ରୋତରେ ଭାସୁଥାଏ।
ଆତ୍ମା ଚିରଂଜୀଂବୀ।
ସତ୍ୟ ଚିରଂଜୀଂବୀ।
ଆତ୍ମା ଅମୃତ। ଦେହ ପଂଚଭୂତ।

ଭୂତମାନେ ଦୁର୍ବଳ ହେଲେ, ରୁଗ୍ଣ ହେଲେ, ନିରାମୟ ଓ ସଂଜୀବୀତ ହେବାକୁ ପଳାୟନ କରନ୍ତି ମା’ କୋଳକୁ। ଯେମିତି ସବୁ ବର୍ଷା ଜଳ ଫେରି ଯାଇଥାଏ ସମୁଦ୍ରକୁ।

ପୋଷାକ ଖୋଲିଦେବା ପରେ ଅବଶିଷ୍ଟ ରହେ ଯାହା, ତାହା ଲଙ୍ଗଳା। ଆସିଛୁ ଲଙ୍ଗଳା ହୋଇ ଯିବୁ ତୁ ଲଙ୍ଗଳା। ମଝିରେ ଯେଉଁ ଚାଖଣ୍ଡେ ଜୀବନ, ତା’ ପାଇଁ ମଣିଷର କି ଅହଂ, କି କ୍ରୋଧ, କି ଗର୍ବ ଓ କି ମୋହ।

ମଣିଷ ଅନ୍ଧ।

ମାନସ ସବୁବେଳେ ତାକୁ କହିଛି, ସେମାନଙ୍କୁ କ୍ଷମା କର। ସେମାନେ ସେମାନଙ୍କ ଅଜ୍ଞାନତା ପାଇଁ ଏକା ଦାୟୀ ନୁହଁନ୍ତି, ମିନା।

ତା’ ହେଲେ ସେମାନଙ୍କ ଭଲ ପାଇବାର ପାଚିଲା ଫଳଟିକୁ ଭାଙ୍ଗିବା ପାଇଁ ଦାୟୀ ଅନ୍ୟ କେହି ?

ସେଇ ପାନଚୋବା ମୋଟାମୋଟା ଓଠ ଦି’ ଟାକୁ ଆଙ୍ଗୁଠି ଟେକିଥିଲା ମାନସ। ମଣିଷ ପୁଣି ଏତେ ଘୃଣିତ ? ? ଥାନ୍ତି ଏତେ ପରିଶ୍ରୀକାତର ? ଏମିତି ଗୋଟେଗୋଟେ ମଣିଷ ଅଛନ୍ତି, ସେମାନଙ୍କ ତମାମ ଜୀବନ ଖର୍ଚ୍ଚ ହୋଇଗଲା ଅନ୍ୟକୁ ନ ସହି ଏବଂ ଈର୍ଷାର ତପ୍ତ ତୈଳ କଡେଇରେ ଛାଟିପିଟି ହୋଇ।

ମିନା ଆଖିରେ ଜଳୁଥିଲା ଗୋଟିଏ ମହମବତୀ।

Source: Author, Digitized by PPRACHIN, SOA

ମାନସ ଚକ୍ଷୁଭିତରେ ବି ଜଳୁଥିଲା ସେଇ ନୀଳ ମହମବତୀ।

ନିସ୍ପୃତ ଆଲୋକରେ ଚିହ୍ନି ହୋଇ ଯାଉଥିଲା ସତ୍ୟର ପ୍ରତିପତ୍ତି। ନିଦ୍ରା ଯେତେ ଗାଢ଼ ହେଲେ ବି ସ୍ୱପ୍ନର କାଚ କଣେଇ ଭାଙ୍ଗିବ। ଅନ୍ଧକାରର ଆସ୍ତରଣ ଘୁଂଚିବ।

ତପସ୍ୟାରତ ପୃଥିବୀ, ଆବାହନ କରୁଛି ତୁମକୁ। ଆସ, ଆସ, ଆସ, ତୁମର ଅବତରଣ ପାଇଁ ମୁଁ ଉଦ୍‌ବିଗ୍ନ। ରାତ୍ରିର ଶାସନ ଆଉ କେତେ କାଳ ?

କେବେ ହେବ ଅପସୃତ ? ମଣିଷ ନିଶ୍ୱାସରେ ଗୁଂଜରି ଉଠିବ ଶାନ୍ତି, ପ୍ରୀତି ଓ ଅମୃତର ସଂଗୀତ ?

ସୁଦୀର୍ଘ ଆଠବର୍ଷ ଧରି ଅମେରିକୀୟ ଉଦାରବାଦୀ 'ବିକାଶବାଦୀ' ଶୀର୍ଷକ ଏକ ପୁନର୍ନାମ କରିଥିଲେ ଗ୍ରହଣ। ୨୦୦୧ ରୁ ଏକ ଉତ୍ପୀଡନର ଇତିହାସ ଆରମ୍ଭ କରିଥିଲା ବୁଶ୍‌ପ୍ରଶାସନ ତାହାରି ପ୍ରତିରୋଧୀ ହେଲେ 'ବିକାଶବାଦୀ'। ପ୍ରକୃତ ଗଣତନ୍ତ୍ର ଥିଲା ଦୂରରେ ଏବଂ ଉତ୍ପୀଡନ ପ୍ରାୟ ତିନି ଦଶଂଧି ଧରି ଗଣତନ୍ତ୍ରର ମୁଖାପିନ୍ଧି ଧବଳ ସୌଧରୁ ବିଶ୍ୱକୁ ଧମକାଇ ଆସିଛି। ତାହା ଉପଲବ୍ଧି କଲେ ବିକାଶବାଦୀ। ୨୦୦୬ ଆମେରିକା -କଂଗ୍ରେସ ନିର୍ବାଚନ ଫଳାଫଳ ସେମାନଙ୍କୁ କଲା ଆଶାନ୍ୱିତ। ନୂତନ ପ୍ରେରଣାର ହେଲା ସଂଚାର। ସେମାନଙ୍କ ଆଶାର ଆକାଶରେ ନୂଆ ସୂର୍ଯ୍ୟର ଲୋହିତ ଛଟା ନେଲା ରୂପରେଖ। ଓବୋମାଙ୍କ ଆଳଙ୍କାରିକ ଭାଷା ନିର୍ବାଚନୀ ସଭାକୁ ଦେଲା ଆଶା ଓ ଆଶ୍ୱାସନାର ସବୁଜ ସଙ୍କେତ।

ସିଏ ଯେଉଁଠି ପହଁଞ୍ଚିଲେ ଉଚ୍ଚାରଣ କଲେ ମାତ୍ର ଗୋଟିଏ ଶବ୍ଦ: ପରିବର୍ତ୍ତନ। ସେନ୍‌ସେକ୍ସ ଭୁଷୁଡ଼ି ପଡୁଛି। ବିଶ୍ୱ ବାଣିଜ୍ୟ ଟାୱାର ଭୁଷୁଡ଼ି ପଡିଛି। ହଜାର ହଜାର ଶିଳ୍ପ ଗୋଟିଏ ରାତିରେ ରୁଗ୍‌ଣ। ସକାଳକୁ ଅଗଣିତ ଉଚ୍ଚଶିକ୍ଷିତ ବୈଷୟିକ ବ୍ୟକ୍ତି ବେକାର। ଶିଳ୍ପପତି କାଙ୍ଗାଳ। ଅଳ୍ପ କେତୋଟି ବର୍ଷତଳେ ଋଷିଆରେ ଯେମିତି କମ୍ୟୁନିଷ୍ଟ ପ୍ରଶାସନର ଘଟିଲା ପତନ।

ଆମେରିକାନ୍ 'ନିୟୁଜ୍ ଉଇକ୍'ର ରାଜନୈତିକ ସ୍ତମ୍ଭକାର Evan Thomas ଙ୍କ ସଦ୍ୟ ପ୍ରକାଶିତ ପୁସ୍ତକ 'Long Time Coming' ବର୍ଣ୍ଣନା କଲା ସୁପରହିରୋ ଆସୁଛନ୍ତି। ଓବାମାଙ୍କ ଆସିବା ଶେଷ ଛଅମାସ ପୂର୍ବରୁ ଥିଲା ତାଙ୍କ ଭବିଷ୍ୟତ ବାଣୀ। Canogate ପବ୍ଲିଶ୍‌ର ଆମେରିକା ବଜାରକୁ ଛାଡିଥିଲେ ଓବାମାଙ୍କ ନିଜ ଲେଖା 'The Audacity of Hope', ଖଣ୍ଡିଏ ନନ୍‌ଫିକ୍ସନ୍, 'ଆଶାର ଆସ୍ପର୍ଦ୍ଧା'। ସ୍ୱପ୍ନର ସଫଳତା ପାଇଁ ଜଣେ ଉଚ୍ଚମନା ମଣିଷର ନିବେଦନ। ୨୦୦୮ ମାର୍ଚ୍ଚ ନିୟୁଜ୍ ଉଇକ୍ ବର୍ଣ୍ଣନା କଲା a tour de forec ସ୍ତମ୍ଭରେ ଏହି ପ୍ରକାର ଆସ୍ପର୍ଦ୍ଧା ବାରକ୍ ଓବାମାନଙ୍କ ବ୍ୟତୀତ ଅନ୍ୟ କେହି

Source: Author, Digitized by PPRACHIN, SOA

କରିନପାରେ। ଓବାମା ହିଁ ଏକା ଥଣ୍ଡା ଓ ନିରପେକ୍ଷ। ଏହି ସମୟରେ ମୂଲ୍ୟବାନ୍ ଆଶାରେ ବିଭୂଷିତ 'ବିକାଶବାଦୀ' ଏକ ମାତ୍ର ଓବାମା ଅଟନ୍ତି। ସମକାଳ ରାଜନୀତିର ସୂକ୍ଷ୍ମ ସୂତ୍ରରେ ଅତି ସତର୍କତାର ସହିତ ଘୂରୁଥିବା ସେ ହିଁ ଆଧୁନିକମୁଖୀ ମୁଖ୍ୟ ମଣିଷ। ଇତିହାସର ଗତିକୁ ପ୍ରଗତିରେ ପରିବର୍ତ୍ତନ କରିବାକୁ ଦୀର୍ଘଦିନ ପରେ ଦୀର୍ଘ ଦିନ ପାଇଁ ଜଣେ ମଣିଷ ଆସୁଛି; ଥୋମାସ୍ ଉଲ୍ଲେଖ କରିଛନ୍ତି। ୨୦୦୫ରେ ଲେଖକ Rahm Emanuel ଓ Bruce Reed ପୁନରୁଜ୍ଜୀବିତ କରିଥିଲେ ବିକାଶବାଦୀ ଏଜେଣ୍ଡା ଯୁଗ୍ମଭାବେ ରଚନା କରି 'The Plan'। ସମକାଳ ବିକାଶବାଦୀ ନୀତି ୨୦୦୬ରେ ଏହାର ଲେଖକ ଶ୍ୱେତସୌଧ ମୁଖ୍ୟ ପ୍ରକାଶିତ କରିଛନ୍ତି। ଅର୍ଥନୈତିକ ସଙ୍କଟ ମୁହୂର୍ତ୍ତରେ ପୁଣିଥରେ ଆମେରିକୀୟ ପାଠକଙ୍କ ପାଇଁ ବହିଟି ମୁଦ୍ରିତ ହୋଇଛି। ନିଃସନ୍ଦେହ ଓବାମାଙ୍କ ଶାସନ ପାଇଁ ଏହା ଥିଲା ଉଦାରବାଦୀଙ୍କ ଚତୁର ପ୍ଲାନ। ଏଥିରେ ବୁଶ୍ ପ୍ରଶାସନର ଗୁଡ଼ିଏ ନୀତିର ପ୍ରଦାନ କରାଯାଇଛି ତାଲିକା, ସେଗୁଡ଼ିକ ଗଣତନ୍ତ୍ର ପାଇଁ ମଇଳା, ତାହାର ସଫା ହେବା ସମ୍ଭାବନା ଓ ବାଧ୍ୟତାମୂଳକ ଶିଶୁ ସ୍ୱାସ୍ଥ୍ୟ ଯୋଜନା ପାଇଁ ପ୍ରସ୍ତାବ ରହିଥିବା ବେଳେ କ୍ଲିଣ୍ଟନ୍‌ଯୁଗୀୟ ଜାତୀୟ ସେବା ନୀତିକୁ ଉଠାଇ ଦିଆଯାଇଛି। ମଧ୍ୟବିତ୍ ପରିବାର ପିଲାଙ୍କ ମହାବିଦ୍ୟାଳୟ/ବିଶ୍ୱବିଦ୍ୟାଳୟ ଅଧ୍ୟୟନ ଖର୍ଚ୍ଚ ବା ଫିସ୍ ନିୟମ। ବୁଶ୍‌ଙ୍କ ଟ୍ୟାକ୍ସ କଟା ଓ ସହଯୋଗ ସାମର୍ଥ୍ୟ ନୀତିକୁ କରାଯାଇଛି ନିୟନ୍ତ୍ରିତ।

ଅବଶ୍ୟ ଓବାମା ଉପସ୍ଥାପିତ କରିଛନ୍ତି ଦୃଢ ପ୍ରସ୍ତାବ ବିଶ୍ୱଜନସମୁଦାୟଙ୍କ ସ୍ୱାସ୍ଥ୍ୟର ଯତ୍ନ ଓ ପ୍ରଶସ୍ତ ସବୁଜ ଅର୍ଥନୈତିକ ଦୃଷ୍ଟି। ଲୋକେ ସୁଖୀ ହୁଅନ୍ତୁ ଓ ନିରାମୟ ରହନ୍ତୁ। ଓବାମାଙ୍କ ଆଶାର ଆସ୍ୱର୍ଦ୍ଧୀକୁ ସ୍ଥାନ ଦେଇଛନ୍ତି ଯୁଗ୍ମ ଲେଖକ। ପୁନଶ୍ଚ ବିଲ୍‌କ୍ଲିଣ୍ଟନ୍‌ଙ୍କ ବିତର୍କମୂଳକ 'ୱେଲ୍‌ଫେୟାର ରିଫର୍ମ ଅଫ୍ ୧୯୯୬'କୁ କରିଛନ୍ତି ସମର୍ଥନ। ସେମାନଙ୍କ ମତରେ ତାହା The most successful social policy experiment in a generation।

ସେମାନେ ଉପସ୍ଥାପିତ କରିଛନ୍ତି ଆମେରିକାର ପ୍ରାଚୀନ ମୂଲ୍ୟବୋଧର ଭିତ୍ତି ଉପରେ ଏକ ନୂତନ ଅର୍ଥନୈତିକ ତତ୍ତ୍ୱ। ଯେଉଁଥିରେ ଅଛି ଅଧିକ ଦାୟିତ୍ୱ ଏବଂ କମ୍ ବିପଦ ଏବଂ ଅଧିକ କାର୍ଯ୍ୟ ଓ ଅଧିକ ଲାଭ। ବିକାଶ ଦିଗରେ ଅଟଳ ବିଶ୍ୱାସ।

ଉଦାସବାଦୀଙ୍କୁ ଏହା ଦେଇଛି ଏକ ଆଶାପୂର୍ଣ୍ଣ ବିଶ୍ୱାସ। ମଧ୍ୟବିତ୍ତୀୟ ଶ୍ରେଣୀଙ୍କୁ ମିତବ୍ୟୟୀ ହେବାକୁ ସାମର୍ଥ୍ୟ।

Jahn R. Talbott ଜଣେ ଆମେରିକୀୟ ସାହୁକାର। ବ୍ୟାଙ୍କକୁ ପଂଜିକଗାଣକାରୀ ମହାଜନ, ଏବେ ଜଣେ ଲେଖକ। ତାଙ୍କ ବହିର ଶୀର୍ଷକ 'Obamanomics'। ଓବାମାଙ୍କ ପ୍ରତିଶ୍ରୁତି, ତାଙ୍କ ଅର୍ଥନୀତି, ତାଙ୍କ ବିଶ୍ୱାସ, ତାହା ଅସୀମିତ। ସିଏ ଓବାମାଙ୍କ ବକ୍ତୃତା ଓ ଲେଖାରୁ ସଂଗ୍ରହ କରି ତଥ୍ୟ ତାହା କରିଛନ୍ତି ଉପସ୍ଥାପିତ। ଏଥିରେ ରହିଛି ଅନେକ

Source: Author, Digitized by PPRACHIN, SOA

ପ୍ରସ୍ତାବ ଯାହାକୁ ଉଦାରବାଦୀ ଓ ବିକାଶବାଦୀ ଉଭୟଗୋଷ୍ଠୀ ତମାମ ବର୍ଷ କରୁଥିଲେ ପ୍ରସାର ଓ ପ୍ରଚାର !

ଅନ୍ୟ ଜଣେ ଲେଖକ Robert Kuttner, ଅର୍ଥନୈତିକ ଲେଖକ। ଉଦାରବାଦୀ ପତ୍ରିକା 'ଦି ଆମେରିକା୍ ପ୍ରସ୍‌ପେକ୍ଟ'ର ସଂପାଦକ। ସିଏ ଲେଖିଛନ୍ତି ଯେଉଁ ବହି, ତାହାର ଶୀର୍ଷକ 'Obama's Challenge' ସିଏ ଯୁକ୍ତି କରିଛନ୍ତି ପ୍ରଗତିର ଅଗ୍ରଗତି ଚାଲିଛି। ମୂଲ୍ୟବାନ ବିକାଶବାଦୀ ଆଶା ଅଗ୍ରଗତିରେ ଅଳଙ୍କୃତ ହୋଇଛି। ପରିବର୍ତ୍ତନ କୈନ୍ଦ୍ରିକ ଘୂର୍ଣ୍ଣନ ସତର୍କପୂର୍ଣ୍ଣ ଏବଂ ସମୟର ବୃହତ୍ତର ଅବଦାନ, ତାହାକୁ ରାଜନୈତିକ ମାଧମରେ ଆମେ କରିଛୁ ଗ୍ରହଣ।

ଦୁଇ ହଜାର ନଅ, ଜାନୁୟାରୀ କୋଡ଼ିଏ, ବିଶ୍ୱ ଇତିହାସର ଏକ ସ୍ମରଣୀୟ ଦିବସ। ସଫେଦ୍ ସୌଧରେ କୋଡ଼ିଏ ଲକ୍ଷ ନରନାରୀଙ୍କ ସମ୍ମୁଖରେ ଜଣେ କଳାମଣିଷ ପବିତ୍ର ବାଇବେଲ ଉପରେ ପାପୁଲି ରଖି ନେଲା ଶପଥ, ଆମେରିକା ସମ୍ବିଧାନର ରଖିବ ମହତ୍ୱ। ମାତ୍ର ଅଠତିରିଶଟି ଇଂରାଜୀ ଶବ୍ଦରେ ସମଗ୍ର ବିଶ୍ୱର ମିତ୍ର ଓ ଶତ୍ରୁ ରାଷ୍ଟ୍ରଙ୍କୁ କରିଦେଲା ବିହ୍ୱଳିତ। ସେହି ମହାନାୟକ, ସୁପରଷ୍ଟାର ବାରକ୍ ହୋସେନ୍ ଓବାମା ! ତାଙ୍କ ବହି 'ଦି ଅଡାସିଟୀ ଅଫ୍ ହୋପ୍', ଆଶାର ଆସ୍ପର୍ଦ୍ଧା ମାନବ ସଂସ୍କୃତିର ଇତିହାସକୁ ଦେଲା ଏକ ନବମୋଡ !

ମାନବିକ ମୂଲ୍ୟବୋଧର ପ୍ରତୀକ ଟମ୍ ଅଙ୍କଲ୍‌ଙ୍କ ନବଜନ୍ମ ଘଟିଛି ?

କଳାମଣିଷ କ୍ରୀତଦାସ, ଯେଉଁମାନଙ୍କ ଗଳାରେ ଚମଡ଼ା ବେଲ୍‌ଟ ବାନ୍ଧି କୁକୁରପରି ରଖିଥିଲେ ଗୋରା ମଣିଷ, ସେମାନଙ୍କୁ ଲେଖକ ନିକୋଲାଇ ଗୋଗୋଲ ଅତି ବିଷାଦରେ କହିଥିଲେ 'ଡେଡ୍‌ସୋଲ୍' ପ୍ରାଣହୀନ ! ତାଙ୍କରି ଭିତରୁ ଆଜି ଜଣେ ଆସିଛି ଅଗ୍ରଗତିର ଶୀର୍ଷକୁ। ବିଶ୍ୱର ପ୍ରଥମ ନାଗରିକ ! କେହି କ'ଣ ଭାବି ପାରିଥିଲା ? ମହାକାଳର ଏଇ ପରିବର୍ତ୍ତନକୁ ଧନ୍ୟବାଦ।

ପୃଥିବୀରେ ସୃଷ୍ଟି ହେବ ଅମୃତ ଉତ୍ସବ ! ଶାନ୍ତି, ସହଯୋଗ ଓ ସଦିଚ୍ଛାର ମହୋତ୍ସବ ! ଆଲୋକର ହେବ ଅଭିଷେକ ! ସୃଷ୍ଟିକୁ ମହନୀୟ କରିବ ନୂଆ ମଣିଷର ଶାସନ ? ଅନନ୍ତଙ୍କ ସୃଷ୍ଟିର ଆଭିମୁଖ୍ୟ ହେବ ପୂରଣ ?

ମହାକାଳ ଜାଣେ ପରିବର୍ତ୍ତନର ଠିକଣା !

କେହି କ'ଣ ଭାବିଥିଲା କଂସ ପ୍ରଶାସନର ଘଟିବ ଅବସାନ ? ଜଣେ କଳା ମଣିଷ ଯମୁନା ଆରପଟୁ ଆସିବ ଦେଖିବାକୁ ଧନୁ ମହୋତ୍ସବ, ମାରିବ ମୁଷ୍ଟିକ ଚାଣୁର, ମାରିବ ଅଷ୍ଟମଲ୍ଲ, ଭାଙ୍ଗିବ କାର୍ମୁକ ? ଗୋଟିଏ ଋତୁପରି ଆସେ ନାହିଁ ପରିବର୍ତ୍ତନ ! ପରିବର୍ତ୍ତନ

Source: Author, Digitized by PPRACHIN, SOA

ଆସେ ନଦୀର ଛନ୍ଦରେ, ଆକସ୍ମିକତାକୁ କରେ ନାହିଁ ପ୍ରକଟ ବରଂ ଆକସ୍ମିକତା ସ୍ୱାଭାବିକ ହୋଇ ନେଇଥାଏ ଚିତ୍ରପଟ। ଧରିତ୍ରୀକୁ ଧନ୍ୟ କରିଦେଇଥାଏ ମହାକାଳ। ସୃଷ୍ଟିକୁ ସବୁଜ କରି ଧାରଣ କରିବାର ପ୍ରତିଶ୍ରୁତି ଅଭଙ୍ଗା ରହିଥାଏ ଚିରକାଳ।

କିଏ ତୁମେ ଉଡାଉଛ ଧ୍ୱଂସର ଚିରାଳ? ନୂଆ ନୂଆ ରାବଣ? ନୂଆ ନୂଆ ଅହଂକାର ଓ ଲୋଭର ରାକ୍ଷସ? ଏକା ବାଣକେ ସପ୍ତଶାଳ ବିଂଧିବାକୁ ଜନ୍ମ ନେଇଛି ମଣିଷ! ତୁମର ଦଶଟି ମସ୍ତକ କୋଡ଼ିଏଟି ହସ୍ତ? କିଛି ରହିବ ନାହିଁ? ସବୁକୁ ଜଣେ ଛିଣ୍ଡାଇଦେବ।

କି ଶକ୍ତିବାନ୍ ନଥିଲା ଡବ୍ଲୁ ଜର୍ଜବୁଶ! ଇଜିପ୍ଟର ଗୋଟାଏ ମାମୁଲି ସାମ୍ବାଦିକ ପାଦରୁ ଜୋତା କାଢି ତା' ମୁହଁକୁ ନାଦିଲା! ଅହଂକୁ ଘୃଣାର ଜୋତାମାଡ଼! ବିଶ୍ୱର ଅତିସମୃଦ୍ଧ, ସ୍ଥିତିବାନ ଓ ଶକ୍ତିବାନ ପ୍ରତି ଜଣେ ମାମୁଲି ସାମ୍ବାଦିକ ଭିତରେ ଏତେ ଘୃଣାର ନିଆଁ ଜାଳି ଦେଲା କିଏ?

ସେଇ କାଳୀ ସ୍ତ୍ରୀ! ଯିଏ ତା' ନାଲି ଅଳତା ବୋଳା ପାଦ ତଳେ ଦାବି ଧରିଥାଏ ଘୋର ଶ୍ମଶାନ ମଝିରେ ସ୍ୱୟଂ ସଂହାରକର୍ତ୍ତା ପଶୁପତିଙ୍କୁ!

ବୁଢ଼ିଆଣୀ ଜାଲରେ ବଂଦୀ ହୋଇ ଝୁଲୁଥିବା ମଲା ମାଛିପରି ନରକର ଅନ୍ଧକାରରେ ବଂଦୀ ହୋଇ ଝୁଲୁଥିଲା ବୁଢାଜେନାର ସୂକ୍ଷ୍ମ ଶରୀର! ହଠାତ୍ ସିଏ ଚିତ୍କାର କରି ଉଠିଲା : ବୋଉଲୋ.....! ମତେ ତୁ କ୍ଷମା କରି ଦେ? ତତେ ମୁଁ ଚିହ୍ନି ନପାରି ଦୋଷ କରିଛି!

ହେ, ହେ, ଶଳାଟୋକା, ଜୋତା ମାରୁଚୁ ମୋ ମୁହଁକୁ? ଏକା ଠେଙ୍ଗାକେ ତୋ ବୋପା ବାହାଘର କଥା ମନେ ପକାଇ ଦିଅନ୍ତି। ଏଇଟା ମୋର ଅନ୍ତିମ ବିଦାୟ ବକ୍ତୃତା ସଭା! ତା' ନ ହୋଇଥିଲେ ମୋ ଅଙ୍ଗରକ୍ଷୀଙ୍କ ଗୁଳିରେ ଲେଖା ସରନ୍ତାଣି ତୋ ଠିକଣା!

ବୁଢ଼ାଜେନା ସୂକ୍ଷ୍ମଦେହକୁ କେହି ଜଣେ ଦେଲା ଗୋଟାଏ ଶକ୍ତ ଗୋଇଠା। ଅନ୍ଧକାରର ରଜ୍ଜୁରୁ ଛିଣ୍ଡି ସିଏ ଖୁବ୍ ବେଗରେ ଗଡିକଲା କୁଅନଂଦପରି ଗୋଲ ଗୋଲ ଅଂଧକାର ସୁଡଙ୍ଗ ଭିତରେ ତଳକୁ ଏବଂ କାହିଁ କେତେଯେ ଅତଳ ସ୍ଥିତିକୁ!

ସତ୍ୟପକ୍ଷୀ ବିସ୍ମୟରେ ପଚାରିଲା, ମା' ସେଠି ବି ରହିଚ ତୁମେ?

ଅନ୍ଧକାର ବିଧ୍ୱଂଶିନୀ, ପରମ ଦୟାବତୀ ଜନନୀ, ଯେଉଁମାନଙ୍କ ନରକ ଭୋଗ ସମାପ୍ତ ହୁଏ ସେମାନଙ୍କୁ ଆଲୋକକୁ ଆଣି ପ୍ରଦାନ କରିଥାଅ ଯୋନି! ପୁନର୍ଜନ୍ମ ପୁଣ୍ୟ ପ୍ରଦାନ କରି ତୁମର ଅମୃତ ଲୀଳାକୁ ରଖିଥାଅ ଅକ୍ଷୟ!

ମା' ମୋ ପ୍ରଣାମ ନିଅ!

Source: Author, Digitized by PPRACHIN, SOA

ନରକର ସେଇ ଅନ୍ଧକାର ମଧ୍ୟ ପ୍ରକୃତି ଏବଂ ତାହା ବିଶ୍ୱପ୍ରକୃତିଙ୍କ ଅବିଚ୍ଛିନ୍ନ ଭଗ୍ନାଂଶ। ବିଶ୍ୱ ପ୍ରକୃତିଙ୍କ ଦାନ ଜୀବର ଅବୟବ। ଏବେ ତାହା ବୁଢାଜେନାର ନାହିଁ କିନ୍ତୁ ତା ସୂକ୍ଷ୍ମ ଦେହ ସହିତ ଅନ୍ଧକାର ସ୍ୱରୂପା ପ୍ରକୃତି ବିଦ୍ୟମାନ। ସେହି ପରମ ଦୟାବତୀଙ୍କୁ ବୁଢାଟା ତଥାପି ଚିହ୍ନି ପାରୁନି!

ମା' କି ସୁନ୍ଦର ତୁମ ମାୟାର ଖେଳ!

ଅନ୍ଧକାର ହସୁଥିଲା ଟହଟହ! ଆଲକ୍ତକ ରଂଜିତ ତାଙ୍କ ଦୃଢ ପଦପଙ୍କଜ ତଳେ ଲୋଟିଥିଲା ପୁରୁଷର ଦେହ! ଚଣ୍ଡୀ ପ୍ରଚଣ୍ଡୀଙ୍କ ଗତିରୋଧ କରିବାକୁ ଉର୍ଦ୍ଧ୍ୱକୁ ହସ୍ତଟିଏ ଉତ୍ତୋଳିତ କରିଥିଲେ ଶିବ!

ଶିବାନି, ଧନ୍ୟ ତୁମେ ସୃଷ୍ଟିର ଜନନୀ! ଧନ୍ୟ ମହିମା ତୁମରି! ତୁମ ବ୍ୟତୀତ ସୃଷ୍ଟିକୁ ଅନ୍ୟ କେହି କି ପାରିବ ସମ୍ଭାଳି? ତୁମେ ଜନ୍ମ, ତୁମେ ଅନ୍ନ, ତୁମେ ହିଁ ତ ନିଜେ ମୃତ୍ୟୁ! ପାପ ଓ ପୁଣ୍ୟ ଜୀବର କର୍ମ ଓ ଜୀବର ପ୍ରାରବ୍ଧ। ତଦ୍‌ନୁଯାୟୀ ତୁମେ ତିଆରି କରିଥାଅ ତା'ଭାଗ୍ୟ ଓ ଜୀବନ ଭୋଗ।

ଜଣେ କ୍ରିୟାଯୋଗୀ, ଗୁରୁ ଜ୍ୱାଳା ପ୍ରସାଦ ତିୱାରୀଙ୍କ ଠାରୁ ମିଳେ ଏଇ ଦିବ୍ୟ ସଂଦେଶ: ଈଶ୍ୱରଙ୍କୁ ଡାକିବା ବ୍ୟତୀତ ଆଉ ଯାହାକିଛି କରାଯାଏ, ତାହା ପାପ! ପାପ କର୍ମଗୁଡିକ ଆତ୍ମାର ଦର୍ପଣ ଉପରେ ମଇଳା ହୋଇ ଜମି ଯାଏ! ଆତ୍ମାର ମଇଳା ପରିଷ୍କାର ପାଇଁ ଏକମାତ୍ର ସାବୁନ୍ ଗାୟତ୍ରୀ ଜପ!

ଗାୟତ୍ରୀ..ଗାୟତ୍ରୀ ଛଂଦସାମହମ୍! ଛଂଦମାନଙ୍କ ମଧ୍ୟରେ ମୁଁ ଗାୟତ୍ରୀ! ଗାୟତ୍ରୀ ବେଦ ଜନନୀ, ଗାୟତ୍ରୀ ପାପ ନାଶିନୀ। ଗାୟତ୍ର୍ୟାସ୍ତୁ ପରଂନାସ୍ତି ଶୋଧନ ପାପ କର୍ମଣାମ୍।...ନ ଭୂତଂ ନ ଭବିଷ୍ୟତି।

ସତ୍ୟପକ୍ଷୀ ଶୁଣୁଚି, ଯୋଗୀ ନିଗମାନନ୍ଦଙ୍କ ଓଷ୍ଠରୁ ସ୍ଫୁରୁଚି; ଭଗବାନଙ୍କୁ କ'ଣ ମାଗୁଚ? ଯାହା ମାଗୁଚ ସବୁ ପାଇବ। ସିଏ ଭକ୍ତପ୍ରିୟ, ଭକ୍ତିର ଅଧୀନ। କିନ୍ତୁ ଯଦି ତୁମେ ତୁମର 'ସ୍ୱରୂପ' ଫେରି ପାଇବାକୁ ପ୍ରାର୍ଥନା କରିବ, ତାଙ୍କ ମୁହଁର ପୁଷ୍ପଟି ମଉଳି ପଡ଼ିବ। କାରଣ- ଜୀବର ସ୍ୱରୂପ ହିଁ ତ ତାଙ୍କ ନିଜ ରୂପ! ତାହା ଯଦି ଜୀବ ପ୍ରାପ୍ତ ହେବ ତାଙ୍କ ଲୀଳା ସମାପ୍ତ ଲଭିବ! ସଂସାର ରହିବ ନାହିଁ! ଯାହା ରହିବ ତାହା ଆଲୋକ! ତାହା ଅମୃତ! ରହିବ ନାହିଁ ଦୃଶ୍ୟ! ଶୂନ୍ୟ ମଂଚ! ସତ୍ୟପକ୍ଷୀ ଦୁଇ ପାପୁଲିର ଅଶ୍ୱତ୍ଥ ପକ୍ୱ ପତ୍ରକୁ ଦେଲା ଯୋଡି! ମୁଦ୍ରିତ ନେତ୍ରରେ ଅବଲୋକନ କଲା ମହାନ୍ ତେଜମୟଙ୍କୁ! ମଂଦାର କଢ଼ପରି ଧୀରେ ଈଷତ୍ ହାସ୍ୟ ପ୍ରସ୍ଫୁଟିତ ହୋଇ ଉଠିଲା!

କିଏ ଇଏ? ଇଏ... ଅଜ୍ଞାନ ତିମିରାଂଧାସ୍ୟ ଜ୍ଞାନାଂଜନଶଳାକୟା ଚକ୍ଷୁର୍ନ୍ମୁଲିତଂ ଯେନ...ଶ୍ରୀ ଗୁରୁବେ ନମଃ। ନମୋନମଃ।

Source: Author, Digitized by PPRACHIN, SOA

ଗୁରୁବାଣୀ ଗୁଂଜରି ଉଠିଲା ସତ୍ତାର ଶୂନ୍ୟତାରୁ। ପଥ ଦୁଇଟି। ଭୋଗ ଓ ଯୋଗର ପଥ। ତୁମେ ଯୋଗୀ। କାଂଚନ, କାମିନୀ ଓ ଯଶ ପ୍ରତି ହେବ ନାହିଁ ଅନୁରାଗୀ। ସେଗୁଡ଼ିକ ଭୋଗମାର୍ଗୀ। ତୁମେ ତ୍ୟାଗମାର୍ଗୀ। ସବୁ ତ୍ୟାଗ କରି ଯୋଗର ଡାଳରେ ବସାବାଂଧ ପକ୍ଷୀ।

ହଠାତ୍ ସାରା ଆକାଶ ବ୍ୟାପିଗଲା କୃଷ୍ଣମେଘ। ଦିଗ୍‌ବିଦିଗ ହୋଇଗଲା ଘୋର ଅନ୍ଧକାର ବୁର୍‌ଖା ପରିହିତ। କେଉଁଠି ଥିଲା କେଜାଣି, ହଠାତ୍ ସୁ-ସୁ ଗର୍ଜନ କରି ମାଡି ଆସିଲା ନଦୀ। ପ୍ରବାହିତ ହେଲା ଅଥଳ କୂଳ ଜଳ।

ଇଏ କ'ଣ ନବ କିଶୋର ରାଜଙ୍କ ସେଇ 'ମାୟାନଦୀ' ? ଅପଦେବତାଙ୍କ ମଝି ସ୍ୱର୍ଗରୁ ଖସି ପଡିଛି ମଣିଷର ଦୁର୍ଭାଗ୍ୟ ପରି ? ମା', ତୁମକୁ ଚିହ୍ନି ହେଲାନି।

'ଗତ ଜନ୍ମରେ ତୁମ ସହିତ ଥିଲା ମୋର ବିବାହ ସଂପର୍କ'। କହିଲା ମାନସ।

'ଆଉ ଏ ଜନ୍ମରେ ତୁମେ ମୋ ପ୍ରେମିକ'। ମୃଦୁମୃଦୁ ହସି କହୁଥିଲା ମିନା।

ରୋମାଁ ରୋଲାଁଙ୍କ ଜାଁ କ୍ରିଷ୍ଟୋଫା ପିଠିରେ ଶିଶୁଟିକୁ ଧରି ନଦୀ ପାର ହୋଇଥିଲା। ଏଠି କିନ୍ତୁ ନଦୀ ପ୍ରେମିକ ପ୍ରେମିକା ଦୁହିଁଙ୍କୁ ପାର ହେଉଥିଲା। ମଧ୍ୟାହ୍ନ ଅତିକ୍ରମ କରୁଥିଲା ମଥାନ। ଅପରାହ୍ନ ଡାକୁଥିଲା ସମୟର ନାଁ ଧରି। ସମାଜ ତ ଗୋଟାଏ ହାତ ତିଆରି କାଗଜର ଠୁଙ୍ଗା।

ଠୁଙ୍ଗା ଭିତରେ ମୁଠାଏ ସିଝା ବାଦାମ ବ୍ୟତୀତ ଆଉ କିଛି ନ ଥିଲା।
ଦିନେ- ବାଲିଯାତ୍ରାର ଭିଡ ଭିତରେ ହାତରୁ ହାତ ଖସିଗଲା। ନଦୀଜଳ ବୋହିଗଲା ନୂଆଛଂଦରେ ସମୁଦ୍ରର ମୁହାଣକୁ। ମୁହାଣସାରା ଟ୍ରଲର୍ ଘେରାଇଥିଲେ ଜାଲ। ଦିବସ କି ରାତ୍ରୀ, ସଂଧ୍ୟା କି ସକାଳ, ନା' ଅପରାହ୍ନ ?

ନଦୀକୂଳ ପଟୁମାଟି ଓ କର୍ଦ୍ଦମରେ ପୋତି ହୋଇ ରହିଥିଲା ଗୋଟିଏ ଗରା। ପିତଳ ଗରା। ମୁହଁ ପର୍ଯ୍ୟନ୍ତ ଭର୍ତ୍ତି ସୁନା ଟଙ୍କା। ସତ୍ୟପକ୍ଷୀ ମୁଠାଏ ଉଠାଇ ପରଖ କଲା।

ଏତେ ଧନ। ତା'ର ହେବ କ'ଣ ? ସିଏ ତ ତ୍ୟାଗୀ। ନାରାୟଣ, ଏ ଦୃଶ୍ୟ ଦେଖାଇଲ କାହିଁକି ? ଭାବି ଭାବି କୂଳରେ ବସିଛି। ଦୂରରୁ ଦେଖାଗଲା ଜଣେ ମଣିଷ ଆସୁଛି। ତାକୁ ଦେଲା ଡାକ।

ଏଠି ମୁଁ ଗୋଟେ ମନ୍ଦିର କରିବି।

ଲୋକଟି ବିସ୍ମୟରେ ଅବଲୋକନ କଲା ସତ୍ୟପକ୍ଷୀକୁ। ଗୋଟାଏ ଲଙ୍ଗଳା ବାବାଜୀ, ସୁଧୁ ଫକଡ, କରିବ ମନ୍ଦିର।। ପାଗଳ କୋଉଠିକାର।

ହେ ବାବୁ, ହେ.... ମୁଁ ପାଗଳ ନୁହେଁ, ହେଇ ଦେଖ, ସୁନାଟଙ୍କା ଭର୍ତ୍ତିଗରା। ମୁଁ ଗାଁ ଲୋକଙ୍କ ଜିମା ଦେଇ ମୋ ରାସ୍ତାରେ ଚାଲିବି।

Source: Author, Digitized by PPRACHIN, SOA

ଆରେ ହେ'...ହଁ ତ ! ପ୍ରଣାମ ମହାତ୍ମା, ଆପଣ ବସନ୍ତୁ ଏଇଠି, ମୁଁ ଗାଁ ସରପଞ୍ଚଙ୍କୁ ଡାକି ସାଙ୍ଗେସାଙ୍ଗେ ଆସୁଚି। ଆପଣ ଥେବେ ଏଇଠି !

ନଦୀ ତ ବୋହୁଥିଲା, ବୋହୁଚି ! ଅତି ଆକସ୍ମିକ, ପଛପଟୁ ସତ୍ୟପକ୍ଷୀ ମୁଣ୍ଡରେ ଓ ପିଠିରେ ବସିଲା ଠେଙ୍ଗା ପ୍ରହାର ! ଥରକୁ ଥର ! ମୁଣ୍ଡ ଲହୁଲୁହାଣ ! ଏକା ପାହାରକେ ଆଖିଭିତରୁ ବାହାରି ଗଲା ଜୁଲୁଜୁଳିଆ ପୋକ। ସଂଜ୍ଞାହୀନ ଦେହ ଖସି ପଡିଲା ନଦୀ ଅତଡାରୁ ନଦୀଜଳରେ। ଜଳସ୍ରୋତ ତାକୁ ଘୋଷାଡି ନେଲା ତା' ଶୀତଳ କରରେ ଦୂରରୁ ଦୂରକୁ।

ଲୋକଟି ସଫଳ କାମ ହେତୁ ଖୁସିରେ ଠେଙ୍ଗା ଖଣ୍ଡିକ ନିକ୍ଷେପ କଲା ନଦୀଜଳକୁ ଏବଂ ଧାଇଁଗଲା ଗରା ଦିଗକୁ। ତାକୁ ଉଠାଇ ଅଣ୍ଟାପାଖକୁ ଆଣିଲା ଟେକି, ସୁବର୍ଣ୍ଣ ମୁଦ୍ରାଗୁଡା ହଠାତ୍ ହୋଇଗଲା ଏକ ହୀରାର ସରୀସୃପ ଏବଂ ତା ହାତକୁ ବଜାଇଲା ଚୋଟ ! ଗରା ଛିଟିକି ପଡ଼ିଲା ନଦୀଜଳରେ ଏବଂ ଭାସିଗଲା ନିମିଷକ ମଧ୍ୟରେ କୁଆଡେ କେଜାଣି !

ମସିଆ ହୋଇ ଯାଇଥିବା ସୁନା ଦେହକୁ ନଦୀଜଳରେ ମାଜୁଥିଲା ନିରିମାଖୀ ଅଭିଶପ୍ତା ନାରୀଟିଏ ! ଦେହଟି ସିନା ଥିଲା ସୁନ୍ଦର, ମନଟି ଥିଲା ତା'ର ଦୁଃଖର ନଅର ! ସେଇ ଦୁଃଖକୁ ଦୂର କରିବାକୁ ରୋଗ ତା' ଦେହର କାଚଘରେ ତିଆରି କରିଥିଲା କାଳହୁଙ୍କା !

ଜଳରେ ମୁଣ୍ଡ ବୁଡାଇବା ମାତ୍ରେ କ'ଣଟିଏ ଢୋ କିନି ପିଟି ହେଲା ତା' ମଥାରେ ! ସିଏ ହାତ ବଢାଇ ଧରି ନେଲା ତାକୁ !

ତାହାଥିଲା ସେଇ ପିତଳଗରା ! ଘୋଷାଡି ଆଣିଲା ତା'କୁ କୂଳକୁ ! ହେଲା ବିସ୍ମିତ ! ଜଳ ନିଗାଡି ଦେବା ପରେ ଦେଖେତ ଅଧଗରାଏ ସୁନାଟଙ୍କା !

ଠାକୁରେ, ମଣିଷ ମତେ ଦେଲେ ନାହିଁ, ମୋ'ଠୁ ସବୁ ଲୁଟିନେଲେ, ତୁମେ ତ ସଂସାରକର୍ତ୍ତା, ମୋ ଦୁଃଖ ଏତେଦିନକେ ବୁଝିଲ ? ମୁଁ ବିଧବା, ନିଆଶ୍ରି ମଣିଷ, ପ୍ରଭୁ ମୋ ଶତକୋଟି ପ୍ରଣାମ ନିଅ ! ଗରା କାଖେଇ ଭୂମିରେ ମୁଣ୍ଡ ଲଗାଇଲା ଅହଲ୍ୟା ! କୃତଜ୍ଞତାରେ ଧର୍ମ ଦେବତାଙ୍କୁ ଜଳ ଟେକିଦେଲା।

ପୂର୍ବ ଦିଗ୍‌ବଳୟ ଉର୍ଦ୍ଧ୍ୱରୁ ଧର୍ମଦେବତାଙ୍କ ଅନୁପମ ଦୟା ଓ ଶ୍ରଦ୍ଧାର ଦାନ ରେଶମୀ ଲୋହିତ କିରଣ ମାଡ଼ି ଆସୁଥିଲା, ଯେମିତି ଅମାପ ଧର୍ମର ବଳ !

ଯେତେବେଳେ ସତ୍ୟପକ୍ଷୀ ଚେତା ଫେରିଚି ସିଏ ନିଜକୁ ଆବିଷ୍କାର କରିଛି ଏକ ବିସ୍ମିତ ସ୍ଥିତିରେ ! ଗୋଟିଏ ବିଶାଳ ଶିବଲିଙ୍ଗକୁ ଜାବୁଡି ଧରିଚି ତା' ବାହୁ ଦୁଇଟି। ଲିଙ୍ଗଟି ଶକ୍ତି ପରିବେଷ୍ଟିତ ! ଶକ୍ତିରୁ ତାମ୍ରପତ୍ରୀପରି ବାହାରି ଥିବା ବୃହଦ୍‌କାୟ ନଳା ଉପରେ ସିଏ ବସିଛି। ନଦୀ ଭସାଇ ନେଉଛି !

Source: Author, Digitized by PPRACHIN, SOA

ତା ଚେତା ଫେରିବା ଦେଖି ନଦୀସ୍ରୋତ ଠେଲି ନେଇ ତାକୁ ଡଙ୍ଗାପରି ଲଗାଇ ଦେଲା ଗୋଟିଏ କୂଳରେ। ସେଇ କୂଳସାରା ବିଛେଇ ହୋଇଥାଏ ଲାଲ୍, ନୀଳ, ପୀତ, ବାଇଗେଣୀ, ଶ୍ୱେତ ଓ ସବୁଜରଙ୍ଗର ଉପଳଖଣ୍ଡ।
ଇଏ କ'ଣ ଆମରି ଭୂଭାଗ ? ମାଟି ମା' ଆମ ? ?

ସମଗ୍ର ପରିବେଶରେ ପୂର୍ଣ୍ଣ ପ୍ରଭାତର ହିମ-ଶୀତଳ ସ୍ପର୍ଶ ! ପବନରେ ଶାରଦୀୟ ସୁବାସ ! ଦୂର ଲୋକାଳୟରୁ ଭାସି ଆସୁଥିଲା ଢୋଲ, ଶଂଖ, ଝାଞ୍ଜ, ମହୁରୀ, ତୂରୀ ଓ ଭେରୀର ସୁଲଳିତ ନିନାଦ ! ପୂର୍ବ ଦିଗ୍‌ବଧୂ ଓଷ୍ଠରେ ଝଲମଲ ସ୍ମିତ ! ହଠାତ୍ ଦେଖାଗଲା ଉଦୟରତ ରକ୍ତାକ୍ତ ସୂର୍ଯ୍ୟରୁ ଚେନାଏ ଛିଣ୍ଡି ମାଡି ଆସୁଚି ଭୂମି ଦିଗକୁ ! ସତ୍ୟପକ୍ଷୀ ବିସ୍ମିତ ଓ ଯୁକ୍ତ ହସ୍ତ !

କାଶ୍ୟପେୟଂ ମହାଦ୍ୟୁତିଂ ନମାମି..! ନମାମି....!

ଉର୍ଦ୍ଧ୍ୱାୟିତ ମଂତ୍ରର ଧ୍ୱନି ଆଂକୁଳିଆଂକୁଳି ପୁଷ୍ପ ହୋଇ ତୀରପରି ଉଠିଲା ଉର୍ଦ୍ଧ୍ୱକୁ ଏବଂ ଗମନ କଲା ଉଡ଼ି ଆସୁଥିବା ପ୍ରଳୟଙ୍କାରୀ ଲେଲିହାନ ରଶ୍ମିର ଦିଗକୁ ! ନାନାବିଧ ପୁଷ୍ପର ବଳୟ ଭିତରେ ଆକାଶରୁ ଅବତରଣ କରୁଥାଏ, ଏକ ସୁବାସିତ ତେଜମୟ ଜ୍ୱାଳା ! ଯେମିତି ବୃହଦ୍‌କାୟ ରକ୍ତାକ୍ତ ତୀର୍ଯ୍ୟକ ଗୋଟିଏ !

ସତ୍ୟପକ୍ଷୀ ଅପଲକ !
କ୍ଷୁଦ୍ରରୁ ବୃହତ ଓ ବୃହତ୍‌ରୁ ବୃହତର ହେଉଥାଏ ସେହି ଦିବ୍ୟ ପିଣ୍ଡ ! ଧରିତ୍ରୀ ପୃଷ୍ଠକୁ ସ୍ପର୍ଶ କରିବା ପୂର୍ବରୁ ତାହା ଧାରଣ କଲା ଏକ ପୋଷାକର ରୂପ ଏବଂ ସେହି ଅପାର୍ଥିବ ପୋଷାକ ସତ୍ୟପକ୍ଷୀକୁ କଲା ଆଚ୍ଛାଦିତ ! କମଳା ରଙ୍ଗର ବସ୍ତ୍ର ! ସତ୍ୟପକ୍ଷୀ ଉପଲବ୍ଧି କରୁଛି ସେହି କମଳା ରଙ୍ଗର ରଶ୍ମି ଭିତରେ ତା' ସାରା ସତ୍ତା ବାଷ୍ପପରି ବିଲୀନ ହୋଇ ଯାଉଛି ! ତା ଦଶଲକ୍ଷ ବର୍ଷ ବ୍ୟାପି ପୃଥିବୀରେ ବାରମ୍ବାର ଜନ୍ମ ନେବା ବେଦନାର କାରାବାସ ଏଇଠି ଲଭୁଚି ସମାପ୍ତି ! ସିଏ ଯୁକ୍ତ ହସ୍ତ !

ଗେଡୀବୁଢ଼ୀ ଅବଲୋକନ କରୁଛି, ସତ୍ୟପକ୍ଷୀ ପାପୁଲିର ନଖ ଓ ମସ୍ତକର କେଶ ସେହି ରଶ୍ମିରେ ହୋଇ ଯାଉଛନ୍ତି ବିଲୀନ ! ସେହି କମଳା ରଙ୍ଗର ରଶ୍ମି ଧୀରେଧୀରେ ହୋଇଯାଉଛି ପୀତବର୍ଣ୍ଣ ଏବଂ ଉଦିତ ବାଳସୂର୍ଯ୍ୟଙ୍କ କୋମଳ ରଶ୍ମିରେ ବିଲୀନ ହୋଇ ବୃକ୍ଷ,ଲତା, ନଦୀ ଓ ସାରା ପୃଥିବୀ ବିଛେଇ ହୋଇ ଯାଇଛି ! ବିଶ୍ୱ ଦିଶୁଛି ଭୁବନ ମୋହିନୀ ! ସଂସାରର ଇଏ କି ଅନୁପମ ରୂପ ! ! ସବୁ ମଧୁମୟ, ସବୁ ସୌନ୍ଦର୍ଯ୍ୟମୟ, ସବୁ ଅମୃତମୟ !

ସ୍ୱର୍ଗରୁ ସୁଷମା ଅବତରିଛି ? ସତ୍ୟର କ'ଣ ଏହା ଧରାବତରଣ ?

ଚଂଦ୍ରରୁ ସୂର୍ଯ୍ୟକିରଣ ପ୍ରତିଫଳିତ ହେବାପରି ବାହାରେ ବିସ୍ତାରିତ ରଶ୍ମିର ନଦୀରୁ ଦଲକାଏ ତା ମୁଣ୍ଡରୁ ପାଦ ପର୍ଯ୍ୟନ୍ତ ଛିଟିକି ଆସି ଉଜ୍ଜ୍ୱଳ କରିଦେଇଛି !

Source: Author, Digitized by PPRACHIN, SOA

ସିଏ ଚମକି ପଡୁଛି ! କ'ଣ ଏହା ? ଏହା ରଶ୍ମି ତ ନୁହେଁ, ଶିବ ଲିଙ୍ଗସ୍ଥ ଘର୍ଷଣ ପ୍ରସାଦ ! କି ଦିବ୍ୟ ସ୍ୱାଦ ! କର୍ପୂର, କସ୍ତୁରୀ ଓ ଚନ୍ଦନରେ ମହମହ !

ହଠାତ୍ ଗେଡୀବୁଢ଼ୀ ନିଦ୍ରା ତୁଟି ଯାଇଛି ! ସ୍ୱପ୍ନର ସୁବର୍ଣ୍ଣ ଆପେଲ୍ ଭାଙ୍ଗି ଯାଇଛି ! ସିଏ ଧାଇଁ ଆସୁଛି ଝର୍କା ପାଖକୁ ! ଦୁଇ ହାତରେ ଝର୍କାର ପର୍ଦ୍ଦା ଆଡେଇ ଦେଉଛି ! ଝର୍କାକାଚ ଆରପଟୁ ମହାଶୂନ୍ୟରୁ ତାକୁ ଦେଖା ଯାଉଛି ଗୋଟିଏ ହସକୁରା ବୃହଦକାୟ ଗୋଲ ମୁହଁ ଏବଂ ଆଶୀର୍ବାଦ ମୁଦ୍ରାରେ ପଟେ ପାପୁଲି ତା' ଆଡକୁ ମୁହଁ କରିଚି !
'ତମେ...' !

ମୁଖରୁ ତା' ଅସ୍ପଷ୍ଟ ଧ୍ୱନିଟିଏ ସ୍ଫୁରି ଉଠିଚି ! ହୃଦୟ ପଦ୍ମ ବିସ୍ମୟରେ ପାଖୁଡ଼ା ମେଲିଛି !ମନର ଝରଣା ଗାଇ ଉଠିଛି ରାଗ ବସନ୍ତ ! କସ୍ତୁରୀ ମୃଗ ନିଜ ସୁବାସରେ ହୋଇଗଲା ମୁଗ୍ଧ !

ଜଣେ ନାରୀର ବଦଳାଶାଢ଼ୀପରି ଗହମରଙ୍ଗର ଦେହଟି ତା' ମାର୍ବଲ ଚଟାଣ ଉପରେ ଗଦେଇ ହୋଇ ପଡ଼ିଚି !

ହଠାତ୍ ଝଣ୍‌ଝାଣ୍ ହେଇ ଝର୍କାର କାଚ ଖଣ୍ଡଖଣ୍ଡ ହୋଇ ଭାଙ୍ଗି ଖସି ପଡୁଛି ତଳେ ଏବଂ ଝର୍କା ଆରପଟୁ ଅନ୍ଧୁଣୀ ଧଳାପେଚାଟିଏ ଉଡ଼ି ଯାଉଛି ପୂର୍ବ ଦିଗକୁ ! ! ❑

Source: Author, Digitized by PPRACHIN, SOA

ମୋ ଧନ୍ୟବାଦ :
ଚିତ୍ରୀ ସରସ୍ୱତୀ
ଲେ-ଆଉଟ୍ ଅଙ୍କିତା ଗ୍ରାଫିକ୍ସ
ପ୍ରକାଶକ କାବ୍ୟଲୋକଙ୍କୁ
-ନକୁଳ ଚଂଦ୍ର ସାହୁ

Source: Author, Digitized by PPRACHIN, SOA

ISBN 978-81-89777-74-6

ଓଡ଼ିଆ ସାହିତ୍ୟ ଇତିହାସର ପ୍ରଥମ ସର୍‌ରିଆଲିଷ୍ଟ ଉପନ୍ୟାସ

Source: Author, Digitized by PPRACHIN, SOA